


ପ୍ରଥମ ଭାରତୀୟ ଡେଙ୍ଗୁ ଭ୍ୟାକ୍ସିନ୍‌କୁ ମଞ୍ଜୁରୀ ପୃଷ୍ଠା ୬

ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 120 ଭାଗ ୩୪ | ସଂଖ୍ୟା ୧୨୦ | Tuesday 21 July 2026 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର, ୨୧ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ସଂସଦର ଗୁରୁତ୍ୱପୂର୍ଣ୍ଣ ମୌସୁମୀ ଅଧିବେଶନ ଆରମ୍ଭ

# ମୁଲତବୀରେ ସରିଲା ପ୍ରଥମ ଦିନ

## ବନ୍ଦେ ମାତରମ୍‌କୁ ଅପମାନିତ କଲେ ୩ ବର୍ଷ ଜେଲ୍



ନୂଆଦିଲ୍ଲୀ, ୨୦।୭: ବିରୋଧୀଦଳଗୁଡ଼ିକର ପ୍ରବଳ ହଇଗୋଳ, ନାରାବାଜି ଓ ଗୃହତ୍ୟାଗ ଏବଂ ବାରମ୍ବାର ମୁଲତବି ଘୋଷଣା ସହିତ ସୋମବାର ସଂସଦର ଗୁରୁତ୍ୱପୂର୍ଣ୍ଣ ମୌସୁମୀ ଅଧିବେଶନର ପ୍ରଥମ ଦିନ ଶେଷ ହୋଇଛି। ପୂର୍ବାହ୍ନ ୧୧ଟାରେ ସଂସଦର ନିମ୍ନସଦନ ଲୋକସଭାରେ ଦିବଂଗତ ୬ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଗୃହର ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ପ୍ରଶ୍ନକାଳ ଆରମ୍ଭ କରିବାକୁ ବାଚସ୍ପତି ଓମ୍ ବିରଳା ଆହ୍ୱାନ କରିଥିଲେ। ଏହାପରେ କଂଗ୍ରେସ, ସମାଜବାଦୀ ପାର୍ଟି ଭଳି ପ୍ରମୁଖ ବିରୋଧୀଦଳଗୁଡ଼ିକ ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ, ଇ-୨୦, ରାମମନ୍ଦିର ଦାନ ଚୋରି ଆଦି ପ୍ରସଙ୍ଗ ଉଠାଇ ସରକାର ବିରୋଧୀ ନାରାବାଜି ଦେଇଥିଲେ। ଗୃହକୁ ସୁରୁଖୁରୁରେ ଚାଲିବାକୁ ଦେବା ପାଇଁ ବାଚସ୍ପତି ବିରୋଧୀଦଳ ସଦସ୍ୟଙ୍କୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ତାହା ଶୁଣି ନଥିଲେ। ଫଳରେ ଅଧିବେଶନ ଆରମ୍ଭ ନହେଉଣୁ ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟା ଯାଏ ମୁଲତବି ଘୋଷଣା କରିଥିଲେ। ୧୨ଟାରେ ପୁଣିଥରେ ଅଧିବେଶନ ଆରମ୍ଭ ହୋଇଥିଲା ସତ; ମାତ୍ର ବିରୋଧୀମାନେ ସେମାନଙ୍କର ପ୍ରତିବାଦ ଜାରି ରଖିବାରୁ ଏହାକୁ ପୁଣି ସାଢ଼େ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ସାଢ଼େ ୧୨ଟାରେ ଲୋକସଭାର ପ୍ରିଜାଇଡିଂ ଅଧିକାରୀ ଦିଲୀପ ସାଇକିଆ ଗୃହରେ ଶୂନ୍ୟକାଳ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନଥିଲେ। ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ ଲୋକମାନେ ସେମାନଙ୍କ ପ୍ରତିନିଧିମାନଙ୍କୁ ପଠାଇଛନ୍ତି। ତେଣୁ ଗୃହରେ ସୁସ୍ଥ ବାତାବରଣ ରଖିବାକୁ ସାଇକିଆ ବିରୋଧୀମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ସେଥିପ୍ରତି କାନ ନଦେବାରୁ ଗୃହକୁ ପୁଣିଥରେ ଗୋଟାଏ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।

ନୂତନ ଭାବେ ନିର୍ବାଚିତ ହୋଇଥିବା ଓ ପୁନଃନିର୍ବାଚିତ ହୋଇଥିବା ସଦସ୍ୟମାନଙ୍କର ଶପଥ ଗ୍ରହଣ ପୃଷ୍ଠା-୬

### ମୌସୁମୀ ଓ ମୌସୁମୀ ଅଧିବେଶନ ସକରାତ୍ମକ ହେଉ

## ବିକ୍ରମ-୧ ବିଶ୍ୱ ପାଇଁ ଶକ୍ତିଶାଳୀ ବାର୍ତ୍ତା



ପ୍ରାକ୍-ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସଂସଦର ଉଭୟ ଗୃହରେ ଗୁରୁତ୍ୱପୂର୍ଣ୍ଣ ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିଛନ୍ତି। ଦେଶର କଲ୍ୟାଣ ନିମନ୍ତେ ଏହି ଅଧିବେଶନକୁ ଏକ ସୃଜନାତ୍ମକ ସଂସଦୀୟ ଅଧିବେଶନରେ ପରିଣତ କରିବାକୁ ଏହି ଅବସରରେ ସେ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ମୌସୁମୀ ହେଉ କି ମୌସୁମୀ ଅଧିବେଶନ ହେଉ - ଉଭୟ ଯଦି ସକ୍ରିୟ ଓ ସକାରାତ୍ମକ ହୁଅନ୍ତି ତା'ହେଲେ ସେମାନେ ଅତ୍ୟନ୍ତ ଉତ୍ପାଦନକ୍ଷମ ବୋଲି ନିଜକୁ ପୃଷ୍ଠା-୬

### ବିପର୍ଯ୍ୟୟ ସମୟରେ ବିଦ୍ୟୁତ ଭିତ୍ତିଭୂମି ବଞ୍ଚାଇବାକୁ ନୂଆ ଯୋଜନା

## ଏଣିକି ମାଟିତଳେ ବିଛାଯିବ ତାର



ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ନେଇ ସରକାରଙ୍କ ବଡ଼ ପ୍ରସ୍ତୁତି। ଏଣିକି ମାଟିତଳେ ବିଦ୍ୟୁତ ତାର ବିଛାଇବା ପାଇଁ ମୋଡାଲିଟି ପ୍ରସ୍ତୁତ କରାଯାଇଛି। ଏନେଇ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଡିପିଆର୍ ପ୍ରସ୍ତୁତି ପାଇଁ ଶକ୍ତି ସଚିବଙ୍କୁ ଦାୟିତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ମାଟିତଳେ ବିଛାଯିବ ବିଦ୍ୟୁତ ତାର। ସହନଶୀଳତା ପାଇଁ ରାଜସ୍ୱ ବିଭାଗର ଏଭଳି ଏକ ବଡ଼ ଯୋଜନା ରହିଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛି ଶକ୍ତି ବିଭାଗ। ଏହି କ୍ଷୟକ୍ଷତିର ଆକଳନ କରିଥାଏ ରାଜସ୍ୱ ବିଭାଗ। ତେଣୁ ଆଗକୁ କିଭଳି ଏହି କ୍ଷୟକ୍ଷତି କମ୍ ହେବ, ସେଥିପାଇଁ ଚିନ୍ତା କରୁଛି ରାଜସ୍ୱ ବିଭାଗ। ତେଣୁ ସରକାର ଚିନ୍ତା କରୁଛନ୍ତି ମାଟିତଳେ ବିଦ୍ୟୁତ ତାର ବିଛାଯିବ। ଏଣୁ ଶକ୍ତି ବିଭାଗ ସଚିବଙ୍କ ସହ ଆଲୋଚନା କରି ଡିପିଆର୍ ପ୍ରସ୍ତୁତ କରିବା ପାଇଁ କୁହାଯାଇଛି। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଡିପିଆର୍ ଦେବେ। ଘରୋଇକରଣ ହୋଇଯାଇଥିବାରୁ ଭିତ୍ତିଭୂମି ଆବଣ୍ଟନ କରିବା ପାଇଁ ଟାଟାକୁ ଦିଆଯାଇଛି।

ଏହାର ଲାଭାଂଶ ଟାଟା ପାୱାର ପାଖକୁ ନ ଯାଇ କିଭଳି ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଆଲୋଚନା କରାଯାଇଛି। ପୂର୍ବରୁ କ୍ଷୟକ୍ଷତିର ଭରଣା କରିବା ପାଇଁ ୧୨ ଶହ କୋଟି ଟଙ୍କା ରାଜସ୍ୱ ବିଭାଗ ଶକ୍ତି ବିଭାଗକୁ ଦେଇଛି। ସେହିପରି ବିପର୍ଯ୍ୟୟ ପରେ ରାଜ୍ୟରେ ପଞ୍ଚାୟତିରାଜ, ପୂର୍ତ୍ତ ଓ ଏନ୍‌ଏଚ୍‌ଏଆଇକୁ ମଧ୍ୟ ଭିତ୍ତିଭୂମି ସଜାଡ଼ିବା ପାଇଁ ଦିଆଯାଇଛି। ଏଥିପାଇଁ ବିଶ୍ୱ ବ୍ୟାଙ୍କ୍ ବି ଅନୁଦାନ ଋଣ ଆକାରରେ ଦେଉଛି। ତେଣୁ ଶକ୍ତି ବିଭାଗର ସଚିବଙ୍କ ସହ ଆଲୋଚନା କରାଯାଇଛି। ତୁରନ୍ତ ଡିପିଆର୍ ପ୍ରସ୍ତୁତ କରି ଦେବା ପାଇଁ ଯୋଜନା କରାଯାଉଥିବା କଥା କହିଛନ୍ତି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ।

## ଗାଦି ଛାଡ଼ ନଚେତ ଦରମା ବନ୍ଦ

### ବଦଳି ଆଦେଶକୁ ମାନୁ ନଥିବା ଅଧିକାରୀଙ୍କୁ ଚେତାବନୀ




ଭୁବନେଶ୍ୱର, ୨୦।୭(ସଂଚାର ବ୍ୟୁରୋ): ବଦଳି ଆଦେଶକୁ ମାନୁ ନ ଥିବା ଅଧିକାରୀଙ୍କ ପାଇଁ ଅର୍ଥ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଆଜି ସୁଦ୍ଧା ନୂଆ ସ୍ଥାନରେ ଯୋଗ ନ ଦେଲେ ଆସନ୍ତାକାଲିଠାରୁ ଦରମା ବନ୍ଦ ହେବ ବୋଲି କୁହାଯାଇଛି। ଅର୍ଥ ବିଭାଗର ତିନି ତିନି ଥର ନିର୍ଦ୍ଦେଶକୁ ଫୁଁ' ପରେ ବିଭାଗ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ନିର୍ଦ୍ଦେଶକୁ ନ ମାନି ପଲିଟିକାଲ ଲୋକଙ୍କୁ ଧରି ଚାପ ପକାଉଥିବା ଖବର ରହିଛି, ଯାହାକୁ ନେଇ ସରକାରଙ୍କ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ ଗତ ଏପ୍ରିଲ ୧୬ ତାରିଖରେ ଓଡ଼ିଶା ଅର୍ଥ ସେବା (ଓଏଫଏସ)ର ୯୦ ଜଣ ଅଫିସରଙ୍କ ଏକକାଳୀନ ବଦଳି ହୋଇଥିଲା। କିନ୍ତୁ ଏହା ଭିତରେ ୩ ମାସ ବିତିଯାଇଥିଲେ ମଧ୍ୟ ଅନେକ ଅଧିକାରୀ ନିଜର ଗାଦି ଛାଡ଼ିବାକୁ ପ୍ରସ୍ତୁତ ନୁହଁନ୍ତି। ଏପ୍ରିଲ ୧୬ ପରେ ମେ' ୧୯ ତାରିଖରେ ପ୍ରଥମ ରିମାଇଣ୍ଡର ପଠାଇ ସେହି ମାସ ୨୫ ତାରିଖ ସୁଦ୍ଧା ନିଜର ନୂଆ ସ୍ଥାନରେ ଯୋଗ ଦେବାକୁ ସମ୍ପୃକ୍ତ ଅଫିସରମାନଙ୍କୁ ପୃଷ୍ଠା-୬

### ରଥଯାତ୍ରା ବେଳେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣା

## ୧୦ ଲକ୍ଷ ଲେଖାଏଁ ସହାୟତା ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ଗତ ଜୁଲାଇ ୧୬ ତାରିଖ ଦିନ ଶ୍ରୀକ୍ଷେତ୍ର ପୁରୀରେ ଏକ ଅତ୍ୟନ୍ତ ଦୁଃଖଦ ତଥା ହୃଦୟ ବିଦାରକ ଘଟଣା ଘଟିଥିଲା। ରଥଯାତ୍ରା ସମୟରେ ଗୁରୁତର ଅସୁସ୍ଥ ହୋଇପଡ଼ିଥିବା କଟକର ଅନୀଲ ଦାସ ଓ ମହାରାଷ୍ଟ୍ରର ମୁମ୍ବାଇରୁ ଆସିଥିବା ଅଶୋକ ସୁବାରେ ରାଇକରଙ୍କର ମୃତ୍ୟୁ ହୋଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରମାନେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଦୁର୍ଭାଗ୍ୟବଶତଃ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ଏବେ ଉଭୟଙ୍କ ପରିବାର ପାଇଁ ୧୦ ଲକ୍ଷ ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ ଏହି ଦୁଃଖଦ ଘଟଣା ସମ୍ପର୍କରେ ଖବର ପାଇବା ପରେ ଅତ୍ୟନ୍ତ ମର୍ମାହତ ହେବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜର ଏକ ସ୍ୱତନ୍ତ୍ର ଶୋକବାର୍ତ୍ତାରେ ଉଭୟ ଅନୀଲ ଦାସ ଓ ଅଶୋକ ସୁବାରେ ରାଇକରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଧୈର୍ଯ୍ୟ ଧରିବାକୁ ପୃଷ୍ଠା-୬

## ପୋମା ଟୁଡୁ ଏସ୍‌ସିଏସ୍‌ଟି ବିଭାଗ ଅତିରିକ୍ତ ସଚିବ

### ସ୍ମିତା ପାଣି ରାଜ୍ୟ ଔଷଧ ନିଗମ ଏମ୍‌ଡି

ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଆଜି ଆଇଏଏସ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ୨୦୧୨ ବ୍ୟାଚ୍ ଆଇଏଏସ ତଥା ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଡଃ ପୋମା ଟୁଡୁଙ୍କର ବଦଳି ହୋଇଛି। ପ୍ରାୟ



ଏକ ମାସରୁ ଅଧିକ ସମୟ ଧରି ବିନା ଦାୟିତ୍ୱରେ ଥିବା ଆଇଏଏସ ସ୍ମିତା ପାଣିଙ୍କୁ ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଭାବେ ଅବସ୍ଥାପିତ କରାଯାଇଛି।

ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଏଫଏସରୁ ଗତବର୍ଷ ଆଇଏଏସକୁ ଉନ୍ନୀତ ହୋଇଥିବା ୨୦୨୦ ବ୍ୟାଚ ସ୍ମିତା ପାଣିଙ୍କୁ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଭାବେ ବଦଳି ହୋଇଛି। ସେ ଉଚ୍ଚଶିକ୍ଷା ବିଭାଗରୁ ସାଧାରଣ ପ୍ରଶାସନ ପୃଷ୍ଠା-୬

### ଶସ୍ୟବାହୀ ଜାହାଜ ଉପରେ ମିସାଇଲ୍ ଆଟାକ୍

## ୪ ଭାରତୀୟ ମୃତ

ନୂଆଦିଲ୍ଲୀ,୨୦।୭: ୟୁକ୍ରେନ୍ ବନ୍ଦର ଓଡେଶା ଅତିକ୍ରମ କରୁଥିବା ଭାରତୀୟ ବାଣିଜ୍ୟିକ ଜାହାଜ ଏମଭି ଗୋଲଡେନ୍ ଲିଓ ଉପରେ ମିସାଇଲ୍ ଆକ୍ରମଣ ହେବା ଫଳରେ ଅତିକମ୍‌ରେ ୪ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଛି ଓ ଜଣଙ୍କର ଅବସ୍ଥା ସଂକଟାପନ୍ନ ରହିଛି। ରବିବାର ସନ୍ଧ୍ୟାରେ ଏହି ଆକ୍ରମଣ ହୋଇଥିଲା ବୋଲି ସୋମବାର ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟ କହିଛି ଯେ, ଜାହାଜରେ ୧୭ ଜଣ କ୍ରୁ ସଦସ୍ୟ ଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ଭାରତୀୟ ଥିଲେ। ଏମଭି ଗୋଲ୍ଡେନ ଲିଓ ଶସ୍ୟ ନେଇ ଯାତ୍ରା କରୁଥିବା ବେଳେ ରୁଷ୍ ଏହା ଉପରକୁ ତିନୋଟି କ୍ରୁଜ୍ ମିସାଇଲ୍ ମାଡ଼ କରିଥିବା ୟୁକ୍ରେନ୍ କହିଛି। ଭାରତ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି।

### ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ

## ଖରିଫ ଆରମ୍ଭରୁ ରାଜ୍ୟରେ ସାର ସଙ୍କଟ





### ଆଧାର କାର୍ଡ ରଖି ଲମ୍ବା ଲାଇନ ଲଗାଇଲେ ଚାଷୀ

### ଡିଏପି ଓ ୟୁରିଆର ବିକଳ୍ପ ଦେଲା କୃଷି ବିଭାଗ

### କମ୍ପ୍ଲେକ୍ସ ଫର୍ଟିଲାଇଜର୍ ଓ ଆମୋନିୟମ୍ ସଲଫେଟ୍‌କୁ ପ୍ରୋତ୍ସାହନ

ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ରାଜ୍ୟରେ ସାର ସଙ୍କଟ ଦୂର ପାଇଁ ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ। ଡିଏପି ଓ ୟୁରିଆର ବିକଳ୍ପକୁ ପ୍ରୋତ୍ସାହନ ପାଇଁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସଚିବ। ବିକଳ୍ପ ଭାବେ କମ୍ପ୍ଲେକ୍ସ ଫର୍ଟିଲାଇଜର୍ ଓ ଆମୋନିୟମ୍ ସଲଫେଟ୍କୁ ପ୍ରୋତ୍ସାହନ କରିବାକୁ କୁହାଯାଇଛି। କେନ୍ଦ୍ର ସରକାର ବିପୁଳ ପରିମାଣରେ ଆମୋନିୟମ୍ ସଲଫେଟ୍ ଯୋଗାଇବେ। ଏହା ମୃତ୍ତିକାରେ ସଲଫର୍ ଅଭାବ ଦୂର କରିବାରେ ସହାୟକ ହୋଇପାରିବ। ଡିଏପି ଯୋଗାଣ ପ୍ରଭାବିତ ହୋଇଥିବାରୁ କମ୍ପ୍ଲେକ୍ସ ଫର୍ଟିଲାଇଜରକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ପ୍ରତ୍ୟେକ ଜିଲ୍ଲାର ମାର୍କଫେଡକୁ ଇଣ୍ଡେଣ୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ୟୁରିଆ ଓ ପୃଷ୍ଠା-୬

## ପୂରଣ ହେବ ମାଲକାନଗିରିର ଉଡ଼ାନ୍ ସ୍ୱପ୍ନ

### ବୁଧବାର ଏୟାରପୋର୍ଟରେ ଟ୍ରାଏଲ ରନ୍

ମାଲକାନଗିରି,୨୦।୭(ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାବାସୀଙ୍କ ପାଇଁ ଖୁସି ଖବର। ଖୁବ୍‌ଶୀଘ୍ର ଜିଲ୍ଲାରୁ ଉଡ଼ିବ ବିମାନ। ଆସନ୍ତା ୨୨ ତାରିଖରୁ ଏୟାରପୋର୍ଟରେ ହେବ ଟ୍ରାଏଲ ରନ୍। ଏଥିପାଇଁ ଆଜି ଏୟାରପୋର୍ଟର ତଦାରଖ କରିଛନ୍ତି ବିଭାଗୀୟ ଅଧିକାରୀ। ପ୍ରଥମେ ମାଲକାନଗିରି ଏୟାରପୋର୍ଟ ପରିଦର୍ଶନ କରି ବିଭାଗୀୟ ଅଧିକାରୀମାନେ ସେଠାକାର ପରିସ୍ଥିତିକୁ ଅନୁଧ୍ୟାନ କରିଛନ୍ତି। ସେମାନଙ୍କ ଭିତରେ ରହିଛନ୍ତି ଭୁବନେଶ୍ୱରରୁ ସୁରକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ ମନୋଜ ଦାସ ଓ ଏରୋ ସେଫ୍‌ଗାର୍ଡର ସହକାରୀ ନିର୍ଦ୍ଦେଶକ ନୀରଜ ନାୟକ। ସ୍ଥିତି ଅନୁଧ୍ୟାନ ପରେ ଜିଲ୍ଲାପାଳ, ଏସପି, ଅଗ୍ନିଶମ ଅଧିକାରୀ, ସିଡିଏମଓ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀଙ୍କ ସହ ଟ୍ରାଏଲ ରନର ସଫଳତା ଓ ପାରିପାର୍ଶ୍ୱିକ ସ୍ଥିତି ନେଇ ଆଲୋଚନା କରିଛନ୍ତି। ମାଲକାନଗିରି ଏୟାର ପୋର୍ଟ କନସଲଟାଣ୍ଟ ଅଶୋକ ରାଉତ ଆସନ୍ତାକାଲି ଏଠାରେ ପହଞ୍ଚି ଏୟାରପୋର୍ଟର ତଦାରଖ କରିବେ। ପରଦିନ ଅର୍ଥାତ୍ ୨୨ ତାରିଖରେ ଟ୍ରାଏଲ ରନ୍ ପାଇଁ ସମସ୍ତ ପ୍ରସ୍ତୁତି କରାଯିବ ବୋଲି ମାଲକାନଗିରି ଏଡିଏମ ବେଦବର ପ୍ରଧାନ କହିଛନ୍ତି।

## ଭିଆଇପି ଦର୍ଶନ ବ୍ୟବସ୍ଥା ନାହିଁ



### ଅପପ୍ରଚାର କରିଥିବା ସଂସ୍ଥା ନାଁରେ ଏତଲା

### ହେରାପଞ୍ଚମୀ ନୀତି ସମ୍ପନ୍ନ

ପୁରୀ,୨୦।୭(ସଂଚାର ବ୍ୟୁରୋ): ଘୋଷଯାତ୍ରାର ପଞ୍ଚମ ଦିନରେ ଆଜି ଅନୁଷ୍ଠିତ ହୋଇଛି ହେରାପଞ୍ଚମୀ ନୀତି। ଭକ୍ତଙ୍କ ଗହଣରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ନବଦିନାତ୍ମକ ଯାତ୍ରାରେ ଗୁଣ୍ଡିଚା ମନ୍ଦିର ଜନ୍ମବେଦୀକୁ ଆସିଛନ୍ତି। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି ହଜାର ହଜାର ଭକ୍ତ ଆଉ ଶ୍ରଦ୍ଧାଳୁ। ଶୃଙ୍ଖଳିତ ଦର୍ଶନକୁ ନେଇ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାଏକ କହିଛନ୍ତି ଯେ ହେରାପଞ୍ଚମୀ ପାଇଁ ଅଧିକ ଭକ୍ତ ଆସୁଛନ୍ତି। ସେଥିପାଇଁ ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ୮ ଭାଗରେ ବିଭକ୍ତ କରାଯାଇଛି। ଯଥେଷ୍ଟ ପୁଲିସ ଫୋର୍ସ ଅଛନ୍ତି। ଏଥିସହ ଆସନ୍ତାକାଲି ରଥ ଦକ୍ଷିଣ ମୋଡ଼ ପାଇଁ ୫୨ ପ୍ଲାଟୁନ ଫୋର୍ସ ମୁତୟନ ଅଛନ୍ତି।

ସେପଟେ ଭିଆଇପି ଦର୍ଶନ ନାଁରେ ଅନଲାଇନ ମାଧ୍ୟମରେ ବିଜ୍ଞାପନ ଘଟଣାକୁ ନେଇ କେନ୍ଦ୍ରାଞ୍ଚଳ ଆଇଜି କହିଛନ୍ତି ଯେ ଥାନାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇଓ-ଓଡ଼ିଶା ନାମକ ପୋର୍ଟାଲ ନାଁରେ ଏତଲା ଦିଆଯାଇଛି। ଭିଆଇପି ଦର୍ଶନ ପାଇଁ ଆମର କୌଣସି ବ୍ୟବସ୍ଥା ନାହିଁ। ସେଥିପାଇଁ ଆମର କୌଣସି ନିୟମ ମଧ୍ୟ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ରବିବାର ଯଜ୍ଞ ମଣ୍ଡପରେ ଶ୍ରୀଜିଉଙ୍କ ଶ୍ରୀମୁଖ ଶୃଙ୍ଗାର ଗୁପ୍ତ ନୀତି ସମ୍ପନ୍ନ ହେବା ପରେ ସୋମବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହେରାପଞ୍ଚମୀ ନୀତି ଅନୁଷ୍ଠିତ ହୋଇଯାଇଛି। ପାଳିଆ ମହାଜନ ମା' ମହାଲକ୍ଷ୍ମୀଙ୍କୁ ମାଜଣା କରିବା ସହ ପାଟଶାଢ଼ି, ଅଳଙ୍କାର ବେଶ କରାଇ ସାରିବା ପରେ ପୂଜାପଣ୍ଡା ସେବକ ପନ୍ତି ଭୋଗ କରିଥିଲେ। ଘଣ୍ଟ, ଛତା, ପଟୁଆରରେ ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ବଡ଼ଦାଣ୍ଡ ଦେଇ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କର ନନ୍ଦିଘୋଷ ରଥ ଭାଙ୍ଗିବା ପରେ ମନ୍ଦିର ଭିତରକୁ ଯାଇ ପ୍ରଭୁଙ୍କୁ ସାକ୍ଷାତ କରି ଶ୍ରୀମନ୍ଦିରକୁ ଫେରିଛନ୍ତି।



### କାନ ଡେରିଥା

ବାଇକରେ ଏଠି ଶବ ବୁହାହୁଏ
ଆମ୍ବୁଲାନ୍ସ କାହା ପାଇଁ
ଗରିବଙ୍କ ପାଇଁ ଏହି ଯୋଜନାଟି
ଉପହାସ ଲାଗୁଥାଇ
ଦୋଷ କେହି ନେବେ ନାହିଁ...
ସରକାର ଏବେ ଦୋଷ ଝାଡ଼ିଦେଇ
କହିବେ ବିରୋଧୀ ଦାୟୀ।

■ ଦେବାଶିଷ

## ସରୁନି ବହି ସଂଶୋଧନ: ପାଠପଢ଼ା ଶୂନ

- ଭୁଲ୍ ବହି ପଢ଼ାଇବାକୁ ଶିକ୍ଷକ ନାରାଜ
- ଗୁରୁ ଶିଷ୍ୟ ସମସ୍ତେ ବ୍ୟସ୍ତ

ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ରଜ ଛୁଟି ପରେ ବିଦ୍ୟାଳୟ ଖୋଲିବାକୁ ଇତି ମଧ୍ୟରେ ମାସେ ବିତିଲାଣି। ଏହି ମାସକ ମଧ୍ୟରେ ପାଠପଢ଼ା ବଦଳରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଠପଢ଼ା ବହିରେ ଥିବା ତ୍ରୁଟି ସଂଶୋଧନ ଚାଲିଛି। ସରକାର ଧରାଇଥିବା ୧୨୨ ପୃଷ୍ଠାର ସଂଶୋଧନ ତାଲିକାକୁ ଧରି ଶିକ୍ଷକଙ୍କମାନେ ପିଲାଙ୍କ ବହି ସଂଶୋଧନ କରିଥିବା ବେଳେ ସମସ୍ତ ବହି କେବେ ସଂଶୋଧନ ହେବ ଓ ପିଲାଏ ପୂରା ଦମ୍‌ରେ ପାଠ ପଢ଼ିବେ ତାହା କେହି କହିପାରୁନାହାନ୍ତି।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକରେ ଦୁଇ ହଜାରରୁ ଅଧିକ ତ୍ରୁଟି ବାହାରିବା ପରେ ତାହାକୁ ନେଇ ସବୁ ସ୍ତରରେ ହଇଚଇ ହୋଇଥିଲା। ପିଲାଏ କିଭଳି ପାଠ ପଢ଼ିବେ ତାହାକୁ ନେଇ ତର୍ଜମା ଚାଲିଥିବା ବେଳେ ରାଜ୍ୟ ସରକାର ପ୍ରଥମେ ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ଏହାର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ୪ ଜଣ ଅଧିକାରୀଙ୍କୁ ନିଲମ୍ବନ ବି କରିଥିଲେ। ପରେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦିଆଯିବା ପରେ ଜଣେ ଅଧିକାରୀ ଗିରଫ ହୋଇଛନ୍ତି ଓ କ୍ରାଇମବ୍ରାଞ୍ଚ ତାହାର ତଦନ୍ତକୁ ଜୋରଦାର କରିଛି।

ଏତେସବୁ ତଦନ୍ତ ଭିତରେ କିନ୍ତୁ ବିଦ୍ୟାଳୟର କୁନି କୁନି ପିଲା ପାଠ ପଢ଼ିପାରୁନାହାନ୍ତି। ସେମାନଙ୍କ ବହିରେ ଥିବା ତ୍ରୁଟିକୁ



ସଂଶୋଧନ କରାଯାଇପାରୁନାହିଁ। କାରଣ ରାଜ୍ୟ ସରକାର ଯେଉଁ ୧୨୨ ପୃଷ୍ଠାର ପିଡିଏଫ୍ ସଂଶୋଧନ ତାଲିକା ଧରାଇଥିଲେ, ତାହାକୁ ଧରି ଶିକ୍ଷକମାନେ ବିଦ୍ୟାଳୟର ପ୍ରତି ଶ୍ରେଣୀରେ ଗୋଟିଏ ଛାତ୍ରର ବହି ସଂଶୋଧନ କରିବା ପରେ ସେହି ବହିରୁ ଅନ୍ୟ ଛାତ୍ରଛାତ୍ରୀମାନେ ନିଜେ ନିଜେ ସଂଶୋଧନ କରିବାକୁ କହୁଛନ୍ତି। ହେଲେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ନିଜ ବହିରେ ନିଜେ ସଂଶୋଧନ କରିପାରୁନାହାନ୍ତି।

ଯେହେତୁ ସମସ୍ତ ବହି ସଂଶୋଧନ ହୋଇନାହିଁ, ତେଣୁ ଶିକ୍ଷକଶିକ୍ଷୟିତ୍ରୀମାନେ ବି ଭୁଲ୍ ବହି ପଢ଼ାଇବାକୁ ରାଜି ନାହାନ୍ତି। କାରଣ ପିଲାଏ ବିଦ୍ୟାଳୟରେ ଗୋଟିଏ ପ୍ରକାର ଓ ଘରେ ଆଉ ଗୋଟିଏ ପ୍ରକାର ପାଠ ପଢ଼ିଲେ ବାଉଳା ହେବେ। ସରକାର ମଧ୍ୟ ନୂଆ ବହି ଛାପି ସମସ୍ତ ପିଲାଙ୍କୁ ଦେବେ କି ନାହିଁ ତାହା ସ୍ପଷ୍ଟ କରୁନାହାନ୍ତି। ଫଳରେ ବିଦ୍ୟାଳୟରେ ପାଠପଢ଼ା ବଦଳରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ତ୍ରୁଟି ସଂଶୋଧନରେ ବ୍ୟସ୍ତ ରହିଛନ୍ତି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଚଳିତ ଶିକ୍ଷାବର୍ଷଠାରୁ ରାଜ୍ୟରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ ହୋଇଥିବା ବେଳେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ ହୋଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରସ୍ତୁତ କରିଥିବା ଏହି ପୁସ୍ତକରେ ଇଂରାଜୀ ବହିରେ ରଜଦୋଳି ଗୀତ ଥିବା ବେଳେ ଓଡ଼ିଆ ବହିରେ ନିମ୍ବୁଡା ଗୀତଠାରୁ ଆରମ୍ଭ କରି ଓଡ଼ିଶା ବିଧାନସଭା ଚିତ୍ର ସ୍ଥାନରେ କର୍ଣ୍ଣାଟକ ବିଧାନସଭାର ଚିତ୍ର ରହିଛି।

### ଗାଁ ଭିତରେ ଚୋରାମଦ ବିକ୍ରି

# ମହିଳା ଓ ଛାତ୍ରଛାତ୍ରୀ ଅସୁରକ୍ଷିତ



**କେନ୍ଦ୍ରାପଡା,୨୦।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ ଚୋରାମଦ କାରବାର ହେଉଥିବାର ଦୈନିକ ଅଭିଯୋଗ ହେଉଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରା ମଦ ଓ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଛି । କିନ୍ତୁ ଏହି ବ୍ୟବସାୟୀମାନେ ଜାମିନ୍ ପାଇବା ପରେ ପୁନର୍ବାର ଚୋରା ମଦ ବ୍ୟବସାୟ କରୁଛନ୍ତି । ଏହିଭଳି ଏକ ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି ।

ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ଗ୍ରାମ ପଂଚାୟତ ବଳରାମପୁର ଗ୍ରାମରେ ଦୁଇଜଣ ଚୋରା ମଦ ବ୍ୟବସାୟୀ ବ୍ୟବସାୟ କରୁଥିବାରୁ ସେହି ବାଟ ଦେଇ ସ୍କୁଲ୍ ଛାତ୍ରଛାତ୍ରୀ, ମହିଳା ଓ ବରିଷ୍ଠ ନାଗରିକମାନେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଦ୍ୟପମାନେ ଏଠାରୁ ମଦ ନେଇ ମଦ୍ୟପାନ କଲାପରେ ବୋତଲ ଗୁଡିକୁ ସ୍କୁଲ୍ ପରିସରରେ ବିଲରେ ଓ ରାସ୍ତାରେ ଫୋପାଡିବାରୁ ଛାତ୍ରଛାତ୍ରୀ ଓ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ତୁରନ୍ତ ଏଠାରେ ଚୋରା ମଦ ବ୍ୟବସାୟ ବନ୍ଦ କରିବା ପାଇଁ ଗ୍ରାମର ଶରତ କୁମାର ରାଉତ,ରମେଶ ଚନ୍ଦ୍ର ନାୟକ, ଶ୍ରୀଧର ନାଥ, ନିରଞ୍ଜନ ପ୍ରଧାନ, ଧୃମାଳ ପ୍ରଧାନ, ଗଦାଧର ବେହେରା, ଖଗେଶ୍ୱର ରାଉତ ପ୍ରମୁଖ ଦାବି କରିଛନ୍ତି ।

## ବଡ଼କୁଳ ପଞ୍ଚାୟତରେ ରାସ୍ତା ବିପର୍ଯ୍ୟସ୍ତ

**ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର**



**ମହାକାଳପଡ଼ା,୨୦।୭ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକର ପ୍ରଭାବଶାଳୀ ପଞ୍ଚାୟତ ବୋଲି ପରିଚିତ ବଡକୁଳ ପଞ୍ଚାୟତର ବିକାଶର ବାସ୍ତବ ଚିତ୍ର ଏବେ ପଦାକୁ ଆସିଛି। ଦହିମାଛ ଗାଁର ତ୍ରିନାଥ ଛକରୁ ପତିତପାବନ ମଠ ଛକ ପର୍ଯ୍ୟନ୍ତ ପ୍ରାୟ ୫୦୦ ମିଟର ରାସ୍ତା ଗତ ଏକ ବର୍ଷ ଧରି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ବର୍ଷା ହେଲେ ରାସ୍ତାଟି କାଦୁଅ ଓ ବଡ଼ ବଡ଼ ଖାଲରେ ପରିଣତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡୁଛି। ଏହି ରାସ୍ତା ଉପରେ ଆମ୍ବୁଲାନ୍ସ, ସ୍କୁଲ ବସ, ସ୍କୁଲ ଛାତ୍ରଛାତ୍ରୀ ଓ ଶତାଧିକ ସାଧାରଣ ଲୋକ ପ୍ରତିଦିନ ନିର୍ଭର କରୁଛନ୍ତି। ତଥାପି ସମ୍ପୃକ୍ତ ବିଭାଗ, ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନଙ୍କ ନୀରବତା ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଛି। ସରକାର ବିକାଶର ଡିଣ୍ଡିମ ପିଟୁଥିବା ବେଳେ, ବଡକୁଳ ପଞ୍ଚାୟତର ଏହି ରାସ୍ତା ଏବେ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଏକ ବର୍ଷ ଧରି ଏହି ରାସ୍ତାର ଅବସ୍ଥା ଏମିତି ରହିଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି।

## କେନ୍ଦ୍ରାପଡ଼ା ସହରରେ ଏସବିଆଇ ଏଟିଏମ ଅଚଳ




**କେନ୍ଦ୍ରାପଡ଼ା,୨୦।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଟିଏମ ଗୁଡିକ ଅଚଳ ହୋଇପଡିଥିବା ଦେଖାଯାଇଛି। ଏନେଇ ଗ୍ରାହକମାନେ ବାରମ୍ବାର ଏସବିଆଇ କୃପକ୍ଷଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ ସମସ୍ୟାର କୌଣସି ସମାଧାନ ହୋଇନଥିବା ଦେଖିବାକୁ ମିଳିଛି।

ପୁରୁଣା ବସଷ୍ଟାଣ୍ଡର କେନ୍ଦ୍ରାପଡା ପୌରସଂସ୍ଥା କାର୍ଯ୍ୟାଳୟ ସନ୍ନିକଟରେ ଥିବା ଏସବିଆଇ ଏଟିଏମଟିରେ ବହୁ ସମୟରେ ଅଧାସଟର ପଡି ରହିଥିବା ଅଭିଯୋଗ ହୋଇଛି । ଗ୍ରାହକମାନେ ସେହି ଏଟିଏମକୁ ଯାଇ ବାରମ୍ବାର ଫେରୁଥିବା କହିଛନ୍ତି । ଅଧିକାଂଶ ସମୟରେ ଗ୍ରାହକମାନେ ସେହି ଏଟିଏମକୁ ଯାଇ ଦେଖିବାକୁ ପାଆନ୍ତି ଯେ କ୍ୟାସ ନାହିଁ ବା ଏଟିଏମ ଖରାପ ଅଛି । ସହରର ପୁରୁଣା ବସଷ୍ଟାଣ୍ଡରୁ ତିନିମୁହାଣି ପର୍ଯ୍ୟନ୍ତ ଏବଂ ପୁରୁଣା ବସଷ୍ଟାଣ୍ଡରୁ ସାନ୍ତସାହି ପୋଲ ପର୍ଯ୍ୟନ୍ତ କୌଣସି ଏସବିଆଇ ଏଟିଏମ ନାହିଁ । ପୂର୍ବରୁ ମୀରପାଟଣା, ଚାଟରାପାଟଣା, ମହିପାଳ ଓ ତିନିମୁହାଣି କଲେଜଛକ ଠାରେ ଥିବା ଏସବିଆଇ ଏଟିଏମ ଗୁଡିକ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ତେଣୁ ଗ୍ରାହକମାନେ ଅର୍ଥ ଉଠାଇବାକୁ ନାହିଁ ନଥିବା ସାମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯଥାଶୀଘ୍ର ନୂତନ ଏଟିଏମ ଖୋଲାଯିବା ସହ ପୁରୁଣା ବସଷ୍ଟାଣ୍ଡରେ ଥିବା ଏଟିଏମକୁ ସର୍ବଦା ସଚଳ ରଖାଯିବାକୁ କଂଗ୍ରେସ ସଂଖ୍ୟାଲଘୁ ନେତା ସୟଦ ଅବଦୁଲ ସାର ଓ ଯୁବ କଂଗ୍ରେସ ନେତା ରାଜେଶ ଓଝା ଦାବି କରିଛନ୍ତି ।

## ଟ୍ରକ୍ ଧକ୍କାରେ ୨ ମୃତ, ୨ ଗୁରୁତର



**ଡେରାବିଶ,୨୦।୭(ସଂଚାର ବ୍ୟୁରୋ):** କଟକ-ଚାନ୍ଦବାଲି ରାଜରାସ୍ତାର କେନ୍ଦ୍ରାପଡ଼ା ସଦରଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଭଣଗାଁ ଛକ ନିକଟରେ ଭୋର ସମୟରେ ରାସ୍ତାକଡ଼ରେ ରହିଥିବା ଏକ ଟ୍ରକ ପଛରେ ଅନ୍ୟ ଏକ ଦ୍ରୁତଗାମୀ କଂଟେନର ପିଟି ହୋଇ ଘଟଣା ସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ କଟକ-ଚାନ୍ଦବାଲି ରାଜରାସ୍ତାର ଭଣଗାଁ ଛକ ନିକଟରେ ଏକ ୧୬ ଚକିଆ ମାଲ ବୋଝେଇ ଟ୍ରକର ଚକ ଫାଟି ଯିବାରୁ ଡ୍ରାଇଭର ଜଣକ ଟ୍ରକଟିକୁ କେନ୍ଦ୍ରାପଡ଼ା ଆଡ଼କୁ ମୁହଁ କରି ରାସ୍ତା କଡ଼ରେ ରଖିଥିଲେ। ପରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଏକ ଟ୍ୟାଙ୍କ (ଓଡ଼ି-୩୩-ଏଡି-୧୭୧୪) ର ଯାଉଥିବା ବେଳେ ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରଖାଯାଇଥିବା ଟ୍ରକ (ଓଡି-୦୫-ଏଭି-୨୬୨୫)ପଛରେ ଖୁବ୍ ଜୋରରେ ପିଟି ହୋଇଥିଲା। ଫଳରେ ଟ୍ୟାଙ୍କର ମଧ୍ୟରେ ବସିଥିବା ଡ୍ରାଇଭର ସମେତ ଚାରିଜଣଙ୍କ ମଧ୍ୟରୁ ଦୁଇଜଣ ଘଟଣା ସ୍ଥଳରେ ପ୍ରାଣ ହରାଇଥିବା ବେଳେ ଡ୍ରାଇଭର ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ କର୍ମଚାରୀମାନେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

ମୃତକ ଦ୍ୱୟ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ଥାନା ଅଧୀନ ରବୀନ୍ଦ୍ର କୁମାର ଜେନା (୫୧) ଓ ଭଦ୍ରକ ବାସୁଦେବପୁର ଥାନା ଅଞ୍ଚଳର ଶାନ୍ତନୁ କୁମାର ଜେନା (୫୦)। ଡ୍ରାଇଭର ସମେତ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ କଟକ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ତେବେ ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ, ଟ୍ୟାଙ୍କରରେ ଥିବା ଡ୍ରାଇଭର ଓ ଅନ୍ୟମାନେ ଏହା ଭିତରେ ଚାପି ହୋଇ ରହିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ କଟର ଲଗାଇ ଟ୍ୟାଙ୍କରର ଡ୍ରାଇଭର କ୍ୟାବିନ୍‌କୁ କାଟି ମୃତ ଓ ଗୁରୁତରମାନଙ୍କୁ ବାହାର କରିଥିଲେ। ଏଥିମଧ୍ୟରୁ ଜଣେ ମୃତକଙ୍କ ଦୁଇଟି ଗୋଡ଼ ସମ୍ପୂର୍ଣ୍ଣ ଛିଣ୍ଡି ଯାଇଥିବା ବେଳେ ଅନ୍ୟଜଣଙ୍କର ଚାପି ହୋଇ ମୃତ୍ୟୁ ହୋଇଯାଇଥିଲା। ତେବେ ଡ୍ରାଇଭରଙ୍କ ଗୋଡ଼ ଭାଙ୍ଗିଯାଇଥିବା ଅନ୍ୟ ଜଣେ ମଧ୍ୟ ଗୁରୁତର ଆହାତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଘଟଣା ସ୍ଥଳରେ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନ ପହଞ୍ଚି ଓ ଚାନ୍ଦୋଳ ଫାଣ୍ଡି ପୋଲିସ୍ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ରାସ୍ତାରୁ ହଟାଇଥିଲେ। ପରେ ରାସ୍ତାର ଉଭୟ ପଟରେ ଅଟକି ରହିଥିବା ଶହଶହ ଗାଡ଼ିଗୁଡ଼ିକ ଚଳାଚଳ ସ୍ୱାଭାବିକ କରିଥିଲେ।

# ରାମ ମନ୍ଦିର ନାଁରେ ରାଜନୀତି ଓ ଲୁଟ୍ ଅଭିଯୋଗ

**ସାମ୍ବାଦିକ ସମ୍ମିଳନୀରେ ବର୍ଷିଲା କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ**




**କେନ୍ଦ୍ରାପଡ଼ା,୨୦।୭(ସଂଚାର ବ୍ୟୁରୋ):** ରାମ ମନ୍ଦିର ନିର୍ମାଣ ଚାନ୍ଦା ଆଦାୟରେ ବ୍ୟାପକ ଚୋରି, ଆସ୍ଥା ନାମରେ ହୀନ ରାଜନୀତି ଏବଂ ଭେଟି ନାମରେ ଦେଶବାସୀଙ୍କୁ ଲୁଟ୍ କରାଯାଉଛି। ଏହା ସିଧାସଳଖ ଅଗଣିତ ଦେଶବାସୀଙ୍କ ଆସ୍ଥା ଓ ବିଶ୍ୱାସର ହତ୍ୟା ସଦୃଶ। ଏଭଳି ସଙ୍ଗିନ ଅଭିଯୋଗ ଆଣି ଶାସକ ଦଳ ଉପରେ ବର୍ଷିଛି କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟି। ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ଜରୁରୀ ସାମ୍ବାଦିକ ସମ୍ମିଳନୀରେ ନେତୃବୃନ୍ଦ ଏହି ପ୍ରସଙ୍ଗ ଉଠାଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଜିଲ୍ଲା କଂଗ୍ରେସ ସଭାପତି ଡକ୍ଟର ଦେବସ୍ମିତା ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ। ମନ୍ଦିର ନିର୍ମାଣ ପାଇଁ ସଂଗୃହୀତ ହୋଇଥିବା ପାଣ୍ଠିର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇ କଂଗ୍ରେସ ନେତୃବୃନ୍ଦ କହିଛନ୍ତି ଯେ, କୋଟି କୋଟି ଜନସାଧାରଣ ଶ୍ରଦ୍ଧାର ସହ ଦାନ କରିଥିବା ଅର୍ଥର ଅପବ୍ୟବହାର କରାଯାଉଛି। ଧର୍ମ ଏବଂ ଭଗବାନଙ୍କ ନାମକୁ କେବଳ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ବ୍ୟବହାର କରାଯିବା ଅତ୍ୟନ୍ତ ସ୍ପର୍ଶକାତର ଏବଂ ଦୁର୍ଭାଗ୍ୟଜନକ।

ନକଲି ରସିଦ, ନଗଦ ଭେଟି, ଆକାଉଣ୍ଟ ରେ ଅନିୟମିତତା ଏବଂ ଆର୍ଥିକ ହେରଫେରକୁ ନେଇ ଏକାଧିକ ଅଭିଯୋଗ ସାମ୍ନାକୁ ଆସିଛି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରାଯାଇଛି।

ଏହି ସମ୍ମିଳନୀରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ ଏବଂ ପୂର୍ବତନ ବିଧାୟିକା ଡକ୍ଟର ସିପ୍ରା ମଲ୍ଲିକ ଉପସ୍ଥିତ ରହି ଶାସନ କଳର ଏଭଳି ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ବିଦୁଭୂଷଣ ମହାପାତ୍ର ଓ ସତ୍ୟପ୍ରିୟ ସାମଲ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ସନ୍ତୋଷ ବେହେରା, ପ୍ରକାଶ ମହାନ୍ତି ଏବଂ ଦିଲ୍ଲୀପ ପ୍ରଧାନଙ୍କ ସମେତ ଅନେକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜନସାଧାରଣଙ୍କ ଭାବନା ସହ ଖେଳୁଥିବା ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା କଂଗ୍ରେସ ଦାବି କରିଛି।

## ଗୌର ପ୍ରସାଦ ଷଡ଼ଙ୍ଗୀ ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧ୍ୟକ୍ଷ

**ପଟ୍ଟାମୁଣ୍ଡାଇ,୨୦।୭ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧକ୍ଷ ଭାବେ କେନ୍ଦ୍ରାପଡ଼ା କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ବରିଷ୍ଠ ପ୍ରାଧ୍ୟାପକ ଗୌର ପ୍ରସାଦ ଷଢଙ୍ଗୀ ବିଦାୟୀ ଅଧକ୍ଷ କ୍ୟାପଟେନ ମନୋଜ ପରିଡାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । କିଛି ବର୍ଷ ତଳେ ଶ୍ରୀଷଢଙ୍ଗୀ ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଭାବେ ଦକ୍ଷତା ସହ କାର୍ଯ୍ୟକରି କେନ୍ଦ୍ରାପଡ଼ା କଲେଜକୁ ବଦଳି ହୋଇଥିଲେ । ରାଜ୍ୟ ସରକାର ଙ୍କ ନିର୍ଦ୍ଦେଶରେ ପ୍ରାଧ୍ୟାପକ ଶ୍ରୀ ଷଢଙ୍ଗୀ ଆଜି ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ଅଧକ୍ଷ ଶ୍ରୀଷଢଙ୍ଗୀଙ୍କୁ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ । ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧକ୍ଷ ଭାବେ ପ୍ରାଧ୍ୟାପକ ଷଢଙ୍ଗୀଙ୍କ ଯୋଗଦାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।



## ହରିଦାସପୁର-ପାରାଦୀପ ରେଳପଥ ଦୋହରୀକରଣ ପ୍ରସ୍ତାବକୁ ବୁଦ୍ଧିଜୀବୀଙ୍କ ସ୍ୱାଗତ

**କେନ୍ଦ୍ରାପଡ଼ା,୨୦।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମଧ୍ୟ ଯାଇଥିବା ହରିଦାସପୁର-ପାରାଦୀପ ରେଳପଥ ଦୋହରୀକରଣ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ରେଳବାଇ ବିଭାଗ ମଞ୍ଜୁରୀ ଦେଇଥିବାରୁ ଏହାକୁ କେନ୍ଦ୍ରାପଡାର ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି।

କେନ୍ଦ୍ରାପଡାବାସୀଙ୍କ ବହୁ ଦିନର ଦାବୀ ଏହାଦ୍ୱାରା ପୁରଣ ହୋଇପାରିଛି। ଏହି ରେଳପଥ ଦୋହରୀକରଣ ହେବା ଦ୍ୱାରା କେନ୍ଦ୍ରାପଡାରୁ କଟକ, ଭୁବନେଶ୍ୱର ଓ ଶ୍ରୀକ୍ଷେତ୍ର ପୁରୀକୁ ସହଜରେ ଯାତ୍ରୀବାହୀ ରେଳ ଚଳାଚଳ କରିପାରିବ। ଫଳରେ କେନ୍ଦ୍ରାପଡାରୁ ଲୋକମାନେ ସୁବିଧାରେ କଟକ, ଭୁବନେଶ୍ୱର ଓ ପୁରୀକୁ ରେଳ ଦ୍ୱାରା ଯାତାୟତ କରିପାରିବେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ସମାଜସେବୀ ସମୀର କୁମାର ଚାନ୍ଦ, ସଞ୍ଜୟ କୁମାର ରାଉତ ଓ ପ୍ରଦ୍ୟୁମ୍ନ କୁମାର ଜେନା ପ୍ରମୁଖ ସ୍ୱାଗତ କରିବା ସହିତ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମହାକାଳପଡ଼ାରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି



**୮୦ ଅଭିଯୋଗ ପଞ୍ଜିକୃତ**

**୧୮ଟି ତୁରନ୍ତ ସମାଧାନ**

**ମହାକାଳପଡ଼ା, ୨୦।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାମୂହିକ ଓ ବ୍ୟକ୍ତିଗତ ମିଶାଇ ମୋଟ ୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୧୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

ଶିବିରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟର, ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ପିଡି ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଡିଏସ୍‌ଏସ୍‌ଓ ସଂଗ୍ରାମ କେଶରୀ ବେଉରା, ଉପଜିଲ୍ଲାପାଳ ଅରୁଣ ନାୟକ, ସ୍ଥାନୀୟ ତହସିଲଦାର ତଥା ଦାୟିତ୍ୱପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଶୁଣାଣୀରେ ଦାଖଲ ହୋଇଥିବା ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ରାସନ କାର୍ଡ, ସୁଭଦ୍ରା ଯୋଜନାର ସୁବିଧା ଏବଂ ଅନ୍ୟାନ୍ୟ ସରକାରୀ ସେବା ସମ୍ପର୍କିତ ଅଭିଯୋଗ ପ୍ରାଧାନ୍ୟ ପାଇଥିଲା। ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ଶୀଘ୍ର ତଦନ୍ତ କରି ନିୟମାନୁସାରେ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ଏହି ଅବସରରେ ଜିଲ୍ଲାପାଳ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ୫ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ବଣ୍ଟନ କରି ସେମାନଙ୍କ ଜୀବନଯାପନକୁ ସହଜ କରିବା ପାଇଁ ପ୍ରୟାସ କରାଯାଇଥିଲା।

# ବାମପନ୍ଥୀ ଦଳ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ




**କେନ୍ଦ୍ରାପଡ଼ା,୨୦।୭(ସଂଚାର ବ୍ୟୁରୋ):** ସିପିଆଇ, ସିପିଆଇ(ଏମ୍) ଓ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ଏକ ଗଣବିକ୍ଷୋଭ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ନିଟ୍ ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ତତ୍‌ଜନିତ ୧୭ ଜଣରୁ ଅଧିକ ମେଧାବୀ ଛାତ୍ର ନିରାଶ ହୋଇ ଆତ୍ମହତ୍ୟା କରିଛନ୍ତି । ଏହି ଘଟଣାରେ ବାମପନ୍ଥା ଛାତ୍ର ସଂଗଠନ ସହିତ କଂଗ୍ରେସ ପାର୍ଟି ଜୁନ ୨୮ ଠାରୁ ଜନ୍ତରମନ୍ତର ଠାରେ ନୂତନ ଶିକ୍ଷାନୀତି ବାତିଲ କରିବା,ପରୀକ୍ଷା ପରିଚାଳନାରେ ବ୍ୟର୍ଥ ଏନ୍.ଟି.ଏ.କୁ ବନ୍ଦ କରିବା, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦିଅନ୍ତୁ ଦାବୀରେ ଦେଶବ୍ୟାପୀ ଆନ୍ଦୋଳନ ଚାଲିଲା। ସେଠାରେ ବିଶିଷ୍ଟ ପରିବେଶ ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ, ନେହା ଅମିନ, ମନିଷ, ପ୍ରଥୁଭା, ଅନିକେତ ମାଡଙ୍ଗ ପ୍ରମୁଖ ଆମରଣ ଅନଶନ ଚଳାଇଲେ ।

ଦିଲ୍ଲୀ ହାଇକୋର୍ଟ ସୋନମ୍ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟ ପ୍ରତି ଉଦବେଗ ପ୍ରକାଶ କଲା ପରେ, ସରକାରଙ୍କ ପକ୍ଷରୁ କୌଣସି ଆଲୋଚନା ନକରି ହଠାତ୍ ଜୁଲାଇ ୧୮ ତାରିଖ ସକାଳ ୬ଟା ବେଳେ ଦିଲ୍ଲୀ ପୋଲିସ ବଳପୂର୍ବକ ସୋନମ ୱାଙ୍ଗଚୁକଙ୍କୁ ଉଠାଇ ନେଲା । ନିରସ୍ତ୍ର ଛାତ୍ରଛାତ୍ରୀଙ୍କୁ ଦିଲ୍ଲୀ ପୋଲିସ ଲାଠି ଚାଳନା ସହ ଆକ୍ରମଣ କଲେ । ଏହାର ପ୍ରତିବାଦରେ ଅଭିଜିତ୍ ଦିପକେ ଓ ବାମପନ୍ଥୀ ଛାତ୍ରମାନେ ଧାରଣରେ ସାମିଲ ହୋଇଛନ୍ତି । ଜୁଲାଇ ୨୦ ପାର୍ଲିଆମେଂଟ ମାର୍ଚ୍ଚ କୁ ସଫଳ ପାଇଁ ଡକରା ଦେବା ସହିତ ସମସ୍ତ ରାଜ୍ୟ ରାଜଧାନି, ଜିଲ୍ଲା ଓ ବ୍ଲକ କାର୍ଯ୍ୟାଳୟ ପ୍ରଭୃତିରେ ଏହାକୁ ସଫଳ କରିବା ପାଇଁ ଡାକରା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଆମ ଜିଲ୍ଲାରେ ବିକ୍ଷୋଭ ପାଇଁ ଡାକରା ଦିଆଯାଇଥିଲା । ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଏକ ଗଣ ବିକ୍ଷୋଭ ପୁରୁଣା ବସଷ୍ଟାଣ୍ଡରୁ ବାହାରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ସଂଗଠିତ ହୋଇଯାଇଛି।

ଏଥିରେ ସି.ପି.ଆଇ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ସାଥି ରମଣୀରଞ୍ଜନ ରାଉତରାୟ, ସି.ପି. ଆଇ ଜିଲ୍ଲା ସଂପାଦକ ସାଥି ବିକାଶ ଚନ୍ଦ୍ର ବେଉରା, ସି.ପି.ଏମ୍ ଜିଲ୍ଲା ସଂପାଦକ ସାଥି ଗୟାଧର ଧଳ, ବିଶିଷ୍ଟ ଶ୍ରମିକନେତା ମୁକ୍ତାର ଖାଁ, ଅଧ୍ୟାପକ ଅଜୟ ସାମଲ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ନେତା ସାଥି ବାବାଜୀ ଧଳ, ସି.ଆଇ.ଟି.ୟୁ ନେତା, ସାଥି ଜଗତଜୀବନ ଦାଶ, ସି.ପି.ଆଇର ସହ ସଂପାଦକ ସାଥି ଆଦିକନ୍ଦ ରାଉଳ, ଜିଲ୍ଲା ପରିଷଦ ସଭ୍ୟ ସାଥି ସୀତାକାନ୍ତ ନାୟକ, ସି.ପି.ଏମ୍ ନେତା ସାଥି ନରୋମ ପାର୍ଥସାରଥି ପ୍ରଭୃତି ଯୋଗଦେଇ ବିକ୍ଷୋଭ ସଂଗଠିତ କରିବା ସହିତ ଶିକ୍ଷାମନ୍ତ୍ରୀଙ୍କୁ ଘଂଟ ଘୋଡାଇଥିବା ପ୍ରଧାନମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଦାବି କରିଥିଲେ ।

## ରୋଷେଇ କରୁଥିବାବେଳେ ଟଳି ପଡିଲେ ରୋଷେଇଆ

**ବାରିପଦା, ୨୦।୭ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକର ତଳାପାଡି ସରକାରୀ ସ୍କୁଲରେ ରୋଷେଇଆ ରୋଷେଇ କରୁଥିବା ବେଳେ ଟଳି ପଡ଼ିଲେ। ସୂଚନାଯୋଗ୍ୟ ଜାମଡ଼ିଲା ଗ୍ରାମର ହରିହର ନାଏକ(୫୪) ଏବଂ ତାଙ୍କ ପୁଅ ସହ ମିଶି ତଳାପାଡି ସରକାରୀ ସ୍କୁଲ ହଷ୍ଟେଲରେ ଖିରାବେଳେ ରୋଷେଇ ସାରି ପିଲାମାନଙ୍କୁ ପରଷିବା ପରେ ହଠାତ୍ ଦେହହାତ ଥରିବା ସହ ଝାଳନାଳ ହୋଇ ଗୁରୁତର ଅସୁସ୍ଥତା ଅନୁଭୋଗ କରିଥିଲେ । ତୁରନ୍ତ ତାଙ୍କୁ ନିକଟସ୍ଥ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବିଶୋଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା କେଶ ନମ୍ବର ୨୦/୨୬ ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ହରିହରଙ୍କ ମୃତ୍ୟୁରେ ଗାଁ ଏବଂ ବିଦ୍ୟାଳୟରେଶୋକର ଛାୟା ଖେଳିଯାଇଛି ।

## ମହିଳାଙ୍କ ରହସ୍ୟଜନକ ମୃତ୍ୟୁ

**ଯୋଡ଼ା, ୨୦।୭ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ଅଞ୍ଚଳରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ମହିଳା ହେଲେ ଶାସ୍ତ୍ରୀନଗର ନିବାସୀ ଗୌତମ ଶର୍ମାଙ୍କ ସ୍ତ୍ରୀ ପୁଷ୍ପା ଶର୍ମା (୩୮)।

ପରିବାର ସୂତ୍ରରୁ ପ୍ରକାଶ ଯେ, ପୁଷ୍ପା ସୋମବାର ସକାଳେ ନିତ୍ୟଦିନ ଭଳି ଘରୋଇ କାମ ସାରିଥିଲେ। ପରେ ନିଜ ଝିଅଙ୍କୁ କକାଙ୍କ ଘରକୁ ପଠାଇ ଦେଇଥିଲେ। ସକାଳ ପ୍ରାୟ ୧୦ଟା ସମୟରେ ସେ ଘର ଭିତରେ ରହିଥିବା ବେଳେ ପରିବାର ଲୋକଙ୍କ ସହ ଯୋଗାଯୋଗ ହୋଇନଥିଲା। ଝିଅ ଘର କବାଟ ନିକଟକୁ ଆସି ଡାକିଥିଲେ ମଧ୍ୟ କୌଣସି ଉତ୍ତର ମିଳିନଥିଲା। ଏହାପରେ ସନ୍ଦେହ ହେବାରୁ ପରିବାର ଲୋକେ କବାଟ ଭାଙ୍ଗି ଘର ଭିତରକୁ ପ୍ରବେଶ କରି ଗୁରୁତର ଅବସ୍ଥାରେ ପୁଷ୍ପାଙ୍କୁ ତୁରନ୍ତ ଟାଟା ମେଡିକାଲକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯୋଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି। ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନଥିବା ବେଳେ ପୁଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଚଳାଇଛି।

## ଗୋ ହତ୍ୟା ଅଭିଯୋଗରେ ୨ ଗିରଫ, ୧୫ ଅଟକ



**କୋରାପୁଟ,୨୦।୭(ସଂଚାର ବ୍ୟୁରୋ):** କୋରାପୁଟ ସହରରେ ବେଆଇନ ଭାବେ ଗୋ ହତ୍ୟା ଓ ମାଂସ ଚାଲାଣ ହେଉଥିବା ସୂଚନା ପାଇ ଟାଉନ ଥାନା ପୋଲିସ ରବିବାର ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଥିବାବେଳେ ୧୫ ଜଣଙ୍କୁ ଅଟକ ରଖାଯାଇଥିଲ। ୨ଜଣ ଗିରଫ ଅଭିଯୁକ୍ତ ହେଲେ ହମିଦ ବିବି ଓ ମାଧବ ଭୋଈ। ପୋଲିସ ସୂଚନା ଅନୁସାରେ, ମିଶନ କମ୍ପାଉଣ୍ଡ ଓ ଚିନ୍ଦିରି ଗ୍ରାମ ମଧ୍ୟବର୍ତ୍ତୀ ଅଞ୍ଚଳରେ ଗୋ ହତ୍ୟା ଚାଲିଥିବା ଖବର ପାଇ ଉପନିରୀକ୍ଷକ ମାନସ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୩ଟି ଗୋରୁ କଟାଯାଇଥିବା ଅବସ୍ଥାରେ ଜବତ କରାଯାଇଥିଲା। ଘଟଣା ସମ୍ପର୍କରେ ଟାଉନ ଥାନାରେ ୨ଟି ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ମାଜିଷ୍ଟ୍ରେଟ ଭଗବାନ ନାୟକଙ୍କ ଉପସ୍ଥିତିରେ ଚଢ଼ାଉ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଭେଟେନାରୀ ସର୍ଜନ ଡା. ହିମାଂଶୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଜବତ ହୋଇଥିବା ଗୋରୁର ଅବଶେଷକୁ ନିୟମ ଅନୁଯାୟୀ ପୋତିବା ଓ ପୋଡ଼ି ନଷ୍ଟ କରାଯାଇଥିଲା।

# ଜୀବନସାଥୀ ହେଲେ ଦୁଇ ବିଚାରାଧୀନ କଏଦୀ

**ଜେଲ୍‌ରେ ପଡ଼ିଲା ହାତଗଣ୍ଠି**

**ଠକେଇ ଅଭିଯୋଗରେ ଗିରଫ ହୋଇଛନ୍ତି**



**ବୋରିଗୁମ୍ମା/ଜୟପୁର, ୨୦।୭ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଜୟପୁର ସ୍ୱତନ୍ତ୍ର ଜେଲରେ ୨ ବିଚାରାଧୀନ କଏଦୀ ହିନ୍ଦୁ ରୀତିନୀତିରେ ବିବାହ କରିଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ନୃସିଂହ ପ୍ରସାଦ ଖମାରୀ ଏବଂ ଯୁବତୀ ନିବେଦିତା ତରାଇଙ୍କର ଗିରଫ ପୂର୍ବରୁ ବିବାହ ପାଇଁ ନିର୍ବନ୍ଧ ହୋଇଥିଲା। ଖୋର୍ଦ୍ଧା ଅଞ୍ଚଳରେ ଉଭୟ 'ଲିଭ ଇନ୍'ରେ ଏକାଠି ରହି ଆସୁଥିଲେ। କିନ୍ତୁ ମାଲକାନଗିର ଜିଲ୍ଲାର ବିଭିନ୍ନ ଲ୍ୟାମ୍ପରୁ ଚାଷୀଙ୍କ ଋଣ ଟଙ୍କା ହଡ଼ପ ଏବଂ ଏ ନେଇ ୧ କୋଟି ୮ ଲକ୍ଷ ଟଙ୍କା ହଡପ ଅଭିଯୋଗରେ ସଦର ମହକୁମା କୋରାପୁଟ କେନ୍ଦ୍ରୀୟ ସମବାୟ (କେସିସି) ମ୍ୟାନେଜରଙ୍କୁ ସୁଧାଂଶୁ ଖରାଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ଉକ୍ତ ଟଙ୍କା ମଧ୍ୟରୁ ୬୩ ଲକ୍ଷ ଟଙ୍କା ଅଭିଯୁକ୍ତ। ନୃସିଂହ ଏବଂ ନିବେଦିତାଙ୍କ ୧୨ଟି ଜମାଖାତାକୁ ଅନ୍‌ଲାଇନ ମାଧ୍ୟମରେ ପଠାଇଥିଲେ। ତେଣୁ ଭିଜିଲାନ୍ସ ପକ୍ଷରୁ ଦୁଇ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକ୍ କରାଯାଇ ଗତ

ମେ ୭ ତାରିଖରେ ଖୋର୍ଦ୍ଧାରେ ରହିଥିବା ତାଙ୍କ ଦୋକାନ ଉପରେ ଚଢଉ କରାଯାଇ ଗିରଫ କରି ଜୟପୁର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ହାଜର କରାଯାଇ ଜେଲ ହାଜତକୁ ପଠାଯାଇଥିଲା । ଉଭୟଙ୍କ ନାମରେ ବାଙ୍ଗାଲୁରୁ ପୁଲିସ ସମେତ ଓଡିଶାର ବିଭିନ୍ନ ଜିଲ୍ଲାର ଥାନା ଗୁଡିକରେ ଠକେଇ ମାମଲା ରହିଛି। ଉଭୟ ଏବେ ଜୟପୁର ସ୍ୱତନ୍ତ୍ର ଜେଲରେ ବିଚାରଧୀନ କଏଦୀ ଭାବେ ରହୁଛନ୍ତି। ତେବେ ଉଭୟ ବିବାହ କରିବାକୁ ନିଷ୍ପତ୍ତି ନେବା ପରେ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍, ଜିଲ୍ଲା ପ୍ରଶାସନ ଏବଂ ଜେଲ୍ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ପୁରୋହିତଙ୍କ ଉପସ୍ଥିତିରେ ହିନ୍ଦୁ ରୀତିନୀତିରେ ହୋମଯଜ୍ଞ ସହିତ ବିବାହ ଆୟୋଜନ ହେବା ସହିତ ଭୋଜିଭାତ କରାଯାଇଥିଲା । ମୁଖ୍ୟ ଅତିଥ୍ୟ ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଉପସ୍ଥିତ ଥିଲେ।

ଏହି ଅବସରରେ ଉଭୟ ଯୁବକ ଓ ଯୁବତୀଙ୍କ ପରିବାର ଲୋକଙ୍କ ସମେତ ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, ଜେଲ କର୍ମଚାରୀ ଏବଂ ଅନ୍ତେବାସୀ ଉପସ୍ଥିତ ରହିଥିଲେ। ଜେଲ ଅଧ୍ୟକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ କହିଛନ୍ତି, ଉଭୟ ମେ ମାସରୁ ଏକ ଠକେଇ ନେଇ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇ ଜୟପୁର ସ୍ୱତନ୍ତ୍ର ଜେଲରେ ବିଚାରଧୀନ କଏଦୀ ଭାବେ ରହୁଛନ୍ତି।

## ବର୍ଷା ଜଳରେ ଭାସୁଛି ଢେଙ୍କାନାଳ ସହର



**ଢେଙ୍କାନାଳ, ୨୦।୭ (ସଂଚାର ବ୍ୟୁରୋ):** ଜଳରେ ଭାସୁଛି ଢେଙ୍କାନାଳ ସହର । ସହରର ବିଭିନ୍ନ ୱାର୍ଡରେ ପାଣି ର ସୁଅ ଚାଲିଥିବା ବେଳେ ଗତ ଦୁଇଦିନ ପ୍ରବଳ ବର୍ଷାରେ ପୁଣି ବେହାଲ ସ୍ଥିତି ସୃଷ୍ଟି ହୋଇଛି। ସହରର ମହିଷାପାଟ, କୁମ୍ଭାରସାହି, କଇଁଥପୋଲିଆ, ଦକ୍ଷିଣକାଳୀ, ବନମାଳୀ ପ୍ରସାଦ ହାଟରୋଡ,ଟାଉନ ପ୍ଲାନିଙ୍ଗ ଆଦିରେ ୱର୍ଷା ଜଳ ନର୍ଦ୍ଦମା ଜଳ ମିଶି ରାସ୍ତା ଉପରେ ଜଳାଶୟ ସୃଷ୍ଟି ହୋଇଥିବା ବେଳେ ବିଭିନ୍ନ ଜାଗାରେ ଲୋକମାନେ ଘରୁ ମଧ୍ୟ ବାହାରି ପାରୁନଥିବା ପ୍ରତିକ୍ରିୟା ମିଳିଛି।

ଟାଉନ ପ୍ଲାନିଙ୍ଗର ଜିତେନ୍ଦ୍ର ସାହୁ କହିଛନ୍ତି ଯେ ସେଠାରେ ଡ୍ରେନ୍ ଗୁଡିକ ଆଦୌ ବ୍ୟବସ୍ଥିତ ନୁହେଁ। ଯନ୍ତ୍ରୀ ମାନଙ୍କ ଅଦୁରଦର୍ଶିତା ପାଇଁ ସେଗୁଡିକ ଯେତିକି ଗଭୀର ହେବା କଥା ହୋଇନାହିଁ । ପ୍ରାୟ ଜାଗାରେ କୋଣ ଗୁଡିକ ଇଂରାଜୀ ଏଲ ଆକୃତିର ହୋଇଛି। ଫଳରେ ପାଣି ନିଷ୍କାସନ ଠିକ ଭାବରେ ହୋଇପାରୁନି। ସେହିପରି କୁମ୍ଭାରସାହି ଅଞ୍ଚଳରେ ବର୍ଷା ପାଣିରେ ରାସ୍ତା ଜଣାପଡୁନଥିବା ବେଳେ ସ୍ଥାନୀୟ ବାସିନ୍ଦା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନମାଳୀ ପ୍ରସାଦ ଅଞ୍ଚଳରେ ବର୍ଷା ଜଳ ବଜାର ରାସ୍ତା ଉପରେ ଲହରୀ ଖେଳୁଛି। ଫଳରେ ଖାଲରେ ପଡି ଯାତ୍ରୀ ମାନେ ଆହତ ହେଉଥିବା ଜଣାପଡିଛି।

■ କୋଇଲା ଓ ପାଉଁଶ ପରିବହନ ଉପରେ କଟକଣା

# ୪ ଜିଲ୍ଲା ପାଇଁ ସ୍ଥିର ହେଲା ସମୟ

## ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): କୋଇଲା ଓ ପାଉଁଶ ପରିବହନ କରୁଥିବା ଗାଡ଼ି କାରଣରୁ ୪ଟି ଜିଲ୍ଲାରେ ପ୍ରଦୂଷଣ ଯୋଗୁଁ ଲୋକଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତାରେ ଜାମ୍ ସ୍ଥିତି ଉପୁଜିବା ସହ ପ୍ରଦୂଷଣ ବଢୁଛି। ଏହି ୪ଟି ଜିଲ୍ଲା ହେଉଛି ଅନୁଗୋଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର। ସ୍ଥିତିକୁ ଦୃଷ୍ଟିରେ ରଖି ଏହି ୪ ଜିଲ୍ଲା ପାଇଁ ଯାତାୟାତ ସମୟ ନିର୍ଦ୍ଧାରଣ କରିଛନ୍ତି ଜିଲ୍ଲା ପ୍ରଶାସନ। ଏନେଇ ଆଜି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

କୋଇଲା ଓ ପାଉଁଶ ପରିବହନ କରୁଥିବା ଗାଡ଼ିଗୁଡ଼ିକ କେବଳ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଯାତାୟାତ କରିବ। ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଲୋକ ଯାତାୟାତ କରିବେ। ଏହି ସମୟ ମଧ୍ୟରେ ଦୁଇଚକିଆ, ଚାରିଚକିଆ ଯାନ ସହ ଅତ୍ୟାବଶ୍ୟକୀୟ ସାମଗ୍ରୀ ନେଇ ଆସୁଥିବା ଗାଡ଼ିଗୁଡ଼ିକ ଯାତାୟାତ କରିବ। ଯଦି କୌଣସି କୋଇଲା ଓ ପାଉଁଶ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଯାତାୟାତ କରିବା ଖବର ଆସିବ, ତା'ହେଲେ ଗାଡ଼ି ମାଲିକ ଓ ସମ୍ପୃକ୍ତ କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ସେ କହିଛନ୍ତି ଯେ ଅନୁଗୋଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁରରେ ଓଡ଼ିଶାର ତାପଜ ବିଦ୍ୟୁତ୍ ଉତ୍ପାଦନର ୯୪ ପ୍ରତିଶତ ଉତ୍ପାଦିତ ହୁଏ। ଓପିଜିସି, ଜେଏସଡବ୍ଲ୍ୟୁ ବିଦ୍ୟୁତ୍ ଉତ୍ପାଦନ କରେ। ସେଥିରୁ ବାହାରୁଥିବା ପାଉଁଶ ପରିବହନ ପାଇଁ ଏସଓପି ରହିଛି। କିନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ସମାଧାନ ହୋଇପାରିନାହିଁ। ବଡ଼ ବଡ଼ ଗାଡ଼ି ଯିବାଆସିବା ଯୋଗୁଁ ଅନେକ ସମସ୍ୟା ଉପୁଜୁଥିଲା। ଏହାକୁ ଦୃଷ୍ଟିରେ ରଖି ପାଉଁଶ ପରିବହନ ଓ ଲୋକଙ୍କ ଯାତାୟାତ ସମୟ ଅଲଗା ଅଲଗା ଧାର୍ଯ୍ୟ କରାଯାଇଛି।

# ବିକଶିତ ଓଡ଼ିଶା ପାଇଁ ପିଭିଟିଜିଙ୍କ ବିକାଶ ଅପରିହାର୍ଯ୍ୟ

ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି)ଙ୍କ ଅନ୍ତର୍ଭୁକ୍ତିମୂଳକ ବିକାଶ ଅପରିହାର୍ଯ୍ୟ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ସୋମବାର ଲୋକ ଭବନରେ 'ପିଭିଟିଜିସ୍ ଅଫ ଓଡ଼ିଶା - ୱେ ଆହେଡ୍' ଶୀର୍ଷକ ଏକଦିବସୀୟ ସମ୍ମିଳନୀରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମ୍ମିଳନୀରେ ଓଡ଼ିଶାର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ।



ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି)ଙ୍କ ଅନ୍ତର୍ଭୁକ୍ତିମୂଳକ ଓ ସମ୍ମାନଜନକ ବିକାଶ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ପ୍ରତ୍ୟେକ ନାଗରିକ, ବିଶେଷ କରି ସମାଜର ଦୁର୍ବଳ ବର୍ଗର ଲୋକ ଆତ୍ମବିଶ୍ୱାସ, ସମ୍ମାନ ଓ ସମାନ ସୁଯୋଗ ସହିତ ଅଗ୍ରଗତି କଲେ ହିଁ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ସଫଳ ହୋଇପାରିବ। ପିଭିଟିଜିଙ୍କ ସର୍ବାଙ୍ଗୀନ ବିକାଶ କେବଳ ଏକ ସାମାଜିକ ଦାୟିତ୍ୱ ନୁହେଁ, ବରଂ ଏହା ଏକ ଜାତୀୟ ଆବଶ୍ୟକତା। ସେମାନଙ୍କର ସଶକ୍ତିକରଣ ମାଧ୍ୟମରେ ଓଡ଼ିଶା ଦେଶର ଅନ୍ତର୍ଭୁକ୍ତିମୂଳକ ଓ ସ୍ଥାୟୀ ବିକାଶ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବ। ରାଜ୍ୟର ଅନନ୍ୟ ଜନଜାତି ଐତିହ୍ୟ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ରାଜ୍ୟରେ ଦେଶର ସର୍ବାଧିକ ୧୩ଟି ପିଭିଟିଜି ବର୍ଗ ରହିଛନ୍ତି। ଏହି ଗୋଷ୍ଠୀଗୁଡ଼ିକ ସମୃଦ୍ଧ ପରମ୍ପରା, ପାରମ୍ପରିକ ଜ୍ଞାନ, ଜୀବନ୍ତ କଳା, ସ୍ୱତନ୍ତ୍ର ଭାଷା ଓ ପ୍ରକୃତି ସହ ସମନ୍ୱୟପୂର୍ଣ୍ଣ ଜୀବନଯାପନ ପାଇଁ ପରିଚିତ। ଶିକ୍ଷା, ସ୍ୱାସ୍ଥ୍ୟ, ସ୍ଥାୟୀ ଜୀବିକା ଓ ମୌଳିକ ସୁବିଧାରେ ଉନ୍ନତି ସହ ସେମାନଙ୍କର ସାଂସ୍କୃତିକ ପରିଚୟ ଓ ପାରମ୍ପରିକ ଜୀବନଶୈଳୀର ସଂରକ୍ଷଣ ଉପରେ ସମାନ ଗୁରୁତ୍ୱ ଦିଆଯିବା ଉଚିତ।

ମାଲକାନଗିରି ଜିଲ୍ଲାର ଦିଦାୟୀ ଗୋଷ୍ଠୀର ଚମ୍ପା ରାସପେଦୋଙ୍କ ସଫଳତା ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ସେ ତାଙ୍କ ଗୋଷ୍ଠୀର ପ୍ରଥମ ବାଳିକା ଭାବେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ନାମ ଲେଖାଇଛନ୍ତି। ଏହି ସଫଳତା ଆଶାର ଏକ ପ୍ରତୀକ। ଗୁଣାତ୍ମକ ଶିକ୍ଷା ଓ ସୁଯୋଗ ପାଇଲେ ପିଭିଟିଜି ବର୍ଗର ଯୁବପିଢ଼ି ବିଜ୍ଞାନ, ଚିକିତ୍ସା, ପ୍ରଶାସନ, ଉଦ୍ୟୋଗ, କ୍ରୀଡ଼ା ଓ କଳା କ୍ଷେତ୍ରରେ ସଫଳତା ହାସଲ କରିପାରିବେ ବୋଲି ସେ କହିଛନ୍ତି।

## ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗଙ୍କୁ ସଂରକ୍ଷଣ ଦାବି

ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ରାଜ୍ୟରେ ବିଜେଡି ସରକାର ଗତ ୨୦୨୧ ମସିହାରେ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନରେ ପଛୁଆବର୍ଗମାନଙ୍କୁ ସଂରକ୍ଷଣ କାଟି ଦେଇଥିଲା ସେତେବେଳେ ବିଜେପି ଦଳ ପକ୍ଷରୁ ଘୋର ବିରୋଧ ଓ ନିନ୍ଦା ପ୍ରସ୍ତାବ କରାଯାଇଥିଲା। ବର୍ତ୍ତମାନ ସେହି ବିଜେପି ସରକାରରେ ଅଛନ୍ତି। ମାତ୍ର ଏପର୍ଯ୍ୟନ୍ତ ୨୦୨୭ ତ୍ରିସ୍ତରୀୟ ପଞ୍ଚାୟତ ଓ ସହରାଞ୍ଚଳ




ମ୍ୟୁନିସିପାଲିଟି ଓ ଏନ୍‌ଏସିରେ ପଛୁଆ ବର୍ଗମାନଙ୍କ ପ୍ରତିନିଧିତ୍ୱ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିନାହାନ୍ତି। ଦୁଇ ଦିନ ତଳେ ନବଗଠିତ ୩୫ଟି ମ୍ୟୁନିସିପାଲିଟି ଓ ଏନ୍‌ଏସିର ସଂରକ୍ଷଣରେ ପଛୁଆ ବର୍ଗଙ୍କୁ ନିଆଯାଇନାହିଁ। ଏହାକୁ ସମାଜବାଦୀ ପାର୍ଟି ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟ ସଭାପତି ଶିବ ହାତୀ ନିନ୍ଦା କରିଛନ୍ତି।

ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା ଆୟୋଜିତ

## ପ୍ରଶିକ୍ଷଣ ନେବେ ସଂସ୍କୃତ ଓ ଅର୍ଥଶାସ୍ତ୍ରର ୧୨୦ ପିଜିଟି

ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି। ଶିଶୁପୁରସ୍ଥିତ ଇମେକ୍‌ଠାରେ ସଂସ୍କୃତ ଓ ଅର୍ଥଶାସ୍ତ୍ରର ୧୨୦ ଜଣ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ପ୍ରାଥମିକ ନିର୍ଦ୍ଦେଶକ ବାଳମୁକୁନ୍ଦ ମୀନା, ୟୁନିସେଫର ଫିଲ୍ଡ ଅଫିସ୍ ଚିଫ୍ ପ୍ରଶାନ୍ତ କୁମାର ଦାସ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାଥମିକ ନିର୍ଦ୍ଦେଶକ ବାଳମୁକୁନ୍ଦ ମୀନା ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ତେବେ ଛାତ୍ରଛାତ୍ରୀଙ୍କୁ ଉଚିତ ଦିଗଦର୍ଶନ ଦେବା ଶିକ୍ଷକମାନଙ୍କ କର୍ତ୍ତବ୍ୟ ବୋଲି ସେ କହିଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି




କଟକ, ୨୦।୭(ସଂଚାର ବ୍ୟୁରୋ): କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ୍ କକ୍ଷଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୯୩ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୮୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୬ଗୋଟି ସାମୁହିକ ଅଭିଯୋଗ ରହିଥିବା ବେଳେ ଅଭିଯୋଗ ଶୁଣାଣି ଶିବିରରେ ୩ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସେହିପରି ୩ଜଣଙ୍କୁ ମଧ୍ୟ ରେଡକ୍ରସ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, ପୁଲିସ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ କଟକ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଭତ୍ତା ତଥା ଶିକ୍ଷା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ୧୦ ବାଲି ବୋଝେଇ ହାଇୱା ଜବତ



କଟକ, ୨୦।୭(ସଂଚାର ବ୍ୟୁରୋ): କମିଶନରେଟ୍ ପୁଲିସ ୧୦ଟି ବେଆଇନ ବାଲି ବୋଝେଇ ଗାଡ଼ି ଜବତ କରିଛି। ପରିବହନ ବିରୋଧରେ ଚାଲିଥିବା ଅଭିଯାନରେ ଗତକାଲି ରାତିରେ ୪୨ ମୌଜା ଥାନା ଅନ୍ତର୍ଗତ ଭଗବତୀ ଘାଟରେ ଏକ ବେଆଇନ ବାଲି ପରିବହନର ରାକେଟ ଉପରେ ଚଢ଼ାଉ କରାଯାଇଥିଲା। ସୂଚନା ପାଇବା ପରେ ସଦର ଥାନା ଏବଂ ୪୨ ମୌଜା ଥାନାର କର୍ମଚାରୀମାନେ ୧୦ଟି ହାଇୱା ଗାଡ଼ି ଅଟକାଇଥିଲେ। ଏଥିମଧ୍ୟରୁ ସଦର ଥାନା ଅଞ୍ଚଳରେ ୮ଟି ଗାଡ଼ି ଅଟକାଇ ସଦର ଥାନାକୁ ପଠାଇଥିବା ବେଳେ ୨ ଟି ହାଇୱା ଗାଡ଼ିକୁ ୪୨ ମୌଜା ଥାନା ମଧ୍ୟରେ ଅଟକ ରଖାଯାଇଥିଲା। ଏହି ସମ୍ପର୍କରେ ମାମଲା ରୁଜୁ କରାଯାଇଛି ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

## ନୂତନ ସରକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟରେ ଯୋଗଦାନ



କଟକ, ୨୦।୭ (ସଂଚାର ବ୍ୟୁରୋ): ରାଜ୍ୟ ଜଳସମ୍ପଦ ବିଭାଗ ଅଧୀନରେ ରହିଥିବା କଟକ କ୍ୟାଣ୍ଟନମେଣ୍ଟ ରୋଡ଼ସ୍ଥିତ ମହାନଦୀ ସାଉଥ୍ ଡିଭିଜନରେ ସରକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ସୁଧାଂଶୁ ଶେଖର ନାୟକ ଯୋଗଦେଇଛନ୍ତି। ଏଠାରେ ପୂର୍ବରୁ ଥିବା ଯନ୍ତ୍ରୀ ଶ୍ରୁତକୀର୍ତ୍ତି ବରାଳଙ୍କୁ ତାଙ୍କ ପୂର୍ବ ସ୍ଥାନକୁ ଫେରାଇ ନେବା ପରେ ସରକାରୀ ନିଯୁକ୍ତି କ୍ରମେ ସୁଧାଂଶୁ ଶେଖର ନାୟକଙ୍କୁ ଏଠାରେ ନିଯୁକ୍ତି କରାଯାଇଛି। ଦାୟିତ୍ୱ ନେବାପରେ ସେ ଅଧୀକ୍ଷଣ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରିବା ସହିତ ବର୍ତ୍ତମାନ ବନ୍ୟା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି।

# ରଥଯାତ୍ରା ସୁପରିଚାଳନାରେ ଅସମର୍ଥ ସରକାର: ବିଜେଡି

■ ଦଳାଚକଟା ଘଟଣାକୁ ଚାପି ଦେବାକୁ ଉଦ୍ୟମ

■ ମହାପ୍ରଭୁଙ୍କ ଆଳ ନେଇ ଖସିଯିବାକୁ ଚକ୍ରାନ୍ତ



ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ବିଶ୍ୱପ୍ରସିଦ୍ଧ ପୁରୀର ଘୋଷଯାତ୍ରାକୁ ବିଜେପି ସରକାର ସଠିକ ଭାବେ ପରିଚାଳନା କରି ନ ପାରିବାରୁ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ହୋଇଛି। ଏ ବାବଦରେ ଶଙ୍ଖ ଭବନରେ ବିଜେଡି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାରକୁ ସମ୍ପୂର୍ଣ୍ଣ ଭାବେ ଦାୟୀ କରିଛନ୍ତି ବିଜେଡିର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି।

ଉପସଭାପତି ଶ୍ରୀ ଦାସବର୍ମା କହିଛନ୍ତି ଯେ ରଥଯାତ୍ରାରେ ଏହିପରି ଅଘଟଣ ଘଟିବା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନକୁ ମର୍ମାହତ କରିଛି। ବିଜେଡି ପକ୍ଷରୁ ଉକ୍ତ ସମ୍ବେଦନଶୀଳ ଘଟଣାକୁ ନେଇ ଦୁଃଖ ପ୍ରକାଶ କରାଯାଇଛି। କିନ୍ତୁ ଏହା ପରେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଉକ୍ତ ଘଟଣାକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜ୍ୟବାସୀଙ୍କୁ ମିଥ୍ୟା କହିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀ କହିଲେ ଯେ ଦଳାଚକଟା ଯୋଗୁଁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇନାହିଁ। ଜଣକୁ ହୃଦ୍‌ଘାତ ଓ ଅନ୍ୟ ଜଣଙ୍କ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଛନ୍ତି, ଯାହାକି ସମ୍ପୂର୍ଣ୍ଣ ମିଛ। ରଥଯାତ୍ରା ସମୟରେ କ'ଣ ଘଟିଲା ତାହାକୁ ରାଜ୍ୟ ସରକାର ସାର୍ବଜନୀନ କରୁନାହାଁନ୍ତି। ଦଳାଚକଟାରେ କେତେ ଜଣ ମୃତ୍ୟୁ ଓ କେତେ ଜଣ ଆହତ ହୋଇଛନ୍ତି, ସେ ବାବଦରେ କୌଣସି ସରକାରୀ ତଥ୍ୟ ପ୍ରଦାନ କରାଯାଇନାହିଁ। ଉକ୍ତ ଘଟଣାକୁ ମିଳିମିଶି ଚାପି ଦେବାକୁ ବିଜେପି ସରକାର ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟ ସରକାର ଓ ପ୍ରଶାସନିକ ଅଧିକାରୀଙ୍କ କଥାରେ ତାଳମେଳ ରହୁନାହିଁ। ଦଳାଚକଟା ହୋଇ ୪ ଜଣ ଅତି ଗୁରୁତର ଅବସ୍ଥାରେ ପୁରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ସେଥି ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇଛି। ଏଥିସହ ୩୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି ବୋଲି ସିଡିଏମଓ ଘୋଷଣା କରିଥିଲେ। କିନ୍ତୁ ପର୍ଯ୍ୟାୟ କ୍ରମେ ୨ଜଣଙ୍କର ମୃତ୍ୟୁ ହୋଇଛି ବୋଲି ରାଜ୍ୟ ସରକାର କହିଥିଲେ। ଅନ୍ୟ ଜଣକଙ୍କ ମୃତ୍ୟୁ ବାବଦରେ ସରକାର ସୂଚନା ପ୍ରଦାନ ନ କରି ନିରବ ରହିଛନ୍ତି।

## 'ସଂସଦ ଚଲୋ' ସମର୍ଥନରେ ଏଆଇଡିଏସଓର ଶୋଭାଯାତ୍ରା

କଟକ,୨୦।୭ (ସଂଚାର ବ୍ୟୁରୋ): ସୋମବାର ଦିଲ୍ଲୀରେ ଚାଲିଥିବା 'ସଂସଦ ଚଲୋ' ସମର୍ଥନରେ ତଥା ସୋନମ ୱାଙ୍ଗଚୁକଙ୍କୁ ଜବରଦସ୍ତ ଉଠେଇ ନେବା ବିରୁଦ୍ଧରେ ଏଆଇଡିଏସଓ କଟକ ଜିଲ୍ଲା କମିଟି ପକ୍ଷରୁ ନେତାଜୀ ପ୍ରତିମୂର୍ତ୍ତିଠାରୁ ରାଣୀହାଟ କ୍ଲକ ଟାୱାର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋନମ ୱାଙ୍ଗଚୁକଙ୍କ ସମେତ ସମସ୍ତ ଅନଶନକାରୀଙ୍କ ସହିତ ଗଣତାନ୍ତ୍ରିକ ଉପାୟରେ ଆଲୋଚନା କରିବା, ଏନଟିଏକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ପାଇଁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଏହି ଶୋଭାଯାତ୍ରାରେ ଏଆଇଡିଏସଓ ରାଜ୍ୟ ପରିଷଦର ଉପସଭାପତି ଭଗ୍ୟରବି ଦାସ, ସଂଗଠନର କଟକ ଜିଲ୍ଲା କମିଟି ସଭାପତି ଇଶା ଧର, ଉପ-ସଭାପତି ଶିବାନୀ ସାହୁ, ସମ୍ପାଦକ ମଣ୍ଡଳୀ ସଦସ୍ୟ ଶୁଭସ୍ମିତା ସାହୁ ପ୍ରମୁଖ ନେତୃତ୍ୱ ଯୋଗ ଦେଇଥିଲେ।

# ରୋଟାରୀ କ୍ଲବ ଖାରବେଳ କଳିଙ୍ଗନଗରର ପ୍ରତିଷ୍ଠା ଉତ୍ସବ



ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ରୋଟାରୀ କ୍ଲବ ଖାରବେଳ କଳିଙ୍ଗନଗର, ଭୁବନେଶ୍ୱରର ୧୦ମ ପ୍ରତିଷ୍ଠା ଉତ୍ସବ ଆଜି ଜୟଦେବ ବାଟିକାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଡା. କେସି ସ୍ୱାଇଁ ସମସ୍ତ ଅତିଥି, ରୋଟାରିଆନ ଓ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ରୋଟାରୀ ଇଣ୍ଟରନ୍ୟାସନାଲ ଜିଲ୍ଲା- ୩୨୬୨ର ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ଅନିଲ କୁମାର ସାମଲ ମୁଖ୍ୟ ଅତିଥି, ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ଶିବବ୍ରତ ଦାଶ ସମ୍ମାନିତ ଅତିଥି ଓ ସହକାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ଅମିୟବାଳା ପରିଡ଼ା ଅତିଥି ଭାବେ ଯୋଗଦେଇଥିଲେ। ବିଦାୟୀ ସଭାପତି ରୋଟାରିଆନ ଦିଲ୍ଲୀପ କୁମାର ଜେନା ୨୦୨୫-୨୬ ବର୍ଷରେ କ୍ଲବ ଦ୍ୱାରା ସ୍ୱାସ୍ଥ୍ୟ, ପରିବେଶ, ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କରାଯାଇଥିବା ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ନବନିଯୁକ୍ତ ସଭାପତି ରୋଟାରିଆନ ପିଏସ୍‌ଏନ୍ ପାତ୍ର ଓ ସମ୍ପାଦକ ରୋଟାରିଆନ କେକେ ରାଓ ୨୦୨୬- ୨୭ ବର୍ଷ ପାଇଁ କ୍ଲବ୍‌ର ବିସ୍ତୃତ କାର୍ଯ୍ୟଯୋଜନା ଉପସ୍ଥାପନ କରି ସ୍ୱାସ୍ଥ୍ୟ, ଯୁବ ବିକାଶ, ପରିବେଶ ସୁରକ୍ଷା, ଶାନ୍ତି ପ୍ରତିଷ୍ଠା ଓ ସମାଜର ଦୁର୍ବଳ ବର୍ଗର କଲ୍ୟାଣ ପାଇଁ ନୂତନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଇଏମ୍‌ଏସ୍ ଓ ସମ୍ ହସ୍ପିଟାଲ ଓ ଏମ୍‌ସ ଭୁବନେଶ୍ୱରର ବିଶିଷ୍ଟ ଚିକିତ୍ସକ ଡା. ପୁଷ୍ପରାଜ ସାମନ୍ତସିଂହାର, ଡା. ସନ୍ତୋଷ ସ୍ୱାଇଁ, ଡା. ସମୀର ସାହୁ, ଡା. ଜିତେନ୍ଦ୍ର ସେନାପତି, ଡା. ଈଶ୍ୱର ଚନ୍ଦ୍ର ବେହେରା ଓ ଡା. ସତ୍ୟସୁନ୍ଦର ମହାପାତ୍ରଙ୍କୁ ମାନବ ସେବା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସେମାନଙ୍କର ଅସାଧାରଣ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

# ରଥଯାତ୍ରା: ନକଲି ପାସ୍‌ଧାରୀଙ୍କ ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନ

ପୁରୀ,୨୦।୭(ସଂଚାର ବ୍ୟୁରୋ): ରଥଯାତ୍ରା ୨୦୨୬ ଅବସରରେ ବିଭିନ୍ନ ସେବା, ସୁରକ୍ଷା ଓ ପ୍ରଶାସନିକ କାର୍ଯ୍ୟ ସୁଚାରୁରୂପେ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଧିକୃତ କର୍ମଚାରୀ, ସେବାୟତ, ବିଭିନ୍ନ ବିଭାଗର ଅଧିକାରୀ, ଏନଜିଓ ପ୍ରତିନିଧି ଓ ଅନ୍ୟ ଅନୁମୋଦିତ ବ୍ୟକ୍ତିମାନଙ୍କୁ ପାସ୍ ପ୍ରଦାନ କରାଯାଇଛି। ଏହି ପାସ୍‌ଗୁଡ଼ିକର ଯାଞ୍ଚ ପାଇଁ ପୁରୀ ପୁଲିସ




ପକ୍ଷରୁ ସମସ୍ତ ପ୍ରବେଶ ପଏଣ୍ଟରେ କଡ଼ା ଯାଞ୍ଚ ବ୍ୟବସ୍ଥା କରାଯାଇଛି। ଯାଞ୍ଚ ସମୟରେ କିଛି ବ୍ୟକ୍ତି ନକଲି ପାସ୍ ବ୍ୟବହାର କରି ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ବେଳେ ସେଗୁଡ଼ିକୁ ଜବତ କରାଯାଇଛି। ଏଭଳି ନକଲି ପାସ୍ ପ୍ରସ୍ତୁତ, ବ୍ୟବହାର କିମ୍ବା ଏହାର ଅପବ୍ୟବହାର ସହ ଜଡିତ ବ୍ୟକ୍ତିମାନଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଏବଂ ତଦନ୍ତ ଜାରି ରହିଛି। ପୁରୀ ପୁଲିସ ସମସ୍ତଙ୍କୁ ଅନୁରୋଧ କରୁଛି ଯେ କେବଳ ବୈଧ ଓ ଅଧିକୃତ ପାସ୍ ବ୍ୟବହାର କରନ୍ତୁ। ନକଲି ପାସ୍ ବ୍ୟବହାର କିମ୍ବା ଏହା ପ୍ରସ୍ତୁତ/ଯୋଗାଣରେ ସମ୍ପୃକ୍ତ ହେଲେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ।

# ପ୍ରକଳ୍ପ 'ସହଯୋଗ' ଜରିଆରେ ସମ୍ପ୍ରଦାୟକୁ ବେଦାନ୍ତର ସମୟୋଚିତ ସହାୟତା

ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ପ୍ରକଳ୍ପ ସହଯୋଗ ମାଧ୍ୟମରେ ଅନ୍ତର୍ଭୁକ୍ତ ଗୋଷ୍ଠୀ ବିକାଶକୁ ଆଗେଇ ନେଉଛି, ଯାହା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ପରିବାରକୁ ଗୁରୁତ୍ୱପୂର୍ଣ୍ଣ ସମୟରେ ସମୟୋଚିତ ସହାୟତା ପ୍ରଦାନ କରିଆସିଛି। ବିବାହ ଓ ମୃତ୍ୟୁ ପରବର୍ତ୍ତୀ ରୀତିନୀତି ପାଇଁ ସହାୟତା ମାଧ୍ୟମରେ ଏହି ପଦକ୍ଷେପ ଆର୍ଥିକ ବୋଝକୁ ହ୍ରାସ କରିବାରେ ସାହାଯ୍ୟ କରେ ଓ ପରିବାରକୁ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଏବଂ ସାଂସ୍କୃତିକ ଦାୟିତ୍ୱକୁ ମର୍ଯ୍ୟାଦା ସହ ପୂରଣ କରିବାରେ ସକ୍ଷମ କରୁଛି। ପ୍ରକଳ୍ପ ସହଯୋଗ ଆରମ୍ଭ ହେବା ପରଠାରୁ ଲାଞ୍ଜିଗଡ଼ର ବିଭିନ୍ନ ସମ୍ପ୍ରଦାୟର ୫୮ଟି ପରିବାରକୁ ସହାୟତା ପ୍ରଦାନ କରିଛି, ଯେଉଁଥିରେ ୩୭ଟି ପରିବାରକୁ ମୃତ୍ୟୁ ପରବର୍ତ୍ତୀ ସହାୟତା ଓ ୨୧ଟି ପରିବାରକୁ ଝିଅ ବିବାହ ସହାୟତା ପ୍ରଦାନ କରିଛନ୍ତି। ଆର୍ଥିକ



ସଙ୍କଟ ସମୟରେ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରି ଏହି ପଦକ୍ଷେପ ଦୁର୍ବଳ ପରିବାରଗୁଡ଼ିକ ପାଇଁ ଏକ ସୁରକ୍ଷା ପ୍ରଦାନ କରିଥାଏ, ଯାହା ସେମାନଙ୍କୁ ଅଧିକ ଆତ୍ମବିଶ୍ୱାସ ଓ ସୁରକ୍ଷା ସହ ଦୁଃଖଦ ସମୟରେ ପରିବାରର ପରିଚାଳନାରେ ସାହାଯ୍ୟ କରିଥାଏ। ଏହି ପଦକ୍ଷେପ ବିଷୟରେ ଭିଏଏମ୍‌ଏଲ୍, ଲାଞ୍ଜିଗଡ ଆଲୁମିନା ବିଜନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଅର୍ଥପୂର୍ଣ୍ଣ ଗୋଷ୍ଠୀ ବିକାଶ ଭିତ୍ତିଭୂମି ଓ ଜୀବିକା ନିର୍ବାହ ମଧ୍ୟ ଲୋକଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଆହ୍ୱାନପୂର୍ଣ୍ଣ ମୁହୂର୍ତ୍ତରେ ସେମାନଙ୍କ ସହ ଛିଡ଼ା ହେଉଛି। ପ୍ରକଳ୍ପ ସହଯୋଗ ମାଧ୍ୟମରେ ଆମେ ଯେଉଁଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି ସେଠାରେ ସହାୟତା ପ୍ରଦାନ କରୁଛୁ, ପରିବାରଗୁଡ଼ିକୁ ମର୍ଯ୍ୟାଦାର ସହ ଏଗୁଡ଼ିକୁ ପରିଚାଳନା କରିବାରେ ସାହାଯ୍ୟ କରିବା ସହ ଆମେ ସେବା କରୁଥିବା ସମ୍ପ୍ରଦାୟଗୁଡ଼ିକ ସହ ଆମର ସ୍ଥାୟୀ ଭାଗିଦାରୀକୁ ମଜବୁତ କରୁଛୁ। ଏହି କାର୍ଯ୍ୟକ୍ରମ ଅଧୀନରେ ମିଳିଥିବା ସହଯୋଗକୁ ପ୍ରଶଂସା କରି ବିବାହ ସହାୟତା କାର୍ଯ୍ୟକ୍ରମର ଜଣେ ହିତାଧିକାରୀ ପ୍ରେମଲତା ହରିଜନ କହିଛନ୍ତି ଯେ ପ୍ରକଳ୍ପ ସହଯୋଗ ମୋ ବିବାହର ଠିକ ସମୟରେ ସମର୍ଥନ ପ୍ରଦାନ କରିଥିଲା ଓ ମୋ ପରିବାର ଉପରେ ଆର୍ଥିକ ବୋଝକୁ ହ୍ରାସ କରିବାରେ ସାହାଯ୍ୟ କରିଥିଲା। ଏହି ପଦକ୍ଷେପ ଆମ ସମ୍ପ୍ରଦାୟକୁ ସମର୍ଥନ କରିଥିବାରୁ ମୁଁ ବେଦାନ୍ତ ଆଲୁମିନିୟମକୁ ଧନ୍ୟବାଦ ଜଣାଉଛି।

## ପୌର-ପଞ୍ଚାୟତ ନିର୍ବାଚନ

# ପଛୁଆବର୍ଗ ଓ ମହିଳାଙ୍କ ସଂରକ୍ଷଣ ବଢ଼ିପାରେ

ଭୁବନେଶ୍ୱର, ୨୦।୭ (ସଂଚାର ବ୍ୟୁରୋ): ଆସନ୍ତାବର୍ଷ ଓଡ଼ିଶାରେ ପୌର ଓ ପଞ୍ଚାୟତ ନିର୍ବାଚନ ହେବା ସମ୍ଭାବନା ଥିବା ପରିପ୍ରେକ୍ଷୀରେ ପଛୁଆବର୍ଗ (ଏସ୍‌ଇବିସି)ଙ୍କୁ କେତେ ପ୍ରତିଶତ ସଂରକ୍ଷଣ ମିଳିବ, ସେଥିନେଇ ବିଭିନ୍ନ ମହଲରେ ଜୋରଦାର ଚର୍ଚ୍ଚା ଚାଲିଛି।

ଏବେ ପଞ୍ଚାୟତ ଓ ପୌର ସଂସ୍ଥା ଉପରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ୩୮.୭୫ ପ୍ରତିଶତ ଆସନ ସଂରକ୍ଷିତ ଥିବା ବେଳେ ଏସ୍‌ଇବିସିଙ୍କ ଲାଗି ୧୧.୨୫ ପ୍ରତିଶତ ବ୍ୟବସ୍ଥା ଅଛି। ଅତୀତରେ ବିଜେଡି ସରକାର ସମୟରେ ପଞ୍ଚାୟତ ଓ ପୌର ନିର୍ବାଚନରେ ଏସ୍‌ଇବିସିଙ୍କ ଲାଗି ୨୭ ପ୍ରତିଶଣତ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। ତେବେ ଏହା ଆଇନ୍ ଅଦାଲତରେ କାଟ୍ ଖାଇବା ପରେ ସରକାର ପୁଣି ଏହି ବର୍ଗଙ୍କ ପାଇଁ ସଂରକ୍ଷଣକୁ ୧୧.୨୫ ପ୍ରତିଶତକୁ ହ୍ରାସ କରିଛନ୍ତି।

ଓଡ଼ିଶାରେ ବିଜେଡି-ବିଜେପି ମେଣ୍ଟ ସରକାର



ଥିବା ସମୟରେ ସରକାରୀ ଚାକିରି କ୍ଷେତ୍ରରେ ଏସ୍‌ଇବିସି ବର୍ଗଙ୍କ ଲାଗି ସଂରକ୍ଷଣ ସୀମା ୨୭ ପ୍ରତିଶତକୁ ବଢ଼ାଯାଇଥିଲା। ତେବେ ଅମର ଛାଟୋଇ ମାମଲାରେ ଅଦାଲତି ଛାଟ ବାଜିବା ପରେ ସରକାର ତାହାକୁ ପୁଣି ୧୧.୨୫ ପ୍ରତିଶତକୁ ହ୍ରାସ କରି ସଂରକ୍ଷଣକୁ ୫୦ ପ୍ରତିଶତରେ ସୀମିତ ରଖିବାକୁ ବାଧ୍ୟ ହୋଇଥିଲେ। ଏଠାରେ ଉଲ୍ଲେଖନୀୟ ଯେ ବିଜୁ ପଟ୍ଟନାୟକଙ୍କ ସରକାର ସମୟରେ ଏସ୍‌ଇବିସିଙ୍କ ପାଇଁ ଚାକିରି କ୍ଷେତ୍ରରେ ସଂରକ୍ଷଣ ପ୍ରଥମେ ୧୧.୨୫ ପ୍ରତିଶତ ଥିଲା ଏବଂ ପରେ ଏହା ୨୭ ପ୍ରତିଶତକୁ ବଢ଼ାଯାଇଥିଲେ ବି ତାହା ଅଦାଲତରେ କାଟ୍ ଖାଇଯାଇଥିଲା। ସେ ସମୟରେ ମହିଳାମାନଙ୍କ ପାଇଁ ଚାକିରି ଓ ପୌର ଓ ପଞ୍ଚାୟତ ନିର୍ବାଚନରେ ଏକ-ତୃତୀୟାଂଶ ଆସନ ସଂରକ୍ଷିତ ରଖାଯାଇଥିଲା। ପରବର୍ତ୍ତୀ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ କାଳରେ ପଞ୍ଚାୟତ ଓ ପୌର ସଂସ୍ଥାରେ ମହିଳାଙ୍କ ଲାଗି ସଂରକ୍ଷଣ ୫୦ ପ୍ରତିଶତକୁ ବଢ଼ାଯାଇଥିଲା।

ପ୍ରଚଳିତ ପ୍ରଥା ମୁତାବକ କେଉଁ ବର୍ଗଙ୍କ ପାଇଁ କେତେ ପ୍ରତିଶତ ଆସନ ପୌର ଓ ପଞ୍ଚାୟତ ନିର୍ବାଚନରେ ସଂରକ୍ଷିତ ରହିବ ତାହା ସ୍ଥିର ହେବା ପରେ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷ/ଉପାଧ୍ୟକ୍ଷ ପଦବୀଗୁଡ଼ିକ ଭିତରୁ କାହାକୁ କେଉଁ ବର୍ଗ ପାଇଁ ସଂରକ୍ଷିତ ରଖାଯିବ ତାହା ସ୍ଥିର ହୋଇନାହିଁ।

ଏବେ ନିର୍ବାଚନ ପାଖେଇ ଆସୁଥିବା ପରିପ୍ରେକ୍ଷୀରେ ସଂରକ୍ଷଣ କାରଣରୁ ବହୁ ନିର୍ବାଚିତ ପୌର ଓ ପଞ୍ଚାୟତ ପ୍ରତିନିଧି ସେମାନଙ୍କ ଆସନ ହରାଇବାର ଆଶଙ୍କା ରହିଛି। ଏଣୁ ଏବେଠାରୁ ନିରାପଦ ଆସନ ଲାଗି ସୁବିଧାଜନକ ସଂରକ୍ଷଣ ବ୍ୟବସ୍ଥା ଲାଗି ରାଜନୈତିକ ସ୍ତରରେ ଜୋରଦାର ଚେଷ୍ଟା ଗାଁରୁ ସହର ପର୍ଯ୍ୟନ୍ତ ଚାଲୁଥିବା ଲକ୍ଷ୍ୟ କରାଯାଇଛି। ରାଜ୍ୟ ସରକାର ଓଡ଼ିଶାରେ ପୌର ଓ ପଞ୍ଚାୟତ ନିର୍ବାଚନରେ ଏସ୍‌ଇବିସିଙ୍କ ପାଇଁ ବର୍ତ୍ତମାନ ଭଳି ୧୧.୨୫ ପ୍ରତିଶତ ଆସନ ସଂରକ୍ଷିତ ରଖିବେ କିମ୍ବା ଏହାକୁ ୨୭ ପ୍ରତିଶତକୁ ବଢ଼ାଇବେ, ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଜନଗଣନା ଶେଷ ହେବା ପରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ବିଚାରପତି ରଘୁନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଗଢ଼ାଯାଇଥିବା ରାଜ୍ୟ ପଛୁଆବର୍ଗ କମିଶନ ଯେଉଁ ରିପୋର୍ଟ ଦେଇଥିଲେ, ତାହା ଉପରେ କେବେ କିଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସେଥିନେଇ ମଧ୍ୟ କିଛି ସ୍ପଷ୍ଟ ସୂଚନା ମିଳୁନାହିଁ। (ତଥ୍ୟ)

## କେଜିବିଭି ୱାର୍ଡେନଙ୍କ ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): କେଜିବିଭି ୱାର୍ଡେନଙ୍କ ନିମନ୍ତେ ଆଞ୍ଚଳିକ ଶିକ୍ଷା ଅନୁଷ୍ଠାନଠାରେ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଜାତୀୟ ଶିକ୍ଷା ଯୋଜନା ଏବଂ ପ୍ରଶାସନ ପ୍ରତିଷ୍ଠାନ, ନୂଆଦିଲ୍ଲୀ ଓ ଓସେପାର ମିଳିତ ସହଯୋଗରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଓସେପାର ଅତିରିକ୍ତ ନିର୍ଦ୍ଦେଶିକା ସଙ୍ଗୀତା ବେହେରା ଯୋଗଦେଇ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ର ୱାର୍ଡେନମାନଙ୍କୁ ଦକ୍ଷ, ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଥିଲେ। କେଜିବିଭିକୁ ଏକ ନିରାପଦ, ଶୃଙ୍ଖଳିତ, ଛାତ୍ରୀ-ଅନୁକୂଳ ଓ ଉଚ୍ଚମାନର ଆବାସିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ୱାର୍ଡେନମାନଙ୍କୁ ସକ୍ଷମ କରିବା ଏହି କର୍ମଶାଳାର ମୁଖ୍ୟ ଆଭିମୁଖ୍ୟ ବୋଲି ଶ୍ରୀମତୀ ବେହେରା କହିଛନ୍ତି।

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ସମ୍ପାଦକୀୟ

SANCHAR
ସଂଚାର

ମଙ୍ଗଳବାର ୨୧ ଜୁଲାଇ ୨୦୨୬, ଭୁବନେଶ୍ୱର
Tuesday 21 July 2026, Bhubaneswar



# ଅଦୃଶ୍ୟ ନେତାଙ୍କ ହାତରେ ଭବିଷ୍ୟତ



ଇରାନର ରାଜନୈତିକ ଓ ଧାର୍ମିକ ଜଗତ ଉପରେ ଏକ ଅସ୍ଥିରତା ଓ ଅନିଶ୍ଚୟତାର ମେଘ ଘାରିଛି। ଆୟାତୋଲ୍ଲା ଅଲୀ ଖାମେନିଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ମୋଜିତବା ଖାମେନି ସର୍ବୋଚ୍ଚ ନେତା ଭାବେ ନିଯୁକ୍ତ ହୋଇଥିଲେ ମଧ୍ୟ, ତାଙ୍କ ଅବସ୍ଥାନ ନେଇ ବିଶ୍ୱବ୍ୟାପୀ ସସ୍ପେନ୍ସ ବଢ଼ୁଛି। ସେ କି ଇରାନ ଭିତରେ ଅଛନ୍ତି ନା ବାହାରେ ଲୁଚି ରହିଛନ୍ତି? ଏହି ପ୍ରଶ୍ନ ଇରାନୀୟ ଜନତାଙ୍କ ମନରେ ଯେମିତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫେବୃଆରୀ ୨୮, ୨୦୨୬ ରେ ଯୁକ୍ତରାଷ୍ଟ୍ର ଓ ଇସ୍ରାଏଲ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଅଲ୍ଲୀ ଖାମେନିଙ୍କ ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣରେ ମୋଜତବା ମଧ୍ୟ ଗୁରୁତର ଆହତ ହୋଇଥିଲେ ବୋଲି ଖବର ପ୍ରକାଶ ପାଇଥିଲା। ତାଙ୍କ ମୁଖମଣ୍ଡଳ ଓ ଶରୀରରେ ଗଭୀର ଆଘାତ ଲାଗିଥିବାରୁ ସେ ଜନସମକ୍ଷକୁ ଆସିପାରୁ ନାହାନ୍ତି ବୋଲି ଇରାନ ସରକାରୀ ସୂତ୍ର କହୁଛନ୍ତି। କିନ୍ତୁ ଏହା ସତ୍ୟ କି ନୁହେଁ, ତାହା ମଧ୍ୟ ସନ୍ଦେହ ଭିତରେ।

ଜୁଲାଇ ୨୦୨୬ରେ ଅଲ୍ଲୀ ଖାମେନିଙ୍କ ଅନ୍ତିମ କ୍ରିୟା ସମୟରେ ମୋଜିତବା ଖାମେନିଙ୍କ ଅନୁପସ୍ଥିତି ସମଗ୍ର ଇରାନ ଓ ବିଶ୍ୱକୁ ଚକିତ କରିଛି। ମାଶାଦର ଇମାମ ରେଜା ମନ୍ଦିରରେ ଅନ୍ତିମ ସଂସ୍କାର ସମୟରେ ଲକ୍ଷ ଲକ୍ଷ ଲୋକ ଉପସ୍ଥିତ ଥିଲେ, କିନ୍ତୁ ନୂତନ ସର୍ବୋଚ୍ଚ ନେତାଙ୍କ କୌଣସି ଫଟୋ, ଭିଡିଓ କିମ୍ବା ସ୍ୱର ରେକର୍ଡିଂ ପ୍ରକାଶ ପାଇଲା ନାହିଁ। କେବଳ ଲିଖିତ ବିବୃତ୍ତି ଆସୁଛି, ଯାହା ଇରାନ ବିପ୍ଳବୀ ଗାର୍ଡ୍ସ (ଆଇଆରଜିସି) ଅଧିକାରୀମାନେ ପ୍ରସ୍ତୁତ କରୁଥିବାରୁ ଅନୁମାନ କରାଯାଉଛି। ସାଉଦି ମିଡିଆ ଆଲ୍-ହାଦାଥ ଏକ ଇସ୍ରାଏଲୀ ସୁରକ୍ଷା ସୂତ୍ର ଉଦ୍ଧୃତ କରି କହିଛି ଯେ ମୋଜିତବା ଖାମେନି ଇରାନ ବାହାରେ ଅଛନ୍ତି। ଏହି ଦାବି ଯଦି ସତ୍ୟ ହୁଏ, ତେବେ ଇରାନର ନେତୃତ୍ୱ ଗଠନ ଓ ଯୁଦ୍ଧ ପରିସ୍ଥିତିରେ ଏହା ଗଭୀର ପ୍ରଭାବ ପକାଇପାରେ।

ଏହି ସସ୍ପେନ୍ସ ଇରାନର ଆଭ୍ୟନ୍ତରୀଣ ସୁରକ୍ଷା ଓ ସ୍ଥିରତା ଉପରେ ପ୍ରଶ୍ନ ଉଠାଉଛି। ଅଲୀ ଖାମେନିଙ୍କ ଶାସନ କାଳରେ ଇରାନ ଏକ ଦୃଢ଼ ନେତୃତ୍ୱ ଦେଖାଇଥିଲା, କିନ୍ତୁ ମୋଜିତବାଙ୍କ ଅନୁପସ୍ଥିତି ଫଳରେ କ୍ଷମତା ଶୂନ୍ୟତା ସୃଷ୍ଟି ହୋଇଛି। ଆଇଆରଜିସି ଓ ଧାର୍ମିକ ନେତାମାନେ ପଛରୁ ନିୟନ୍ତ୍ରଣ କରୁଥିବାରୁ ଅନୁମାନ କରାଯାଉଛି। ଇରାନର ଅର୍ଥନୀତି ଯୁଦ୍ଧ ଫଳରେ ଧ୍ୱଂସପ୍ରାୟ, ଜନସାଧାରଣ ଅସ୍ଥିର, ଓ ଆନ୍ତର୍ଜାତିକ ଚାପ ମଧ୍ୟ ବଢ଼ିବାରେ ଲାଗିଛି। ଯଦି ନୂତନ ନେତା ଲୋକଙ୍କ ସାମ୍ନାକୁ ଆସି ନ ପାରନ୍ତି, ତେବେ ଶାସନ ପ୍ରତି ବିଶ୍ୱାସ ହ୍ରାସ ପାଇବ ଓ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି।

ଏହି ପରିସ୍ଥିତି ମଧ୍ୟପ୍ରାଚ୍ୟର ଭୂ-ରାଜନୀତିକୁ ପ୍ରଭାବିତ କରୁଛି। ଯୁକ୍ତରାଷ୍ଟ୍ର ଓ ଇସ୍ରାଏଲ ସହ ଯୁଦ୍ଧ ପରେ ଯୁଦ୍ଧ-ବିରତି ହୋଇଥିଲେ ମଧ୍ୟ ଉତ୍ତେଜନା ବଜାୟ ରହିଛି। ମୋଜିତବା ଖାମେନିଙ୍କ ଲିଖିତ ବିବୃତ୍ତିରେ ପିତାଙ୍କ ହତ୍ୟାର ପ୍ରତିଶୋଧ ନେବାର ପ୍ରତିଶ୍ରୁତି ଦିଆଯାଇଛି, କିନ୍ତୁ ଏହାର ବାସ୍ତବ କାର୍ଯ୍ୟକାରିତା ନେଇ ସନ୍ଦେହ ରହିଛି। ଯଦି ସେ ଇରାନ ବାହାରେ ଥାଆନ୍ତି, ତେବେ ଏହା ଇରାନର ସୁରକ୍ଷା ଓ ନେତୃତ୍ୱ କ୍ଷମତା ଉପରେ ପ୍ରଶ୍ନ ଉଠାଉଛି। ଅପରପକ୍ଷରେ, ଯଦି ସେ ଆହତ ହୋଇ ଲୁଚି ରହିଛନ୍ତି, ତେବେ ଏହା ଇରାନର ଆଭ୍ୟନ୍ତରୀଣ ଦୁର୍ବଳତାକୁ ପ୍ରକାଶ କରୁଛି। ଇରାନର ଇତିହାସ ଦେଖିଲେ ଏହି ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼। ୧୯୭୯ ବିପ୍ଳବ ପରେ ଖୋମେନି ଓ ଅଲ୍ଲୀ ଖାମେନିଙ୍କ ଶାସନ ଇରାନକୁ ଏକ ଧାର୍ମିକ ରାଜ୍ୟ କରିଥିଲା। ମୋଜିତବାଙ୍କ ଯୁଗ କେମିତି ହେବ ତାହା ଏବେ ଅନିଶ୍ଚିତ। ଜନସାଧାରଣ ମଧ୍ୟରେ ଅସନ୍ତୋଷ ବଢ଼ୁଛି, ଅର୍ଥନୈତିକ ସଙ୍କଟ ଗମ୍ଭୀର ହେଉଛି। ଏହି ସମୟରେ ଏକ ଦୃଢ଼ ନେତୃତ୍ୱ ଆବଶ୍ୟକ, କିନ୍ତୁ ଅଦୃଶ୍ୟ ନେତା ଏହାକୁ ବାଧା ଦେଉଛି। ଅନ୍ତର୍ଜାତିକ ସମ୍ପର୍କର ଦୃଷ୍ଟିରୁ ଏହା ଏକ ଚ୍ୟାଲେଞ୍ଜ। ପାଶ୍ଚାତ୍ୟ ଦେଶମାନେ ଇରାନର ଅସ୍ଥିରତାକୁ ଲକ୍ଷ୍ୟ ରଖିଛନ୍ତି। ଯଦି ନେତୃତ୍ୱ ଦୁର୍ବଳ ହୁଏ, ତେବେ କୂଟନୀତିକ ଆଲୋଚନା ଓ ଯୁଦ୍ଧ ପରିସ୍ଥିତି ପରିବର୍ତ୍ତନ ହୋଇପାରେ। ଇରାନର ଜନତା ଶାନ୍ତି ଓ ସ୍ଥିରତା ଚାହୁଁଛନ୍ତି, କିନ୍ତୁ ଏହି ସସ୍ପେନ୍ସ ସେଥିରେ ବାଧକ ସୃଷ୍ଟି ହେଲା ପରି ମନେ ହେଉଛି।

ଶେଷକଥା, ମୋଜିତବା ଖାମେନିଙ୍କ ଅବସ୍ଥାନ ରହସ୍ୟ ଶୀଘ୍ର ସମାଧାନ ହେବା ଆବଶ୍ୟକ। ଇରାନ ଏକ ପ୍ରାଚୀନ ସଭ୍ୟତା ଓ ଶକ୍ତିଶାଳୀ ରାଷ୍ଟ୍ର। ଏହାର ଭବିଷ୍ୟତ ଏକ ବ୍ୟକ୍ତିଙ୍କ ଅଦୃଶ୍ୟତା ଉପରେ ନିର୍ଭର କରିବା ଉଚିତ ନୁହେଁ। ସ୍ୱଚ୍ଛତା ଓ ସ୍ଥିରତା ଇରାନ ଓ ସମଗ୍ର ମଧ୍ୟପ୍ରାଚ୍ୟ ପାଇଁ ଜରୁରୀ। ଯଦି ନେତା ଜନତାଙ୍କ ଆଗରେ ଆସନ୍ତି ଓ ନିଜର ନେତୃତ୍ୱ ପ୍ରମାଣ କରନ୍ତି, ତେବେ ହିଁ ଏହି ସସ୍ପେନ୍ସ ଶେଷ ହୋଇପାରିବ। ନହେଲେ ଇରାନର ଭବିଷ୍ୟତ ଆହୁରି ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯିବ, ଏଥିରେ ସନ୍ଦେହ ନାହିଁ।

# କ୍ଷେତ୍ରରେ ଶକ୍ତି ତତ୍ତ୍ୱ

ଉମା ଶଙ୍କର ପ୍ରସାଦ



ଶାକ୍ତ ପରମ୍ପରା ଓ ତନ୍ତ୍ରବିଦ୍ୟା କ୍ରମଶଃ ଓଡ଼ିଶାର ଜନମାନସକୁ ପ୍ରଭାବିତ କରିବା ସହ ବିଭିନ୍ନ ଅଞ୍ଚଳରେ ତା 'ର କାୟା କରିବାକୁ ଲାଗିଲା। ଏହି ବିଦ୍ୟାର ମୁଖ୍ୟ ସ୍ଥାନ ଭାବେ ଯାଜପୁର, ପୁରୀ ଓ ଭୁବନେଶ୍ୱର ପ୍ରସିଦ୍ଧି ଲାଭ କରିଥିଲା। କ୍ରମଶଃ ବହୁ ତନ୍ତ୍ର ସାଧକ ଶ୍ରୀକ୍ଷେତ୍ରକୁ ଏକ ପ୍ରଧାନ ତନ୍ତ୍ର ପୀଠ ଭାବେ ବିବେଚନା କରିଥିଲେ। ସେମାନଙ୍କ ମତରେ "ଶ୍ରୀ ଜଗନ୍ନାଥ ତନ୍ତ୍ର ର ଭୈରବ ଓ ଦେବୀ ବିମଳା ହେଉଛନ୍ତି ତନ୍ତ୍ରର ଭୈରବୀ। ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ଶାକ୍ତ ଧର୍ମ ର ବିଶେଷ ପ୍ରଭାବ ପାରିଲକ୍ଷିତ ହୋଇଥିଲା ତା ସହ ତନ୍ତ୍ରବିଦ୍ୟା ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହାର ଜ୍ୱଳନ୍ତ ଉଦାହରଣ ସାରଳା ଦାସଙ୍କ ରଚନାବଳୀ ରେ ପରିଲକ୍ଷିତ ହୋଇଥାଏ। ସେ ତାଙ୍କର ପ୍ରତ୍ୟକ ରଚନାରେ ଦେବୀଶକ୍ତି ଉପରେ ପ୍ରାଧାନ୍ୟ ଦେଇଥିବା ସହ ଶକ୍ତି ବିନା ଶିବ ପରିପୂର୍ଣ୍ଣ ନୁହଁନ୍ତି। ଏହି ତନ୍ତ୍ର ଓ ଶାକ୍ତ ପରମ୍ପରା ମଧ୍ୟରୁ "ଦଶମହାବିଦ୍ୟା" ର ସୃଷ୍ଟି। ଏହି ଦଶମହାବିଦ୍ୟାର ଦଶଦେବୀ ହେଉଛନ୍ତି " କାଳି ତାରା ମହାବିଦ୍ୟା ଷୋଡଶୀ ଭୁବନେଶ୍ୱରୀ / ଭୈରବୀ ଛିନ୍ନମସ୍ତା ଚ ବିଦ୍ୟା ଧୂମ୍ରବତୀ ତଥା / ବଗଳା ସିଦ୍ଧବିଦ୍ୟା ଚ ମାତାଙ୍ଗୀ କମଳାତ୍ମିକା / ଏତା ଦଶ ମହାବିଦ୍ୟା ସିଦ୍ଧ ବିଦ୍ୟା ପ୍ରଙ୍କାର୍ଭିତଃ "। ଏହି ସମସ୍ତ ବିଷୟକୁ ଉପାଦାନ କରି ସାରାଂଶ ଗ୍ରହଣ କଲେ ଅନୁମେୟ ହୁଏଯେ, ଶକ୍ତି ଓ ଶକ୍ତିତତ୍ୱ ଶ୍ରୀକ୍ଷେତ୍ର ରେ ଭଦ୍ରା ସୁଭଦ୍ରେ, ଶ୍ରୀମହାଲକ୍ଷ୍ମୀ, ସାବିତ୍ରୀ, ଶ୍ରୀଦୁର୍ଗା, ଶ୍ରୀଭୁଦେବୀ, ଭୁବନେଶ୍ୱରୀ ଓ କ୍ଷେତ୍ରେଶ୍ୱରୀ ବିମଳାଙ୍କ ପବିତ୍ର ଅବସ୍ଥିତି ହେତୁ ଏହି କ୍ଷେତ୍ର ଶକ୍ତି କ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଛି। ଏ ସମସ୍ତ ସପ୍ତଶକ୍ତି ସମାହାରଯୁକ୍ତ ଶ୍ରୀକ୍ଷେତ୍ର ରେ ମା ବିମଳାଙ୍କ ପ୍ରାଧାନ୍ୟ ସର୍ବଦା ଅଗ୍ରରେ ଥାଏ। ଭାରତୀୟ ଶକ୍ତି ତତ୍ତ୍ୱରେ ସେ ହେଉଛନ୍ତି ଅତି ପ୍ରାଚୀନ ଓ ସ୍ୱତନ୍ତ୍ର ଦେବୀ। ଦକ୍ଷ ଯଂଜ୍ଞ ରେ ନିଜ ସ୍ୱାମୀଙ୍କ ଅପମାନ ସହ୍ୟ ନକରିପାରି ସେ ନିଜକୁ ଯଂଜ୍ଞାନଳରେ ଝାସ ଦେଲେ। ଦେବ ଦେବ ମହାଦେବ ଏ ଖବର ପାଇ ଦକ୍ଷଙ୍କ ଯଂଜ୍ଞ ଓ୍ୱିଧ୍ୱଂସ କରିବା ସହ ଯଂଜ୍ଞ କୁଣ୍ଡରୁ ସତୀଙ୍କୁ ଉଦ୍ଧାର କରି କ୍ରୋଧରେ ତାଣ୍ଡବ ନୃତ୍ୟରେ ନିମଗ୍ନ ରହିବାରୁ ବ୍ରହ୍ମାଣ୍ଡ ପ୍ରକମ୍ପିତ ହେବାକୁ ଲାଗିଲା, ଯାହାର ବର୍ଣ୍ଣନା "ଶିବଶକ୍ତି ଶତକ " ଗ୍ରନ୍ଥରେ ଉଲ୍ଲେଖ ଅଛି। ସତୀଙ୍କ ଶବ ନିଜ କାନ୍ଧରେ ଧରି ପର୍ବତରୁ ପର୍ବତ ଡେଇଁ ଜଗତକୁ ଧ୍ୱଂସ କରିବାକୁ ଲାଗିଲେ। ଏ ସମ୍ପର୍କ ରେ ଉଲ୍ଲେଖ ଅଛି ' ଶୋକଭରା ଭାବେ ମଜ୍ଜି ଶ୍ୱାସ ଅହରହ ତେଜି / ଶିବାନୀ ଶବକୁ ସ୍କନ୍ଧେ ଘେନି ତକ୍ଷଣେ '। ସମସ୍ତ ଦେବଗଣ ଭୟଭୀତ ହୋଇ ଶ୍ରୀହରି ବିଷ୍ଣୁ ଙ୍କୁ ପ୍ରାର୍ଥନା କଲେ ଜଗତକୁ ରକ୍ଷା କରିବା ପାଇଁ। ବିଷ୍ଣୁ ନିଜ ସୁଦର୍ଶନ ଚକ୍ର ପେଶି ସତୀଙ୍କ ଶରୀରକୁ ଚଉଷଠି ଖଣ୍ଡ କରି କାଟିଦେଲେ। ଏହି ଚଉଷଠି ଖଣ୍ଡ ଶରୀରର ବିଭିନ୍ନ ଅଂଶ ବିଭିନ୍ନ ସ୍ଥାନରେ ପଡିଲା। ଉକ୍ତ ସମସ୍ତ ପୀଠକୁ ଶୁଦ୍ଧ ତନ୍ତ୍ରପୀଠ ନାମରେ ନାମିତ କରାଗଲା। କୁହାଯାଏ ଯେ ସତୀଙ୍କର ପାଦଦ୍ୱୟ ଶ୍ରୀକ୍ଷେତ୍ରରେ ପଡିଥିବାରୁ ଏହାକୁ "ଶ୍ରୀପାଦ କ୍ଷେତ୍ର" ବୋଲି କୁହାଯାଏ। ଏହା ସହିତ ବିମଳାଙ୍କୁ ଶ୍ରୀକ୍ଷେତ୍ରଶ୍ୱରୀ ବୋଲି କୁହାଯାଇଛି। ଶ୍ରୀ ଶ୍ରୀ ଚଣ୍ଡୀରେ ବର୍ଣିତ ମୂର୍ତ୍ତି ତତ୍ୱ ରେ ବିମଳଙ୍କୁ ଚତୁର୍ଭୁଜା, ସୌମ୍ୟା ଓ ସ୍ଫୁଟିକ ମାଳା ପାଶ ଓ ଅମୃତ କଳସ ଇତ୍ୟାଦି ଧାରଣ କରିଥିବା ବିଗ୍ରହଭାବେ ବର୍ଣନା କରାଯାଇଛି।

କ୍ରମଶଃ ଉଡ୍ଡୀୟାନ ତନ୍ତ୍ରର ପ୍ରଭାବ ଓଡିଶା ମାଟିରେ ପ୍ରବଳ ମାତ୍ରାରେ ଅନୁଭୂତ ହେଲା। ସେତେବେଳେ ବିମଳାଙ୍କୁ ଭୈରବୀ ଓ ଜଗନ୍ନାଥ NKU ଭୈରବ ଭାବେ ସ୍ୱୀକୃତି ମିଳିଲା। ବିମଳାଙ୍କ ମୂର୍ତ୍ତି ତତ୍ତ୍ୱରେ ଶ୍ରୀସରସ୍ୱତୀ ଓ ମହାଲକ୍ଷ୍ମୀଙ୍କର ମୂଳତତ୍ତ୍ୱାଦି ପ୍ରକାଶିତ ହେଲା। ତାଙ୍କୁ ଭୁବନେଶ୍ୱରୀ ଙ୍କ ବୀଜମନ୍ତ୍ର ହ୍ରିଁ ରିଂ ରେ ଧ୍ୟାନ କରାଯାଏ। ସେ ହେଉଛନ୍ତି ଜଗନ୍ନାଥ ଙ୍କ ମାୟା ଶକ୍ତି। କୁହାଯାଏ ଶ୍ରୀଜଗନ୍ନାଥ ବିମଳାଙ୍କ ଯନ୍ତ୍ର ଉପରେ ଅଧିଷ୍ଠିତ।

ବିନ୍ଦୁ, ତ୍ରିକୋଣ, ଷ ଟ କୋ ଣ, ହେଉଛି ବିମଳାଙ୍କ ଯନ୍ତ୍ର। ଏହି ଯନ୍ତ୍ର ଉପରେ ଜଗନ୍ନାଥ ଙ୍କର ଶତଦଳ ପଦ୍ମ ଉପରେ ସେ ନିଜେ ବିରାଜମାନ ହୋଇଥାନ୍ତି। ଏହା ତତ୍ୱ ଶାସ୍ତ୍ର ସମର୍ଥିତ। ବିମଳାଙ୍କ ପରିଚୟ ହେଉଛି --" ବିମଳାସା ମହାଦେବୀ ବିଷ୍ଣୁ ଶକ୍ତି ସନାତନୀ "। ଶ୍ରୀକ୍ଷେତ୍ରରେ ଦେବୀ ବିମଳାଙ୍କ ଶ୍ରେଷ୍ଠ ପ୍ରାଧାନ୍ୟ ହେଲା -- ମହାପ୍ରସାଦ ରୂ କୈବଲ୍ୟ ର ସୃଷ୍ଟି। ଆଶ୍ୱିନ ମାସରେ ଶାରଦୀୟ ଦୁର୍ଗୋତ୍ସବ ସମୟରେ ତାଙ୍କୁ ଷୋଡଶ ଉପଚାରରେ ପୂଜା କରାଯାଏ। ଦେବୀ ବିମଳା ଆମର ରାଷ୍ଟ୍ର ଦେବୀ ହେତୁ ସେ ହେଉଛନ୍ତି ସର୍ବ ମଙ୍ଗଳକର ମଙ୍ଗଳକାରିଣୀ।

ଶ୍ରୀକ୍ଷେତ୍ର ହେଉଛି ସର୍ବଧର୍ମ ସମନ୍ୱୟର କ୍ଷେତ୍ର। ବଳଭଦ୍ର ଙ୍କୁ ଶିବ ଭାବରେ ପଞ୍ଚ ରାତ୍ର ଦର୍ଶନ ରେ ଗ୍ରହଣ କରାଯାଇଛି। ପୁରୀ ଧାମରେ ବିମଳା ଭୈରବୀ ଓ ଜଗନ୍ନାଥ ଭୈରବ, ସେହିପରି ବାଳଭଦ୍ର ଶିବ ହେଲେ ବିମଳା ହେଉଛନ୍ତି ଶ୍ରୀକ୍ଷେତ୍ର ର ଶକ୍ତି। ତେଣୁ ଗବେଷକ ମାନେ ଶ୍ରୀକ୍ଷେତ୍ର କୁ ଶକ୍ତି କ୍ଷେତ୍ର ବୋଲି କହିବା ସହ ଶକ୍ତି ତତ୍ତ୍ୱ ର ପ୍ରଥମ ସୋପାନ ବୋଲି କହିଛନ୍ତି।

ଖୋର୍ଦ୍ଧା, ମୋବାଇଲ୍:୬୩୭୦୬୭୫୫୬୨

# ସିଡିଏରେ ଚୋର ପୁଲିସ ଖେଳ

ବିଜୟ କୁମାର ପୃଷ୍ଟି



ଆପଣମାନେ ପ୍ରାୟ ଜାଣିଥିବେ ଚୋର ପୋଲିସ ଖେଳ କଣ? କେତେବେଳେ ଚୋର ଚୋରୀ କରି ଦଉଡି ଥାଏ, ସେତେବେଳେ ପୁଲିସ ଆସି ତା ପଛରେ ଦୌଡ଼େ ତାକୁ ଧରିବାକୁ। ଚୋର କିନ୍ତୁ ବହୁତ ଚାଲାକ ସେ ଜାଣେ ଯେ ପୁଲିସ ବାବୁ ତାକୁ ଧରିପାରିବ ନାହିଁ। କାରଣ ବିରାଟ ବପୁଧାରୀ ପୁଲିସ ସହଜରେ ଦୌଡ଼ିପାରେ ନାହିଁ। ଦୌଡ଼ିବାର ଅଭ୍ୟାସ ବି ନଥାଏ। ଚୋର ସେଇଠି ଲୁଚି ଗଲେ ମଧ୍ୟ ପୁଲିସ ଧରିପାରେ ନାହିଁ। ପୁଲିସ ମଧ୍ୟ ଭଲ ଭାବରେ ଜାଣେ ଚୋର କୁଆଡ଼େ ଗଲେ ବି ସେ ଥାନାକୁ ତ ନିଶ୍ଚୟ ଆସିବ। କିନ୍ତୁ ସିଡ଼ିଏର ପୁଣି ଚୋର ପୁଲିସ ଖେଳ କ'ଣ?

ଆପଣ ଜାଣିଥିବେ ସିଡ଼ିଏର ଗୋଟିଏ ବିଭାଗ ଅଛି ବଳପୂର୍ବକ ଘରଭଙ୍ଗା ବିଭାଗ। ଏମାନଙ୍କ କାମ ହେଲା ରାସ୍ତାଘାଟ ଖାଲି ଜାଗାରେ ବିଚାର ଗରିବ ଗୁରୁବ ଲୋକମାନେ ନିଜର ପେଟ ପାଟଣା ପାଇଁ ଗୋଟେ ଗୋଟେ ଦୋକାନ ଖୋଲି ଦିଅନ୍ତି। ଅବଶ୍ୟ ସେ ଗୁଡ଼ିକ ସରକାରୀ ଜାଗା। ସେମାନେ କିନ୍ତୁ ସରକାରଙ୍କୁ କେତେ ଗୁହାରୀ କଲେ ବି ସେମାନଙ୍କ ପାଇଁ ଦୋକାନ ଘର କରି ଭଡ଼ା ଦେବାର ବ୍ୟବସ୍ଥା ଆମ ସିଡ଼ିଏ କରିପାରେ ନାହିଁ। ଯେଉଁଠି ବି ବ୍ୟବସ୍ଥା ଅଛି ବହୁ ବିଳମ୍ବରେ ସେ ଘର ଭଡ଼ା ଦେଲାବେଳକୁ ଘରର ଅଧା ନଷ୍ଟ ହୋଇଯାଇଥାଏ।

ଥରେ କଟକରେ ଟ୍ରାଫିକ ମ୍ୟାନେଜମେଣ୍ଟ କମିଟି ବସିଥାଏ। ନିଜେ ଡିସିପି ସିଡ଼ିଏ ଏବଂ ମ୍ୟୁନିସିପାଲଟିର କେତେକ ଉଚ୍ଚ ଅଧିକାରୀକୁ ତାଗିଦ କରି କହିଥିଲେ, 'ଭୁବନେଶ୍ୱରରେ ଯେଉଁ ମାନର ଭେଣ୍ଡିଂ ଜୋନ ହୋଇଛି, ଆପଣମାନେ ଦେଖି ଆସିବାକୁ କେତେ ମାସ ଲାଗୁଛି। ଯଥାଶୀଘ୍ର କାହିଁକି ଭେଣ୍ଡିଂ ଜୋନ କରି ଉଠା ଦୋକାନୀମାନଙ୍କୁ ଥଇଥାନ କରୁନାହାଁନ୍ତି। ଆପଣ ଜାଣିଛନ୍ତି ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବାକୁ କେତେ ଯୁଗ ଚାଲିଯାଏ। କାହିଁକି ଏ କାର୍ଯ୍ୟ ହୋଇପାରୁନି କିଏ ବା ପଚାରୁଛି। ପଚାରିଲେ ବି ଉତ୍ତର କିଏ ବା ଦେବ? ଦୈନିକ ଖବର କାଗଜ ହେଉ କି ନିଆଁ ଖୁଣ୍ଟା ଭଳି ସମାଲୋଚନା ମୂଳକ ପତ୍ରିକା ହେଉ କିମ୍ବା କୌଣସି ଇଲେକ୍ଟ୍ରୋନିକ ମିଡ଼ିଆରେ କାହା ବିରୁଦ୍ଧରେ ସମ୍ବାଦ ପ୍ରକାଶ ପାଇଲେ ଆଗେ ଡରିଯାଉଥିଲେ। ଏବେ କିନ୍ତୁ ସମସ୍ତେ କଂସାରୀ ଘରର ପାରା। ତଥାପି ଖବରକାଗଜରେ ଟିକିଏ ଚେତା ପଶିଥାଏ ରାସ୍ତା ଘାଟ, ଦୋକାନ ଘର ମାନଙ୍କରେ ଯାମ ହେଲେ ଗାଡ଼ି ଚଳାଚଳରେ ଅସୁବିଧା ହୁଏ। ସେତେବେଳେ ସିଡିଏର ସର୍ଭେ ହୁଏ ରାସ୍ତା କଡ଼ରେ କେତେ ଦୋକାନୀ ଅଛନ୍ତି ଏବଂ ସେମାନଙ୍କୁ ହଟାଅ।

ଆପଣ କଟକ ସହରରେ ପ୍ରତ୍ୟେକ ରାସ୍ତା ଘାଟର ବସିଥିବା ଉଠା ଦୋକାନୀ ମାନଙ୍କୁ ଉଠାଇବାର ଯୋଜନା କରାଯାଏ। ନିର୍ଦ୍ଦିଷ୍ଟ ତାରିଖରେ ଜବର ଦଖଲକାରୀ ହଟାଇବାର ନୋଟିସ ଜାରି କରାଯାଏ। ସେଥିପାଇଁ ବିଲିଟି ସରକାରୀ କଳର ସହଯୋଗ ଦରକାର। ସିଡ଼ିଏ ଯୋଜନା ପ୍ରସ୍ତୁତ କରେ ଏବଂ କେଉଁ ଅଞ୍ଚଳ ଏବଂ ଦିନ ଧାର୍ଯ୍ୟକରେ। ମ୍ୟୁନସିପାଲଟିର ବୁଲଡ଼ୋଜର, ଟ୍ରକ, ଦିନ ମଜୁରିଆ ଇତ୍ୟାଦି ବ୍ୟବସ୍ଥା କରେ ଏବଂ ପୁଲିସ ବିଭାଗର ଆବଶ୍ୟକତା ବେଶୀ ଥାଏ। ଯଦି ବିଶୃଙ୍ଖଳା ସୃଷ୍ଟି ହୁଏ ପୁଲିସ ବଳ ପ୍ରୟୋଗ କରିଥାଏ। ଏହିଭଳି ଗୋଟିଏ ଦିନର ଯୋଜନାବଦ୍ଧ କାର୍ଯ୍ୟ ପାଇଁ ଲକ୍ଷାଧିକ ଅର୍ଥ ଦାହ ହୁଏ। ଆରଟିଆଇରେ ସିଡ଼ିଏକୁ ମାଗିଲେ ଆପଣ ଜାଣିପାରିବେ, ଏସବୁ ଅର୍ଥ ହେଉଛି ଜନସାଧାରଣଙ୍କ ଟିକସ ପଇସା। ହଁ ଯଦି ଥରେ ଖର୍ଚ୍ଚ କରି ଏଭଳି ଭଲ କାମ କରାଯାଆନ୍ତା ତେବେ ସିଡିଏକୁ ସଲାମୀ ହୋଇ ସରକାରୀ ସ୍ତରରେ ସମ୍ମାନିତ କରାଯାଆନ୍ତା। ଏହା ତ ଅତି ସୁନ୍ଦର ଗଠନ ମୂଳକ କାର୍ଯ୍ୟ।



କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଏହି କାର୍ଯ୍ୟ ସଫଳ ହୁଏ ନାହିଁ। ଏଇଠି ଆରମ୍ଭ ହୁଏ ଚୋର ପୁଲିସ ଖେଳ। ଯଦି ସିଡ଼ିଏ ପୂର୍ବରୁ ବ୍ୟବସ୍ଥାକରି ଉଠାଦୋକାନୀ ମାନଙ୍କ ପାଇଁ ଭେଣ୍ଡିଂ ଜୋନ ଉତ୍କୃଷ୍ଟ ମାନର ଦୋକାନ ଘର କରି ସେମାନଙ୍କୁ ଥଇଥାନ କରନ୍ତି, ତେବେ ତ ସୁନ୍ଦର ସହରର ପରିକଳ୍ପନା ହୋଇପାରନ୍ତା। ଗୋଟିଏ ଉଠାଦୋକାନୀକୁ ପଚାରିଲେ ସେ ସଠିକ ଭାବରେ କହି ପାରିବ ବର୍ଷରେ କେତେଥର ଏଭଳି ଘରଭଙ୍ଗା ଅଭିଯାନ ଆରମ୍ଭ ହେଉଛି। ଏ ଉଠାଦୋକାନୀ ମାନେ ଜାଣୁଛନ୍ତି କେଉଁ ଦିନ ଘରଭଙ୍ଗା ଅଭିଯାନ ହେବ, ସେମାନେ ଠିକ ଚୋରଙ୍କ ଭଳି ଭୋରରୁ ଭୋରରୁ କ୍ୟାବିନ ଟେକି ରାସ୍ତା ପଛପାଖେ ଲୁଚାଇ ରଖନ୍ତି। ପୁଲିସ କିନ୍ତୁ ଠିକ ଜାଣିଥାଏ ଦୋକାନ ଉଚ୍ଛେଦ ପାଇଁ ସିଡିଏ ଟିମ ଆସିଲାବେଳକୁ ସବୁ ସଫା ହୋଇଥାଏ। ଦି ଚାରିଟା ଦୋକାନକୁ ଭଙ୍ଗା ଭର୍ଙ୍ଗି କରିଦେଇ ଯାଆନ୍ତି। ରାସ୍ତା ସଫା ହୋଇଯାଏ ସିଡିଏର ଅଭିଯାନ ବି ସଫଳ ହୁଏ। ଜନସାଧାରଣ ମଧ୍ୟ ଖୁସି ଯେ ରାସ୍ତା ସଫା ହୋଇଗଲା। ଠିକ ଦୁଇ ତିନି ଦିନ ପରେ ଯଥା ପୂର୍ବ ତଥା ଇତି। ସେଇ ଦୋକାନଗୁଡ଼ିକ ପୁଣିଥରେ ରାସ୍ତା କଡ଼ରେ ବସିଯାଏ। ସମସ୍ତେ ଦେଖନ୍ତୁ। ପୁଲିସ ଦେଖେ, ସିଡିଏ ଦେଖେ ଏବଂ ମ୍ୟୁନସିପାଲଟି ମଧ୍ୟ ଦେଖେ। ସମସ୍ତେ ନିରବ, ଏଇଠି ଆରମ୍ଭ ହୁଏ ପୁଲିସର ବଟିଖେଳ ପକେଟ ଗରମ ମନ ବି ଖୁସି। ପୁଣିଥରେ ଯେତେବେଳେ ଅଭିଯୋଗ ହେବ, ସେତେବେଳେ ସିଡିଏର ନିଦ ଭାଙ୍ଗିବ, ଆରମ୍ଭ ହେବ ଯୋଜନା ଏବଂ କାର୍ଯ୍ୟକ୍ରମ।

ମୋର ଥରେ ମନେ ପଡୁଛି, କଟକର ବଙ୍ଗାଳି ସାହିରେ ଥିବା ରାମକୃଷ୍ଣ କୁଟୀରର ଏକ କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟପାଳଙ୍କ ଯୋଗ ଦେବାର ଥିଲା। କୁଟୀର ଗେଟ ପାଖରେ ଏକ ଚିକେନ ଦୋକାନ ଥାଏ। ପୁଲିସ ବାବୁ ଆସି ଦୋକାନୀକୁ ଅନୁରୋଧ କଲେ ଆଜି କ୍ୟାବିନକୁ ଅନ୍ୟତ୍ର ଉଠାଇ ଦେ। କାରଣ ସେ ହେଉଛି ସାଇ ଦାଦା। କାର୍ଯ୍ୟକ୍ରମ ସଂଧ୍ୟାରେ ସରିଗଲା ପରେ ପୁଣି ଥରେ ସେ କ୍ୟାବିନ ଆଣି ଗେଟ ପାଖରେ ରଖାଗଲା। ଆପଣ ଠିକ ବୁଝି ପାରୁଥିବେ ଏଭଳି ଚୋର ପୁଲିସ ଖେଳ। କେମିତି ଚାଲିଛି। ସରକାରଙ୍କ ନିଦ କେବେ ଭାଙ୍ଗିବ, ଜନସାଧାରଣଙ୍କ କଷ୍ଟ ଅର୍ଜିତ ଟିକସ ଦେଇଥିବା ଟଙ୍କାକୁ କେତେ ଦିନ ଏଭଳି ଅପବ୍ୟୟ କରି ଚାଲିଥିବେ। ଆପଣ ସହି ପାରିବେ ତ? କିନ୍ତୁ ଦୁଃଖର କଥା ଜନସାଧାରଣ ଚୁପ ସବୁ ଜାଣି ମଧ୍ୟ ପାଟି ଖୋଲିବାକୁ ନାରାଜ। ଆଗେ କହିବା - ଶେଷରେ ନକହିଲେ ଭଲ।

ସମ୍ପାଦକ, ନିରାମୟ, କଟକ, ମୋବାଇଲ୍:୯୮୬୧୪୬୪୯୩୨

# ନୂତନ ଗୃହ ନିର୍ମାଣରେ ଶିଳ୍ପବାସ୍ତୁ ଓ ଗୃହବାସ୍ତୁ

ଡଃ ଅମୂଲ୍ୟ କୁମାର ପଣ୍ଡା



ଭାରତୀୟ ସଂସ୍କୃତିରେ ଗୃହ କେବଳ ବାସସ୍ଥାନ ନୁହେଁ ବରଂ ଏହା ପରିବାର, ଧର୍ମ, ସଂସ୍କୃତି ଓ ଜୀବନମୂଲ୍ୟର କେନ୍ଦ୍ରବିନ୍ଦୁ। ପ୍ରାଚୀନ ଭାରତୀୟ ଋଷିମାନେ ପ୍ରକୃତି ସହ ମଣିଷର ସମନ୍ୱୟକୁ ଗୁରୁତ୍ୱ ଦେଇ ବାସ୍ତୁଶାସ୍ତ୍ରର ବିକାଶ କରିଥିଲେ। ବାସ୍ତୁଶାସ୍ତ୍ରର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରାକୃତିକ ଶକ୍ତି, ସୂର୍ଯ୍ୟାଲୋକ, ବାୟୁ, ଜଳ ଓ ପୃଥିବୀର ସନ୍ତୁଳିତ ବ୍ୟବହାର ମାଧ୍ୟମରେ ଏକ ସୁସ୍ଥ, ସୁରକ୍ଷିତ ଓ ସୁଖମୟ ଜୀବନ ଗଠନ କରିବା। "ବାସ୍ତୁ" ଶବ୍ଦଟି ସଂସ୍କୃତ "ବସ୍" ଧାତୁରୁ ଉତ୍ପନ୍ନ, ଯାହାର ଅର୍ଥ "ବାସ କରିବା"। ଏହି ଶାସ୍ତ୍ରରେ ଗୃହ ନିର୍ମାଣ, ନଗର ଯୋଜନା, ମନ୍ଦିର, ରାଜପ୍ରାସାଦ ଓ ସାର୍ବଜନୀନ ନିର୍ମାଣ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ମିଳେ। ଭାରତୀୟ ସଂସ୍କୃତିରେ ଘର କେବଳ ଇଟା, ବାଲି, ସିମେଣ୍ଟ ଓ ଲୁହାର ସମନ୍ୱୟ ନୁହେଁ, ବରଂ ଏହା ହେଉଛି ପରିବାରର ସୁଖ, ଶାନ୍ତି, ସମୃଦ୍ଧି ଓ ଆଧ୍ୟାତ୍ମିକ ଜୀବନର କେନ୍ଦ୍ରବିନ୍ଦୁ। ପ୍ରାଚୀନ ଭାରତର ଋଷିମୁନିମାନେ ମଣିଷର ବାସସ୍ଥାନକୁ ପ୍ରକୃତି ସହ ସମନ୍ୱୟ କରିବା ପାଇଁ ଶିଳ୍ପବାସ୍ତୁ ଓ ଗୃହବାସ୍ତୁ ଶାସ୍ତ୍ରର ବିକାଶ କରିଥିଲେ। ବାସ୍ତୁଶାସ୍ତ୍ରର ମୂଳ ଉଦ୍ଦେଶ୍ୟ ହେଉଛି ପଞ୍ଚମହାଭୂତ ଯଥା- ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ ମଧ୍ୟରେ ସନ୍ତୁଳନ ସୃଷ୍ଟି କରି ମଣିଷର ଜୀବନକୁ ସୁସ୍ଥ, ସୁଖମୟ ଓ ସମୃଦ୍ଧ କରିବା। ନୂତନ ଗୃହ ନିର୍ମାଣ ସମୟରେ ଶିଳ୍ପବାସ୍ତୁ ଓ ଗୃହବାସ୍ତୁର ନିୟମ ପାଳନ କଲେ ଘରର ସୌନ୍ଦର୍ଯ୍ୟ, ସ୍ଥାୟୀତ୍ୱ, ବାୟୁ ଚଳାଚଳ, ସୂର୍ଯ୍ୟକିରଣର ପ୍ରବେଶ ଓ ପରିବାରର ସାମଗ୍ରିକ କଲ୍ୟାଣ ବୃଦ୍ଧି ପାଏ ବୋଲି ପାରମ୍ପରିକ ଭାବେ ବିଶ୍ୱାସ କରାଯାଏ। ଶିଳ୍ପବାସ୍ତୁ ହେଉଛି ସ୍ଥାପତ୍ୟ କଳା ଓ ନିର୍ମାଣ ବିଜ୍ଞାନର ପ୍ରାଚୀନ ରୂପ। ଏହାରେ ଜମି ଚୟନ, ମାପଜୋଖ, ଭୂମି ପରୀକ୍ଷା, ଗୃହର ଆକୃତି, ଦିଗ ନିର୍ଣ୍ଣୟ, ସ୍ତମ୍ଭ, ଦ୍ୱାର, ଜାନଲା, ଛାତ, ସିଡ଼ି ଓ ଅନ୍ୟାନ୍ୟ ନିର୍ମାଣ ନିୟମ ବର୍ଣ୍ଣିତ ହୋଇଛି। ଶିଳ୍ପବାସ୍ତୁ ଅନୁଯାୟୀ ଗୃହ ନିର୍ମାଣ କଲେ ଘର ଦୀର୍ଘସ୍ଥାୟୀ, ସୁନ୍ଦର ଓ ବ୍ୟବହାରଯୋଗ୍ୟ ହୁଏ। ଗୃହବାସ୍ତୁ ହେଉଛି ଘରର ଭିତରର ବିଭିନ୍ନ କକ୍ଷ, ପୂଜାଘର, ରୋଷେଇଘର, ଶୋଇବା ଘର, ପାଣି ବ୍ୟବସ୍ଥା, ଶୌଚାଳୟ, ସିଡ଼ି, ଦ୍ୱାର ଓ ଜାନଲାର ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣର ବିଦ୍ୟା। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଘରକୁ ସ୍ୱାସ୍ଥ୍ୟକର, ଆଲୋକପୂର୍ଣ୍ଣ, ବାୟୁପୂର୍ଣ୍ଣ ଓ ସୁବିଧାଜନକ କରିବା। ବାସ୍ତୁରେ ପଞ୍ଚମହାଭୂତର ମହତ୍ତ୍ୱ ଅନେକ ।ବାସ୍ତୁଶାସ୍ତ୍ର ପଞ୍ଚମହାଭୂତ ଉପରେ ଆଧାରିତ। ପୃଥିବୀ - ସ୍ଥିରତା ଓ ଶକ୍ତିର ପ୍ରତୀକ। ଜଳ - ସମୃଦ୍ଧି ଓ ଜୀବନର ପ୍ରତୀକ। ଅଗ୍ନି - ଶକ୍ତି ଓ ସ୍ୱାସ୍ଥ୍ୟର ପ୍ରତୀକ। ବାୟୁ - ପ୍ରାଣଶକ୍ତି ଓ ଗତିର ପ୍ରତୀକ। ଆକାଶ - ବିସ୍ତାର, ଚିନ୍ତନ ଓ ଆଧ୍ୟାତ୍ମିକତାର ପ୍ରତୀକ।

ଶିଳ୍ପବାସ୍ତୁ ହେଉଛି ସ୍ଥାପତ୍ୟ ବିଜ୍ଞାନର ସେହି ଅଂଶ, ଯେଉଁଥିରେ ଭୂମି ଚୟନ, ଶୁଭ ଭାଗମାପ ଗଜବନ୍ଧ , ଭବନର ଗଠନ, ସ୍ତମ୍ଭ, ଛାତ, ଦ୍ୱାର, ଝରକା, ମଣ୍ଡପ ଓ ସମଗ୍ର ନିର୍ମାଣ ବ୍ୟବସ୍ଥା ଇତ୍ୟାଦି ଇତ୍ୟାଦି । ଗୃହବାସ୍ତୁ ହେଉଛି ଘରର ଭିତର ଯୋଜନା ତଥା ପୂଜାଘର, ଶୋଇବା ଘର, ରୋଷେଇ ଘର, ଶୌଚାଳୟ, ଜଳ ବ୍ୟବସ୍ଥା, ସିଡ଼ି, ଅତିଥି କକ୍ଷ, ଅଧ୍ୟୟନ କକ୍ଷ ଇତ୍ୟାଦିର ସଠିକ୍ ସ୍ଥାନ ନିର୍ଦ୍ଧାରଣ। ଗୃହ ନିର୍ମାଣ ପୂର୍ବରୁ ଭୂମିର ଚୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତହିଁରୁ ସମତଳ ଭୂମି ଉତ୍ତମ। ଉତ୍ତର ଓ ପୂର୍ବ ଦିଗ ନିମ୍ନ ଏବଂ ଦକ୍ଷିଣ ଓ ପଶ୍ଚିମ ଦିଗ ସାମାନ୍ୟ ଉଚ୍ଚ ହେବା ଶୁଭ ବୋଲି ପାରମ୍ପରିକ ମତ। ଦୁର୍ଗନ୍ଧ, ଆବର୍ଜନା କିମ୍ବା ଜଳଜମା ଥିବା ସ୍ଥାନରେ ଘର କରିବା ଉଚିତ ନୁହେଁ। ଉର୍ବର ଓ ଦୃଢ଼ ମାଟିକୁ ଭଲ ମନାଯାଏ। ଭୂମି ଚୟନରେ ଦିଗର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ପୂର୍ବ ଦିଗ ହେଉଛି ସୂର୍ଯ୍ୟୋଦୟ, ଆଲୋକ ଓ ଶକ୍ତି କାରକ । ଉତ୍ତର ଦିଗ ହେଉଛି ସମୃଦ୍ଧି ଓ ଉନ୍ନତି କାରକ । ଦକ୍ଷିଣ ଦିଗ ହେଉଛି ସ୍ଥିରତାର କାରକ । ପଶ୍ଚିମ ଦିଗ ହେଉଛି ସନ୍ତୁଳନର କାରକ । ଈଶାନ କୋଣ ହେଉଛି ପୂଜା ଓ ଜଳ ତତ୍ତ୍ୱର କାରକ । ଅଗ୍ନିକୋଣ କୋଣ ହେଉଛି ରୋଷେଇ ଅଗ୍ନି ତତ୍ତ୍ୱର କାରକ । ନୈଋତ୍ୟ କୋଣ ହେଉଛି ମାଷ୍ଟର ବେଡ଼ରୁମ ପୃଥିବୀ ତତ୍ତ୍ୱର କାରକ । ବାୟବ୍ୟ କୋଣ ହେଉଛି ଅତିଥି କକ୍ଷ କିମ୍ବା ବାୟୁ ଚଳାଚଳ ପାଇଁ ଉପଯୁକ୍ତ ତଥା ବାୟୁ କାରକ । ଘରର କେନ୍ଦ୍ର ହେଉଛି ବ୍ରହ୍ମସ୍ଥାନ ତଥା ଆକାଶ ତତ୍ତ୍ୱ କାରକ। ଘରର ମୁଖ୍ୟ ଦ୍ୱାର ତଥା ଘରର ମୁଖ୍ୟ ପ୍ରବେଶ ପଥ ସଠିକ ହେଲେ ଘରର ବାସ୍ତୁଦୋଷ ରହେ ନାହିଁ ତେଣୁ ମୁଖ୍ୟଦ୍ୱାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ବାସ୍ତୁ ଅନୁସାରେ ମୁଖ୍ୟଦ୍ୱାର ଦ୍ୱାର ସୁଦୃଢ଼ ଓ ପ୍ରଶସ୍ତ ହେବା ଉଚିତ। ପର୍ଯ୍ୟାପ୍ତ ଆଲୋକ ରହିବା ଦରକାର ଓ ଦ୍ୱାର ସାମ୍ନାରେ ଅବରୋଧ ନ ଥିବା ଭଲ। ପୂଜାଘର ପାଇଁ ଈଶାନ କୋଣକୁ (ଉତ୍ତର - ପୂର୍ବ) ପାରମ୍ପରିକ ଭାବେ ସର୍ବୋତ୍ତମ ବୋଲି ଧରାଯାଏ। ସ୍ଥାନଟି ସଫା, ଶାନ୍ତ ଓ ପ୍ରାକୃତିକ ଆଲୋକଯୁକ୍ତ ହେବା ଉଚିତ। ଅଗ୍ନିକୋଣ (ଦକ୍ଷିଣ-ପୂର୍ବ) ରୋଷେଇଘର ପାଇଁ ଉପଯୁକ୍ତ ବୋଲି ପାରମ୍ପରିକ ବାସ୍ତୁରେ ଉଲ୍ଲେଖ ଅଛି। ଧୂଆଁ ବାହାରିବା ଓ ବାୟୁ ଚଳାଚଳର ବ୍ୟବସ୍ଥା ଅତ୍ୟାବଶ୍ୟକ। ମାଷ୍ଟର ବେଡ଼ରୁମ ପାଇଁ ଦକ୍ଷିଣ-ପଶ୍ଚିମ ନୈଋତ ଭାଗକୁ ଉପଯୁକ୍ତ ବୋଲି ମନାଯାଏ। ଶୋଇବା ସମୟରେ ମୁଣ୍ଡ ଦକ୍ଷିଣ କିମ୍ବା ପୂର୍ବ ଦିଗକୁ ରଖିବା ସ୍ୱାସ୍ଥ୍ୟ ପକ୍ଷେ ଶୁଭ । ପୂର୍ବ କିମ୍ବା ଉତ୍ତର ଦିଗରେ ପଢ଼ା ଘର ରଖିଲେ ପ୍ରାକୃତିକ ଆଲୋକ ଅଧିକ ମିଳେ। ପଢ଼ା ଟେବୁଲ ସୁସଂଗଠିତ ଓ ବାୟୁପୂର୍ଣ୍ଣ ସ୍ଥାନରେ ହେବା ଉଚିତ। ଆଧୁନିକ ନିର୍ମାଣରେ ଶୌଚାଳୟର ସଠିକ୍ ପ୍ଲମ୍ବିଂ, ଭେଣ୍ଟିଲେସନ ଓ ପରିଷ୍କାରତା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ବାସ୍ତୁରେ ମଧ୍ୟ ଏହାକୁ ବାସସ୍ଥାନର ପବିତ୍ର ସ୍ଥାନଠାରୁ ଅଲଗା ରଖିବାକୁ ପରାମର୍ଶ ଦିଆଯାଏ। ପାଣି ସଂରକ୍ଷଣ, ବର୍ଷାଜଳ ସଂଗ୍ରହ ଓ ପାନୀୟ ଜଳର ସୁରକ୍ଷା ଆଧୁନିକ ଗୃହର ଅବିଭାଜ୍ୟ ଅଂଶ। ପାରମ୍ପରିକ ବାସ୍ତୁରେ ଉତ୍ତର-ପୂର୍ବ ଐଶାନ୍ୟ ଭାଗରେ ଜଳ ବ୍ୟବସ୍ଥାକୁ ଶୁଭ ବୋଲି କୁହାଯାଏ। ସିଡ଼ି ସୁରକ୍ଷିତ, ଯଥେଷ୍ଟ ପ୍ରଶସ୍ତ ଓ ଭଲ ଆଲୋକଯୁକ୍ତ ହେବା ଆବଶ୍ୟକ। ଦୈନନ୍ଦିନ ବ୍ୟବହାରରେ ସୁବିଧା ଓ ସୁରକ୍ଷାକୁ ପ୍ରାଥମିକତା ଦେବା ଉଚିତ। ଏକ ଭଲ ଘରର ପ୍ରମୁଖ ଲକ୍ଷଣ ହେଉଛି - ପ୍ରାକୃତିକ ଆଲୋକର ପ୍ରବେଶ, ପର୍ଯ୍ୟାପ୍ତ ବାୟୁ ଚଳାଚଳ, ଆର୍ଦ୍ରତା ନିୟନ୍ତ୍ରଣ, ଶକ୍ତି ସଞ୍ଚୟକାରୀ ଡିଜାଇନ୍।

ସେହିପରି ବାସ୍ତୁରେ ଭୂମି ପରୀକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଂଶ। ପ୍ରାଚୀନ ଶାସ୍ତ୍ରରେ ଭୂମି ପରୀକ୍ଷାକୁ ବହୁତ ଗୁରୁତ୍ୱ ଦିଆଯାଇଛି। ଯେପରି ମାଟିର ରଙ୍ଗ ଭିତରେ ହାଲୁକା ବାଦାମୀ ରଙ୍ଗ ମାଟି ଅତି ଉତ୍ତମ। କଳା ରଙ୍ଗର ମାଟି କୃଷି ପାଇଁ ଭଲ, ନିର୍ମାଣ ପୂର୍ବରୁ ଯାଞ୍ଚ ଆବଶ୍ୟକ। ଦୁର୍ଗନ୍ଧଯୁକ୍ତ ମାଟି ବାସସ୍ଥାନ ପାଇଁ ଅନୁପଯୁକ୍ତ। ସେହିପରି ମାଟିର ଗନ୍ଧ ମଧ୍ୟରେ ସୁଗନ୍ଧିତ ଓ ପରିଷ୍କାର ମାଟିକୁ ଶୁଭ ବୋଲି ବର୍ଣ୍ଣନା କରାଯାଇଛି। ବାସ୍ତୁ ଅନୁସାରେ ଜଳ ପରୀକ୍ଷା ମଧ୍ୟ ଏକ ପ୍ରମୁଖ ଭୂମିକା। ମାଟିର ଜଳ ନିଷ୍କାସନ କ୍ଷମତା ଭଲ ହେବା ଆବଶ୍ୟକ, ତେବେ ମାଟି ଟି ଭଲ ବୋଲି ଜାଣିବା । ବାସ୍ତୁଶାସ୍ତ୍ର ନିୟମ ଅନୁସାରେ ଆୟାଦି ଗଣନା ତଥା ଗୃହ ନିର୍ମାଣ ପୂର୍ବରୁ ପ୍ରାଚୀନ ବାସ୍ତୁଶାସ୍ତ୍ରରେ ଘରର ଦୈର୍ଘ୍ୟ, ପ୍ରସ୍ଥ ଓ ମାପ ନିର୍ଦ୍ଧାରଣ ପାଇଁ ଆୟାଦି ଗଣନା ତଥା ଶୁଭ ଭାଗବନ୍ଧ ( ଗଜବନ୍ଧ) ବ୍ୟବହୃତ ହୁଏ। ସେହି ଶୁଭ ମାପ ଅନୁସାରେ ଗୃହକର୍ତ୍ତାଙ୍କ ରାଶି ନକ୍ଷତ୍ର ଅନୁସାରେ ଗୃହ ଶୁଭ ଭାଗବନ୍ଧ ତଥା ଆୟାମ / ଆୟାଦି ଗଣନାରେ ଗୃହର ଆୟ/ବ୍ୟୟ, ରାଶି ନକ୍ଷତ୍ର, ପରମାୟୁ, ନଷ୍ଟ, ନବାଂଶ/ଅଧିପତି, ଗଣ, ନାଗ/ନାଗପତ୍ନୀ, ରାହୁପୃଷ୍ଠ ଓ ଦିଗନାଶ ଆଦି ନିର୍ଣ୍ଣୟ କରାଯାଏ। ବାସ୍ତୁଶାସ୍ତ୍ରର ଇତିହାସ ବୈଦିକ ଯୁଗରୁ ଆରମ୍ଭ ହୋଇଥିବା ବୋଲି ଧରାଯାଏ। ଋଗ୍ୱେଦ, ଅଥର୍ବବେଦ, ପୁରାଣ ଓ ବିଭିନ୍ନ ସଂହିତାରେ ବାସ୍ତୁର ଉଲ୍ଲେଖ ମିଳେ। ପ୍ରାଚୀନ ଭାରତରେ ବିଶ୍ୱକର୍ମାଙ୍କୁ ଦେବଶିଳ୍ପୀ ବୋଲି ସମ୍ମାନ କରାଯାଏ। ସେ ଦେବଲୋକର ମହଲ, ନଗର ଓ ମନ୍ଦିର ନିର୍ମାଣ କରିଥିବା କଥା ପୁରାଣରେ ବର୍ଣ୍ଣିତ। ବାସ୍ତୁଶାସ୍ତ୍ରର ପ୍ରମୁଖ ଗ୍ରନ୍ଥ ଗୁଡିକ ହେଲା - ମୟମତମ୍, ମାନସାର, ବୃହଦ୍ ବାସ୍ତୁ ସଂହିତା (ବରାହମିହିର), ସମରାଙ୍ଗଣ ସୂତ୍ରଧାର, ବିଶ୍ୱକର୍ମା ପ୍ରକାଶ, ଅପରାଜିତ ପୃଚ୍ଛା, କାଶ୍ୟପ ଶିଳ୍ପଶାସ୍ତ୍ର ଇତ୍ୟାଦି। ଏହି ଗ୍ରନ୍ଥଗୁଡ଼ିକରେ ଗୃହ, ମନ୍ଦିର, ନଗର, ରାଜପ୍ରାସାଦ, ଦୁର୍ଗ ଓ ସାର୍ବଜନୀନ ସ୍ଥାପତ୍ୟ ବିଷୟରେ ବିସ୍ତୃତ ବିବରଣୀ ରହିଛି। ବାସ୍ତୁଶାସ୍ତ୍ରର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଧାରଣା ହେଉଛି ବାସ୍ତୁପୁରୁଷ ମଣ୍ଡଳ। ପୌରାଣିକ କଥାନୁସାରେ ବାସ୍ତୁପୁରୁଷ ଏକ ଦୈବୀ ଶକ୍ତିର ପ୍ରତୀକ। ଦେବତାମାନେ ତାଙ୍କୁ ବିଭିନ୍ନ ଦିଗରୁ ଧାରଣ କରିଥିଲେ। ସେହିକାରଣରୁ ପ୍ରତ୍ୟେକ ଦିଗକୁ ଏକ ନିର୍ଦ୍ଦିଷ୍ଟ ଶକ୍ତି ଓ ଦେବତାଙ୍କ ସହ ସମ୍ପର୍କିତ ବୋଲି ବର୍ଣ୍ଣନା କରାଯାଇଛି। ବାସ୍ତୁପୁରୁଷ ମଣ୍ଡଳର ପ୍ରମୁଖ ଦିଗ ହେଉଛି ଈଶାନ (ଶିବ), ପୂର୍ବ ( ଇନ୍ଦ୍ର), ଅଗ୍ନି (ଅଗ୍ନିଦେବ), ଦକ୍ଷିଣ (ଯମ), ନୈଋତ୍ୟ ( ନିଋତି) ପଶ୍ଚିମ (ବରୁଣ ଦେବ), ବାୟବ୍ୟ ( ବାୟୁ ଦେବ) ଉତ୍ତର ( କୁବେର) । ଏହି ପ୍ରତୀକାତ୍ମକ ବିଭାଜନ ଅନୁଯାୟୀ ଘରର ବିଭିନ୍ନ ଅଂଶର ଯୋଜନା କରାଯାଏ। ପଞ୍ଚମହାଭୂତର ଭୂମିକା ।ବାସ୍ତୁଶାସ୍ତ୍ର ପଞ୍ଚମହାଭୂତ ଉପରେ ଆଧାରିତ ତଥା ପୃଥିବୀ ହେଉଛି ସ୍ଥିରତା ଓ ଭିତ୍ତି, ଜଳ ହେଉଛି ଜୀବନ, ପବିତ୍ରତା ଓ ସମୃଦ୍ଧି। ଅଗ୍ନି ହେଉଛି ଶକ୍ତି, ରନ୍ଧନ ଓ ସ୍ୱାସ୍ଥ୍ୟ, ବାୟୁ ହେଉଛି ପ୍ରାଣଶକ୍ତି ଓ ସୁସ୍ଥ ପରିବେଶ। ଆକାଶ ହେଉଛି ଖୋଲା ସ୍ଥାନ, ଆଲୋକ ଓ ଆଧ୍ୟାତ୍ମିକତା ଶକ୍ତିର ଉତ୍ସ । ସେହିପରି ଦିଗର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉତ୍ତର ଦିଗ ହେଉଛି ଧନ ଓ ସମୃଦ୍ଧିର ପ୍ରତୀକ ବୋଲି ପାରମ୍ପରିକ ମତ। ପୂର୍ବ ଦିଗ ହେଉଛି ସୂର୍ଯ୍ୟୋଦୟ ହେତୁ ପ୍ରାକୃତିକ ଆଲୋକର ପ୍ରମୁଖ ଦିଗ। ଦକ୍ଷିଣ ଦିଗ ହେଉଛି ଭାରୀ ନିର୍ମାଣ ଓ ସ୍ଥିରତା ସହ ସମ୍ପର୍କିତ ବୋଲି ପାରମ୍ପରିକ ବିଶ୍ୱାସ। ପଶ୍ଚିମ ଦିଗ ହେଉଛି ସନ୍ତୁଳିତ ବ୍ୟବହାର ପାଇଁ ଉପଯୁକ୍ତ।

ଆଜିର ଯୁଗରେ ବାସ୍ତୁକୁ ଅନେକେ ସାଂସ୍କୃତିକ ଓ ପାରମ୍ପରିକ ଦୃଷ୍ଟିରୁ ଅନୁସରଣ କରନ୍ତି। ସେହି ସହିତ ଆଧୁନିକ ସ୍ଥାପତ୍ୟ ବିଜ୍ଞାନ ମଧ୍ୟ ପ୍ରାକୃତିକ ଆଲୋକ, ବାୟୁ ଚଳାଚଳ, ଉତ୍ତମ ନିଷ୍କାସନ ବ୍ୟବସ୍ଥା, ସୁରକ୍ଷା ଓ ଶକ୍ତି ସଞ୍ଚୟକୁ ଗୁରୁତ୍ୱ ଦେଇଥାଏ। ଏହି ଦୁଇ ଦୃଷ୍ଟିକୋଣର ସମନ୍ୱୟରେ ଏକ ସୁନ୍ଦର, ସ୍ୱାସ୍ଥ୍ୟକର ଓ ବ୍ୟବହାରଯୋଗ୍ୟ ଘର ନିର୍ମାଣ ସମ୍ଭବ। ନୂତନ ଗୃହ ନିର୍ମାଣ ଜୀବନର ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଶିଳ୍ପବାସ୍ତୁ ଘରର ନିର୍ମାଣ କୌଶଳ, ସୌନ୍ଦର୍ଯ୍ୟ ଓ ସ୍ଥାୟୀତ୍ୱକୁ ଗୁରୁତ୍ୱ ଦେଉଥିବାବେଳେ, ଗୃହବାସ୍ତୁ ଘରର ଭିତର ବ୍ୟବସ୍ଥାପନା ଓ ସୁବିଧାଜନକ ଜୀବନକୁ ପ୍ରାଧାନ୍ୟ ଦେଇଥାଏ। ଆଧୁନିକ ଯୁଗରେ ବାସ୍ତୁଶାସ୍ତ୍ରକୁ ଅନେକେ ସାଂସ୍କୃତିକ ଓ ପାରମ୍ପରିକ ମାର୍ଗଦର୍ଶନ ଭାବେ ଦେଖନ୍ତି। ଏହା ସହିତ ବୈଜ୍ଞାନିକ ସ୍ଥାପତ୍ୟ ଓ ସିଭିଲ୍ ଇଞ୍ଜିନିୟରିଂର ନିୟମ, ଯଥା ଭୂମି ପରୀକ୍ଷା, ଭୂକମ୍ପ-ପ୍ରତିରୋଧୀ ଡିଜାଇନ୍, ପ୍ରାକୃତିକ ଆଲୋକ, ବାୟୁ ଚଳାଚଳ, ବର୍ଷାଜଳ ସଂରକ୍ଷଣ, ଶକ୍ତି ସଞ୍ଚୟ ଓ ପରିବେଶବାନ୍ଧବ ନିର୍ମାଣ ଅଧିକ ଗୁରୁତ୍ୱ ପାଉଛି। ଉଭୟର ସନ୍ତୁଳିତ ସମନ୍ୱୟ ହିଁ ଏକ ଉତ୍ତମ ଗୃହ ନିର୍ମାଣର ଆଧାର। ପାରମ୍ପରିକ ବାସ୍ତୁ ନିୟମକୁ ସମ୍ମାନ ଜଣାଇବା ସହ ଆଧୁନିକ ଇଞ୍ଜିନିୟରିଂ, ସୁରକ୍ଷା, ପରିବେଶ ସୁରକ୍ଷା ଓ ବୈଜ୍ଞାନିକ ନିର୍ମାଣ ପଦ୍ଧତିକୁ ଅନୁସରଣ କରି ଗୃହ ନିର୍ମାଣ କଲେ ତାହା ଦୀର୍ଘସ୍ଥାୟୀ, ସୁନ୍ଦର, ସୁରକ୍ଷିତ ଓ ଆରାମଦାୟକ ହୋଇପାରିବ। ଏପରି ଗୃହ ଏକ ପରିବାରର ସୁଖ, ଶାନ୍ତି, ସମନ୍ୱୟ ଓ ସାମାଜିକ ଉନ୍ନତିର ଦୃଢ଼ ଆଧାର ହୋଇ ଉଭା ହୁଏ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ:୮୨୪୯୫୦୨୭୭୬

### କଠୋର ହେଲା ଆଇଆରଜିସି

# ହର୍ମୁଜ୍ ଦେଇ ବୁନ୍ଦାଏ ବି ତେଲ ଛଡ଼ାଯିବନି



- ରବିବାର ବିଳମ୍ବିତ ରାତିରେ ଇରାନ୍ ଉପରେ ବୋମାବର୍ଷା
- ସି' ମାଇନ୍ସ ବିସ୍ଫୋରଣରେ ୨ ତେଲ ଟ୍ୟାଙ୍କର୍ କ୍ଷତିଗ୍ରସ୍ତ

ତେହେରାନ/ୱାଶିଂଟନ,୨୦।୭: ଆମେରିକା ଲଗାତାର ନବମ ରାତିରେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନ ଆକ୍ରମଣରେ ମୃତ ଆମେରିକୀୟ ସୈନିକଙ୍କ ସ୍ମୃତିରେ, ସେମାନଙ୍କୁ ସମ୍ମାନ ଜଣାଇ ଇରାନ ଉପରେ ଆକ୍ରମଣ କରାଯାଉଛି। ଅନ୍ୟପକ୍ଷରେ, ହର୍ମୁଜ୍ ପ୍ରଣାଳୀରେ ସଙ୍କଟ ଜାରି ରହିଛି। ୟୁକେ ମେରିଟାଇମ୍ ଟ୍ରେଡ୍ ଅପରେସନ ଏଜେନ୍ସି କହିଛି ଯେ, ହର୍ମୁଜ୍ ପ୍ରଣାଳୀରେ ଆକ୍ରମଣ ପରେ ଏକ ତେଲ ଟ୍ୟାଙ୍କରରେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ଓମାନର କୁମଜାରରୁ ପ୍ରାୟ ୮ ନଟିକାଲ୍ ମାଇଲ୍ ଉତ୍ତରପଶ୍ଚିମରେ ତେଲ ଟ୍ୟାଙ୍କରଟି ଠିଆ କୁହାଯାଉଛି।

ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ଦାବି କରିଛି ଯେ ଦକ୍ଷିଣ ହର୍ମୁଜ୍ ପ୍ରଣାଳୀରେ ସମୁଦ୍ର ମାଇନ୍ସ ବିସ୍ଫୋରଣରେ ଦୁଇଟି ତେଲ ଟ୍ୟାଙ୍କର୍ କ୍ଷତିଗ୍ରସ୍ତ ହୋଇଛି। ଟ୍ୟାଙ୍କର୍ ଦୁଇଟି ହର୍ମୁଜ୍ ଦେଇ



ଯିବାକୁ ଚେଷ୍ଟା କରୁଥିଲେ। ଆମେରିକୀୟ ସେନା ଦ୍ୱାରା ସେମାନଙ୍କୁ ଏହି ରାସ୍ତା ବ୍ୟବହାର କରିବାକୁ ପ୍ରରୋଚିତ କରାଯାଇଥିଲା। ଆଇଆରଜିସି କହିଛି, ସେପର୍ଯ୍ୟନ୍ତ ଏହି ଅଞ୍ଚଳରେ ଆମେରିକାର ଆକ୍ରମଣ ଜାରି ରହିବ, ସେପର୍ଯ୍ୟନ୍ତ ଏହି ଜଳପଥ ଅସୁରକ୍ଷିତ ରହିବ। ହର୍ମୁଜ୍ ବାଟେ ପେଟ୍ରୋକେମିକାଲ୍ ଉତ୍ପାଦ, ଗ୍ୟାସ୍ ଏବଂ ତେଲର ଏକ ବୁନ୍ଦା ମଧ୍ୟ ପରିବହନ କରିବାକୁ ଅନୁମତି ଦିଆଯିବ ନାହିଁ।

ବିଶ୍ୱକପ୍ ଫାଇନାଲ୍ ପରେ ୱାଶିଂଟନ ଫେରିବା ସମୟରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ, ଆମେ ଆଜି ରାତିରେ ସେମାନଙ୍କ ଉପରେ ପୁଣି ଥରେ ଜୋରଦାର ଆକ୍ରମଣ କରିଛୁ। ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ ରବିବାର ବିଳମ୍ବିତ ରାତିରେ ଘୋଷଣା କରିଛି ଯେ ଏହା ଲଗାତାର ନବମ ରାତିରେ ଇରାନ ବିରୁଦ୍ଧରେ ଆକ୍ରମଣ କରିଛି। ଇରାନର ସାମରିକ କ୍ଷମତାକୁ ହ୍ରାସ କରିବା ପାଇଁ ଏହି ଆକ୍ରମଣ କରାଯାଉଛି।

ଆମେରିକାର ଆକ୍ରମଣର କଡ଼ା ଜବାବ ଇରାନ ଦେଇଛି। କୁଏତ କହିଛି ଯେ, ଆମେ ଇରାନୀ ଡ୍ରୋନ୍ ଆକ୍ରମଣକୁ ରୋକିବାର ପ୍ରୟାସ କରୁଛୁ। ଇରାନର ରିଭୋଲ୍ୟୁସନାରୀ ଗାର୍ଡ ସିରିଆରେ ଏକ 'ଶତ୍ରୁ କମାଣ୍ଡ ସେଣ୍ଟର' ଉପରେ ଆକ୍ରମଣ କରିଥିବା ଦାବି କରିଛି। ବାହାରିନର ଗୃହ ମନ୍ତ୍ରଣାଳୟ କହିଛି ଯେ, ଇରାନର ବିମାନ ଆକ୍ରମଣ ଯୋଗୁଁ ସତର୍କତା ସାଇରନ୍ ବାଜିଛି।

### ପୃଥକ୍ ସଂସଦୀୟ ଗୋଷ୍ଠୀ ଆବେଦନକୁ ଅନୁମୋଦନ

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବିଦ୍ରୋହୀ ଟିଏମ୍‌ସି ନେତା



ନୂଆଦିଲ୍ଲୀ, ୨୦।୭: ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଛାଡ଼ି ନ୍ୟାସନାଲ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ)ରେ ଯୋଗ ଦେଇଥିବା ବରିଷ୍ଠ ସାଂସଦ ସୁଦୀପ ବନ୍ଦ୍ୟୋପାଧ୍ୟାୟ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିଦ୍ରୋହୀ ଟିଏମ୍‌ସି ସାଂସଦମାନଙ୍କ ପୃଥକ୍ ସଂସଦୀୟ ଗୋଷ୍ଠୀ ସମ୍ପର୍କିତ ଆବେଦନକୁ ଅନୁମୋଦନ କରିବା ପରେ ଏହି ସାକ୍ଷାତ୍ ହୋଇଛି।

ସୂଚନା ଅନୁସାରେ, ସୁଦୀପ ବନ୍ଦ୍ୟୋପାଧ୍ୟାୟଙ୍କ ସହ ନୂତନ ଗୋଷ୍ଠୀର ଅନ୍ୟ କେତେକ ସାଂସଦ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ। ସୌଜନ୍ୟମୂଳକ ଏହି ସାକ୍ଷାତ୍ ସମୟରେ ସଂସଦର ଆସନ୍ତା ମୌସୁମୀ ଅଧିବେଶନ, ସଂସଦୀୟ କାର୍ଯ୍ୟକଳାପ ଓ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ତେବେ ବୈଠକ ପରେ କୌଣସି ପକ୍ଷରୁ ବିସ୍ତୃତ ବିବୃତି ଜାରି କରାଯାଇନାହିଁ।

ଲୋକସଭା ବାଚସ୍ପତି ସମ୍ପ୍ରତି ବିଦ୍ରୋହୀ ଟିଏମ୍‌ସି ସାଂସଦମାନଙ୍କ ପାଇଁ ପୃଥକ୍ ବସିବା ବ୍ୟବସ୍ଥାକୁ ମଞ୍ଜୁର କରିଛନ୍ତି। ଏହାପରେ କେନ୍ଦ୍ର ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ସୁଦୀପ ବନ୍ଦ୍ୟୋପାଧ୍ୟାୟଙ୍କୁ ନୂତନ ଗୋଷ୍ଠୀର ନେତା ଭାବେ ସର୍ବଦଳୀୟ ବୈଠକକୁ ଆମନ୍ତ୍ରଣ କରିଥିଲେ। ଏହାକୁ ନୂଆ ସଂସଦୀୟ ଗୋଷ୍ଠୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି ଭାବେ ଦେଖାଯାଉଛି।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ଟିଏମ୍‌ସିର ୨୦ ଜଣ ଲୋକସଭା ସାଂସଦ ଦଳ ଛାଡ଼ି ଏନ୍‌ସିପିଆଇରେ ଯୋଗ ଦେଇଥିଲେ। ଏହାକୁ ନେଇ ତୃଣମୂଳ କଂଗ୍ରେସ ଦଳତ୍ୟାଗ ବିରୋଧୀ ଆଇନ ଅନୁଯାୟୀ ପଦକ୍ଷେପ ଦାବି କରିଥିବାବେଳେ ବିଦ୍ରୋହୀ ସାଂସଦମାନେ ନିଜକୁ ସ୍ୱତନ୍ତ୍ର ସଂସଦୀୟ ଗୋଷ୍ଠୀ ଭାବେ ସ୍ୱୀକୃତି ଦେବାକୁ ଦାବି କରିଥିଲେ। ବାଚସ୍ପତିଙ୍କ ନିଷ୍ପତ୍ତି ପରେ ଏହି ରାଜନୈତିକ ଘଟଣାକ୍ରମ ନୂଆ ମୋଡ଼ ନେଇଛି।

## ସରକାରୀ କାର୍ଯ୍ୟାଳୟରେ କେବଳ ବଙ୍ଗଳା ଭାଷା



କୋଲକାତା,୨୦।୭: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସୋମବାର ଘୋଷଣା କରିଛନ୍ତି ଯେ ରାଜ୍ୟ ସରକାର ସେପ୍ଟେମ୍ବର ୧ ତାରିଖରୁ ସମସ୍ତ ସରକାରୀ କାର୍ଯ୍ୟରେ ବଙ୍ଗଳା ଭାଷାକୁ ବାଧ୍ୟତାମୂଳକ କରିବେ। ରାଜ୍ୟର ସରକାରୀ କାର୍ଯ୍ୟ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ସହିତ ସରକାରୀ ଯୋଗାଯୋଗ ପାଇଁ ମଧ୍ୟ ହିନ୍ଦୀ ବ୍ୟବହାର କରାଯିବ। ସେପ୍ଟେମ୍ବର ୧ ତାରିଖରୁ, ସରକାର ସମସ୍ତ ସାର୍ବଜନୀନ ଯୋଗାଯୋଗ ଚ୍ୟାନେଲରେ ବଙ୍ଗଳା ଭାଷାର ବ୍ୟବହାରକୁ ବାଧ୍ୟତାମୂଳକ କରିବେ। ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, ଭୂମି ଏବଂ ଭୂମି ସଂସ୍କାର ବିଭାଗ ଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ବଙ୍ଗଳା ଭାଷାରେ କରାଯିବ। ନାଗରିକ ସେବା, ଆଫିଡେଭିଟ୍, ଆସ୍ୱ, ନାଗରିକ ଚାର୍ଟର, ଏଫଆଇଆର ଏବଂ ବିଜ୍ଞପ୍ତି ପାଇଁ ମଧ୍ୟ ବଙ୍ଗଳା ଭାଷା ବ୍ୟବହାର କରାଯିବ।

## ଡିଜିପି ଅନୁରାଗ ଧନଖରଙ୍କ ମୃତଦେହ ଉଦ୍ଧାର



ଅଗରତାଲା,୨୦।୭: ତ୍ରିପୁରା ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଅନୁରାଗ ଧନଖରଙ୍କ ମୃତଦେହ ଅଗରତାଲା ପୁଲିସ ମୁଖ୍ୟାଳୟରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଅନୁରାଗ ଧନଖରଙ୍କୁ ତୁରନ୍ତ ଅଗରତାଲାର ଜିବି ପନ୍ତ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି। ଫୋରେନସିକ୍ ଟିମ୍ କାର୍ଯ୍ୟାଳୟରେ ପହଞ୍ଚି ପ୍ରମାଣ ସଂଗ୍ରହ କରୁଛି। ପୋଷ୍ଟମର୍ଟମ ମଧ୍ୟ ଚାଲିଛି, ଯାହାର ରିପୋର୍ଟ ମୃତ୍ୟୁର କାରଣ ବିଷୟରେ ଅଧିକ ସ୍ପଷ୍ଟ ସୂଚନା ପ୍ରଦାନ କରିବ ବୋଲି ଆଶା କରାଯାଉଛି। ତଦନ୍ତ ସମାପ୍ତ ହେବା ପୂର୍ବରୁ କୌଣସି ନିଷ୍କର୍ଷ ବାହାର କରିବା ଅନୁଚିତ ହେବ ବୋଲି ପୁଲିସ ସ୍ପଷ୍ଟ କରିଛି। ରାଜ୍ୟର ସର୍ବୋଚ୍ଚ ପୁଲିସ ଅଧିକାରୀଙ୍କ ଆତ୍ମହତ୍ୟା ଖବର ପ୍ରଚାରିତ ହେବା ପରେ ବହୁ ବରିଷ୍ଠ ପୁଲିସ ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ ସରକାରୀ ପ୍ରତିନିଧି ପୁଲିସ ମୁଖ୍ୟାଳୟ ଏବଂ ହସ୍ପିଟାଲରେ ପହଞ୍ଚିଛନ୍ତି। ଏହି ଘଟଣା ସମଗ୍ର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ଦୋହଲାଇ ଦେଇଛି।

### ଜାମ୍ମୁରେ ବର୍ଷା ଓ ଭୂସ୍ଖଳନ

## ଏବେ ସୁଦ୍ଧା ୧୯ ମୃତଦେହ ଉଦ୍ଧାର



ଜାମ୍ମୁ-କଶ୍ମୀର, ୨୦।୭: ଜାମ୍ମୁ-କଶ୍ମୀରରେ ବନ୍ୟା ଓ ମାଟି ଅତଡ଼ା ଧସିବା ଘଟଣାରେ ଏପର୍ଯ୍ୟନ୍ତ ୧୯ ଜଣଙ୍କ ମୃତ୍ୟୁ ଖବର ସାମ୍ନାକୁ ଆସିଛି। ଅନେକ ରାସ୍ତା ବନ୍ଦ ଥିବାବେଳେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏବେ ବି ବିପର୍ଯ୍ୟୟରେ ଫସିରହିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବର୍ଷା ଯୋଗୁଁ ନଦୀ ଓ ନାଳର ଜଳସ୍ତର ବଢ଼ିବା ସହ ଅନେକ ଅଞ୍ଚଳ ଜଳମଗ୍ନ ହୋଇରହିଛି। ଏହା ସହ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ଅନେକ ରାସ୍ତା ଅବରୋଧ ହୋଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ଅତି କମରେ ୧୯ ଜଣଙ୍କ ଜୀବନ ଯାଇଥିବା ଖବର ମିଳିଛି। ଅନେକ ଲୋକ ପ୍ରଭାବିତ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଆରମ୍ଭ କରାଯାଇଛି।ଭାରତୀୟ ସେନା, ଏନ୍‌ଡିଆରଏଫ୍ ଟିମ ଓ ସ୍ଥାନୀୟ ପ୍ରଶାସନ ମିଶି ଫସିଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରିବାରେ ଲାଗିଛନ୍ତି।

### ଶିଶୁ କନ୍ୟା ଦୁଷ୍କର୍ମ ଓ ହତ୍ୟା ମାମଲା

## ପୁଲିସ ଏନକାଉଣ୍ଟରରେ ଦୁଷ୍କର୍ମକାରୀ ମୃତ



ଗାନ୍ଧୀନଗର, ୨୦।୭: ୪ ବର୍ଷର ଜଣେ ଶିଶୁକୁ ଦୁଷ୍କର୍ମ ତଥା ହତ୍ୟା ମାମଲାରେ ପୁଲିସ ସୁରେଶ ପରମାରକୁ ଏନକାଉଣ୍ଟର କରିଛି। କିଛି ଦିନ ତଳେ ସେ ଜଣେ ଶିଶୁକନ୍ୟାକୁ ଅପହରଣ କରିବା ପରେ ଦୁଷ୍କର୍ମ କରି ହତ୍ୟା କରିଥିଲା। ବୋରସାଦ୍ ପୁଲିସ ଘଣ୍ଟାଏ ଭିତରେ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲା। ଗିରଫ ପରେ ସୁରେଶକୁ କ୍ରାଇମ୍ ବ୍ରାଞ୍ଚ ଶାଖାକୁ ହସ୍ତାନ୍ତର କରାଯାଇଥିଲା। ଅଭିଯୁକ୍ତକୁ ଗାଡିରେ ନେବା ବାଟରେ ସେ ବାନ୍ତି କରିବ ବୋଲି କହିବାରୁ ସୁରେଶକୁ ପୁଲିସ ଭ୍ୟାନରୁ ଓହ୍ଲାଇଥିଲା। ହଠାତ ସେ ଏକ ଛୁରୀ ସାହାଯ୍ୟରେ ପୁଲିସ କର୍ମୀଙ୍କୁ ଆକ୍ରମଣ କରିଥିଲା। ଏହାସହ ଖସି ଯିବାକୁ ଚେଷ୍ଟା କରିଥିଲା।

## ୬୩ ବର୍ଷରେ ଦଶମ ପାସ୍

ନୂଆଦିଲ୍ଲୀ,୨୦।୭: ଚଳିତବର୍ଷ ହରିୟାଣା ରେୱାଡ଼ି ଜିଲ୍ଲା ଭଡ଼ଙ୍ଗୀ ଗାଁର ୬୩ ବର୍ଷୀୟ ସୁଶୀଳା ଦେବୀ ୭୯.୬ ପ୍ରତିଶତ ନମ୍ବର ରଖି ଦଶମ ଶ୍ରେଣୀ ପରୀକ୍ଷା ପାସ୍ କରିଛନ୍ତି। ଆଗକୁ ଗ୍ରାମ ପଞ୍ଚାୟତ ନିର୍ବାଚନ ଲଢ଼ି ସରପଞ୍ଚ ହେବାକୁ ତାଙ୍କର ଇଚ୍ଛା ରହିଥିବା ସେ ପ୍ରକାଶ କରିଛନ୍ତି। ପରିବାରର ଖରାପ ଆର୍ଥିକ ସ୍ଥିତି ଯୋଗୁ ପଞ୍ଚମ ଶ୍ରେଣୀରୁ ପଢ଼ା ଛାଡିଥିଲେ ସୁଶୀଳା। ଏହାପରେ ବିବାହ, ୩ ସନ୍ତାନଙ୍କ ଜନ୍ମ, ପାରିବାରିକ ଦାୟିତ୍ୱ ତାଙ୍କୁ ଆଗକୁ ପାଠ ପଢ଼ିବାର ସୁଯୋଗ ଦେଇନଥିଲା। ପାଠ ପ୍ରତି ତାଙ୍କର ଆଗ୍ରହ କିନ୍ତୁ କମିନଥିଲା। ତାଙ୍କ ମନୋଭାବକୁ ପୁଅ ବିଷ୍ଣୁ ଗମ୍ଭୀରତାର ସହ ନେଇ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓପନ୍ ସ୍କୁଲିଂ (ଏନଆଇଓସ୍)ରେ ନାମ ଲେଖାଇ ଦେଇଥିଲେ। ଏହାପରେ ସୁଶୀଳା ଦଶମ ପରୀକ୍ଷା ଲାଗି ପ୍ରସ୍ତୁତି କରିଥିଲେ।

### ରାମ ମନ୍ଦିର ଦାନ ଚୋରି ମାମଲା

## ମୁଖ୍ୟ ଅଭିଯୁକ୍ତ ସମେତ ୨ ଜଣଙ୍କୁ ୩୦ ଘଣ୍ଟା ଜେରା



ଅଯୋଧ୍ୟା,୨୦।୭: ରାମ ମନ୍ଦିର ଦାନ ହଡ଼ପ ମାମଲାରେ ଅଯୋଧ୍ୟା ପୁଲିସ ମୁଖ୍ୟ ଅଭିଯୁକ୍ତ ରାମଶଙ୍କର ଯାଦବ ଓ ତାଙ୍କ ପୁତୁରା ମନୀଷ ଯାଦବଙ୍କୁ ଲଗାତାର ୩୦ ଘଣ୍ଟା ଜେରା କରିଛି। ଦାନ ହଡ଼ପ ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀକୁ ଚିହ୍ନଟ କରିବା, କଥିତ ଷଡ଼ଯନ୍ତ୍ରର ପୁନଃସଂରଚନା, ଧନ ପ୍ରବାହର ସନ୍ଧାନ ନେବା ସହ ସନ୍ଦିଗ୍ଧ ଚୋରି ଟଙ୍କାକୁ କେଉଁଠି ନିବେଶ କରାଯାଇଛି ପୁଲିସ୍ ତାହା ଜାଣିବାକୁ ଚେଷ୍ଟାକରିଛି। ଏହି ପଚରାଉଚରା ଆଧାରରେ ସେମାନଙ୍କଠାରୁ ୨ଟି ଗାଡ଼ି ଜବତ କରାଯାଇଛି। ତଦନ୍ତକାରୀ ଅଧିକାରୀ ଦୁଇ ଅଭିଯୁକ୍ତଙ୍କ କଗଜପତ୍ର, ବ୍ୟାଙ୍କ ନେଣଦେଣ ରେକର୍ଡ, ହାଜତରେ ଅନ୍ୟ ୬ ଅଭିଯୁକ୍ତଙ୍କଠାରୁ ପଚରାଉଚରାରେ ମିଳିଥିବା ତଥ୍ୟ ସହ ମେଳ କରିଛନ୍ତି।

### ଫିଫା ବିଶ୍ୱକପ୍ ଫାଇନାଲ୍ ଉତ୍ସବ

## ମଞ୍ଚ ଛାଡ଼ିଲେନି ରାଷ୍ଟ୍ରପତି ଟ୍ରମ୍ପ୍



ନ୍ୟୁଜର୍ସି,୨୦।୭:ଫାଇନାଲ୍‌ରେ ସ୍ପେନର ରୋମାଞ୍ଚକର ବିଜୟ ପରେ ନ୍ୟୁଜର୍ସି ଷ୍ଟାଡିୟମରେ ଆୟୋଜିତ ପଦକ ଓ ଟ୍ରଫି ପ୍ରଦାନ ଉତ୍ସବରେ ଭାଗ ନେବା ପାଇଁ ଟ୍ରମ୍ପ ଫିଫା ସଭାପତି ଜିଆନି ଇନଫାଣ୍ଟିନୋଙ୍କ ସହ ପଡ଼ିଆକୁ ଆସିଥିଲେ।

ଉଭୟ ଦଳର ଖେଳାଳି ଏବଂ କୋଚିଂ ଷ୍ଟାଫ୍‌ଙ୍କୁ ପଦକ ପ୍ରଦାନ କରିବା ପରେ ଟ୍ରମ୍ପ ପ୍ରସିଦ୍ଧ ବିଶ୍ୱକପ୍ ଟ୍ରଫିକୁ ରୋଡ୍ରିଙ୍କ ହାତକୁ ବଢ଼ାଇ ଦେଇଥିଲେ। ପାରମ୍ପରିକ ରୀତିରେ ଟ୍ରଫି ଟେକିବା ଖୁସି ମନାଇବା ପାଇଁ ସ୍ପେନର ଅଧିନାୟକ ଯେତେବେଳେ ନିଜ ସାଥୀ ଖେଳାଳିମାନଙ୍କୁ ଏକାଠି ଡାକିଲେ ଟ୍ରମ୍ପ ମଞ୍ଚରୁ ଦୂରେଇ ଯିବା ବଦଳରେ ପ୍ରଥମେ ସେହି ଉତ୍ସବ ମନାଉଥିବା ଖେଳାଳିମାନଙ୍କ ଗହଣରେ ରହିଯାଇଥିଲେ ଓ ସେଠୁ ଯିବାର ନାଁ ଧରୁନଥିଲେ। ଏହା ଫଳରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଐତିହାସିକ ମୁହୂର୍ତ୍ତକୁ ଦଳ ଯେପରି ଏକାଠି ଉପଭୋଗ କରିପାରିବ ସେଥିପାଇଁ ଟ୍ରମ୍ପ ମଞ୍ଚର ଗୋଟିଏ ପାର୍ଶ୍ୱକୁ ଘୁଞ୍ଚିଯିବା ନେଇ ରୋଡ୍ରି ବାଧ୍ୟ ହୋଇ ଇସାରା କରିଥିଲେ। ଏହାର କିଛି ସମୟ ପରେ ଇନଫାଣ୍ଟିନୋ ମଧ୍ୟ ମଝିକୁ ଆସି ଆମେରିକା ରାଷ୍ଟ୍ରପତିଙ୍କୁ ସେଠାରୁ ଆଦରର ସହ ନେଇଯାଇଥିଲେ, ଯାହାଫଳରେ ସ୍ପେନର ଖେଳାଳିମାନେ ସେମାନଙ୍କର ଦ୍ୱିତୀୟ ବିଶ୍ୱକପ୍ ଟ୍ରଫି ଟେକିବା ସହ ସେହି ଗୌରବମୟ ମୁହୂର୍ତ୍ତର ସମ୍ପୂର୍ଣ୍ଣ ଆନନ୍ଦ ନେଇପାରିଥିଲେ।

### ଦଳବଦଳ ଓ ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗ

## ୨ ସାଂସଦଙ୍କ ଗୃହ ମୁଲତବୀ ପ୍ରସ୍ତାବ



ନୂଆଦିଲ୍ଲୀ,୨୦।୭: କଂଗ୍ରେସ ସାଂସଦ ମନୀଷ ତିୱାରୀ ଲୋକସଭା ମହାସଚିବଙ୍କୁ ଏକ ଚିଠି ଲେଖି ଦଳବଦଳ ବିରୋଧୀ ଆଇନର ସ୍ୱରୂପ ଉପରେ ଆଲୋଚନା କରିବାକୁ ଦାବି କରିଛନ୍ତି। ମନୀଷ ତିୱାରୀ ଚିଠିରେ ଲେଖିଛନ୍ତି ଯେ,ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବା ପାଇଁ ଗୃହକୁ ମୁଲତବୀ ପ୍ରସ୍ତାବ ଆଗତ କରିବା ପାଇଁ ଅନୁରୋଧ କରୁଛି। ମୁଁ ପ୍ରସ୍ତାବ ଦେଉଛି, ଏକ ନୂତନ ଦଳ ପରିବର୍ତ୍ତନ ବିରୋଧୀ ଆଇନର ଖସଡ଼ା ପ୍ରସ୍ତୁତ କରିବା ପାଇଁ ପ୍ରଶ୍ନକାଳ, ଶୂନ୍ୟକାଳ ଏବଂ ଦିନର ସମସ୍ତ ନିର୍ଦ୍ଧାରିତ କାର୍ଯ୍ୟକୁ ମୁଲତବୀ ରଖାଯାଉ। ଏହି ଆଇନ ସୁଯୋଗବାଦ ଦ୍ୱାରା ପ୍ରେରିତ ଓ କୌଣସି ପ୍ରକୃତ ଆଦର୍ଶଗତ କିମ୍ବା ନୀତିଗତ ପାର୍ଥକ୍ୟ ବିନା ବଡ଼ ଧରଣର ରାଜନୈତିକ ଦଳତ୍ୟାଗକୁ ରୋକିବା ଉଚିତ। ସଂସଦ ଓ ବିଧାନସଭା ଭିତରେ ଏବଂ ବାହାରେ ସଚ୍ଚୋଟ ତଥା ସମାଲୋଚନାମୂଳକ ମତଭେଦକୁ ମଧ୍ୟ ଅନୁମତି ଦେବା ଉଚିତ। ତେଣୁ ସରକାର ଆଜିର କାର୍ଯ୍ୟବାହୀକୁ ସ୍ଥଗିତ ରଖିବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ତାମିଲନାଡୁ କଂଗ୍ରେସ ସଭାପତି ତଥା ଲୋକସଭା ସାଂସଦ ମାନିକମ୍ ଟାଗୋର ମଧ୍ୟ ଲୋକସଭା ବାଚସ୍ପତିଙ୍କୁ ଚିଠି ଲେଖି ଏନଇଇଟି ପେପର୍ ଲିକ୍ ପ୍ରସଙ୍ଗ ଉଠାଇ ମୁଲତବୀ ପ୍ରସ୍ତାବ ଆଗତ କରିଛନ୍ତି। ସେ ଚିଠିରେ ଲେଖିଛନ୍ତି ଯେ, ଏନଇଇଟି ଭଳି ଜାତୀୟସ୍ତରୀୟ ପ୍ରବେଶିକା ପରୀକ୍ଷାରେ ପେପର୍ ଲିକ୍ ଘଟଣା ଘଟିଥିବା ରିପୋର୍ଟଗୁଡ଼ିକ ସୂଚିତ କରୁଛି। କିନ୍ତୁ ସେମାନଙ୍କ ବିରୋଧରେ କୌଣସି ଠୋସ୍ କିମ୍ବା ସଙ୍ଗଠିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

### ପେରୁରେ ୫.୫ ତୀବ୍ରତାର ଭୂମିକମ୍ପ

## ୫ ମୃତ, ୨୦ରୁ ଉର୍ଦ୍ଧ୍ୱ ଆହତ



ଲିମା,୨୦।୭: ପେରୁର ଏଣ୍ଡିଜ୍ ଅଞ୍ଚଳରେ ରବିବାର ୫.୫ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଏଥିରେ ଅତି କମରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ସେହିଭଳି ୨୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି, ଯେତେବେଳେ ଏପର୍ଯ୍ୟନ୍ତ ୩୦୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଆମେରିକୀୟ ଭୂତତ୍ତ୍ୱ ସର୍ବେକ୍ଷଣ ଅନୁଯାୟୀ, ଶନିବାର ରାତିରେ ସ୍ଥାନୀୟ ସମୟ ରାତି ୯: ୨୪ ରେ ଭୂମିକମ୍ପ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ହୁଆନକାୟୋ ପ୍ରଦେଶର ସିକାଇଆ ସହରରୁ ଦୁଇ କିଲୋମିଟର ପଶ୍ଚିମ-ଦକ୍ଷିଣ ପଶ୍ଚିମରେ ଥିଲା। ଭୂମିକମ୍ପର ଗଭୀରତା ୧୦ କିଲୋମିଟର ରେକର୍ଡ କରାଯାଇଛି।

ପେରୁର ଜାତୀୟ ନାଗରିକ ସୁରକ୍ଷା ପ୍ରତିଷ୍ଠାନ ଏକ ବିବୃତ୍ତିରେ କହିଛି ଯେ ନିଖୋଜ ଲୋକଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ଜଣାପଡିନାହିଁ। ଭୂମିକମ୍ପରେ ସ୍ଥାନୀୟ ଚର୍ଚ୍ଚ ଏବଂ କନ୍ୟାଶ୍ରମ ସମେତ ଅନେକ କୋଠା ଭୁଶୁଡ଼ି ପଡ଼ିଛି କିମ୍ବା ପ୍ରବଳ କ୍ଷତି ହୋଇଛି। ସ୍ଥାନୀୟ ଗଣମାଧ୍ୟମରେ ପ୍ରସାରିତ ଚିତ୍ର ଗୁଡ଼ିକରେ ଚୋଙ୍ଗୋ ବାଜୋର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ। କୃଷି କ୍ଷେତ୍ରର କ୍ଷତିଗ୍ରସ୍ତ ଘର ବାହାରେ କମ୍ବଳ ତଳେ ବସିଥିବା ଲୋକମାନେ ଦେଖାଯାଉଛି। ପଶୁମାନେ ମଧ୍ୟ ଭଗ୍ନାବଶେଷ ତଳେ ପୋତି ହୋଇ ରହିଥିବା ଦେଖାଯାଉଛି।

୨୦୦୭ ମସିହାରେ ପେରୁର ଇକା ଅଞ୍ଚଳର ପିସ୍କୋ ପ୍ରଦେଶରେ ୭.୯ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା, ଯେଉଁଥିରେ ପ୍ରାୟ ୬୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା। ପେରୁ ପ୍ରଶାନ୍ତ ମହାସାଗରର "ଅଗ୍ନି ବଳୟ"ରେ ଅବସ୍ଥିତ, ଯେଉଁଠାରେ ପ୍ରାୟତଃ ଭୂମିକମ୍ପ ହୁଏ।

## 'ସଂସଦ ଚଲୋ' ଅଭିଯାନ ବେଳେ ଲାଠିଚାର୍ଜ



ନୂଆଦିଲ୍ଲୀ, ୨୦।୭: କକ୍ରୋଚ୍ ଜନତା ପାର୍ଟି(ସିଜେପି)ର 'ସଂସଦ ଚଲୋ' ଅଭିଯାନ ବେଳେ ପ୍ରଦର୍ଶନକାରୀଙ୍କ ଉପରେ ଦିଲ୍ଲୀ ପୁଲିସ ଲାଠିଚାର୍ଜ କରିଛି। ପୁଲିସ ସେମାନଙ୍କୁ ଜନ୍ତର ମନ୍ତରରୁ ସଂସଦ ଆଡକୁ ଯିବାରୁ ରୋକିଛି। ବାରମ୍ବାର କଟକଣା ସତ୍ତ୍ୱେ, ପ୍ରଦର୍ଶନକାରୀମାନେ ସଂସଦ ଆଡକୁ ଆଗକୁ ବଢୁଥିବା ସମୟରେ ପୁଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ କରିଛି। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଆରପିଏଫ କର୍ମଚାରୀ ଏବଂ ପୁଲିସ ଲାଠିଚାର୍ଜ କରିଛନ୍ତି। ସଂସଦର ମୌସୁମୀ ଅଧିବେଶନ ଏବଂ ମୁଖ୍ୟ ବିଚାରପତିଙ୍କ ସଂସଦ ମାର୍ଚ୍ଚକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୁଲିସ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି। ସିଜେପିର ପ୍ରତିବାଦରେ ଅନେକ ରାଜନୈତିକ ଦଳର ନେତାମାନେ ଯୋଗ ଦେଇଥିଲେ। ଉପସ୍ଥିତ ଲୋକଙ୍କ ମଧ୍ୟରେ ଆମ ଆଦମୀ ପାର୍ଟିର ମନୀଷ ସିସୋଦିଆ, ସଞ୍ଜୟ ସିଂହ ଏବଂ ଆଜାଦ ସମାଜ ପାର୍ଟିର ମୁଖ୍ୟ ଏବଂ ଉତ୍ତର ପ୍ରଦେଶର ନାଗିନାର ସାଂସଦ ଚନ୍ଦ୍ରଶେଖର ମଧ୍ୟ ଯୋଗ ଦେଇଥିଲେ। ଅଭିନେତା ପ୍ରକାଶ ରାଜ ଏବଂ ସୋନମ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ମଧ୍ୟ ଯୋଗ ଦେଇଥିଲେ।

# ଶ୍ୱାସ ଓ ହୃଦ୍‌ରୋଗୀଙ୍କ ପାଇଁ ସ୍ୱର୍ଗ

ଅମ୍ମାନ,୨୦।୭: ପୃଥିବୀର ପୃଷ୍ଠରେ ଏମିତି ଅନେକ ସ୍ଥାନ ଅଛି ଯାହା ନିଜର ଭୌଗୋଳିକ ବିଶେଷତ୍ୱ ପାଇଁ ସାରା ବିଶ୍ୱକୁ ଆଶ୍ଚର୍ଯ୍ୟ ଚକିତ କରିଥାଏ। ସେହିଭଳି ଏକ ସ୍ଥାନ ହେଉଛି ଇସ୍ରାଏଲର 'ନେଭେ ଜୋହର' ଯାହା ମୃତ ସାଗର ବା ଡେଡ୍ ସି କୂଳରେ ଅବସ୍ଥିତ। ଏହାକୁ ପୃଥିବୀର ସବୁଠାରୁ ନିମ୍ନ ସ୍ଥାନ ବୋଲି କୁହାଯାଏ। ସମୁଦ୍ର ପତ୍ତନଠାରୁ ପ୍ରାୟ ୪୩୦ ମିଟର ତଳେ ଥିବା ଏହି ଅଞ୍ଚଳର ଜୀବନଶୈଳୀ ଏବଂ ପରିବେଶ ସମ୍ପୂର୍ଣ୍ଣ ନିଆରା। ଆସନ୍ତୁ ଜାଣିବା ପୃଥିବୀର ସବୁଠାରୁ ନିମ୍ନରେ ଥିବା ଗାଁ ବିଷୟରେ।

ନେଭେ ଜୋହର ହେଉଛି ଏକ ଛୋଟ ବସତି ବା ରିସର୍ଟ ଅଞ୍ଚଳ। ଏଠାରେ ରହୁଥିବା ଲୋକମାନେ ଏବଂ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏକ ଏମିତି ଦୁନିଆର ଅନୁଭବ କରନ୍ତି, ଯାହା ସାଧାରଣ ସ୍ଥାନଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହି ସ୍ଥାନଟି ମୃତ ସାଗର



ବା ଡେଡ୍ ସି ର ଦକ୍ଷିଣ ଭାଗରେ ଅବସ୍ଥିତ। ଏଠାକୁ ଆସୁଥିବା ଲୋକମାନେ ସ୍ୱର୍ଗ ପରି ଅନୁଭବ କରନ୍ତି। ବିଶ୍ୱର ଅନ୍ୟ ସ୍ଥାନ ତୁଳନାରେ ଏଠାରେ ବାୟୁରେ ୮ ପ୍ରତିଶତରୁ ୧୦ ପ୍ରତିଶତ ଅଧିକ ଅମ୍ଳଜାନ ମିଳିଥାଏ। ଏଠାରେ ନିଃଶ୍ୱାସ ନେବା ଅତ୍ୟନ୍ତ ସହଜ, ଯାହା ଶ୍ୱାସରୋଗ ଏବଂ ହୃଦରୋଗୀଙ୍କୁ ଆରାମ ପ୍ରଦାନ

### ବାୟୁରେ ରହିଛି ୮ରୁ ୧୦ ପ୍ରତିଶତ ଅମ୍ଳଜାନ

କରେ। ସୂର୍ଯ୍ୟର କ୍ଷତିକାରକ ଅଲ୍‌ଟ୍ରାଭାୟୋଲେଟ୍ ରଶ୍ମି ପ୍ରାକୃତିକ ଭାବରେ ଫିଲ୍‌ଟର ହୋଇଯାଇଥାଏ।

ପ୍ରାରମ୍ଭରେ ଏହା ମୃତ ସାଗର ନିକଟରେ କାରଖାନା ଶ୍ରମିକଙ୍କ ପାଇଁ ଏକ ଛୋଟ କାର୍ଯ୍ୟ ଶିବିର ଥିଲା। ଧୀରେ ଧୀରେ ଲୋକମାନେ ଏଠାରେ ସେମାନଙ୍କର ସ୍ଥାୟୀ ଘର ତିଆରି କଲେ। ଗାଁଠାରୁ ମାତ୍ର ୩ କିଲୋମିଟର ଦୂରରେ ଏନ ବୋକେକ ଏକ ପ୍ରମୁଖ ହୋଟେଲ ଏବଂ ରିସର୍ଟ ହବ୍, ଯାହା ସାରା ବିଶ୍ୱର ଧନୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏଠାରେ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଗ୍ରୀଷ୍ମ ମାସରେ ପ୍ରାୟତଃ ପ୍ରଚଣ୍ଡ ଗରମ ୪୫ ଡିଗ୍ରୀରୁ ୪୭ ଡିଗ୍ରୀ ଅତିକ୍ରମ କରିଥାଏ। ଅପରାହ୍ନରେ ଘରୁ ବାହାରକୁ ବାହାରିବା ଅସମ୍ଭବ। ବର୍ଷକୁ କେବଳ ୪୦-୫୦ ମିମି ବର୍ଷା ହୋଇଥାଏ। ଏଠାରେ ଦୋକାନ ଏବଂ ବଜାର ବହୁତ କମ। ଗାଁ ଭିତରେ କୌଣସି ସୁପରମାର୍କେଟ୍, ପ୍ରମୁଖ ରେଷ୍ଟୁରାଣ୍ଟ କିମ୍ବା ନାଇଟ୍ ଲାଇଫ୍ ନାହିଁ। ଯଦି ସ୍ଥାନୀୟ ବାସିନ୍ଦାଙ୍କୁ ଖାଦ୍ୟ କିମ୍ବା ମୌଳିକ ଚିକିତ୍ସା ଆବଶ୍ୟକ, ତେବେ ସେମାନଙ୍କୁ ପାହାଡ଼ ଚଢି ୨୫ କିଲୋମିଟର ଚାଲିବାକୁ ପଡିବ ଆରାଦ ସହରକୁ। ବ୍ୟକ୍ତିଗତ ଯାନବାହନ ବିନା ଏଠାରେ ରହିବା ଅତ୍ୟନ୍ତ କଷ୍ଟକର।

ମୃତ ସାଗର କୂଳରେ ମିଳୁଥିବା କଳା କାଦୁଅ ମାଗ୍ନେସିୟମ୍, କ୍ୟାଲସିୟମ୍ ଏବଂ ପୋଟାସିୟମ୍ ଭଳି ଖଣିଜରେ ଭରପୂର। ଏହାକୁ ଶରୀରରେ ଲଗାଇବା ଦ୍ୱାରା ଚର୍ମ ରୋଗ ଏବଂ ଗଣ୍ଠି ବାତ ଭଲ ହୋଇଥାଏ।

### ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଉଦ୍‌ଯାପିତ

# ମହାପ୍ରଭୁଙ୍କ ଆଶୀର୍ବାଦରେ ଗୁହାରୀ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଛି: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜିତ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ 'ଗୁହାରୀ' ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜିର ଉଦ୍‌ଯାପନୀ ସମାରୋହର ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାଷଣରେ ସଂସ୍କୃତି ବିଭାଗ, ଓଡ଼ିଶୀ ଗବେଷଣା କେନ୍ଦ୍ର, ଗୁହାରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ କଣ୍ଠଶିଳ୍ପୀ ଓ ଶ୍ରୋତାବୃନ୍ଦଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରେ ଗୁହାରୀ କାର୍ଯ୍ୟକ୍ରମ



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସଫଳତା ହାସଲ କରିଛି ଏବଂ ସମସ୍ତ ଶ୍ରୋତା ଓ ଦର୍ଶକମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଛି ବୋଲି ଉପମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ।

ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ପ୍ରଫେସର ରାମହରି ଦାସ 'ଚନ୍ଦନ ଲାଗି ସମୟେ' ଓ 'ଶ୍ୟାମଳ ରୂପ ବନାଉ ସୁନ୍ଦର', କଣ୍ଠଶିଳ୍ପୀ ମିନାକ୍ଷୀ ରଥ 'ଶ୍ୟାମ ପ୍ରେମ ବଡ଼ ମିଠା' ଓ 'ଦୟାକର ଦୀନବନ୍ଧୁ', ସୁଶାନ୍ତ କୁମାର ପଣ୍ଡା 'ଜୟ ଜଗବନ୍ଧୁ ହେ ଯଦୁନନ୍ଦନ' ଓ 'ମହାବାହୁ ଅଖିଳ ଜଗତନାଥ', ପ୍ରଜ୍ଞା ହୋତା 'ଦୟାକର ଦୀନବନ୍ଧୁ' ଓ 'ଆହେ ନୀଳଗିରି', କରୁଣାକର ସେଠୀ 'ମେଘ ମାଳାକୁ ନିନ୍ଦେ କଳାକୁ' ଓ 'ନୀଳଚକ୍ରେ ହୋ ଦେଖ ଉଡୁଛି ବାନା', ଶ୍ରଦ୍ଧାଞ୍ଜଳି ସାହୁ 'ଚାଲ ସଖୀ ଆମ୍ଭେ ଦର୍ଶନ କରିବା' ଓ 'ଦୁଃଖ ନାଶନ ହେ', ଅଜୟ କୁମାର ଶତପଥୀ 'ମଣିମା ଶୁଣିମା' ଓ 'ସବୁଥିରୁ ବଞ୍ଚିତ କରି', ସୌମ୍ୟା ସମାପ୍ତା ମିଶ୍ର 'ମଣି ବିମାନେ ଗୋବିନ୍ଦ' ଓ 'କାଳିଆ କାହ୍ନୁ ଆଉ ବିଳମ୍ବ କର କାହିଁକି', ଅସିତ କୁମାର ନନ୍ଦ 'ଆହେ ନୀଳଗିରି ତୁମ୍ଭ ଶ୍ରୀଭୁଜେ ଦୟଣା' ଓ 'ମୋତେ ସେହି ରୂପ ଦେଖାଅ ହରି' ଆଦି ସଙ୍ଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀମାନଙ୍କୁ ତବଲାରେ ଜଗନ୍ନାଥ ଦାସ, ଢୋଲକରେ ସୁରେଶ କୁମାର ଦଳେଇ, ବଂଶୀରେ ଅଭିରାମ ନନ୍ଦ, ଅକ୍ଟୋପ୍ୟାଡ୍‌ରେ ଘନଶ୍ୟାମ ପୃଷ୍ଟି, କି-ବୋର୍ଡରେ ଜଗନ୍ନାଥ ମହାନ୍ତି ଓ ହାରମୋନିୟମରେ ବଟକୃଷ୍ଣ ଦାସ ସହଯୋଗ କରିଥିଲେ।

କାର୍ଯ୍ୟକ୍ରମରେ ସଙ୍ଗୀତଜ୍ଞ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ଡ. ଦେବଯାନୀ ଭୂୟାଁ ଉପସ୍ଥିତ ଥିଲେ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

● ଛାତ୍ରଙ୍କ ଉପରେ ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ

## ଦିଲ୍ଲୀ ପୁଲିସ ଉପରେ ବର୍ଷିଲେ ରାହୁଲ୍

**ନୂଆଦିଲ୍ଲୀ,୨୦।୭:** କ୍ଷମତା ସବୁଦିନ ପାଇଁ ନୁହେଁ। ସରକାର ନୁହନ୍ତି, ତୁମମାନଙ୍କର ମାଷ୍ଟର ସମ୍ବିଧାନ ବୋଲି କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀଦଳର ନେତା ରାହୁଲ ଗାନ୍ଧୀ ଦିଲ୍ଲୀ ପୁଲିସକୁ ଚେତାଇ ଦେଇଛନ୍ତି। ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସିବିଆଇ ସହ ସମ୍ମିଳିତ ହୋଇ ସଂସଦ ଘେରାଓ କରିବାକୁ ଆସୁଥିବା ଛାତ୍ରମାନଙ୍କ ଉପରେ ପୁଲିସର ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ ପ୍ରୟୋଗ ଘଟଣା ପରେ ରାହୁଲ ଏଭଳି ପ୍ରତିକ୍ରିୟାଶୀଳ ହୋଇଛନ୍ତି। 'ଏକ୍ସ' ପୋଷ୍ଟରେ ଉଲ୍ଲେଖକରି ରାହୁଲ୍ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ହେଉଛି ଏକ ମୌଳିକ ଅଧିକାର। ଶେଷରେ ଅନ୍ଧଭାବେ କୌଣସି ନିର୍ଦ୍ଦିଷ୍ଟ ଦଳର ଆଦେଶ ପାଳନ ନ କରିବାକୁ ରାହୁଲ ଦିଲ୍ଲୀ ପୁଲିସକୁ ସତର୍କ କରାଇ ଦେଇଛନ୍ତି।

## ଅଭିଷେକଙ୍କ ବିରୋଧରେ ସରକାରୀ ପଦବୀ ବିକ୍ରି ଅଭିଯୋଗ

● ଥାନାର ଦ୍ୱାରସ୍ଥ ହେଲେ ବିଜେପି ନେତାଙ୍କ ପତ୍ନୀ

**କୋଲକାତା,୨୦।୭(ସଂଚାର ବ୍ୟୁରୋ):** ୨୦୨୩ ମସିହା ପଞ୍ଚାୟତ ନିର୍ବାଚନ ସମୟରେ ଟିକେଟ୍ ବିକ୍ରୟ ହେବା ସହ ସରକାରୀ ପଦବୀ ବିକ୍ରି ହୋଇଥିବା ତାଞ୍ଚଳର ବିଧାୟକ ପ୍ରସୂନ ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ସେ ଅଭିଷେକ ବାନାର୍ଜୀଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ଅଭିଷେକଙ୍କ ଇଙ୍ଗିତରେ ଟିକେଟ୍ ବିକ୍ରୟ ହୋଇଥିଲା। 'ନବଜୁଆର' ଅଭିଯାନର ଆଳ ଦେଖାଇ ଆଇ-ପ୍ୟାକ୍ ଏବଂ 'କାମାକ୍ ଷ୍ଟ୍ରିଟ୍' ମଧ୍ୟରେ ମିଳିତ ଭାବରେ ସମଗ୍ର ପ୍ରକ୍ରିୟା ସଂଗଠିତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟଏକ ଘଟଣାକ୍ରମରେ, ବିଜେପି ନେତା ଅଭିଜିତ ଦାସ (ଓରଫ ବବି)ଙ୍କ ପତ୍ନୀ ମୌସୁମୀ ଦାସ ଅଭିଷେକ ବାନାର୍ଜୀଙ୍କ ବିରୋଧରେ ତାଙ୍କ ପ୍ରତି ଆପତ୍ତିଜନକ ଶବ୍ଦ ପ୍ରୟୋଗ କରିଥିବା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମୌସୁମୀ ଅଭିଯୋଗ କରିଛନ୍ତି ଯେ, ଅଭିଷେକଙ୍କ ଇଙ୍ଗିତରେ ତାଙ୍କୁ ଅଶାଳୀନ ଭାଷା ବ୍ୟବହାର କରି ଆକ୍ରମଣ କରାଯାଉଛି।

## ଅମୂଲ୍ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଅମିତ ଶାହ

**କୋଲକାତା,୨୦।୭(ସଂଚାର ବ୍ୟୁରୋ):** ମାନ୍ୟବର କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ କୋଲକାତାର ନ୍ୟୁ ଟାଉନ୍‌ରେ ଥିବା ବିଶ୍ୱ ବଙ୍ଗଳା କନଭେନସନ ସେଣ୍ଟରରେ ହାଓଡାରେ ଅମୂଲର ନୂତନ ସମନ୍ୱିତ ଦୁଗ୍ଧ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ହାଓଡାର ସାଙ୍କ୍ରେଲ ଫୁଡ୍ ପାର୍କରେ ୭୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ସମନ୍ୱିତ ଦୁଗ୍ଧ କମ୍ପ୍ଲେକ୍ସ ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦୁଗ୍ଧ ଭିତ୍ତିଭୂମି ପ୍ରକଳ୍ପ ମଧ୍ୟରୁ ଗୋଟିଏ। ଏହି ସୁବିଧାର ମୋଟ ପ୍ରକ୍ରିୟାକରଣ କ୍ଷମତା ପ୍ରତିଦିନ ୩୦ ଲକ୍ଷ ଲିଟର ରହିବ।

## ସଡ଼କ ଦୁର୍ଘଟଣା, ୨ ମୃତ

**କୋଲକାତା,୨୦।୭(ସଂଚାର ବ୍ୟୁରୋ):** ପାର୍କ ଷ୍ଟ୍ରିଟରେ କ୍ୟାବ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଲାଡଲି ଖାତୁନ୍ (୬୦)। ସେ ଶନିବାର ରାତି ପ୍ରାୟ ୧୦ଟା ୪୫ରେ ଘରକୁ ଫେରୁଥିବା ବେଳେ ପାର୍କ ଷ୍ଟ୍ରିଟରେ ଏକ କ୍ୟାବ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପ୍ରଥମେ ତାଙ୍କୁ ନ୍ୟାସନାଲ ମେଡିକାଲ କଲେଜକୁ ନିଆଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଏସ୍‌ଏସ୍‌କେଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। କ୍ୟାବ୍ ଡ୍ରାଇଭରକୁ ବେଣିଆପୁକୁର ପୁଲିସ ଗିରଫ କରିଛି। ଅନ୍ୟ ଏକ ଘଟଣାରେ, ଉତ୍ତର କାଶୀପୁର ଥାନା ଅନ୍ତର୍ଗତ କୁଲ୍ଟି ରୋଡ୍‌ରେ ଏକ ଟ୍ରକ ଧକ୍କା ଦେବାରୁ ଜଣେ ମୋଟରସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଲୋଲିତ ରଞ୍ଜିତ (୨୩) ବୋଲି ଚିହ୍ନଟ କରାଯାଇଛି।

## ଶିଶୁ ପ୍ରତି ଆପତ୍ତିଜନକ ଆଚରଣ, ଜଣେ ଗିରଫ

**କୋଲକାତା,୨୦।୭(ସଂଚାର ବ୍ୟୁରୋ):** ଶିଶୁକୁ ମୋବାଇଲ ଫୋନ୍ ଦେଇ ତା' ସହିତ ଆପତ୍ତିଜନକ ଆଚରଣ କରିବା ଅଭିଯୋଗରେ ପୁଲିସ ବିଲ୍ଲାଲ ଗାଜି ନାମକ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ପୀଡ଼ିତାଙ୍କ ମା' ଓ ସ୍ଥାନୀୟ ବାସିନ୍ଦା ତାଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି।

## ଶ୍ରାବଣ ପ୍ରଥମ ସୋମବାରରେ ତାରକେଶ୍ୱରରେ ଭକ୍ତଙ୍କ ସମାଗମ

**କୋଲକାତା,୨୦।୭(ସଂଚାର ବ୍ୟୁରୋ):** ସମଗ୍ର ତାରକେଶ୍ୱର ସହର 'ବମ୍ ବମ୍ ଭୋଲେ' ଧ୍ୱନିରେ ପ୍ରକମ୍ପିତ। ଶ୍ରାବଣ ମାସର ପ୍ରଥମ ସୋମବାରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୁଏ ଏବଂ ଏହି ବର୍ଷ ଭକ୍ତଙ୍କ ସଂଖ୍ୟା ରେକର୍ଡ ସର୍ବାଧିକ ହୋଇଛି। ସକାଳ ହେବା ପରଠାରୁ ଲକ୍ଷ ଲକ୍ଷ ଭକ୍ତ ତାରକେଶ୍ୱରରେ ପହଞ୍ଚିଛନ୍ତି। ଗଙ୍ଗା ନଦୀ କୂଳରେ ଥିବା ବିଭିନ୍ନ ଘାଟରୁ ସଂଗୃହୀତ ପବିତ୍ର ଜଳରେ ପୂର୍ଣ୍ଣ ବାହୁଙ୍ଗି ବହନ କରି ଯେପରିକି ଶେଓରାଫୁଲି ଏବଂ ବୈଦ୍ୟବାଟି 'ବାବା'ଙ୍କ ଏହି ଭକ୍ତମାନେ ଯାତ୍ରା କରିଥିଲେ। କର୍ତ୍ତୃପକ୍ଷଙ୍କ ଆକଳନ ଅନୁଯାୟୀ ସୋମବାର ଏଠାରେ ୫ ଲକ୍ଷରୁ ଅଧିକ ଭକ୍ତ ଏକତ୍ରିତ ହୋଇଥିଲେ।

## ପ୍ରଥମ ଭାରତୀୟ ଡେଙ୍ଗୁ ଭ୍ୟାକ୍ସିନ୍‌କୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୦।୭:** ଔଷଧ ନିୟାମକ ସଂସ୍ଥା 'କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ' ଜାପାନୀ ଟିକା 'କ୍ୟୁଡେଙ୍ଗା'କୁ ଅନୁମୋଦନ କରିଛି। ଏହା ଜାପାନୀ ଔଷଧ କମ୍ପାନୀ ଟକେଡା ଫାର୍ମାସିଟିକାଲ ଦ୍ୱାରା ବିକଶିତ ହୋଇଛି। ଏହି ଟିକା ଟେଟ୍ରାଭାଲେଣ୍ଟ ଲାଇଭ ଆଟେନ୍ୟୁଏଟେଡ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରେ, ଯାହାର ଅର୍ଥ ହେଉଛି ଏହା ଡେଙ୍ଗୁ ଭାଇରସର ସମସ୍ତ ୪ଟି ସେରୋଟାଇପ୍ ବିରୋଧରେ ସୁରକ୍ଷା ପ୍ରଦାନ କରିପାରିବ।



ଜାପାନୀ କମ୍ପାନୀ ଅନୁଯାୟୀ, ଏହି ଟିକା ସେମାନଙ୍କୁ ମଧ୍ୟ ଦିଆଯାଇପାରିବ ଯେଉଁମାନଙ୍କ ପୂର୍ବରୁ ଡେଙ୍ଗୁ ହୋଇସାରିଛି। ତଥାପି ଯେଉଁମାନଙ୍କୁ ଏପର୍ଯ୍ୟନ୍ତ ଡେଙ୍ଗୁ ହୋଇନାହିଁ ସେମାନେ ମଧ୍ୟ ଏହାକୁ ନେଇପାରିବେ। ଏହି ଟିକା ଦେବା ପୂର୍ବରୁ ଡେଙ୍ଗୁ ପରୀକ୍ଷାର କୌଣସି ଆବଶ୍ୟକତା ନାହିଁ। କମ୍ପାନୀ କହିଛି ଯେ, ଏହି ଅନୁମୋଦନ ଏପରି ଏକ ସମୟରେ ଆସିଛି ଯେତେବେଳେ ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ଡେଙ୍ଗୁ ମାମଲା ୧୧ ଗୁଣ ବୃଦ୍ଧି ପାଇଛି। ଏହି ଟିକା ବିକଶିତ କରିବା ପାଇଁ ଜାପାନୀ କମ୍ପାନୀ ଟକେଡା ଫାର୍ମାସିଟିକାଲ ୨୦୨୪ରେ ଭାରତୀୟ ଟିକା କମ୍ପାନୀ 'ବାୟୋଲୋଜିକାଲ-ଇ' ସହିତ ସହଭାଗୀ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ, ବାୟୋଲୋଜିକାଲ-ଇ ବାର୍ଷିକ ୫୦ ନିୟୁତ ଡୋଜ୍ ଉତ୍ପାଦନ କରିବାର କ୍ଷମତା ବିକଶିତ କରିବ। ଏହା ଟକେଡାକୁ ଦଶନ୍ଧି ଶେଷ ସୁଦ୍ଧା ବିଶ୍ୱବ୍ୟାପୀ ବାର୍ଷିକ ୧୦୦ ନିୟୁତ ଡୋଜ ଉତ୍ପାଦନ କରିବାର ଲକ୍ଷ୍ୟ ହାସଲରେ ସାହାଯ୍ୟ କରିବ।

## ୬୬୨ ବର୍ଗ ଅଧ୍ୟାପକ କର୍ମଚାରୀ ସଂଘର ସମାବେଶ



**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ପେନସନ ସହ ଅନ୍ୟାନ୍ୟ ଦାବି ନେଇ ଆଜି ୬୬୨ ବର୍ଗ ଅଧ୍ୟାପକ କର୍ମଚାରୀ ସଂଘ ରାଜଧାନୀରେ ଆନ୍ଦୋଳନକୁ ଓହ୍ଲାଇଥିଲା। ଡାକିଲି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନଭୁକ୍ତ କରିବା ଓ ସମସ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବାକୁ ଦାବି ଦିନରୁ ଦାବି ହୋଇଆସୁଛି। ଏବର୍ଗର କର୍ମଚାରୀମାନେ ଦୀର୍ଘ ୩୫ ବର୍ଷ ଧରି ଗ୍ରାମାଞ୍ଚଳରେ ଉଚ୍ଚଶିକ୍ଷାର ପ୍ରାୟ ୭୦ ଭାଗ ଦାୟିତ୍ୱ ବହନ କରୁଛନ୍ତି। ଅଥଚ ଅବସର ପରେ ଖାଲି ହାତରେ ଫେରୁଛନ୍ତି। ସେମାନଙ୍କ ପାଇଁ ଏପର୍ଯ୍ୟନ୍ତ ସରକାର କୌଣସି ଅବସରକାଳୀନ ସହାୟତା ଘୋଷଣା କରିନାହାନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ମଧ୍ୟ ସରକାର ଏଡ଼ାଇ ଚାଲିଛନ୍ତି। ଏହିସବୁ ଦାବିକୁ ତୁରନ୍ତ ପୂରଣ କରାନଗଲେ ଆସନ୍ତା ୯ କ୍ରାନ୍ତି ଦିବସରୁ ସବୁ କଲେଜରେ ପାଠପଢ଼ା ବନ୍ଦ କରିବାକୁ ସଂଘ ଚେତାବନୀ ଦେଇଛି। ଆବଶ୍ୟକ ପଡ଼ିଲେ ଆମରଣ ଅନଶନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ପୂର୍ତ୍ତ ବିଭାଗ ରାସ୍ତା ବିପର୍ଯ୍ୟସ୍ତ



**କଟକ, ୨୦।୭ (ସଂଚାର ବ୍ୟୁରୋ):** ରାଜ୍ୟ ପୂର୍ତ୍ତ ବିଭାଗର କଟକ ଡିଭିଜନ ୧ ଓ ୨ ଅଧୀନରେ ଥିବା ରାସ୍ତାଗୁଡ଼ିକ ଲଘୁଚାପ ଜନିତ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛି। ସହରର ମୁଖ୍ୟରାସ୍ତା ଭାବେ କୁହାଯାଉଥିବା ବାଦାମବାଡ଼ି, ମଧୁପଟଣାଠୁ ଆରମ୍ଭ କରି ରିଂରୋଡ଼, ଚଣ୍ଡୀମନ୍ଦିର, ନୂଆବଜାର ତୁଳସୀପୁର ରାସ୍ତାର ଅବସ୍ଥା ସଂକଟାପନ୍ନ ହୋଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଦୁଇ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ ଜରୁରୀକାଳୀନ ମରାମତି ପାଇଁ ଏକ ଏଷ୍ଟିମେଟ ସରକାରଙ୍କ ନିକଟକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଡିଭିଜନ-୨ର ଅଧୀକ୍ଷଣ ଯନ୍ତ୍ରୀ ଜ୍ୟାତି ପ୍ରକାଶ ପତି କହିଛନ୍ତି ଯେ, କେବଳ ତାଙ୍କ ଅଧୀନରେ ଥିବା ନିଆଳି, ଫୁଲ ନଖରା, ଅଡ଼ସ ପୁର, ଗୋପାଳପୁର, ବାଙ୍କୀ ଅଞ୍ଚଳରେ କ୍ଷୟକ୍ଷତି ର ପରିମାଣ ଏକ କୋଟିରୁ ଉର୍ଦ୍ଧ୍ୱହେବ। ସବୁଦିନିଆ ସ୍ଥାୟୀତ୍ୱ ପାଇଁ କୋଲକତାରୁ କୋଲ ବିଟୁମିନ ମଗାଯାଇଛି। ପାଗର ପ୍ରତିକୂଳ ଦେଖି ରାସ୍ତା କାର୍ଯ୍ୟ ଆରମ୍ଭ ହେବ।

## ଜଟଣୀରେ ମିଳିତ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ଜଟଣୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟକ୍ଷ ମିଳିତ ଅଭିଯୋଗ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧୀ ପ୍ରମୁଖ ଉପସ୍ଥିତ ଥିଲେ। ଜନଶୁଣାଣିକୁ ଆସିଥିବା ଜନସାଧାରଣଙ୍କ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆଜି ମୋଟ ୩୮ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିଲା। ସେଥି ମଧ୍ୟରୁ ୧୮ଟି ଅଭିଯୋଗ ବ୍ୟକ୍ତିଗତ ଥିବା ବେଳେ ୨୦ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସେଥି ମଧ୍ୟରୁ ୬ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା। ଦୁଇ ଜଣଙ୍କ ଆବେଦନକୁ ବିଚାରକୁ ନିଆଯାଇ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୩୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ




କରାଯାଇଛି। ଏହାଛଡ଼ା ସମସ୍ତ ଅଭିଯୋଗକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଆଜିର ଶୁଣାଣି ଅବସରରେ ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜଟଣୀ ବିଡିଓ, ତହସିଲଦାର, ଜିଲ୍ଲା ସାଧାରଣ ଅଭିଯୋଗ ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କହଁର, ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁଲତବୀରେ ସରିଲା...

ସହିତ ରାଜ୍ୟସଭାରେ ମୌସୁମୀ ଅଧିବେଶନର ପ୍ରଥମ ଦିବସ ଆରମ୍ଭ ହୋଇଥିଲା। ଗୃହର ନିମ୍ନସଦନ ପରି ଉଚ୍ଚସଦନରେ ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଥିଲେ। ବିରୋଧୀଦଳଙ୍କ ହଟ୍ଟଗୋଳ ଯୋଗୁ ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ଗୃହକୁ ମଧ୍ୟାହ୍ନ ୧୨ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ପୁଣି ରାଜ୍ୟସଭାକୁ ୧୨ଟା ୩୦ ଯାଏ ମୁଲତବୀ ରଖାଯାଇଥିଲା। ଅନ୍ୟପକ୍ଷରେ ମୌସୁମୀ ଅଧିବେଶନର ପ୍ରଥମ ଦିନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସଂସଦର ଉଚ୍ଚସଦନ ରାଜ୍ୟସଭାରେ 'ଜାତୀୟ ସମ୍ମାନ ଅପମାନ ନିବାରଣ (ସଂଶୋଧନ) ବିଲ୍-୨୦୨୬' ଆଗତ କରିଛନ୍ତି। ଏହି ଆଇନର ଲକ୍ଷ୍ୟ ହେଉଛି ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନ, ୧୯୭୧କୁ ସଂଶୋଧନ କରିବା ଏବଂ ଭାରତର ଜାତୀୟ ଗୀତ (ବନ୍ଦେ ମାତରମ୍)କୁ ଜାତୀୟ ସଙ୍ଗୀତ (ଜନ-ଗଣ-ମନ) ପରି ସମାନ ସାମ୍ବିଧାନିକ ସୁରକ୍ଷା ପ୍ରଦାନ କରିବା। ଏହି ପ୍ରସ୍ତାବିତ ବିଧେୟକ ଅନୁଯାୟୀ, ଜାତୀୟ ଗୀତ 'ବନ୍ଦେ ମାତରମ'ର ପରିବେଷଣ ବେଳେ ବାଧାଦେଲେ କିମ୍ବା ଗାଇବାରେ ପ୍ରତିବନ୍ଧକ ସୃଷ୍ଟିକଲେ ଅତିକମ୍‌ରେ ତିନିବର୍ଷ ଜେଲ ଦଣ୍ଡ ନହେଲେ ଜୋରିମାନା କିମ୍ବା ଦୁଇଟି ଯାକ ଭୋଗିବାକୁ ପଡ଼ିବ। ଏହାକୁ ସମଗ୍ର ଦେଶରେ ସରକାରୀ ଓ ନାଗରିକ ଉତ୍ସବରେ ଗାନ କରାଯିବ ବୋଲି ପ୍ରସ୍ତାବିତ ଆଇନରେ ଉଲ୍ଲେଖ ରହିଛି। ଏଥିସହିତ ଏହି ବିଧେୟକ ଜରିଆରେ ସମ୍ବିଧାନର ପ୍ରାସଙ୍ଗିକ ଆଇନ ବା ରିଲେଭାଣ୍ଟ ଆକ୍ଟର ଧାରା-୩କୁ ସଂଶୋଧନ କରିବାର ପ୍ରସ୍ତାବ ରହିଛି। ପ୍ରାସଙ୍ଗିକ ଆଇନର ଧାରା-୩ ଅନୁଯାୟୀ, କେବଳ ନ୍ୟାସନାଲ ଆନ୍ଥେମ୍‌ର ଅପମାନକୁ ଅପରାଧ ଭାବରେ ବିବେଚନା କରିବାର ପ୍ରାବଧାନ ରହିଛି।

### ଗାଦି ଛାଡ଼...

ତାଗିଦ୍ କରିଥିଲା ଅର୍ଥ ବିଭାଗ। କିନ୍ତୁ ତାହା ବି କୌଣସି ପ୍ରଭାବ ପକାଇ ନ ଥିଲା। ପୁଣି ଜୁନ୍ ୧୮ରେ ରିମାଇଣ୍ଡର ସଦୃଶ ଅର୍ଥ ବିଭାଗ କହିଥିଲା ଯେ ଅଫିସରମାନେ ବଦଳି ନିର୍ଦ୍ଦେଶ ମାନୁ ନ ଥିବାରୁ ତାହା ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧିର ଖୋଲା ଉଲ୍ଲଙ୍ଘନ ଓ ପ୍ରଶାସନିକ ଅନୁଶାସନହୀନତା। କିନ୍ତୁ ଜୁନ୍ ୧୭ ତାରିଖରେ ବିଭାଗ ଦେଖାଇଛି କଡ଼ା ଆଭିମୁଖ୍ୟ। ବଦଳି ହୋଇଥିବା ଅଫିସରମାନେ ଯଦି ନିଜର ନୂଆ ସ୍ଥାନରେ ଜୁଲାଇ ୨୦ ତାରିଖ ସୁଦ୍ଧା ଯୋଗ ନଦେବେ, ତା'ହେଲେ ଜୁଲାଇ ୨୧ରୁ ସେମାନଙ୍କର ଦରମା ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ଖରିଫ ଆରମ୍ଭରୁ...

ଡିଏପି ସାର ବିକଳ୍ପ ବ୍ୟବହାର କରିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ ୟୁରିଆ ଓ ଡିଏପିରେ ଥିବା ସମାନ କେମିକାଲ ସ୍ପେସିଫିକେସନ ବା କମ୍ପୋନେଣ୍ଟ ରହିଛି। ଏଣୁ ସବୁକିଛି ତର୍ଜମା କରି ତାକୁ ବ୍ୟବହାର କରିବାକୁ କୁହାଯାଉଛି, କିଛି ଅସୁବିଧା ହେବ ନାହିଁ। ଲ୍ୟାବୋରେଟୋରି ଟେଷ୍ଟ ପରେ ହିଁ ନିଷ୍ପତ୍ତି ହୋଇଛି। ଅନ୍ୟ କିଛି ଦେଲେ ଫଳ ହେବନି କି ଚାଷ ହୋଇପାରିବନି। ଏଣୁ ଯାହା ହୋଇଛି ଚାଷୀଙ୍କ ଭଲ ପାଇଁ କରାଯାଇଛି। ଏବେ ଯାଏଁ ୧ ଲକ୍ଷ ୧୮ ହଜାର ୧୦ ମେଟ୍ରିକ ଟନ୍ ସାର କୃଷି ବିଭାଗରୁ ମିଳିଛି। ଯେହେତୁ ଅଧିକ ଚାଷ ହୋଇଛି, ଏଣୁ ସାର ପାଇଁ ଲମ୍ବା ଲାଇନ ଲାଗୁଛି। ସାର କଳାବଜାରୀ ରୋକିବାକୁ ପାଇଁ କଡ଼ା ତାଗିଦ କରାଯାଇଛି। ପୂର୍ବରୁ କୃଷି ବିଭାଗରୁ ୩୫ ପ୍ରତିଶତ ସାର ମିଳୁଥିଲା ଏବେ ୭୦ ପ୍ରତିଶତ ମିଳୁଛି। ସାର ଅଭାବ ଏ ବର୍ଷ ହେବ ନାହିଁ। ଯୁଦ୍ଧ ପାଇଁ ଅନେକ ବିଳମ୍ବ ହୋଇଛି ସତ, ହେଲେ ବି ପର୍ଯ୍ୟାପ୍ତ ସାର ମହଜୁଦ ଅଛି, କିଛି ଅସୁବିଧା ହେବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି। ସେପଟେ ଖରିଫ୍ ଚାଷ ଆରମ୍ଭ ହେବାରେ ସାର ସଙ୍କଟ ଗୁରୁତର ହୋଇଛି। ରାତି ଅନିଦ୍ରା ହୋଇ ୟୁରିଆ ସାର ପାଇଁ ଅପେକ୍ଷା କରୁଛନ୍ତି ଚାଷୀ। ସୁନ୍ଦରଗଡ଼ରେ ଆଧାର କାର୍ଡ ରଖି ଚାଷୀ ଲମ୍ବା ଲାଇନ ଦେଉଥିବା ଦେଖିବାକୁ ମିଳିଛି। ଏଥିପାଇଁ ସାରେ ଲାଗି ଦିନକ ଆଗରୁ ପଞ୍ଜୀକୃତ କରିଥିବା ଚାଷି ଆଧାର କାର୍ଡ ଉପରେ ଏଭଳି ପଥର ଖଣ୍ଡେ ଖଣ୍ଡେ ରଖି ଲାଇନ ଦେଇଛନ୍ତି। ଗୋଟିଏ ପଟେ ଆବଶ୍ୟକ ପରିମାଣରେ ୟୁରିଆ ମିଳୁନାହିଁ, ଅନ୍ୟପଟେ ସାରକୁ କଳାବଜାରୀ ଯୋଗୁଁ ଚଢ଼ା ଦାମରେ ସାର କିଣୁଥିବା ଅଭିଯୋଗ କରିଛନ୍ତି ଚାଷୀ। ସମାନ ଚିତ୍ର ବରଗଡ଼ ଜିଲ୍ଲାରେ ମଧ୍ୟ ଦେଖିବାକୁ ମିଳିଛି। ବରଗଡ଼ ଜିଲ୍ଲାରେ ଚଳିତ ବର୍ଷ ୮୯. ୯୫ ହଜାର ମେଟ୍ରିକ ଟନ୍ ସାରର ଆବଶ୍ୟକ ଥିବା ବେଳେ ଏଯାଏ ପହଞ୍ଚିଛି ମାତ୍ର ୬୮ ମେଟ୍ରିକ ଟନ୍। ଅନ୍ୟପକ୍ଷରେ ୟୁରିଆ ବସ୍ତା ୨୬୬ ଟଙ୍କା ବଦଳରେ ୪୫୦ରୁ ୫ ଶହ ଟଙ୍କାରେ ଡିଲର ବିକ୍ରି କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗକୁ ଦୃଷ୍ଟିରେ ରଖି ବିକଳ୍ପ ସାରର ବ୍ୟବସ୍ଥା କରିବାକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶ ଦେଇଛି। ସମବାୟ ବିଭାଗ ମଧ୍ୟ କଳାବଜାରୀ ରୋକିବାକୁ ତାଗିଦ୍ କରିଛି।

### ବିକ୍ରମ-୧ ବିଶ୍ୱ...

ପ୍ରମାଣିତ କରିଥାନ୍ତି। ଆଉ ଯେତେବେଳେ ସେମାନେ ଉତ୍ପାଦନକ୍ଷମ ହୁଅନ୍ତି ସେତେବେଳେ ଏହା ଦେଶ ପାଇଁ ମଙ୍ଗଳକାରୀ ହେବା ସହ ସମସ୍ତ ଜୀବଜଗତ ଲାଗି କଲ୍ୟାଣକାରୀ ସାବ୍ୟସ୍ତ ହୋଇଥାଏ। ସେଥିପାଇଁ ଆରମ୍ଭ ହେବାକୁ ଯାଉଥିବା ମୌସୁମୀ ଅଧିବେଶନ ସକ୍ରିୟ, ସକାରାତ୍ମକ ଓ ସର୍ଜନଶୀଳ (ଉତ୍ପାଦନକ୍ଷମ) ହେବ ବୋଲି ସେ ଆଶା ରଖିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସକାରାତ୍ମକ ଉତ୍ସାହ ଜାତୀୟ ଲକ୍ଷ୍ୟ ହାସଲ ଲାଗି ଅତ୍ୟନ୍ତ ଆବଶ୍ୟକ ବୋଲି ଦର୍ଶାଇ ପିଏମ୍ କହଛନ୍ତି ଯେ ଘରୋଇ ଉଦ୍ୟମରେ ସ୍କାଏରୋଟ୍ 'ବିକ୍ରମ-୧' ରକେଟ୍‌ର ଉତ୍‌କ୍ଷେପଣ ଓ ସଫଳତାର ସହ କକ୍ଷପଥରେ ସ୍ଥାପନ ହେଉଛି ଏହାର ଏକ ପ୍ରକୃଷ୍ଟ ଉଦାହରଣ। ଏହା ଏକ ସଂଯୋଗ ନୁହେଁ; ଅଧିକନ୍ତୁ ବିଶ୍ୱକୁ ଏହା ହେଉଛି ଏକ ଶକ୍ତିଶାଳୀ ବାର୍ତ୍ତା। ସେହି ବାର୍ତ୍ତା ହେଉଛି: ଆମ ଦେଶର ଯୁବପିଢ଼ିଙ୍କ ସ୍ୱପ୍ନ ଓ ସମ୍ଭାବନାର କୌଣସି ସୀମା ନାହିଁ; ଏହା ମହାକାଶ ପରି ଅସୀମ ଓ ପରିବ୍ୟାପ୍ତ। ସୋମବାରଠାରୁ ଆରମ୍ଭ ହୋଇ ପ୍ରାୟ ୨୫ ଦିନ (ଅଗଷ୍ଟ ୧୩ ତାରିଖ) ଯାଏ ଚାଲିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ମୌସୁମୀ ଅଧିବେଶନରେ ଦଳ-ମତ-ନିର୍ବିଶେଷରେ ଗୃହର ପ୍ରତ୍ୟେକ ସଦସ୍ୟ ପୂର୍ଣ୍ଣପ୍ରାଣରେ ଅଂଶଗ୍ରହଣ କରିବାକୁ ଏହି ଅବସରରେ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ନିଟ୍ ପ୍ରଶ୍ନପତ୍ର ଲିକ୍, ରାମମନ୍ଦିର ଦାନଚୋରି ମାମଲା, ଯନ୍ତରମନ୍ତରରେ କକ୍ରୋଚ୍ ଜନତା ପାର୍ଟିର ବିକ୍ଷୋଭ, ଶିକ୍ଷାବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଆମରଣ ଅନ୍ନଶନରେ ବସିଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୋକଙ୍କୁ ଜୋରକରି ହସ୍ପିଟାଲକୁ ଉଠାଇନେବା ଆଦି ପ୍ରସଙ୍ଗକୁ ଭିତ୍ତିକରି ସଂସଦର ମୌସୁମୀ ଅଧିବେଶନ ସରଗରମ ହେବ ବୋଲି ରବିବାର ସର୍ବଦଳୀୟ ବୈଠକରୁ ପ୍ରାୟତଃ ସ୍ପଷ୍ଟ ହୋଇ ସାରିଛି। ତେବେ ଏହା ଉପରେ ସଂକ୍ଷିପ୍ତ ବିବୃତ୍ତି ରଖି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଯେଉଁଠି ତଥ୍ୟ ଅଛି, ତର୍କ ଅଛି, ସେଠାରେ ହଟ୍ଟଗୋଳ କରିବାର କୌଣସି ଆବଶ୍ୟକତା ନାହିଁ।

### ୧୦ ଲକ୍ଷ ଲେଖାଏଁ...

କହିଛନ୍ତି। ଜଣେ ରାଜ୍ୟ ଭିତରୁ ଓ ଅନ୍ୟ ଜଣେ ସୁଦୂର ମୁମ୍ବାଇରୁ ଆସି ଶ୍ରୀକ୍ଷେତ୍ରରେ ଏପରି ଅକାଳରେ ପ୍ରାଣ ହରାଇବା ଘଟଣାକୁ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଦୁଃଖଦାୟକ ବୋଲି ବର୍ଣ୍ଣନା କରିଛନ୍ତି। ବିପଦର ଏହି ଘଡ଼ିରେ ରାଜ୍ୟ ସରକାର ସେମାନଙ୍କ ପରିବାର ସହ ଛିଡ଼ା ହୋଇଛନ୍ତି ବୋଲି ଶ୍ରୀ ମାଝୀ ଆଶ୍ୱାସନା ଦେଇଛନ୍ତି। ଅକାଳ ବିୟୋଗର ଶିକାର ହୋଇଥିବା ମୃତକଙ୍କ ପରିବାରକୁ ତୁରନ୍ତ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଏକ ସମ୍ବେଦନଶୀଳ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଉଭୟ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ତୁରନ୍ତ ଆର୍ଥିକ ସହାୟତା ଘୋଷଣା କରାଯାଇଛି। ସରକାରୀ ଘୋଷଣା ଏବଂ ନିର୍ଦ୍ଦେଶ ଅନୁଯାୟୀ, ଉଭୟ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏହି ଆର୍ଥିକ ସହାୟତା ରାଶି ଯେପରି ବିନା କୌଣସି ପ୍ରଶାସନିକ ବାଧାବିଘ୍ନରେ ତୁରନ୍ତ ଏବଂ ସୁରକ୍ଷିତ ଭାବେ ମୃତକଙ୍କ ପରିବାର ନିକଟରେ ପହଞ୍ଚିପାରିବ, ସେନେଇ ସ୍ଥାନୀୟ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପୁରୀରେ ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହେଉଥିବା ବେଳେ ଏଭଳି ସ୍ୱାସ୍ଥ୍ୟଗତ ଅଘଟଣ ସମସ୍ତଙ୍କୁ ବ୍ୟଥିତ କରିଛି।

### ପୋମା ଟୁଡୁ...

ବିଭାଗକୁ ବଦଳି ହେବା ପରେ ତାଙ୍କୁ ସେଠାରେ କୌଣସି ଦାୟିତ୍ୱ ମିଳି ନ ଥିଲା। ସେହିପରି ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଥିବା ୨୦୧୨ ବ୍ୟାଚ୍ ଆଇଏଏସ ଡଃ ପୋମା ଟୁଡୁଙ୍କୁ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଏଥିସହ ସେ ପୂର୍ବଭଳି ଖାଦ୍ୟ ନିରାପତ୍ତା କମିଶନର ଓ ଓଡ଼ିଶା ଆଦିବାସୀ ଉନ୍ନୟନ ସମବାୟ ନିଗମର ପରିଚାଳନା ନିର୍ଦ୍ଦେଶିକା ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ।

## ରୋଡସ ଆଇଲ୍ୟାଣ୍ଡରେ ଭବ୍ୟ ରଥଯାତ୍ରା

**ଟେକ୍ସାସ,୨୦।୭:** ଯୁକ୍ତରାଷ୍ଟ୍ର ଆମେରିକାର ରୋଡସ ଆଇଲ୍ୟାଣ୍ଡ ରାଜ୍ୟରେ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ଏଠାରେ ସକାଳେ ମୁଖ୍ୟ ପୂଜାରୀ ଚନ୍ଦ୍ର ଶେଖରଙ୍କ ଦ୍ୱାରା ମଙ୍ଗଳ ଆରତୀ, ହୋମ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ତଥା ନୀତିକାନ୍ତି ଆଦି ଧାର୍ମିକ ବିଧି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା। ରୋଡସ ଆଇଲ୍ୟାଣ୍ଡରେ ନବମ ଥର ପାଇଁ ଅନୁଷ୍ଠିତ ହେଉଥିବା ରଥଯାତ୍ରା ମହୋତ୍ସବକୁ କେନ୍ଦ୍ର କରି ଉପସ୍ଥିତ ଶତାଧିକ ଭକ୍ତଗଣଙ୍କ ମଧ୍ୟରେ ଅପୂର୍ବ ଆନନ୍ଦ, ଅସୀମ ଉଲ୍ଲାସ, ଅଜସ୍ର ଉତ୍ସାହ ଓ ଅଦମ୍ୟ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା। ଚଳିତବର୍ଷ ଘୋଷ ଯାତ୍ରାରେ ରୋଡସ ଆଇଲ୍ୟାଣ୍ଡର ଶ୍ରଦ୍ଧାଳୁମାନଙ୍କ ସହିତ ସୁଦୂର ପେନସିଲଭାନିଆ, ନିୟୁଜର୍ସି, କନେକ୍ଟିକଟ ଓ ମାସାଚ୍ୟୁଟସ ଆଦି ସ୍ଥାନରୁ ବହୁ ସଂଖ୍ୟାରେ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ, ସେମାନଙ୍କର ପରିବାରବର୍ଗ ଓ ବନ୍ଧୁ ପରିଜନଙ୍କ ସହିତ ଆସି ଭାଗ ନେଇଥିବାର ଲକ୍ଷ୍ୟ କରାଯାଇଥିଲା।

# ସବୁଜ ସାର, ଦର ଆକାଶଛୁଆଁ

**ଭୁବନେଶ୍ୱର,୨୦।୭:** ସାର ସଙ୍କଟକୁ ଦେଖି ଚଳିତ ବର୍ଷ ଚାଷକାର୍ଯ୍ୟ ଲାଗି ସାରର ବିକଳ୍ପ ବ୍ୟବସ୍ଥା ପାଇଁ ସରକାର ଅଣ୍ଟା ଭିଡ଼ିଥିବା ବେଳେ ସବୁଜ ସାର କୁହାଯାଉଥିବା ଧନିଚାର ଆକାଶଛୁଆଁ ଦରବୃଦ୍ଧି ଯୋଗୁଁ ତାହାକୁ ଚାଷୀମାନେ ଖୁବ୍ କମ୍ ପରିମାଣରେ ବ୍ୟବହାର କରିଛନ୍ତି। ବିଶେଷକରି ଏଥିରେ ଡିବିଟି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଓ ଠିକଣା ସମୟରେ ଚାଷୀଙ୍କ ନିକଟରେ ନ ପହଞ୍ଚିବାରୁ ଏହି ଜୈବିକ ସାର ବହୁଳ ପରିମାଣରେ ବ୍ୟବହାର ହୋଇପାରିନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସମଗ୍ର ଦେଶରେ ଏବେ ସାର ସଙ୍କଟ ପରିଲକ୍ଷିତ ହୋଇଛି। ରାଜ୍ୟରେ ଚାଷକାର୍ଯ୍ୟ ଆରମ୍ଭ ହୋଇଥିବାରୁ ଚାଷୀମାନେ ଏବେ ୟୁରିଆ, ଡିଏପି, ଗ୍ରୋମୋର ଭଳି ସାର ଆବଶ୍ୟକ କରୁଛନ୍ତି। କିନ୍ତୁ ସାର ସଙ୍କଟ ଯୋଗୁଁ ବହୁ ସ୍ଥାନରେ ଏହା ଚଢ଼ା ଦରରେ ବିକ୍ରି ଆରମ୍ଭ ହୋଇଗଲାଣି।



କୃଷି ବିଭାଗ ଏବେ ସାରର ବିକଳ୍ପ ବ୍ୟବସ୍ଥା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ତେବେ ଧନିଚା ଭଳି ସବୁଜ ସାରର ବ୍ୟବହାର ଦ୍ୱାରା ରାସାୟନିକ ସାରର ଚାପ ପ୍ରାୟ ୩୦ ପ୍ରତିଶତ ହ୍ରାସ ପାଇଥାଏ। ଏହା ଜମିକୁ ଉର୍ବର ରଖିବା ସହ ପରିବେଶ ଅନୁକୂଳ ହୋଇଥାଏ। ହେଲେ ଚଳିତ ବର୍ଷ ଧନିଚା କିଲୋ ୧୯୧.୨୦ ଟଙ୍କାରେ ଚାଷୀମାନଙ୍କୁ କିଣିବାକୁ କୁହାଯାଇଥିଲା। ଚାଷୀମାନେ ପ୍ରଥମେ ଏହି ଦରରେ କିଣିବା ପରେ ଡିବିଟି ଜରିଆରେ ସେମାନଙ୍କ ବ୍ୟାଙ୍କ୍ ଖାତାକୁ ସବସିଡି ଆକାରରେ ୧୫୧.୨୦ ଫେରସ୍ତ ହୋଇଥାନ୍ତା। ଅର୍ଥାତ୍ ଚାଷୀମାନେ ଧନିଚା କିଲୋ ୪୦ ଟଙ୍କାରେ କିଣିଥାନ୍ତେ। ତେବେ ଚାଷୀମାନେ ପ୍ରଥମେ ଏତେ ଅଧିକ ଟଙ୍କା ଦେଇ କିଣିବାକୁ ରାଜି ହେଲେନାହିଁ। ଫଳରେ ଅଧିକାଂଶ ସ୍ଥାନରେ ସରକାରୀ ଦପ୍ତରରେ ଧନିଚା ମଞ୍ଜି ପଡ଼ି ରହିଲା।

ରାଜ୍ୟର ଅଗ୍ରଣୀ ଚାଷୀମାନଙ୍କ ମତରେ ଦୁଇ ବର୍ଷ ତଳେ ସରକାର ଧନିଚା କିଲୋ ୪୦ ଟଙ୍କାରେ କିଣି ଚାଷୀମାନଙ୍କୁ ଯୋଗାଉଥିଲେ। ଚଳିତବର୍ଷ ଏହାର ଦର ଏକାଥରକେ ୧୯୧ ଟଙ୍କାକୁ ଟପିଗଲା। ଏତେ ଉଚ୍ଚା ଦରରେ ଧନିଚା କିଣିବାର ବିଧିବଦ୍ଧ ତଦନ୍ତ ହେବା ଆବଶ୍ୟକ। କାରଣ ଏ ବାବଦରେ ସବସିଡି ବୋଝ ଏବେ ରାଜକୋଷ ଉପରେ ପଡ଼ିବ।

ଉଲ୍ଲେଖନୀୟ ଯେ ରାଜ୍ୟ ସରକାର ସାଧାରଣତଃ କେତେକ ପୂର୍ବୋତ୍ତର ରାଜ୍ୟରୁ ଧନିଚା ବିହନ କିଣି ରାଜ୍ୟର ଚାଷୀମାନଙ୍କୁ ଯୋଗାଇଥାନ୍ତି। ଓଡ଼ିଶାରେ ଏବେ ସୁଦ୍ଧା ଧନିଚା ଉତ୍ପାଦନ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଉ ନ ଥିବାରୁ ଏ ବାବଦରେ କୋଟି କୋଟି ଟଙ୍କା ଅନ୍ୟ ରାଜ୍ୟକୁ ଯାଉଛି। ତେବେ ହଠାତ୍ କ'ଣ ପାଇଁ ଧନିଚାର ଦର ବିରି, ମୁଗକୁ ବଳିଗଲା, ତାହାକୁ ନେଇ ଚାଷୀମାନେ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି। ସେହିଭଳି ଗାଁଗହଳର ଚାଷୀମାନେ ଗୋବର ଓ ଅନ୍ୟାନ୍ୟ ଜୈବିକ ଖତକୁ ସାର ଭାବେ ବ୍ୟବହାର କରିଥାନ୍ତି। ତେବେ ଏହା ରାସାୟନିକ ସାରର ଅଭାବକୁ ପୂରଣ କରିବା କାଠିକର ପାଠ ହେବ। ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଧାନଚାଷ ପାଇଁ ତଳିଘେରା ପ୍ରସ୍ତୁତ ହେଉଥିବା ବେଳେ ଏଥିପାଇଁ ୟୁରିଆ ସାର ଜରୁରୀ ହୋଇପଡ଼ିଛି। ଧାନ ଚାଷ ପାଇଁ ସାଧାରଣତଃ ନାଇଟ୍ରୋଜେନ, ଫସଫରସ ଓ ପଟାସିୟମ୍‌ଯୁକ୍ତ ସାର ଆବଶ୍ୟକ ହେଉଥିବା ବେଳେ ଚାଷୀମାନେ କିଭଳି ଫସଲର ଆବଶ୍ୟକତାକୁ ଦେଇ ସଠିକ୍ ମାତ୍ରାରେ ତାହାକୁ ବ୍ୟବହାର କରିବେ, ସେ ସଂକ୍ରାନ୍ତରେ କୃଷି ବିଭାଗ ପକ୍ଷରୁ ଅବଗତ କରାଗଲେ ସାର ବ୍ୟବହାର କିଛି ହ୍ରାସ ପାଇପାରନ୍ତା ବୋଲି ଅଗ୍ରଣୀ ଚାଷୀମାନେ ମତ ଦେଉଛନ୍ତି। (ତଥ୍ୟ)

## ହେରାପଞ୍ଚମୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ଭକ୍ତ



ବାଲିଆପାଳ,୨୦।୭ (ସଂଚାର ବ୍ୟୁରୋ)ଃ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବସଷ୍ଟାଣ୍ଡ ଠାରେ ମାଉସୀ ମା ମନ୍ଦିରରେ ସୋମବାର ହଜାର ହଜାର ଭକ୍ତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ଆର୍ଶୀବାଦ ଭିକ୍ଷା କରିଥିଲେ। ଶ୍ରଦ୍ଧାପତିଙ୍କର ନୀତି କାନ୍ତି ପରେ ମହାପ୍ରଭୁଙ୍କ ମାଉସୀ ଶାନ୍ତିଲତା ମହାନ୍ତିଙ୍କ ଦ୍ୱାରା ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ସାର୍ବଜନୀନ ପ୍ରସାଦ ସେବନ ପାଇଁ ଠାକୁରଙ୍କ ଠାରେ କମିଟି ତରଫରୁ ଖଜୁଡି ଭୋଗ ଲଗାଯାଇ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ବିଧି ଅନୁସାରେ ଶ୍ରଦ୍ଧାକ୍ଷେତ୍ରରୁ ମା ଲକ୍ଷ୍ମୀ ମାଉସୀ ମା ମନ୍ଦିରକୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆସି ମନ୍ଦିର ଭିତରକୁ ପ୍ରବେଶ କରିନପାରିବା ରାଗରେ ରଥକୁ ଭାଙ୍ଗି ଗୋଟିଏ କାଠ ନେଇଯିବାର ଦୃଶ୍ୟ ବେଶ ଚିତ୍ତାକର୍ଷକ ଥିଲା। ଏହି ସମସ୍ତ କାର୍ଯ୍ୟକୁ ଜଗନ୍ନାଥ ବାରିକ, ଅରୁଣ କୁମାର ପାତ୍ର, ମଧୁସୂଦନ ବାରିକ, ସୁଶାନ୍ତ ମହାପାତ୍ର, ହେମନ୍ତ ମହାପାତ୍ର,ଅଶିତ ପଟ୍ଟନାୟକ, ପ୍ରବୀର ସି,ମିନୁ ଅଧିକାରୀ ପ୍ରମୁଖ ସୁଚାରୁ ରୂପେ ସମ୍ପାଦନା କରିଥିଲେ।

## ଜହ୍ନା ବଳଦେବଜୀଉଙ୍କ ମନ୍ଦିରରେ ହେରା ପଞ୍ଚମୀ ପାଳିତ



କୋରେଇ,୨୦।୭ (ସଂଚାର ବ୍ୟୁରୋ)ଃ କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମରେ ବଳଦେବଜୀଉ ମନ୍ଦିରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଏବେ ମାଉସୀ ମା' ମନ୍ଦିରରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି । ଦୈନନ୍ଦିନ ମହାପ୍ରଭୁଙ୍କ ବଡ଼ ସିଂହାର ବେଶ ହେବା ସହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଭଜନ ସନ୍ଧ୍ୟା, ପାଲା, ନୃତ୍ୟ ପ୍ରତିଯୋଗିତା, ସଂକୀର୍ତ୍ତନ ହେବା ସହ ଆନନ୍ଦ ବଜାରରେ ମହାପ୍ରସାଦ ସେବନ ବ୍ୟବସ୍ଥା ହେଉଛି । ଜହ୍ନା ଗାଁ ରେ ଏକ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଆଜି ପବିତ୍ର ହେରା ପଞ୍ଚମୀ ଅବସରରେ ମା' ଲକ୍ଷ୍ମୀଙ୍କୁ ସାଙ୍ଗରେ ଆଣି ନଥିବାରୁ ସେ ଅଭିମାନରେ ଦଳ ବଳେ ଆସି ରଥ ଭାଙ୍ଗିବାର ପରମ୍ପରା ଜଗନ୍ନାଥ ସଂସ୍କୃତିରେ ରହିଛି ଓ ଏହା ପରେ ଗୁଣ୍ଡିଚା ମା' ଶ୍ରଦ୍ଧାରେ ମହାପ୍ରଭୁଙ୍କୁ ପୋଡ଼ ପିଠା ଭୋଗ ଲାଗି କରିବେ । ଏହା ପରେ ରଥ ଦକ୍ଷିଣ ମୋଡ଼, ନବମୀ ସନ୍ଧ୍ୟା ଦର୍ଶନ ଓ ପରଦିନ ଅର୍ଥାତ ଶୁକ୍ରବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ବୋର୍ଡ ତରଫରୁ ସୂଚନା ମିଳିଛି ।

### ୨୫ ବର୍ଷ ବିତିଲା, ଭଙ୍ଗା ପୋଲ ନିର୍ମାଣ ହେଲାନି

# ବାଉଁଶ ଓ କାଠରେ ପୋଲ ତିଆରି କଲେ ଗ୍ରାମବାସୀ

ଫୁଲବାଣୀ,୨୦।୭ (ସଂଚାର ବ୍ୟୁରୋ)ଃ ସଂଘର୍ଷ ଆଜି କି କାଲିର ନୁହେଁ, ଦୀର୍ଘ ୨୫ ବର୍ଷର। ୬୦ ପରିବାରର ୩୦୦ରୁ ଉର୍ଦ୍ଧ୍ୱ ସଦସ୍ୟଙ୍କ ଯନ୍ତ୍ରଣା ଭରା ଜୀବନକୁ ଆଖିରେ ନ ଦେଖିଲେ କେହି ବିଶ୍ୱାସ କରି ପାରିବେ ନାହିଁ। ବହୁ ଦୟନୀୟ ଅବସ୍ଥାରେ ରହିଛନ୍ତି ୩ ଗ୍ରାମବାସୀ। ପିଲାମାନେ ପାଠ ପଢ଼ିବାକୁ ଯିବାକୁ ଅଧିକାଂଶ ସମୟରେ ବଂଚିତ ହେଉଛନ୍ତି। ଖାଲି ନାଳ ଉପରେ ପୋଲଟିଏ ପାଇଁ ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ଶୁଣିଲାନି ବାଧ୍ୟ ହୋଇ ଗ୍ରାମବାସୀ ବାଉଁଶ ଏବଂ କାଠ ସାହାର୍ଯ୍ୟରେ ନାଳ ଉପରେ ପୋଲ ନିର୍ମାଣ କରି ଯାତାୟତ କରୁଛନ୍ତି। ବର୍ଷା ଅଧିକ ହେଲେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ। ଏଭଳି ଏକ ଘଟଣା କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଦୁଦୁକି ପଂଚାୟତରେ ସାମ୍ନାକୁ ଆସିଛି।



ଦୁଦୁକି ପଂଚାୟତର ସଲାଗୁଡା, ପାଜିଗୁଡା, ମୁଣ୍ଡରୁମାସ୍କା ଗ୍ରାମ ପଂଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୬ କିମି ଦୂରରେ ରହିଛି ଏସବୁ ଗ୍ରାମରେ ୬୦ ପରିବାରରେ ୩୦୦ରୁ ଉର୍ଦ୍ଧ୍ୱ ଲୋକେ ବସବାସ କରୁଛନ୍ତି। ଗ୍ରାମରୁ ପଂଚାୟତକୁ ଆସିବାକୁ ହେଲେ ବାଟରେ ଗାଟାବାଲି ନାଳ ପଡେ। ପ୍ରାୟ ୪୦ ବର୍ଷ ପୂର୍ବେ ଏଠାରେ ଏକ ପୋଲ(ଶଙ୍ଫ) ନିର୍ମାଣ ହୋଇଥିଲା।୨୦୦୬ ମସିହାରେ ଏହା ଭାଙ୍ଗି ଯାଇଥିଲା। ସେବେଠାରୁ ଗ୍ରାମବାସୀ ଏଠାରେ ନୂତନ ପୋଲ ନିର୍ମାଣ କରିବାକୁ ଦାବି କରି ଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କ ଦାବି ସରକାର କି ପ୍ରଶାସନ ପୁରଣ କରିବାରେ ବିଫଳ ହୋଇଛି ।

୨୦୦୬ ମସିହାରୁ ଆମର ଏଠି ପୋଲ ଭାଙ୍ଗି ଯାଇଛି। ଆମର ଏହି ୩ଟି ଗ୍ରାମରୁ ପ୍ରତିଦିନ ୨୦ରୁ ୩୦ ପିଲା ନାଳ ପାର ହୋଇ କୁସୁମବାଟା ସ୍କୁଲକୁ ଓ ଅଙ୍ଗନବାଡି କେନ୍ଦ୍ରକୁ ଯିବାକୁ କଷ୍ଟକର। ଗର୍ଭବତୀ ମହିଳା ଖଟିଆରେ ବୋହି ନେବାକୁ ପଡୁଛି। ପୋଲ ଭାଙ୍ଗିଯିବାରୁ ସ୍କୁଲ ପିଲାମାନେ ନାଳରେ ପଶି ଯାଉଥିବା ବେଳେ ଭାସି ଯାଇଥିଲେ। ତେଣୁ ବର୍ଷା ହେଲେ ପିଲାମାନେ ଘରେ ବସୁଛନ୍ତି। ଯଦି କାହାର ଦେହ ଖରାପ ହେଲା, ଆମ୍ବୁଲାନ୍ସ ଆସିପାରୁ ନାହିଁ। ୨୦୨୪ରେ ଆମେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲୁ। ଆମକୁ ପୋଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଆ ଯାଇଥିଲା ହେଲେ ତାହା ଆଜି ପର୍ଯ୍ୟନ୍ତ ପୁରଣ ହେଲାନି। ଏବେ ବାଧ୍ୟ ହୋଇ ନାଳ ଉପରେ କାଠ ପୋଲ ତିଆରି କରିଛୁ। ଯଦି ୨ ମାସ ଭିତରେ ପୋଲ ନିର୍ମାଣ ନ ହେବ, ତାହାଲେ ଆମେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବୁ ବୋଲି କହିଛନ୍ତି ସରପଞ୍ଚ ସୁରେନ୍ଦ୍ର କହଁରଙ୍କ ସମେତ ଗ୍ରାମବାସୀବୃନ୍ଦ।

## ୪୫ ଗ୍ରାମ ହେରୋଇନ୍ ସହ ଜଣେ ଗିରଫ



ପାରାଦ୍ୱୀପ, ୨୦।୭ (ସଂଚାର ବ୍ୟୁରୋ)ଃ ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ଅବକାରୀ ରେଞ୍ଜ ଓ ଅବକାରୀ ଥାନା ପକ୍ଷରୁ କଲେକ୍ଟର ଓ ଅବକାରୀ ଅଧିକ୍ଷିକାଙ୍କ ନିର୍ଦ୍ଦେଶକ୍ରମେ ଗତକାଲି ଏକ ବଡ ଧରଣର ମିଳିତ ଚଢ଼ାଉ କରାଯାଇଥିଲା। ଅବକାରୀ ନିରୀକ୍ଷକ ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ଟିମ୍ ରେ ଉପନିରୀକ୍ଷକ ଧର୍ମପଦ ଦାସ, ସହ ଉପନିରୀକ୍ଷକ ଗୟାଧର ସେଠି, ସିପାହୀ ମନୋରଞ୍ଜନ ଦାସ, ଜୟଦେବ ପାତ୍ର ଏବଂ ସନ୍ତୋଷୀ ସାହୁ ସାମିଲ ଥିଲେ।

ଏହି ଚଢାଉ ବେଳେ ପାରାଦ୍ୱୀପ ଥାନା ଅନ୍ତର୍ଗତ ଲକପଡା ରୁ ଜଣେ ଅଭିଯୁକ୍ତ ମନୋଜ ନନ୍ଦି ଙ୍କୁ ଅଟକ ରଖାଯାଇଥିଲା। ତାଙ୍କ ନିକଟରୁ ୪୫ ଗ୍ରାମ ହେରୋଇନ୍ ଏବଂ ୩୨,୦୦୦ ଟଙ୍କାର ବିକ୍ରି ଅର୍ଥ ଜବତ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ପି ଆର . ନମ୍ବର ୨୩/୨୦୨୬-୨୭ ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ସାର ପାଇଁ ଚାଷୀ ରାତି ଅନିଦ୍ରା

### ପଥର, ଆଧାର କାର୍ଡ ରଖି ଲାଇନରେ ଅପେକ୍ଷା



ସୁନ୍ଦରଗଡ଼, ୨୦।୭ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ଜିଲ୍ଲାରେ ଚଳିତ ଖରିଫ ଋତୁ ଆରମ୍ଭରୁ ରାସାୟନିକ ସାରର ଅଭାବ ଚାଷୀଙ୍କ ଚିନ୍ତା ବଢ଼ାଇଛି। ୟୁରିଆ ଓ ଡିଏପି ସାର ପାଇଁ ଚାଷୀମାନେ ରାତି ସାରା ଅନିଦ୍ରା ରହି ସାର ବଣ୍ଟନ କେନ୍ଦ୍ର ସମ୍ମୁଖରେ ଲାଇନରେ ଅପେକ୍ଷା କରୁଥିବା ଦୃଶ୍ୟ ସାମ୍ନାକୁ ଆସିଛି।

ଖୋଲା ବଜାରରେ ସାର ସହଜରେ ଉପଲବ୍ଧ ନ ହେବାରୁ ଚାଷୀମାନଙ୍କ ଭରସା ଏବେ ସମବାୟ ସମିତି ଉପରେ ରହିଛି। ସୁନ୍ଦରଗଡ଼ ଆର୍‌ସିଏମ୍‌ଏସ୍ ପକ୍ଷରୁ ପଞ୍ଜୀକୃତ ଚାଷୀଙ୍କୁ ସାର ବଣ୍ଟନ କରାଯିବ ବୋଲି ସୂଚନା ମିଳିବା ପରେ ଗତ ରାତିରୁ ହିଁ ଚାଷୀଙ୍କ ଭିଡ଼ ଜମିଥିଲା।

କେହି ରାତି ୨ଟାରୁ ତ ଆଉ କେହି ରାତି ୩ଟାରୁ ଆସି ସାର ବଣ୍ଟନ କେନ୍ଦ୍ର ସମ୍ମୁଖରେ ପଥର, ଆଧାର କାର୍ଡର ଜେରକ୍ସ, କାଗଜ ଓ ବ୍ୟାଗ ରଖି ନିଜ ନମ୍ବର ସଂରକ୍ଷିତ କରିଥିଲେ। ସକାଳ ୧୦ଟାରେ କେନ୍ଦ୍ର ଖୋଲିବା ପୂର୍ବରୁ ହିଁ ଶହ ଶହ ଚାଷୀ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ସାର ପାଇଁ ଅପେକ୍ଷା କରୁଥିଲେ।

ଚାଷୀମାନଙ୍କ କହିବା ଅନୁଯାୟୀ, ସାର ଅଭାବ ଯୋଗୁଁ ଧାନ ଚାଷ କାମ ପ୍ରଭାବିତ ହେଉଛି। ସମୟରେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ଓ ଡିଏପି ସାର ନ ମିଳିଲେ ଉତ୍ପାଦନ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ସରକାର ତୁରନ୍ତ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଇବାକୁ ଚାଷୀମାନେ ଦାବି କରିଛନ୍ତି।

ସାର ସଙ୍କଟ ମଧ୍ୟରେ ଚାଷୀମାନଙ୍କୁ ରାତି ଅଧରୁ ଲାଇନରେ ଛିଡ଼ା ହେବାକୁ ପଡୁଥିବା ଘଟଣା ଜିଲ୍ଲାର କୃଷି ବ୍ୟବସ୍ଥାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ସମୟୋପଯୋଗୀ ସାର ଯୋଗାଣ ସୁନିଶ୍ଚିତ କରିବାକୁ ଚାଷୀମାନେ ପୁଣିଥରେ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

## ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ସମ୍ମାନିତ ହେଲେ ନୀଳଗିରି ବୋହୂ



ନୀଳଗିରି, ୨୦।୭ (ସଂଚାର ବ୍ୟୁରୋ)ଃ ଗ୍ରାମାଞ୍ଚଳ ମାନଙ୍କରେ ବିପଦପୂର୍ଣ୍ଣ ଗର୍ଭାବସ୍ଥା ପରୀକ୍ଷା ସହିତ ଏଚ ପି ଭି ସଚେତନତା ପାଇଁ କାର୍ଯ୍ୟକରି ଗତ ଜୁଲାଇ ୧୮ ତାରିଖରେ ଦିଲ୍ଲୀଠାରେ ଭାରତୀୟ ଡାକ୍ତରୀ ସଂଘପକ୍ଷରୁ ପ୍ରଦତ୍ତ ବିଶିଷ୍ଟ ଡାକ୍ତର ସମ୍ମାନରେ କେନ୍ଦ୍ରପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଠାରୁ ସମ୍ମାନିତ ହୋଇଛନ୍ତି ନୀଳଗିରି ବୋହୂ ଡ଼ଃ ରଞ୍ଜନା ଭଣ୍ଡାରୀ। ଓଡ଼ିଶାର ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ତଥା ବାଲେଶ୍ୱର ମେଡିକାଲର କଲେଜର ପୂର୍ବତନ ଡିନ ପ୍ରଫେସର ପ୍ରତାପ ରଥଙ୍କ ସହଧର୍ମିଣୀ ହେଉଛନ୍ତି ଡଃ ଭଣ୍ଡାରୀ। ସେ ବର୍ତ୍ତମାନ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଅଛନ୍ତି। ଗ୍ରାମାଞ୍ଚଳରେ ପହଞ୍ଚି ମହିଳାମାନଙ୍କର ଗର୍ଭାବସ୍ଥା ପରୀକ୍ଷାକରିବା ସହିତ ସଚେତନ କରାଇବା ସହିତ ଶିଶୁମନ୍ଦିର, ଡିଏଭି ସ୍କୁଲ, ଜାଭିୟର, ବାକଲିସ୍, ଷ୍ଟିୱାର୍ଟ ସ୍କୁଲ, ଉର୍ଦ୍ଧ୍ୱ ସ୍କୁଲ, ରେଭେନ୍ସା କଲେଜିଏଟ୍ ସ୍କୁଲ ଭଳି ବିଭିନ୍ନ ବିଦ୍ୟାଳୟର ପିଲାମାନଙ୍କୁ ଏଚ୍ ପି ଭି ଭଳି ମାରାତ୍ମକ ରୋଗ ବିଷୟରେ ସଚେତନ କରିଥିବା ଜଣାଯାଇଛି। ଏଭଳି ସମ୍ମାନ ପାଇଥିବାରୁ ନୀଳଗିରି ତଥା ସମଗ୍ର ଓଡ଼ିଶାରୁ ପ୍ରଶଂସାର ସୁଅ ଛୁଟିଛି।

## ପିଏମଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ



ବେତନଟୀ, ୨୦।୭ (ସଂଚାର ବ୍ୟୁରୋ)ଃ ସୋମବାର ଦିନ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ରେ ବନ ମହୋତ୍ସବ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାଏକ, ସମ୍ମାନିତ ଅତିଥି ଭାବେ ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ରଶ୍ମିତା ପାତ୍ର, ଉପ ସଭାପତି ସୁଜନା ମହାରଣା, ସଦସ୍ୟା ରଞ୍ଜିତା କର, ଅଙ୍କିତା ବାରିକ, ସଦସ୍ୟ ଲକ୍ଷ୍ମୀଧର ବିନ୍ଧାଣି,ସତ୍ୟରଞ୍ଜନ ସାହୁ, ବିମଳେନ୍ଦୁ ନାଏକ ଉପସ୍ଥିତ ଥିଲେ। ବୃକ୍ଷର ମହତ୍ତ୍ୱ, ପରିବେଶ ସନ୍ତୁଳନ ରକ୍ଷାରେ ଏହାର ଭୂମିକା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ଦ୍ୱାରା ଅତି କମରେ ଗୋଟିଏ ଚାରା ରୋପଣ ଓ ତାହାର ଯତ୍ନ ନେବାର ଆବଶ୍ୟକତା ବିଷୟରେ ଅତିଥିବୃନ୍ଦ ଆଲୋକପାତ କରିଥିଲେ।

ବନ ମହୋତ୍ସବ ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଚାରାର ନିୟମିତ ଯତ୍ନ ନେବାକୁ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ପରିବେଶ ସୁରକ୍ଷା, ବନ ସମ୍ପଦର ସଂରକ୍ଷଣ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃକ୍ଷରୋପଣ ପ୍ରତି ସଚେତନତା ସୃଷ୍ଟି କରିବା ।

ସର୍ବଶେଷରେ ମୁଖ୍ୟ ଅତିଥି, ଅନ୍ୟ ସମସ୍ତ ଅତିଥିବୃନ୍ଦ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଣ ଶିକ୍ଷା କର୍ମଚାରୀମାନେ ଚାରା ରୋପଣ କରିଥିଲେ ।

## ଭୋଟର ସ୍ୱତନ୍ତ୍ର ସଘନ ଅଣମ୍ୟାପିଙ୍ଗ ସଂଶୋଧନ ଶୁଣାଣି ଆରମ୍ଭ




ନବରଙ୍ଗପୁର/ତେନ୍ତୁଳୀଖୁଣ୍ଟି, ୨୦।୭ (ସଂଚାର ବ୍ୟୁରୋ)ଃ ଭୋଟର ସ୍ୱତନ୍ତ୍ର ସଘନ ଚିଠା ମତଦାତା ତାଲିକା ପ୍ରକାଶ ପରେ ତେନ୍ତୁଳୀଖୁଣ୍ଟି ବ୍ଲକ ୧୫ଟି ପଂଚାୟତର ପ୍ରାୟ ୩୬୦୦ ଭୋଟର ମ୍ୟାପିଙ୍ଗ ନ ହୋଇ ରହିଯାଇଛନ୍ତ। ସେମାନଙ୍କୁ ପୁନର୍ବାର ଭୋଟର ତାଲିକାରେ ଯଡ଼ିବା ପାଇଁ ନିର୍ବାଚନ କମିଶନର ନିର୍ବାଚନ ରେ ନିୟଜିତ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ତେନ୍ତୁଳୀଖୁଣ୍ଟି ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ ଓ ତେନ୍ତୁଳୀଖୁଣ୍ଟି ଗୋଷ୍ଠି ଉନ୍ନୟନ ଅଧିକାରୀ ମୋନଜ ପାଣିଗ୍ରାହୀ ଆଜି ମୋଟ କଣ୍ଟାଗାଁ, ଝରିଗୁମ୍ମା, ଓ କାମତା ପଂଚାୟତ ୧୨ଟି ବୁଥର ୬୬୫ଜଣଙ୍କ ଶୁଣାଣି କରିଛନ୍ତି । ୨୦୦୨ ମସିହା ଏସଆଇଆର ବିଭିନ୍ନ କାରଣରୁ ବର୍ତ୍ତମାନ ମ୍ୟାପିଙ୍ଗ ହୋଇ ପାରିନଥିବା ଭୋଟରମାନେ ପରିବାର ସମ୍ବନ୍ଧୀୟ ଦଲିଲ ଯଥା ଆଧାର କାର୍ଡ, ଜନ୍ମ ପ୍ରମାଣ ପତ୍ର, ଶିକ୍ଷାଗତ ପ୍ରମାଣ ପତ୍ର ଆଦି ଆଣି ଦେଖାଇ ଥିଲେ । ଏଥିରେ ମୁଖ୍ୟ ତାଲିମ ଦାତା ଆନନ୍ଦ ନେପାକ ସହ ୧୨ବୁଥର ସମସ୍ତ ବିଏଲଓ ଉପସ୍ଥିତ ରହିଥିଲେ।

## ସୋଆର ପ୍ରତିଷ୍ଠାତା ସଭାପତିଙ୍କ ଦ୍ୱାରା ପ୍ଲାଷ୍ଟିନେସନ୍ ବିଷୟକ ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର, ୨୦।୭ (ସଂଚାର ବ୍ୟୁରୋ)ଃ ମାନବ ଶରୀର ସଂରକ୍ଷଣ ବିଜ୍ଞାନ (ପ୍ଲାଷ୍ଟିନେସନ୍) କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଜନ ଡକ୍ଟର ଶିଶିର କୁମାରଙ୍କ ରଚିତ 'ପ୍ରିଜର୍ଭିଂ ଆନାଟୋମି : ଦି ୱାର୍ଲ୍ଡ ଅଫ୍ ପ୍ଲାଷ୍ଟିନେସନ' ଶୀର୍ଷକ ପୁସ୍ତକ ସୋଆ (ଶିକ୍ଷା 'ଓ' ଅନୁସନ୍ଧାନ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦ୍ୱାରା ନିକଟରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଛି।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଆନାଟୋମି ବିଭାଗର ପ୍ରଫେସର ଡାକ୍ତର ଶିଶିର କୁମାର ଏହି ପୁସ୍ତକରେ ପ୍ଲାଷ୍ଟିନେସନ୍‌ର ବୈଜ୍ଞାନିକ ପ୍ରକ୍ରିୟା, ଶିକ୍ଷା, ଗବେଷଣା ଏବଂ ଶରୀର ବିଜ୍ଞାନ ଅଧ୍ୟୟନରେ ବହୁମୁଖୀ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନା କରିଛନ୍ତି। ଏହା ମେଡିକାଲ୍ ଛାତ୍ରଛାତ୍ରୀ, ଶିକ୍ଷକ, ଗବେଷକ ଏବଂ ଆନାଟୋମି କ୍ଷେତ୍ରରେ କାର୍ଯ୍ୟରତ ବୃତିଜୀବୀମାନଙ୍କ ପାଇଁ ଏକ ଉପଯୋଗୀ ସନ୍ଦର୍ଭ ଗ୍ରନ୍ଥ ଭାବେ ସହାୟକ ହେବ ବୋଲି ପ୍ରଫେସର ନାୟକ ଆଶା ବ୍ୟକ୍ତ କରିଛନ୍ତି।

ପୁସ୍ତକର 'ରିସର୍ଚ୍ଚ ଆପିକ୍ଲେସନ୍ ଅଫ୍ ପ୍ଲାଷ୍ଟିନେସନ' ଶୀର୍ଷକ ଅଧ୍ୟାୟଟି ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ରିପ୍ରକ୍ଟିଭ୍ ମେଡିସିନ୍ ଆଣ୍ଡ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର(ଡାକ୍ତର) ସୁଜାତା ପ୍ରଧାନ ରଚନା କରିଛନ୍ତି। ଏଥିରେ ପ୍ଲାଷ୍ଟିନେସନ୍ ପ୍ରଯୁକ୍ତିର ଗବେଷଣା କ୍ଷେତ୍ରରେ ବିଭିନ୍ନ ପ୍ରୟୋଗ ଓ ସମ୍ଭାବନା ସମ୍ପର୍କରେ ଆଲୋକପାତ କରାଯାଇଛି।

## ପରିତ୍ୟକ୍ତ ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର



ଧାମନଗର, ୨୦।୭ (ସଂଚାର ବ୍ୟୁରୋ)ଃ ଧାମନଗର ବ୍ଲକର ଧୁଷୁରୀ ଥାନା ଅନ୍ତର୍ଗତ ଝାରଡ଼ିଆ ଗ୍ରାମର ପ୍ରଶାନ୍ତ କୁମାର ବେହେରାଙ୍କ ପୁଅ ରଶ୍ମି ରଞ୍ଜନ ବେହେରା (୩୫) ଗତ ୧୬ ଜୁଲାଇ ରାତିରୁ ନିଖୋଜ ଥିବା ବେଳେ ଆଜି ସକାଳେ ତାଙ୍କର ମୃତଦେହ ବୟାଙ୍ଗଡିହି-ନୂଆଗାଁ ରାସ୍ତା କଡ଼ରେ ଥିବା ଏକ ପରିତ୍ୟକ୍ତ ନାଳରୁ ଉଦ୍ଧାର ହୋଇଛି। ଗତ ୧୬ ତାରିଖ ରାତିରେ ସେ ଘରୁ ବାହାରି ଯାଇଥିଲେ। ସେହି ଦିନଠାରୁ ପରିବାର ଲୋକ ଓ ସମ୍ପର୍କୀୟମାନେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରୁଥିଲେ, ମାତ୍ର କୌଣସି ସନ୍ଧାନ ମିଳିନଥିଲା। ସୋମବାର ସକାଳେ ବୟାଙ୍ଗଡିହି- ନୂଆଗାଁ ରାସ୍ତା କଡ଼ରେ ଥିବା ଏକ ପରିତ୍ୟକ୍ତ ନାଳରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଧୁଷୁରୀ ଥାନାକୁ ଖବର ଦେଇଥିଲେ। ଧୁଷୁରୀ ଥାନାର ଭାରପ୍ରାପ୍ତ ଅଧିକାରିଣୀ ସୁଜାତା ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ଭଣ୍ଡାରୀପୋଖରୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନାଳରୁ ମୃତଦେହକୁ ଉଦ୍ଧାର କରିଥିଲେ। ପରିବାର ସଦସ୍ୟମାନେ ମୃତଦେହକୁ ରଶ୍ମି ରଞ୍ଜନ ବେହେରାଙ୍କ ବୋଲି ଚିହ୍ନଟ କରିଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ବାଲି ମାଫିଆଙ୍କ ଟାର୍ଗେଟରେ ଋଷିକୂଲ୍ୟା

### ସୁରକ୍ଷା ଦେଉଛି କିଏ ? / ୩ଟି ହାଇୱାକୁ ଘେରିଲେ ଗ୍ରାମବାସୀ

ହିଞ୍ଜିଳିକାଟୁ, ୨୦।୭ (ସଂଚାର ବ୍ୟୁରୋ)ଃ ଘନଘନ ଚଢ଼ଉ ହେଉଛି। ଜରିମାନା ବାବଦରେ ଲକ୍ଷଲକ୍ଷ ଟଙ୍କା ରାଜକୋଷକୁ ଯାଉଛି। ମାଫିଆଙ୍କ ସହିତ ଗାଡ଼ିଚାଳକଙ୍କୁ ବାନ୍ଧି ଜେଲ୍‌କୁ ପଠାଇଦିଆଯାଉଛି। ଏସବୁ ପରେ ବି ବାଲି ଚୋରା ଚାଲାଣ ଥମିବା ନାଁ ନେଉନାହିଁ। ହିଞ୍ଜିଳିକାଟୁ ନିକଟସ୍ଥ ଅଂଚଳର ନିଲାମ ହୋଇନଥିବା ବାଲି ସୈରାତଙ୍କୁ ଜେସିବି ସାହାଯ୍ୟରେ ରାତିସାରା ବାଲି ଉଠାଉଛନ୍ତି ବାଲି ମାଫିଆ । ଏହି ଚୋରା ଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଛି |

ଶନିବାର ବିଳମ୍ବିତ ରାତିରେ ଦିଗାପଡା ଋଷିକୁଲ୍ୟା ବାଲିଘାଟରୁ ବେଆଇନ ଭାବେ ବାଲି ବୋଝେଇ କରି ୩ଟି ହାଇୱା ରାସ୍ତା ଦେଇ ଦ୍ରୁତ ଗତିରେ ଯାଉଥିବା ବେଳେ ଗ୍ରାମର କିଛି ବ୍ୟକ୍ତି ଏହାକୁ ବିରୋଧ କରିବା ସହ ଉତ୍ତେଜନା



ଦେଖାଦେଇଥିଲା | ପରେ ବେଲଗାଁ ଥାନା ପୁଲିସ ଓ ବ୍ରହ୍ମପୁର ଖଣି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିବା ଦେଖିବାକୁ ମିଳିଛି।

ତେବେ ପ୍ରତିଦିନ ରାତିରେ ମାଳମାଳ ହାଇୱା ବାଲି ଚୋରା ଚାଲାଣ କରୁଛନ୍ତି। ତେବେ ସବୁ ଖବର ଥାଇ ମଧ୍ୟ ପ୍ରଶାସନ ଚୁପ୍ କାହିଁକି ତାହା ଅଞ୍ଚଳବାସୀ ସିଧାସଳଖ ପ୍ରଶାସନଙ୍କୁ ଅଙ୍ଗୁଳି ଉଠାଇଛନ୍ତି । ଚୋର ଖୋଜୁଛି ଅନ୍ଧାର ରାତି ପରି ବାଲିମାଫିଆମାନେ ରାତିସାରା ବାଲି ଚୋରି କରିଚାଲୁଥିବାବେଳେ ସ୍ଥାନୀୟ ପ୍ରଶାସନ ସବୁ ଜାଣି ଚୁପ୍ ହୋଇ ବସିପଡିବା ଘଟଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି |

ଦୈନିକ କେତେ ବାଲି ଉଠୁଛି ? କିଏ ଉଠାଉଛି ? କେତେ ପରିମାଣର ବାଲି ଉଠାଇବା ପାଇଁ ଟିପି ଦିଆଯାଇଛି ? ପ୍ରକୃତ ନିଲାମୀ ଘାଟରୁ ବାଲି ଉଠୁଛି କି ନାହିଁ? ଏସବୁର ତଦାରଖ ପାଇଁ ବାଲି ଘାଟରେ କାହାରି ଦେଖାନାହିଁ । ଅଧିକାରୀଙ୍କ ଦେଖା ମିଳୁନଥିବା ବେଳେ ଦଲାଲ ମନ ଇଛା ବାଲି ଉଠାଇ ମାଲାମାଲ ହେଉଥିବା ଦେଖିବାକୁ ମିଳୁଛି।

# ପୋଷଣର ପ୍ରତିଶ୍ରୁତି, ଥାଳିରେ ପ୍ରତାରଣା



**ମଧ୍ୟାହ୍ନ ଭୋଜନ ସଙ୍କଟରେ**

**ଅଣ୍ଡା ଠାରୁ ପନିପରିବା ସବୁ ଆକାଶ ଛୁଆଁ ଦର**

**ଥାଳିରେ ପାଣି ଭିତରେ ଭାତ ଭାସୁଛି**

କାକଟପୁର/ଅସ୍ତରଙ୍ଗ, ୨୦।୭ (ସଂଚାର ବ୍ୟୁରୋ)ଃ ଥାଳିରେ ଭାତ, ଡାଲି ଆଉ ସାଙ୍ଗରେ ଗୋଟେ ଅଣ୍ଡା କି ଫଳ, ପୋଷଣ ଲଡୁ। ରାଜ୍ୟ ସରକାରଙ୍କ ଏହି "ପୋଷଣ" ସ୍ୱପ୍ନ ଏବେ ବଜାର ଦର ଆଗରେ ମଳିନ ପଡୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ମଧ୍ୟାହ୍ନ ଭୋଜନ ଯୋଜନା ଏବେ ବଡ ସଙ୍କଟ ଦେଇ ଗତି କରୁଛି।

ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ମୋଟ ୧୩ ଟି ସାଧନ କେନ୍ଦ୍ର ରହିଛି। ଏଥିରେ ୧୩୧ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ ୨୨ଟି ଉଚ୍ଚ ବିଦ୍ୟାଳୟରହିଛି। ଅର୍ଥାତ ମୋଟ ୧୫୩ଟି ସ୍କୁଲରେ ହଜାର ହଜାର ପିଲା ପ୍ରତିଦିନ ମଧ୍ୟାହ୍ନ ଭୋଜନ ଖାଉଛନ୍ତି। କିନ୍ତୁ ବର୍ତ୍ତମାନ ସ୍ଥିତି ହେଲା - ପାଚିକାଙ୍କ କପାଳରେ ଚିନ୍ତାର କାରଣ।

ବର୍ତ୍ତମାନ ସରକାର ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ୧୧ଟଙ୍କା ୧୫ପଇସା ଓ ଷଷ୍ଠରୁ ଅଷ୍ଟମ ପାଇଁ ୧୪ଟଙ୍କା ୭୪ପଇସା ଦେଉଛନ୍ତି। ନବମ ଓ ଦଶମ ପାଇଁ ୧୩ଟଙ୍କାରୁ କ୍ରମଶଃ ବୃଦ୍ଧି। ଏହି ଟଙ୍କାରେ ସପ୍ତାହକୁ ୩ଟି ଅଣ୍ଡା ଓ ୩ଟି ମାଣ୍ଡିଆ ଲଡୁ ମଧ୍ୟ ଦେବାକୁ ହେବ। ଯିଏ ଅଣ୍ଡା ଖାଇବ ନାହିଁ ତାଙ୍କୁ ଫଳ ଦେବେ ବୋଲି ସୂଚନା ରହିଛି।

କିନ୍ତୁ ବଜାରରେ ଚିତ୍ର ଅଲଗା। ଗୋଟେ ଅଣ୍ଡା ଦର ୯ଟଙ୍କା ଟପିଗଲାଣି। ଆଳୁ, ପିଆଜ ଦର ବୃଦ୍ଧି ସହ କଞ୍ଚା ପନିପରିବା ସବୁ ୫୦ଟଙ୍କା ଉପରେ। ଡାଲି, ତେଲ, ମସଲା ଦର ମଧ୍ୟ ଆକାଶ ଛୁଇଁଲାଣି। ୧୧ଟଙ୍କା ୧୫ପଇସାରେ ଡାଲି, ପରିବା, ତେଲ, ଇନ୍ଧନ ସାରି ଆଉ ଅଣ୍ଡା କେମିତି ଦେବୁ? ଗୋଟେ ଅଣ୍ଡାରେ ୯ ଟଙ୍କା ଚାଲିଯାଉଛି" ବୋଲି କହିଲେ ଜଣେ ପାଚିକା। ଏହି ଚାପ ଯୋଗୁଁ ଅସ୍ତରଙ୍ଗ ବ୍ଲକର ଅନେକ ବିଦ୍ୟାଳୟରେ ସୋମବାର ଅଣ୍ଡା ବନ୍ଦ କରିଦିଆଯାଇଛି ବୋଲି ଜଣେ ପ୍ରଧାନଶିକ୍ଷକ ନାମ ଗୋପନ ରଖି କହିଛନ୍ତି। ଅଣ୍ଡା ଯେଉଁମାନେ ଖାଇନଥିଲେ ସେମାନଙ୍କୁ ଫଳ ମଧ୍ୟ ଦିଆଯାଇନାହିଁ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।

ଅଙ୍ଗନବାଡି କେନ୍ଦ୍ରରେ ମଧ୍ୟ ସେହି ସମାନ ଅବସ୍ଥା। ପ୍ରଶ୍ନ ଉଠୁଛି - ପୋଷଣ କେଉଁଠି?

ସରକାର କହୁଛନ୍ତି ପ୍ରାଥମିକ ପିଲାଙ୍କୁ ୪୫୦ କ୍ୟାଲୋରି + ୧୨ଗ୍ରାମ୍ ପ୍ରୋଟିନ, ଉଚ୍ଚ ପ୍ରାଥମିକକୁ ୭ଶହ କ୍ୟାଲୋରି + ୨୦ଗ୍ରାମ ପ୍ରୋଟିନ ଦରକାର। କିନ୍ତୁ ଦର ବୃଦ୍ଧି ଯୋଗୁଁ ସ୍କୁଲ କର୍ତ୍ତୃପକ୍ଷ ପରିବା ଓ ଡାଲି ପରିମାଣ କମାଇବାକୁ ବାଧ୍ୟ ହେଉଛନ୍ତି।

ଶିକ୍ଷକ ଓ ଅଭିଭାବକଙ୍କ ଦାବୀ- ମଧ୍ୟାହ୍ନ ଭୋଜନ ହାରକୁ ତୁରନ୍ତ ସଂଶୋଧନ କରାଯାଉ। ନହେଲେ ପୋଷଣ ଯୋଜନା କାଗଜରେ ହିଁ ସୀମିତ ରହିଯିବ।

## ବାଲ ଭାରତୀ ପବ୍ଲିକ ସ୍କୁଲରେ ସ୍କାଉଟ୍-ଗାଇଡ୍ ଓ ଜୁନିୟର ରେଡ୍‌କ୍ରସ ୟୁନିଟ୍ ଉଦ୍‌ଘାଟିତ




ସୁନ୍ଦରଗଡ଼, ୨୦।୭ (ସଂଚାର ବ୍ୟୁରୋ)ଃ ସୋମବାର ଦିନ ଏନଟିପିସି ଦର୍ଲିପାଲିର ବାଲ ଭାରତୀ ପବ୍ଲିକ ସ୍କୁଲରେ ସ୍କାଉଟ୍-ଗାଇଡ୍ ଏବଂ ଜୁନିୟର ରେଡ୍ କ୍ରସ ୟୁନିଟ୍ ଉତ୍ସାହପୂର୍ଣ୍ଣ ପରିବେଶରେ ଉଦ୍‌ଘାଟନ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଉନ୍ନତି ଯୋଶୀଙ୍କ ଅଧ୍ୟକ୍ଷତାରେ, ଚାଇଲ୍ଡ ଏଜୁକେସନ୍ ସୋସାଇଟିର ଅଧ୍ୟକ୍ଷ ମୀନୁ ଗୋସ୍ୱାମୀ ଏବଂ ସଚିବ-ପରିଚାଳିକା ନାନୁ ରେଖାଙ୍କ ମାର୍ଗଦର୍ଶନ ସହ ଏନ୍‌ଟିପିସି ଦର୍ଲିପାଲିର ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ ଜିଲ୍ଲା କମିଶନର ଡଃ ବିଭୀଷଣ ବାରିକ, ଜିଲ୍ଲା କମିଶନର, ଜୁନିୟର ରେଡ୍ କ୍ରସ, ଅନିଲ କୁମାର ପାଣିଗ୍ରାହୀ, ଡି.ଟି.ସି. ଗାଇଡ୍ ଖୀଲାନ୍ଦ୍ରି ପଟେଲ, ସ୍କାଉଟ୍ ଜିଲ୍ଲା ପ୍ରତିନିଧି ଶ୍ରୀକାନ୍ତ ସାହା ଏବଂ ଜେ.ଆର୍.ସି. ସମନ୍ୱୟକାରୀ ବିଜୟଲକ୍ଷ୍ମୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।

ସମାରୋହ ଅବସରରେ ଚୟନିତ ଛାତ୍ରଛାତ୍ରୀ ମାନଙ୍କୁ ସ୍କାଉଟ୍-ଗାଇଡ୍ ଏବଂ ଜୁନିୟର ରେଡ୍ କ୍ରସର ସ୍କାର୍ଫ ପିନ୍ଧାଇ ସମ୍ପୃକ୍ତ ୟୁନିଟ୍‌ର ସଦସ୍ୟ ଭାବେ ସାମିଲ କରାଯାଇଥିଲା। ସେମାନଙ୍କୁ ସେବା, ଶୃଙ୍ଖଳା, ସମର୍ପଣ ଓ ରାଷ୍ଟ୍ରସେବାର ଆଦର୍ଶକୁ ଅନୁସରଣ କରିବା ପାଇଁ ପ୍ରେରିତ କରାଯାଇଥିଲା।

### କମ୍ ବର୍ଷାକୁ ନେଇ ସରକାର ସତର୍କ

# ଚାଷୀଙ୍କ ପାଇଁ ଜରୁରୀ ଯୋଜନା



ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ରାଜ୍ୟରେ କମ୍ ବର୍ଷା ପରିସ୍ଥିତିକୁ ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ବସିଛି। ବୈଠକରେ ଚାଷୀଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେଇ ଜଳାଶୟର ପାଣି ପ୍ରଥମେ ପାନୀୟ ଜଳ ଓ ଚାଷ ପାଇଁ ସଂରକ୍ଷିତ ରଖିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ବିଶାଳ କୁମାର ଦେବ, ଜଳସମ୍ପଦ ବିଭାଗ ଶାସନ ସଚିବ ଶୁଭା ଶର୍ମା ଏବଂ କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ବାଲିମେଳା ଓ ମାଛକୁଣ୍ଡ ଭଳି ବଡ଼ ବଡ଼ ଜଳାଶୟର କ୍ୟାଚମେଣ୍ଟ ଅଞ୍ଚଳରେ କମ୍ ବର୍ଷା ହୋଇଥିବାରୁ ସରକାର ସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ଜନସାଧାରଣଙ୍କୁ ଆଦୌ ନ ଡରିବାକୁ ପରାମର୍ଶ ଦେଇଛନ୍ତି।

ସେହିପରି ଜଳାଶୟଗୁଡ଼ିକରେ ଥିବା ପାଣିକୁ ପ୍ରଥମେ ପାନୀୟ ଜଳ ଏବଂ ଚାଷ କାର୍ଯ୍ୟ ପାଇଁ ସଂରକ୍ଷିତ ରଖାଯିବ। ଏହା ପରେ ଯାଇ ବିଦ୍ୟୁତ ଉତ୍ପାଦନ ପାଇଁ ପାଣି ଦିଆଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ। ଗତବର୍ଷ ତୁଳନାରେ ଏଥର ଜଳସ୍ତର କମ୍ ଥିବାରୁ ଯେପରି ଖରିଫ ଚାଷରେ କୌଣସି ଅସୁବିଧା ନ ହୁଏ, ସେଥିପ୍ରତି କୃଷି ଓ ଜଳସମ୍ପଦ ବିଭାଗ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ଏଥିପାଇଁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ସହ ମଧ୍ୟ ଆଲୋଚନା

### ବିଦ୍ୟୁତ ଯୋଗାଣ ସ୍ୱାଭାବିକ

କରାଯାଇଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଏଥିସହ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବାଲିମେଳାରେ ବିଦ୍ୟୁତ ଉତ୍ପାଦନକୁ କିଛି ଦିନ ପାଇଁ ବନ୍ଦ ରଖାଯାଇଛି। କମ୍ ବର୍ଷା ସତ୍ତ୍ୱେ ବିକଳ୍ପ ବ୍ୟବସ୍ଥା ଯୋଗୁଁ ରାଜ୍ୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ରହିଛି। ତେଣୁ ବିଦ୍ୟୁତ ବା ପାଣି ଅଭାବ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

ସେହିପରି ତମାମ ସମସ୍ୟାର ସମାଧାନ ପାଇଁ ସରକାର ଏକ ବ୍ୟାପକ ଆପଦକାଳୀନ ଯୋଜନା ପ୍ରସ୍ତୁତ କରିଛନ୍ତି। ଫସଲକୁ ବଞ୍ଚାଇବା ପାଇଁ କୃଷି, ଶକ୍ତି ଓ ଜଳସମ୍ପଦ ବିଭାଗ ମିଳିତ ଭାବେ କାମ କରୁଛନ୍ତି। ଜଳ-ବିଦ୍ୟୁତ ଉତ୍ପାଦନ କମିଥିବାରୁ ଶକ୍ତି ବିଭାଗ ଗ୍ରୀଡକୋ ଓ ଓଏଚପିସି ଜରିଆରେ ବାହାର ଗ୍ରୀଡକୋରୁ ବିଦ୍ୟୁତ ଆଣିବାକୁ ବ୍ୟବସ୍ଥା କରିଛନ୍ତି, ଯାହାଦ୍ୱାରା ଲୋକେ ନିରବଚ୍ଛିନ୍ନ ବିଦ୍ୟୁତ ପାଇପାରିବେ।

# ପ୍ରଶାସନିକ ଏକକଗୁଡ଼ିକର ସଂଶୋଧିତ ଇଂରାଜୀ ବନାନ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ରାଜ୍ୟର ଜିଲ୍ଲା, ଉପଖଣ୍ଡ, ତହସିଲ, ବ୍ଲକ୍ ଓ ସହରାଞ୍ଚଳମାନଙ୍କର ନାମର ସଂଶୋଧିତ ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାର ଗତ ୨୨ ତାରିଖରେ ଓଡ଼ିଆ ଉଚ୍ଚାରଣ ସହ ସାମଞ୍ଜସ୍ୟ ରଖି ଜିଲ୍ଲା, ଉପଖଣ୍ଡ, ତହସିଲ, ବ୍ଲକ୍ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ଇଂରାଜୀ ବନାନ ସଂଶୋଧନ କରି ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏହି ସଂଶୋଧନ କେବଳ ଇଂରାଜୀ ବନାନ ସମ୍ବନ୍ଧୀୟ ଓ ପ୍ରଶାସନିକ ଏକକଗୁଡ଼ିକର ନାମରେ କୌଣସି ପରିବର୍ତ୍ତନ କରାଯାଇନାହିଁ।



୬ ମାସ ମଧ୍ୟରେ ସବୁ ସଂସ୍ଥାରେ ଲାଗିବ ସଂଶୋଧିତ ନାମଫଳକ

ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼. ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ରାଜ୍ୟ ସରକାରଙ୍କ ବିଜ୍ଞପ୍ତିରେ ଉଲ୍ଲିଖିତ ସଂଶୋଧିତ ଇଂରାଜୀ ବନାନକୁ ସମସ୍ତ ସରକାରୀ ଦସ୍ତାବିଜ, ପତ୍ରାଚାର, ଅଧିସୂଚନା, ଅଭିଲେଖ, ୱେବସାଇଟ୍, ପୋର୍ଟାଲ୍, ବିଜ୍ଞାପନ ତଥା ନାମଫଳକ ଓ ଅନ୍ୟାନ୍ୟ ସରକାରୀ ବ୍ୟବହାରରେ ଅନିବାର୍ଯ୍ୟ ଭାବେ ପ୍ରୟୋଗ କରାଯିବ। ଏଥିସହ ଜିଲ୍ଲା ସ୍ତରର ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍ଥାନୀୟ ସଂସ୍ଥା ଓ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକୁ ଏହି ସଂଶୋଧିତ ବନାନର ସମ୍ପୂର୍ଣ୍ଣ ବ୍ୟବହାର ସୁନିଶ୍ଚିତ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି। ଏଥିସହ ଏ ସମ୍ପର୍କରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବଳିତ କାର୍ଯ୍ୟନୁଷ୍ଠାନ ରିପୋର୍ଟ ଉପରୋକ୍ତ ଚିଠି ପାଇବାର ୧୫ ଦିନ ମଧ୍ୟରେ ବିଭାଗକୁ ପଠାଯିବାକୁ କୁହାଯାଇଛି। ସେହିପରି ସମ୍ପୃକ୍ତ ପ୍ରଶାସନିକ ଏକକଗୁଡ଼ିକରେ ବ୍ୟବସାୟିକ ଓ ବେସରକାରୀ ସଂସ୍ଥାମାନଙ୍କୁ ସଂଶୋଧିତ ଇଂରାଜୀ ବନାନ ଅନୁଯାୟୀ ନିଜର ନାମଫଳକ ପରିବର୍ତ୍ତନ କରିବାକୁ ୬ ମାସର ସମୟ ପ୍ରଦାନ କରାଯାଇଛି ।

## କରେଣ୍ଟ ଲାଗି କାଠମିସ୍ତ୍ରି ମୃତ



ଦିଗପହଣ୍ଡି,୨୦।୭(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ସିଦ୍ଧେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଆଦିକନ୍ଦପୁର ଗ୍ରାମରେ ଆଜି ଘଟିଛି ଏକ ଅଭାବନୀୟ ଘଟଣା। ନାରାୟଣ ଗୌଡ଼ଙ୍କ ଘରେ କାଠ କାମ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଜଣେ କାଠ ମିସ୍ତ୍ରିଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ଦିଗପହଣ୍ଡି ବ୍ଲକ୍ ବାସୁଦେବପୁର ଗ୍ରାମ ଉପର ସାହିର ନାରାୟଣ ମହାରଣା (୫୮)। ନାରାୟଣ ଆଦିକନ୍ଦପୁର ଗ୍ରାମର ଶ୍ରୀ ଗୌଡ଼ଙ୍କ ଘରେ କାଠ କାମ କରୁଥିଲେ। ତେବେ ପୂର୍ବାହ୍ଣ ପ୍ରାୟ ସାଢ଼େ ୧୧ଟାରେ ସେ ବିଦ୍ୟୁତଚାଳିତ ଡ୍ରିଲ ମେସିନ ସାହାଯ୍ୟରେ କାମ କରୁଥିବା ବେଳେ ଅସାବଧାନତାଶତଃ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି କିଛି ଦୂରକୁ ଛିଟିକି ପଡ଼ିଥିଲେ। ଘର ମାଲିକ ଓ କେତେକ ଗ୍ରାମବାସୀ ମିସ୍ତ୍ରି ନାରାୟଣଙ୍କୁ ଅଚେତ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। କିନ୍ତୁ ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସୁଦେବପୁର ସରପଞ୍ଚ ପ୍ରତିନିଧି ଏମ୍ ସନ୍ତୋଷ ଦିଗପହଣ୍ଡି ଥାନାକୁ ଏନେଇ ସୂଚନା ଦେବା ପରେ ପୁଲିସ ଟିମ୍ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ମୁଖ୍ୟମନ୍ତ୍ରୀ ବସ୍ ଚାଳକଙ୍କୁ ହତ୍ୟା ଧମକ



ବଲାଙ୍ଗୀର,୨୦।୭(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ବନମାଳ ଗାଁରେ ମୁଖ୍ୟମନ୍ତ୍ରୀ ବସ୍ କର୍ମଚାରୀଙ୍କୁ ଧମକ ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ଗାଁ ଭିତରେ ମୁଖ୍ୟମନ୍ତ୍ରୀ ବସ୍‌କୁ ଅଟକାଇ ବନ୍ଧୁକ ଦେଖାଇ ବସ କର୍ମଚାରୀଙ୍କୁ ଧମକ ଦେଇଥିଲେ। ପ୍ରଥମେ ବଚସା ପରେ ଦୁର୍ବୃତ୍ତ ଏଭଳି ଧମକ ଦେଇଥିବା ଜଣାପଡ଼ିଛି। ତେବେ ଏହି ଘଟଣା ପରେ ବସ୍ ଛାଡ଼ି କର୍ମଚାରୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ବନ୍ଧୁକ ଦେଖାଇଥିବା ଅଭିଯୁକ୍ତ ନବୀନ ସାହୁ ମଧ୍ୟ ଫେରାର ଅଛନ୍ତି। ଘଟଣା ଘଟାଇଥିବା ଅଭିଯୁକ୍ତଙ୍କୁ ପୁଲିସ ଖୋଜୁଛି। ତେବେ ଖବର ଲେଖାଯିବା ସୁଦ୍ଧା ଅଭିଯୁକ୍ତର କୌଣସି ସୂଚନା ମିଳିପାରିନାହିଁ।

## ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଫୁଲବାଣୀ,୨୦।୭(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାରେ ପୁଣି ଜଣେ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ଏକ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ଉକ୍ତ ଛାତ୍ରୀଙ୍କୁ ଏବେ ତାଙ୍କ ଘରକୁ ପଠାଇ ଦିଆଯାଇଥିବା ବେଳେ ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଗୋଚ୍ଛାପଡା ଥାନାଞ୍ଚଳର ଛାତ୍ରୀ ଜଣଙ୍କ ଦାମିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ହଷ୍ଟେଲରେ ରହି ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି। ତେବେ ଗତ ୧୮ ତାରିଖରେ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ୭ ଛାତ୍ରୀଙ୍କ ଋତୁସ୍ରାବଜନିତ ସମସ୍ୟା ଥିବା ଜଣାପଡ଼ିଥିଲା। ସେମାନଙ୍କୁ ନିକଟସ୍ଥ ଗୁମ୍ମାଗଡ଼ ମେଡିକାଲକୁ ନିଆଯାଇ ପରୀକ୍ଷା କରାଯିବା ପରେ ଜଣେ ଛାତ୍ରୀ ଗର୍ଭବତୀ ଥିବା ଜଣାପଡ଼ିଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଉକ୍ତ ଛାତ୍ରୀଙ୍କ ବାପାଙ୍କୁ ସ୍କୁଲକୁ ଆସିବାକୁ ଫୋନରେ କହିଥିଲେ। ଗତକାଲି ଛାତ୍ରୀଙ୍କ ବାପା ଯାଇ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଏହାପରେ ସେ ଝିଅକୁ ପଚାରିବାରୁ ବନ୍ଧୁଲି ଗ୍ରାମର ଜଣେ ଯୁବକ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିବା ସେ କହିଥିଲେ। ଏନେଇ ଛାତ୍ରୀଙ୍କ ବାପା ଗୋଚ୍ଛାପଡ଼ା ଥାନାରେ ଏତଲା ମଧ୍ୟ ଦେଇଛନ୍ତି। ପୋଲିସ ୧୧୨/୨୬ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମିଳିଥିବା ସୁଚନାନୁସାରେ, ଛାତ୍ରୀଙ୍କ ଗ୍ରାମରେ ଯାତ୍ରା ହେଉଥିବା ସମୟରେ ସେଠାକୁ ଯୁବକ ଜଣଙ୍କ ଆସିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ପରିଚୟ ହେବା ପରେ ଫୋନରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ଏହାର କିଛି ଦିନ ପରେ ଯୁବକ ଜଣଙ୍କ ବିବାହର ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖିଥିବା ନାବାଳିକା ଜଣଙ୍କ କହିଛନ୍ତି।

## ୧.୫ କୋଟିର ଗଞ୍ଜେଇ ସହ ଗାଡ଼ି ଜବତ, ୨ ଗିରଫ

ଭୁବନେଶ୍ୱର,୨୦।୭ (ସଂଚାର ବ୍ୟୁରୋ) : କନ୍ଧମାଳରୁ ଝାଡ଼ଖଣ୍ଡ ଗଞ୍ଜେଇ ଚାଲାଣ। ଭୁବନେଶ୍ୱର ବାଙ୍କୁଆଳରୁ କାବୁ କଲା ଏସ୍‌ଟିଏଫ୍। ଦେଢ଼ କୋଟିର ଗଞ୍ଜେଇ ଚାଲାଣ ବେଳେ ଧରିଲା ଏସଟିଏଫ। ଗୋଟିଏ ବୋଲେରୋ ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଦୁଇ କୁଇଣ୍ଟାଲ ୬୩କେଜି ଗଞ୍ଜେଇ ଜବତ କରିଛି ଏସଟିଏଫ। ଏନେଇ ଦୁଇ ଅଭିଯୁକ୍ତ ନରସିଂହ ଦିଗଲ, ମୃତ୍ୟୁଞ୍ଜୟ ଦିଗଲକୁ ଗିରଫ କଲା ଏସଟିଏଫ ଟିମ୍। ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ନେଇ ଟ୍ରାକ କରୁଥିଲା ଏସଟିଏଫ। ଏନେଇ କନ୍ଧମାଳରୁ ଗଞ୍ଜେଇ ଆଣି ଝାଡ଼ଖଣ୍ଡ ଚାଲାଣ ବେଳେ ବଡଗଡ ଥାନା ବାଙ୍କୁଆଳ ନିକଟରେ ସେମାନଙ୍କୁ ପିଛା କରି କାବୁ କରିଛି ଏସଟିଏଫ ଟିମ୍।



### ପ୍ରେମିକାକୁ ତଣ୍ଟିଚିପି ହତ୍ୟା ମାମଲା

# ପୁଲିସ୍‌କୁ ଚକ୍‌ମା ଦେବାକୁ ନାଟକ ରଚିଥିଲା ପ୍ରେମିକ



ହେଲେ ସବୁକିଛି ସ୍ପଷ୍ଟ କରିଦେଲା ମୋବାଇଲ୍ ଟ୍ରାକିଂ



କୁଚିଣ୍ଡା,୨୦।୭(ସଂଚାର ବ୍ୟୁରୋ): କୁଚିଣ୍ଡାରୁ ଅପହରଣ କରି ପ୍ରେମିକାକୁ ହତ୍ୟା କରିଥିବା ମାମଲାରେ ଆଜି ୩ ଜଣଙ୍କୁ ଗିରଫ କରିଛି ପୁଲିସ୍। ମୁଖ୍ୟ ଅଭିଯୁକ୍ତ ପ୍ରେମିକ ଅନୀଲ ପୃଷେଠ ସହ ତା'ର ବନ୍ଧୁ ସୁଭିତ୍ ମାକର ଓ ଅଶୋକ କିସାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏପଟେ ଗତକାଲି କୁଚିଣ୍ଡା ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ଏକ ଡାକ୍ତରୀ ଟିମ୍ ମୃତଦେହର ବ୍ୟବଚ୍ଛେଦ କରିଛନ୍ତି। ଫୋରେନ୍‌ସିକ୍ ଟିମ୍ ବିଭିନ୍ନ ନମୁନା ମଧ୍ୟ ସଂଗ୍ରହ କରିଛି। ହତ୍ୟାରେ ବ୍ୟବହୃତ ଓଢ଼ଣୀ, ଗୋଟିଏ ବୋଲେରୋ, ଗୋଟିଏ ମୋବାଇଲ୍ ଓ ଅନ୍ୟ ବାୟୋଲୋଜିକାଲ୍ ସାମଗ୍ରୀ ମଧ୍ୟ ଜବତ କରାଯାଇଛି।

କୁଚିଣ୍ଡା ପୁଲିସ୍‌ର ସୂଚନାନୁସାରେ, କୁଚିଣ୍ଡା ଥାନା କୁସୁମୀ ଫାଣ୍ଡି ମହୁଲଗୁଡ଼ା ଗାଁର ସରିତା ସା (୨୪) କୁଚିଣ୍ଡାର ଏକ ପାର୍ଲରରେ ଗତ ୮ ମାସ ହେଲା କାମ କରୁଥିଲା। କୁଚିଣ୍ଡା ଥାନା ତେଲିକୁଣ୍ଡାପୋଷି ଗାଁର ଅନୀଲ ସହ ଏହା ପୂର୍ବରୁ ଅର୍ଥାତ ପ୍ରାୟ ୨ ବର୍ଷ ହେଲା ତାଙ୍କର ପ୍ରେମ ସମ୍ପର୍କ ଥିଲା। ସେ ଜଣେ ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିଲେ। ହେଲେ ଗତ କିଛି ମାସ ହେଲା ସରିତା ତୁରନ୍ତ ବିବାହ କରିବାକୁ ଅନୀଲକୁ ବାଧ୍ୟ କରିଆସୁଥିଲେ। କିନ୍ତୁ ଏହାକୁ ଟାଳିଚାଲିଥିଲା ଅନୀଲ। ତେଣୁ ସରିତାକୁ ଜୀବନରେ ମାରିଦେବାକୁ ଅନୀଲ ଯୋଜନା କରିଥିଲା। ଗତ ୧୬ ତାରିଖରେ ଏହାକୁ କାର୍ଯ୍ୟକାରୀ କରିବା ସକାଶେ ସେ ଯୋଜନା କରିଥିଲା। ଗତ ୧୬ ସନ୍ଧ୍ୟାରେ ବୁଲିଯିବାକୁ ପ୍ରେମିକା ସରିତାଙ୍କୁ ଅନୀଲ କହିଥିଲା। ତେଣୁ ଅନୀଲ ପୂର୍ବ ଯୋଜନା ଅନୁସାରେ ଗୋଟିଏ ବୋଲେରୋରେ ୨ ଜଣ ବନ୍ଧୁଙ୍କ ସହ ଆସିଥିଲା। ସ୍କୁଟିରେ ପାର୍ଲର ସମ୍ମୁଖରୁ ସେ ସରିତାକୁ ନେଇଥିଲା। ପରେ ବୋଲେରୋରେ ଜମନକିରା ପଟକୁ ସେମାନେ ଯାଇଥିଲେ। ଅଶୋକ ଗାଡ଼ି ଚଳାଉଥିବା ବେଳେ ସୁଭିତ୍ ସାମ୍ନା ପଟ ସିଟ୍‌ରେ ବସିଥିଲା। ଗାଡ଼ିରେ ଯାଉଥିବା ସମୟରେ ସରିତା ଓ ଅନୀଲଙ୍କ ମଧ୍ୟରେ ବିବାହକୁ ନେଇ ଝଗଡ଼ା ଆରମ୍ଭ ହୋଇଥିଲା। ଏହି ସମୟରେ ସରିତା ଧରିଥିବା ଓଢ଼ଣୀରେ ତଣ୍ଟି ଚିପି ଅନୀଲ ତାଙ୍କୁ ହତ୍ୟା କରିଥିଲା। ପରେ ୩ ଜଣ ମିଶି ସରିତାଙ୍କ ମୃତଦେହକୁ ବଡ଼ରମା ଘାଟିରେ ଫିଙ୍ଗିଦେଇଥିଲେ। ହେଲେ ସରିତାଙ୍କ ବାପା ଅନୀଲ ନାଁରେ ସିଧାସଳଖ ଏତଲା ଦେବାରୁ ପୁଲିସ୍ ତାକୁ ଆଣି ପଚରାଉଚରା କରିଥିଲା।

ଏ ସମ୍ପର୍କରେ ଜଣେ ପୁଲିସ୍ ଅଧିକାରୀ କହିଛନ୍ତି ଯେ ଅନୀଲ ଏହି ହତ୍ୟାକାଣ୍ଡକୁ ଚାପିଦେବା ପାଇଁ ବହୁ ଉଦ୍ୟମ କରିଥିଲା। ପୁଲିସ୍ ତାକୁ ପଚରାଉଚରା କରିବା ସମୟରେ ସେ ସରିତା ସହ କୁଆଡ଼େ ବି ଯାଇଥିବା ସ୍ପଷ୍ଟ ଭାବେ ମନା କରିଥିଲା। କେବଳ କୁଚିଣ୍ଡା ପଡ଼ିଆରେ ସରିତାଙ୍କ ସହ ତା'ର ଶେଷ ଦେଖା ହୋଇଥିବା ଅନୀଲ ପୁଲିସ୍‌କୁ କହିଥିଲା। କିନ୍ତୁ ଅନୀଲ ଓ ସରିତାଙ୍କ ମୋବାଇଲ୍ ଟ୍ରାକିଂ, ସିଡିଆର୍ ଓ ମୋବାଇଲ୍ ଟାୱାର ଡମ୍ପ୍ ଡିଟେଲ୍ସରୁ ଉଭୟ ସାଥୀ ହୋଇ ରହିଥିବା ଜଣାପଡ଼ିଥିଲା। କିନ୍ତୁ ଅନୀଲ ପୁଲିସ୍‌କୁ ଚକ୍‌ମା ଦେବା ସକାଶେ ନାଟକ ରଚିଥିଲା। ଏପରିକି ସେ ସରିତାଙ୍କ ମୃତଦେହ ବିଭିନ୍ନ ସ୍ଥାନକୁ ନେଇ ରଖିଥିବା କହିଥିଲା। କିନ୍ତୁ ଶେଷରେ ସେ ସବୁକିଛି ଦୋଷ ସ୍ୱୀକାର କରିବା ସହ ମୃତଦେହ ପକାଇଥିବା ସ୍ଥାନକୁ ପୁଲିସ୍‌କୁ ନେଇଥିଲା। ସରିତାଙ୍କ ମୃତଦେହ ମିଳିବା ସହ ଘଟଣାର ପର୍ଦ୍ଦାଫାସ ହୋଇଥିଲା ବୋଲି ଉକ୍ତ ପୁଲିସ୍ ଅଧିକାରୀ ଜଣଙ୍କ କହିଛନ୍ତି।

## ୨୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

● ୨୨ ପୂର୍ବାହ୍ଣ ୧୧ଟାରୁ ଆରମ୍ଭ ହେବ ପଞ୍ଜିକରଣ

ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ଆସନ୍ତା ୨୭ ତାରିଖ ସୋମବାର ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ୍ ନର୍ସରୀ ନିକଟସ୍ଥ)ଠାରେ ସକାଳ ୮ଟା ସମୟରୁ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ୍ (http: //janasunani.odisha,gov.in) ଅଥବା ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଏହି ପଞ୍ଜୀକରଣ ଆସନ୍ତା ୨୨ ପୂର୍ବାହ୍ଣ ୧୧ଟାରୁ ଆରମ୍ଭ ହେବ। ଜନସାଧାରଣ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର ପତ୍ର ଓ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜଧାନୀରେ ଦିନଦ୍ୱିପ୍ରହରେ ଯୁବକଙ୍କୁ ହାଣିଲେ



ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଆଜି ଦିନ ଦ୍ୱିପ୍ରହରେ ଜଣେ ଯୁବକଙ୍କୁ ସର୍ବସାଧାରଣରେ ଗୋଡ଼ାଇ ଗୋଡ଼ାଇ ହାଣିବା ଘଟଣା ଏଠାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ଅଞ୍ଚଳରେ ଘଟିଥିବା ଏହି ଆକ୍ରମଣରେ ଯୁବକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ଓ ପରେ ଅଧିକ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁଯାୟୀ, କେତେକ ଦୁର୍ବୃତ୍ତ ହଠାତ୍ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ପ୍ରାଣ ବଞ୍ଚାଇବା ପାଇଁ ସେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଆକ୍ରମଣକାରୀମାନେ ତାଙ୍କୁ କାବୁ କରି ହାଣିଚାଲିଥିଲେ। ଘଟଣା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ତୁରନ୍ତ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ପାରିବାରିକ କଳହକୁ କେନ୍ଦ୍ର କରି ଏହି ଆକ୍ରମଣ ଘଟିଥିବା ଅନୁମାନ କରାଯାଉଛି।

# ପେଟ୍ରୋଲ ପମ୍ପ ନିକଟରୁ ନବଜାତ ଶିଶୁ ଉଦ୍ଧାର

### କୁକୁର ପଲ ଦେଲେ ସୁରକ୍ଷା



ଭଞ୍ଜନଗର,୨୦।୭(ବାବୁଲା ପ୍ରଧାନ): ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜାଗଡ ପେଟ୍ରୋଲ ପମ୍ପ ନିକଟରେ ସୋମବାର ଅପରାହ୍ଣ ୪ଟା ସମୟରେ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁପୁତ୍ରକୁ ଗ୍ରାମବାସୀ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ସୂଚନା ଯୋଗ୍ୟ , ଆଜି ଅପରାହ୍ଣରେ କୌଣସି ମହିଳା ଶିଶୁ ପୁତ୍ରଟିକୁ ପେଟ୍ରୋଲ ପମ୍ପ ନିକଟରେ ଛାଡ଼ି ଚାଲିଯାଇଥିଲେ। ଛୁଆଟି କାନ୍ଦୁଥିବା ବେଳେ ସେଠାରେ ବୁଲୁଥିବା କିଛି ବୁଲା କୁକୁର ପହଞ୍ଚି ଭୋକିଥିଲେ। କୁକୁର ଯାକ କାହିଁକି ଭୋକୁଛି ବୋଲି ସେହି ରାସ୍ତାରେ ଯାଉଥିବା ଜଣେ ମହିଳା ପାଖକୁ ଦେଖିବାକୁ ଯାଇଥିଲେ। ଏହାପରେ ମହିଳା ଜଣକ ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ଏହାପରେ ଶିଶୁ ପୁତ୍ରଟିକୁ ଉଦ୍ଧାର କରି ଗ୍ରାମବାସୀଙ୍କ ସହଯୋଗରେ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଥିଲା। ମେଡିକାଲରେ ଶିଶୁଟିର ଚିକିତ୍ସା ଚାଲିଛି। କୌଣସି ମହିଳା ଅବୈଧ ସନ୍ତାନ ଜନ୍ମ କରିବା ପରେ ଲୋକ ଲଜ୍ୟାରୁ ରକ୍ଷା ପାଇବା ପାଇଁ ଛୁଆଟିକୁ ନେଇ ରାସ୍ତାକଡ଼ରେ ଛାଡି ଦେଇଥିବା ଅନୁମାନ କରାଯାଉଛି।

### ଏକାମ୍ର କଲେଜରେ ବାଣିଜ୍ୟ ଭବନର ଭୂମି ପୂଜନ କଲେ ବିଧାୟକ

# ମହାବିଦ୍ୟାଳୟକୁ ବିକଶିତ କରିବାକୁ ସଂକଳ୍ପବଦ୍ଧ

ଭୁବନେଶ୍ୱର,୨୦।୭ (ସଂଚାର ବ୍ୟୁରୋ) : ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀ ସ୍ଥିତ ଏକାମ୍ର ମହାବିଦ୍ୟାଳୟରେ ପିଏମ୍ ଉଷା ଅନୁଦାନରେ ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟଅଟକଳରେ ଏକ ବାଣିଜ୍ୟ ଭବନର ଭୂମି ପୂଜନ କଲେ ବିଧାୟକ ବାବୁ ସିଂ। ଭୂମି ପୂଜନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରକଳ୍ପ ଆନୁଷ୍ଠାନିକ ଭାବେ ଶୁଭ ଦେଇଥିଲେ।ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ, ପ୍ରଗତି ପଥେ ଆମ ଏକାମ୍ର ନିର୍ବାଚନ ମଣ୍ଡଳୀ। ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀର ସ୍ଥିତ ଏକାମ୍ର ମହାବିଦ୍ୟାଳୟରେ ଉଷା ଅନୁଦାନରେ ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବେୟଅଟକଳରେ ବାଣିଜ୍ୟ ଭବନ ପ୍ରକଳ୍ପର ଭୂମି ପୂଜନ ହୋଇଛି। ବିକାଶର ଅନ୍ୟନାମ ବିଜେପି ଓଡ଼ିଶାରେ ଏକାକୀ ସରକାର ଗଠନ କରି ଗତ କିଛି ମାସ ମଧ୍ୟରେ ଏକାମ୍ର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରିଛି ।



ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ଅନେକ ଜନହିତକାରି, ଗରିବ କଲ୍ୟାଣକାରୀ, ଜନକଲ୍ୟାଣକାରୀ, ସର୍ବବ୍ୟାପି, ସର୍ବସ୍ପର୍ଶୀ ବିକାଶମୂଳକ କାର୍ଯ୍ୟରେ ଜନସାଧାରଣ ଉପକୃତ ହେଉଛନ୍ତି।ଏକାମ୍ର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ଏକାମ୍ର ନିର୍ବାଚନ ମଣ୍ଡଳୀ ଓ ରାଜ୍ୟ କୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମେ ସଂକଳ୍ପ ନେବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି ବୋଲି ବିଧାୟକ ଶ୍ରୀ ସିଂ କହିଛନ୍ତି । କେ.ଜି. ରୁ ପି.ଜି ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନ କରୁଛନ୍ତି ସରକାର।

ଏକାମ୍ର ମହାବିଦ୍ୟାଳୟକୁ ସର୍ବଦା ପୂର୍ବ ସରକାର ଅବହେଳିତ କରି ଆସୁଥିଲେ। ମାତ୍ର ଲୋକଙ୍କ ସରକାରରେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସର୍ବଦା ଓଡ଼ିଶା ପ୍ରତି ଶିକ୍ଷା କ୍ଷେତ୍ରରେ ଅଧିକରୁ ଅଧିକ ପାଣ୍ଠି ସହଯୋଗ କରିଆସୁଛନ୍ତି ବୋଲି ସେ କହିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୁପମା ସାହୁ,ୱାର୍ଡ ନଂ ୬୭ କର୍ପୋରେଟର ମଧୁସ୍ମିତା ପ୍ରଧାନ,ଏକାମ୍ର ମହାବିଦ୍ୟାଳୟ ଅଧକ୍ଷା ଡ଼. ରାଜଶ୍ରୀ ମହାନ୍ତି,ସ୍ଥାନୀୟ ନେତୃତ୍ୱ ପ୍ରଶାନ୍ତ ପ୍ରଧାନ ,ସୁରେନ୍ଦ୍ର ପ୍ରଧାନ,ସୁରୀୟକାନ୍ତ ସାହୁ,ସମସ୍ତ ପ୍ରଶାସନିକ ଅଧିକାରୀ ଓ ଏକାମ୍ର ମହାବିଦ୍ୟାଳୟ ର ଅଧ୍ୟାପକ ଅଧ୍ୟାପିକା ଙ୍କ ସମେତ ବହୁ ସଂଖ୍ୟକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

### ରାଜଧାନୀ ଉପକଣ୍ଠରେ ଯୁବତୀଙ୍କୁ ଅପହରଣ ସହ ଦୁଷ୍କର୍ମ ଉଦ୍ୟମ

# କୌଶଳରେ ଖସି ପୁଲିସ୍‌କୁ କଲ୍, ୫୦ ଘଣ୍ଟା ପରେ ଉଦ୍ଧାର

ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ): ରବିବାର ଅପରାହ୍ଣରେ ଲିଫ୍ଟ ଦେବା ଆଳରେ ଜଣେ ଯୁବତୀଙ୍କୁ ଅପହରଣ କରି ନେଇ ଏକ କାଜୁ ଜଙ୍ଗଲରେ ଦୁଷ୍କର୍ମ ଉଦ୍ୟମ କରାଯାଇଛି। ତେବେ କୌଶଳ କ୍ରମେ ସାହସର ସହ ଉକ୍ତ ପୀଡ଼ିତା ଜଣଙ୍କ ଯୌନ ପିପାସୁଙ୍କ କବଳରୁ ଖସିଆସି ପୁଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିଥିଲେ। ଇନ୍‌ଫୋ ଭ୍ୟାଲି ଥାନା ପୁଲିସ ସହ ଜଟଣୀ, ତମାଣ୍ଡୋ, ଖଣ୍ଡଗିରି ଓ ଚନ୍ଦକା ଥାନା ପକ୍ଷରୁ ପାଖାପାଖି ୫୦ ଜଣ ପୁଲିସ୍ କର୍ମଚାରୀ ଗଙ୍ଗପଡ଼ା ରତନପୁର କାଜୁ ଜଙ୍ଗଲରେ ପାଖାପାଖି ୫ ଘଣ୍ଟାର ସର୍ଚ୍ଚ ଅପରେସନ୍ କରିବା ପରେ ଉକ୍ତ ପୀଡ଼ିତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଏହି ମାମଲାରେ ଇନ୍‌ଫୋ ଭ୍ୟାଲି ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା ମଧ୍ୟ କରୁଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଖୋର୍ଦ୍ଧା ବାଘମାରୀ ଥାନା ଅଞ୍ଚଳର ପ୍ରିୟଙ୍କା (ଛଦ୍ମନାମ) ଭୁବନେଶ୍ୱରରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଗତକାଲି ରବିବାର ଥିଲେ ମଧ୍ୟ ସେ କାମରେ ଯୋଗଦେବା ସକାଶେ ଆସି ଖୋର୍ଦ୍ଧା କଲେକ୍ଟର ଅଫିସ ନିକଟରେ ଛିଡ଼ା ହୋଇ ଲିଫ୍ଟ ମାଗୁଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୧ଟା ସମୟରେ ଏକ ବାଇକ୍‌ରେ ପ୍ରିୟଙ୍କାଙ୍କର ଜଣେ ଚିହ୍ନା ପରିଚୟ ଯୁବକ ଆସି ତାଙ୍କ ପାଖରେ ପହଞ୍ଚିଥିଲା। ତାଙ୍କୁ ଭୁବନେଶ୍ୱରରେ ଛାଡ଼ିଦେବ ବୋଲି ମଧ୍ୟ ସେ କହିଥିଲା। ପ୍ରିୟଙ୍କା ତାକୁ ବିଶ୍ୱାସ କରି ତା' ବାଇକ୍ ପଛରେ ବସିବା ପରେ ଯୁବକ ଜଣକ ତାଙ୍କୁ ରତନପୁର କାଜୁ ଜଙ୍ଗଲକୁ ନେଇଆସିଥିଲା। ଏଥିରେ ପ୍ରିୟଙ୍କା ଛାନିଆ ହୋଇ 'ଯାଢ଼େ କୁଆଡ଼େ ନେଉଛ' ବୋଲି ପଚାରିବାରୁ ଯୁବକ ଜଣକ ବାଇକ୍ ନ ଅଟକାଇ ସିଧା ରତନପୁର କାଜୁ ଜଙ୍ଗଲ ଭିତରକୁ ନେଇଯାଇଥିଲା।



ସେଠାରେ ସେ ପ୍ରିୟଙ୍କାଙ୍କୁ ଜୋର ଜବରଦସ୍ତି ଦୁଷ୍କର୍ମ କରିବା ସକାଶେ ଉଦ୍ୟମ କରିଥିଲା। ତେବେ କୌଶଳ କ୍ରମେ ପ୍ରିୟଙ୍କା ଉକ୍ତ ଯୁବକ କବଳରୁ ଖସିଆସିବାରେ ସକ୍ଷମ ହୋଇଥିଲେ। ଅପହର୍ତ୍ତା ଜଣଙ୍କ ପ୍ରିୟଙ୍କାଙ୍କୁ ଧରିବାକୁ ଜଙ୍ଗଲ ଭିତରେ ଗୋଡ଼ାଇଥିଲା। କିନ୍ତୁ ଯୁବତୀ ଜଣଙ୍କ ଭୟ ନ କରି ସାହସ ଦେଖାଇ ୧୧୨କୁ ଫୋନ୍ କରି ଘଟଣା ସମ୍ପର୍କରେ ପୁଲିସ୍‌କୁ ସବୁକିଛି ଜଣାଇଥିଲେ।

ପୁଲିସ କଣ୍ଟ୍ରୋଲ ରୁମ୍‌ରୁ ଖବର ପାଇ ଜୋନ୍-୩ ଏସିପି, ଇନ୍‌ଫୋ ଭ୍ୟାଲି, ଜଟଣୀ, ତମାଣ୍ଡୋ, ଭରତପୁର ଓ ଚନ୍ଦକା ଥାନା ପିସିଆର ଓ ପୁଲିସ ରତନପୁର କାଜୁ ଜଙ୍ଗଲରେ ପହଞ୍ଚିଥିଲା। ସେତେବେଳକୁ ପ୍ରିୟଙ୍କାଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିଲା। କିନ୍ତୁ ପୁଲିସ୍ ପାଖାପାଖି ୫ ଘଣ୍ଟା ଧରି ଜଙ୍ଗଲରେ ପ୍ରିୟଙ୍କାଙ୍କ ସନ୍ଧାନ କରିଥିଲା। ଏକକାଳୀନ ୮ରୁ ୧୦ଟି ପୁଲିସ ଭ୍ୟାନ୍ ପୀତାପଲ୍ଲୀ କାଜୁ ଜଙ୍ଗଲରେ ଖୋଜାଖୋଜି ଖବର ପ୍ରଘଟ ହେବା ପରେ ସେଠାରେ ଧୀରେ ଧୀରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଘଟଣା ସମ୍ପର୍କରେ ଜାଣି ଲୋକେ ମଧ୍ୟ ଖୋଜାଖୋଜି କରିଥିଲେ। ପୁଲିସ ମୋବାଇଲ ଲୋକେସନ୍‌ରୁ ଆରମ୍ଭ କରି ଡ୍ରୋନ୍ କ୍ୟାମେରା, ଫ୍ଲେୟାର ଗନ୍ (ଆଲୋକ ପ୍ରଦାନକାରୀ ବନ୍ଧୁକ) ଓ ବାଣ ଫୁଟାଇ ଯୁବତୀଙ୍କୁ ନିଜର ଉପସ୍ଥିତି ଜଣାଇବାକୁ ଉଦ୍ୟମ କରିଥିଲା। ଶେଷରେ ପାଖାପାଖି ୫୦ ଘଣ୍ଟା ପରେ ବହୁ ଖୋଜାଖୋଜି କରି ସନ୍ଧ୍ୟାରେ ଜଙ୍ଗଲରୁ ପ୍ରିୟଙ୍କାଙ୍କୁ ସୁରକ୍ଷିତ ଭାବେ ପୁଲିସ୍ ଉଦ୍ଧାର କରିଥିଲା। ଏଥିସହ ଅପହରଣକାରୀକୁ ମଧ୍ୟ ଉଠାଇ ଆଣିବା ସହ ଅପହରଣରେ ବ୍ୟବହୃତ ବାଇକ୍‌କୁ ମଧ୍ୟ ପୁଲିସ ଜବତ କରିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ୬୦% ବଢ଼ିଲା ଭାରତର ଅଶୋଧିତ ତୈଳ ଆମଦାନୀ ବିଲ୍

## ତୈଳ-ଗ୍ୟାସ୍ ଉପରେ ମଧ୍ୟ ବୃଦ୍ଧି ପାଇଲା ଖର୍ଚ୍ଚ




ନୂଆଦିଲ୍ଲୀ,୨୦।୭: ଭାରତର ଅଶୋଧିତ ତୈଳ ଆମଦାନୀ ବିଲ୍ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଆକାଶ ଛୁଆଁ ହୋଇଛି। ପେଟ୍ରୋଲିୟମ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ବାର୍ଷିକ ଆଧାରରେ ଦେଶର ଅଶୋଧିତ ତୈଳ ଆମଦାନୀ ବିଲ୍ ୬୦ ପ୍ରତିଶତରୁ ଅଧିକ ବଢ଼ିଛି। ଅନ୍ୟପଟେ ଆମଦାନୀ ମାତ୍ରା (ଭଲ୍ୟୁମ୍)ରେ ସାମାନ୍ୟ ହ୍ରାସ ରେକର୍ଡ କରାଯାଇଛି।

ଏହାର ମୁଖ୍ୟ କାରଣ ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ଏବଂ ହର୍ମୁଜ ପ୍ରଣାଳୀରେ ଯୋଗାଣ ବାଧାପ୍ରାପ୍ତ ହେବା। ଏହି କାରଣରୁ ଅଶୋଧିତ ତୈଳ ଦରରେ ବଡ଼ ବୃଦ୍ଧି ହୋଇଛି। ଏହି ସମାନ ପରିଣାମ ଏଲଏନଜି ଆମଦାନୀ ଏବଂ ପେଟ୍ରୋଲିୟମ ସାମଗ୍ରୀ ରପ୍ତାନୀରେ ମଧ୍ୟ ଦେଖିବାକୁ ମିଳିଛି, ଯେଉଁଠି ପରିମାଣ ହ୍ରାସ ପାଇଛି କିନ୍ତୁ ଦର ବୃଦ୍ଧି ଯୋଗୁଁ ମୂଲ୍ୟ ବଢ଼ିଛି। ମୋଟ ଉପରେ ଦେଶର ଟେନ୍ ଅୟଲ୍ ଏବଂ ଗ୍ୟାସ୍ ଆମଦାନୀ ଗତ ବର୍ଷ ସ୍ତରଠାରୁ ୪୫ ପ୍ରତିଶତ ଅଧିକ ବଢ଼ିଛି। ଏହା ଉର୍ଜା ଆମଦାନୀ ଉପରେ ନିର୍ଭର ଭାରତ ଉପରେ ପଶ୍ଚିମ ଏସିଆ ସଂକଟର ଖରାପ ଆର୍ଥିକ ପ୍ରଭାବକୁ ଦର୍ଶାଉଛି। ଦେଶ ନିଜର ୮୮% ରୁ ଅଧିକ ଅଶୋଧିତ ତୈଳ ଆବଶ୍ୟକତା ଏବଂ ପ୍ରାକୃତିକ ଗ୍ୟାସର ପ୍ରାୟ ଅଧା ବ୍ୟବହାର ପୂରଣ କରିବା ପାଇଁ ଆମଦାନୀ ଉପରେ ନିର୍ଭର କରେ, ଯାହାକୁ LNG (ତରଳୀକୃତ ପ୍ରାକୃତିକ ଗ୍ୟାସ୍) ଭାବରେ ଆମଦାନୀ କରାଯାଏ।

ପେଟ୍ରୋଲିୟମ୍ ପ୍ଲାନିଂ ଆଣ୍ଡ୍ ଆନାଲିସିସ୍ ସେଲ୍ (PPAC) ଦ୍ୱାରା ଜାରି ନୂତନ ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ, ଜୁନ୍ ତ୍ରୈମାସରେ ଅଶୋଧିତ ତୈଳ ଆମଦାନୀ ବାର୍ଷିକ ଆଧାରରେ ୬୧.୨% ବୃଦ୍ଧି ପାଇ ୪୯.୮ ବିଲିୟନ୍ ଡଲାରରେ ପହଞ୍ଚିଛି। ଆମଦାନୀ ପରିମାଣ (ଭଲ୍ୟୁମ୍) ୪.୫% ହ୍ରାସ ପାଇ ୫୯.୮ ନିୟୁତ ଟନ୍ ବା ପ୍ରାୟ ୪୩୮ ନିୟୁତ ବ୍ୟାରେଲ୍ ରହିଛି। ଏହାର ଅର୍ଥ ହେଉଛି ଜୁନ୍ ତ୍ରୈମାସରେ ଆମଦାନୀ କରାଯାଇଥିବା ଅଶୋଧିତ ତୈଳର ହାରାହାରି ଲ୍ୟାଣ୍ଡେଡ୍ ମୂଲ୍ୟ ବ୍ୟାରେଲ୍ ପ୍ରତି ପ୍ରାୟ ୧୧୩ ଡଲାର ଥିଲା, ଯାହା ଗତ ବର୍ଷର ସମାନ ଅବଧିରେ ବ୍ୟାରେଲ୍ ପ୍ରତି ପ୍ରାୟ ୬୭ ଡଲାର ଥିଲା। PPAC ତଥ୍ୟରୁ ଜଣାପଡ଼ିଛି ଯେ ଏପ୍ରିଲ-ଜୁନ୍ରେ ଆମଦାନୀ ହୋଇଥିବା ତୈଳ ଉପରେ ଭାରତର ନିର୍ଭରଶୀଳତା ବାର୍ଷିକ ଆଧାରରେ ୮୯.୧% ଥିଲା। ଏଲଏନଜି ଆମଦାନୀ କଥା କହିଲେ, ଏପ୍ରିଲ-ଜୁନ୍ରେ ଯୋଗାଣ ଗତ ବର୍ଷର ସମାନ ତିନିମାସିଆର ୮,୩୯୬ ମିଲିୟନ୍ ଷ୍ଟାଣ୍ଡାର୍ଡ କ୍ୟୁବିକ୍ ମିଟରରୁ ୮.୬% ହ୍ରାସ ପାଇ ୭,୬୭୪ ଏମଏସସିଏମ ରେ ରହିଛି। ଏଲଏନଜି ଆମଦାନୀ ବିଲ୍ ପ୍ରାୟ ୬% ବୃଦ୍ଧି ପାଇ ୩.୬ ବିଲିୟନ୍ ଡଲାର ହୋଇଛି। ପେଟ୍ରୋଲିୟମ୍ ଉତ୍ପାଦର ଆମଦାନୀ ପରିମାଣ ପ୍ରାୟ ୪୨% ହ୍ରାସ ପାଇ ୭.୧ ନିୟୁତ ଟନକୁ ଖସିଆସିଛି। ମୂଲ୍ୟ ହିସାବରେ ପେଟ୍ରୋଲିୟମ୍ ଉତ୍ପାଦ ଆମଦାନୀରେ ହ୍ରାସ ତୁଳନାତ୍ମକ ଭାବେ କମ୍ ଥିଲା।

# ଭାରତର ପ୍ରଥମ ଇଲେକ୍ଟ୍ରିକ୍ ଏୟାର୍ ଟାକ୍ସି

ନୂଆଦିଲ୍ଲୀ, ୨୦।୭: ଆଇଆଇଟି ମାଡ୍ରାସ୍ର ଏକ ଷ୍ଟାର୍ଟଅପ୍ ଭାରତର ପ୍ରଥମ ଇଲେକ୍ଟ୍ରିକ୍ ଏୟାର ଟାକ୍ସିର ନମୁନା ଉନ୍ମୋଚନ କରିଛି। ଏହାର ବାଣିଜ୍ୟିକ ଉତ୍ପାଦନ ୨୦୨୮ରେ ଆରମ୍ଭ ହେବା ଆଶା କରାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ କମ୍ପାନି ଏୟାର ଆମ୍ବୁଲାନ୍ସ ବିକାଶ କରିବ। ତା'ପରେ ଯାତ୍ରୀବାହୀ ଏୟାର ଟାକ୍ସି ବିକାଶ କରିବାକୁ ଯୋଜନା ରଖିଛି। ସହରର ଭିଡ଼ଭାଡ଼ରୁ ନିସ୍ତାର ପାଇବାକୁ ଚାହୁଁଥିବା ଲୋକମାନଙ୍କୁ ଏହି ଟାକ୍ସି ଶୀଘ୍ର ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବ। ଏହା ବ୍ୟାଟେରି ଦ୍ୱାରା ପରିଚାଳିତ ହେବ ଏବଂ ହେଲିକପ୍ଟର ଭଳି କାମ କରିବ। କମ୍ପାନି ବିକାଶ କରୁଥିବା ଏୟାର ଟାକ୍ସି ଥରେ ଫୁଲ୍ ଚାର୍ଜ ହେଲେ ୧୦୦ କିମି ଯାତ୍ରା କରିପାରିବ। ଏଥିରେ ଜଣେ ପାଇଲଟ୍ ଓ ଦୁଇ ଜଣ ଯାତ୍ରୀ ବସିପାରିବେ।

ଏ ସମ୍ପର୍କରେ କମ୍ପାନିର ପ୍ରତିଷ୍ଠାତା ସତ୍ୟ ଚକ୍ରବର୍ତ୍ତୀ କହିଛନ୍ତି ଯେ ଲିଫ୍ଟ ଭଳି ଏହା ଭୂପୃଷ୍ଠରୁ ସିଧାସଳଖ ଆକାଶକୁ ଉଠିବ ଏବଂ ତାପରେ ଆକାଶ ମାର୍ଗରେ ତାହା ବିମାନ ଭଳି ଯାତ୍ରା କରିବ ଏବଂ ଅବତରଣ ବେଳେ ଲିଫ୍ଟ ଭଳି କାମ କରିବ। ଫଳରେ ସହରାଞ୍ଚଳରେ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଏଥିରେ ଯାତ୍ରା କରିହେବ। ସେଥିପାଇଁ ଏହି ଏୟାର ଟାକ୍ସିରେ ଏକାଧିକ ଛୋଟ ମୋଟର ବ୍ୟବହାର କରାଯାଇଛି। ୨୦୦୦ କେଜି ଓଜନର ଏହି ଏୟାରଟାକ୍ସି ଭିଡ଼ ରହୁଥିବା ସହରଗୁଡ଼ିକରେ ଗମନାଗମନର ଚିତ୍ର ବଦଳାଇଦେବା ସମ୍ଭାବନା ରଖିଛି। କମ୍ପାନି ନିକଟରେ ୨୦ ନିୟୁତ ଡଲାର ସଂଗ୍ରହ କରିଥିଲା। ଆଉ ୩୦ ନିୟୁତ ଡଲାର ସଂଗ୍ରହ କରିବାକୁ କମ୍ପାନି ଯୋଜନା ରଖିଛି।



# ମହଙ୍ଗା ହୋଇପାରେ ଚିନି; ପ୍ରଥମ ଥର ୫୦ ଟଙ୍କା ପାର୍ କରିପାରେ ପାଇକାରୀ ଦର



ନୂଆଦିଲ୍ଲୀ,୨୦।୭: ଆଗକୁ ଆସୁଛି ପର୍ବପର୍ବାଣୀ। ହେଲେ ଏଥର ମିଠା ଅଧିକ ମହଙ୍ଗା ହେବ। କାରଣ ମହଙ୍ଗା ହୋଇପାରେ ଚିନି ଦର। ଦୁର୍ବଳ ମୌସୁମୀ ବର୍ଷା ଏବଂ କମ୍ ଷ୍ଟକ୍କୁ ନେଇ ଆଶଙ୍କା ମଧ୍ୟରେ ଚଳିତ ସିଜନରେ ଚିନି ଦର ସର୍ବକାଳୀନ ସର୍ବୋଚ୍ଚ ସ୍ତରକୁ ପହଞ୍ଚିପାରେ। ବଜାର ବିଶେଷଜ୍ଞମାନଙ୍କ ମତରେ, ପ୍ରଥମ ଥର ପାଇଁ ଚିନିର ଏକ୍ସ-ଫ୍ୟାକ୍ଟରି ଦର ଏବଂ ପାଇକାରୀ ଦର କେଜି ପ୍ରତି ୫୦ ଟଙ୍କା ପାର୍ କରିପାରେ।

ଗତ ଏକ ମାସ ମଧ୍ୟରେ ମଧ୍ୟ ଚିନି ଦରରେ ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳିଛି। ଚିନି ବ୍ୟବସାୟୀଙ୍କ କହିବା ଅନୁଯାୟୀ ଗତ ଏକ ମାସରେ ଚିନର ଏକ୍ସ ପ୍ୟାକ୍ଟ୍ରି ଦର କୁଇଣ୍ଟାଲ ପ୍ରତି ପ୍ରାୟ ୩୦୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ଦିଲ୍ଲୀରେ ଚିନିର ପାଇକାରୀ ଦର କ୍ୱିଣ୍ଟାଲ ପ୍ରତି ୪,୭୫୦ରୁ ୪,୮୫୦ ଟଙ୍କା ପହଞ୍ଚିଛି। ଅକ୍ଟୋବରରୁ ଆରମ୍ଭ ହେବାକୁ ଥିବା ନୂଆ ଚିନି ସିଜନ୍ ପୂର୍ବରୁ ଏକ୍ସ-ଫ୍ୟାକ୍ଟରି ଦର ପ୍ରତି କ୍ୱିଣ୍ଟାଲ ୫,୦୦୦ରୁ ୫,୧୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଅର୍ଥାତ୍ ପ୍ରଥମ ଥର ପାଇଁ ଏକ୍ସ-ଫ୍ୟାକ୍ଟରି ଦର ୫୦ ଟଙ୍କା ପ୍ରତି କିଲୋଗ୍ରାମ ସୀମା ଟପିପାରେ। ଏକ୍ସ-ଫ୍ୟାକ୍ଟରି ଦର ୫୦ ଟଙ୍କା ପ୍ରତି କିଲୋଗ୍ରାମକୁ ପହଞ୍ଚିଲେ ହୋଲସେଲ ବଜାରରେ ଚିନି ଦର ୫୫ ଟଙ୍କା ପ୍ରତି କିଲୋଗ୍ରାମ ପର୍ଯ୍ୟନ୍ତ ବଢ଼ିପାରେ।

ଆଇଗ୍ରେନ୍ ଇଣ୍ଡିଆର ନିର୍ଦ୍ଦେଶକ ରାହୁଲ ଚୌହାନ କହିଛନ୍ତି ଯେ, ଦୁର୍ବଳ ମୌସୁମୀ ବର୍ଷା ଏବଂ ଆଗାମୀ ସିଜନରେ ଅଖୁ ଉତ୍ପାଦନ କମିବାର ଆଶଙ୍କା ଯୋଗୁ ଚିନି ଦର ବଢ଼ୁଛି। ଯଦି ଖୁବଶୀଘ୍ର ମୌସୁମୀ ବର୍ଷାରେ ସୁଧାର ନଆସେ ଏବଂ ଅଖୁ ଉତ୍ପାଦନ ପ୍ରଭାବିତ ହୁଏ, ତେବେ ଆଗାମୀ ମାସଗୁଡ଼ିକରେ ଚିନି ଯୋଗାଣ କମିପାରେ। ଏହାର ପ୍ରଭାବରେ ଦର ଆହୁରି ବଢ଼ିପାରେ ବୋଲି ସେ କହିଛନ୍ତି। ସବୁଠାରୁ ବଡ଼କଥା ହେଲା ଏଥର ଇଥାନଲ୍ ପାଇଁ ଚିନି କୋଟା ହଟାଯିବା ପରେ ଚଳିତ ସିଜନରେ ୩୦୦ ଲକ୍ଷ ଟନ୍ରୁ ଅଧିକ ଚିନି ଉତ୍ପାଦନ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଏହି ଅନୁମାନ ୨୮୦ରୁ ୨୮୫ ଲକ୍ଷ ଟନ୍କୁ ଖସିଆସିଛି। ସେପ୍ଟେମ୍ବର ଶେଷ ସୁଦ୍ଧା କ୍ଲୋଜିଂ ଷ୍ଟକ୍ ୧୦ରୁ ୧୫ ଲକ୍ଷ ଟନ୍ ରହିପାରେବୋଲି ଅନୁମାନ କରାଯାଉଥିବା ବେଳେ ପ୍ରତିମାସ ଦେଶର ଚାହିଦା ୨୨ରୁ ୨୫ ଲକ୍ଷ ଟନ୍ ରହୁଛି। ବର୍ତ୍ତମାନର ମୌସୁମୀ ବର୍ଷା ପରିସ୍ଥିତିକୁ ଦେଖିଲେ ଆଗାମୀ ଚିନି ସିଜନରେ ମଧ୍ୟ ଉତ୍ପାଦନ ଆଶାଠାରୁ କମ୍ ରହିପାରେ। ଯଦି ଅକ୍ଟୋବର ଆରମ୍ଭରେ ଚିନି ଉତ୍ପାଦନ ମନ୍ଥର ରହେ, ତେବେ ବଜାରରେ ଯୋଗାଣ ସଙ୍କଟ ସୃଷ୍ଟି ହୋଇପାରେ, ଯାହା ଚିନି ଦରକୁ ଆହୁରି ବଢ଼ାଇପାରେ।

# ଆଗାମୀ ୧୮ ମାସରେ ଫ୍ଲିଟ୍‌ରେ ସାମିଲ କରିବ ୬୦ ନୂଆ ବିମାନ




ମୁମ୍ବାଇ,୨୦।୭:ଟାଟା ସମୂହର ମାଲିକାନାଧୀନ ଏୟାର ଇଣ୍ଡିଆ ଆଗାମୀ ୧୮ ମାସରେ ତାର ଫ୍ଲିଟ୍ ବିସ୍ତାର କରିବା ଯୋଜନାରେ ଅଛି। କମ୍ପାନୀ ଘୋଷଣା କରିଛି ଯେ ଏହି ସମୟରେ ଏୟାର ଇଣ୍ଡିଆ ଫ୍ଲିଟ୍ ରେ ୫୦ଟିରୁ ୬୦ଟି ନୂଆ ବିମାନ ସାମିଲ ହୋଇପାରେ। ଏୟାର ଇଣ୍ଡିଆର କହିବା କଥା ହେଉଛି ବୈଶ୍ୱିକ ଚ୍ୟାଲେଞ୍ଜ ସତ୍ତ୍ୱେ ତାର ମହତ୍ୱାକାଙ୍କ୍ଷୀ ଟ୍ରାନସଫର୍ମେସନ ଯୋଜନା ସଠିକ ଦିଗରେ ଆଗକୁ ବଢ଼ୁଛି ଓ ଆଗାମୀ ବର୍ଷମାନଙ୍କରେ ଯାତ୍ରୀଙ୍କୁ ଉନ୍ନତ ସେବା ମିଳିବ। ଏୟାର ଇଣ୍ଡିଆର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ତଥା ଏୟାରଇଣ୍ଡିଆ ଏକ୍ସପ୍ରେସ୍ ର ଚେୟାରମ୍ୟାନ ନିପୁଣ ଅଗ୍ରୱାଲ କହିଛନ୍ତି ଯେ କମ୍ପାନୀ ପାଖାପାଖି ୬୦୦ ବିମାନ ପାଇଁ ଅର୍ଡର ଦେଇଛି। ତେବେ ଏ ପର୍ଯ୍ୟନ୍ତ ମୋଟ ଅର୍ଡରର ୧୦%ରୁ ବି କମ ଡେଲିଭରୀ ହୋଇଛି। ହେଲେ ଆଗାମୀ ୭ରୁ ୮ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ୫୦ରୁ ୬୦ଟି ନୂଆ ବିମାନ ମିଳିବ ବୋଲି ଆଶା କରାଯାଉଛି। ଏଥିରେ ୧୦ରୁ ୧୫ଟି ୱାଇଡ ବଡି (ବଡ଼ ବିମାନ) ଓ ୪୫ରୁ ୫୦ଟି ନ୍ୟାରୋ ବଡି (ଛୋଟ ବିମାନ) ରହିବେ। ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଆଗାମୀ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ପୁରା ଫ୍ଲିଟ୍ କୁ ଗୋଟିଏ ପ୍ରକାର ବିମାନ ମଡେଲରେ ବଦଳାଇବା ଯୋଜନାରେ କାମ କରୁଛି। ସେହିପରି ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନର ବିମାନଙ୍କ ଅପଗ୍ରେଡ ଆଗାମୀ ବର୍ଷ ମଧ୍ୟ ସୁଦ୍ଧା ପୁରା ହୋଇଯିବ ବୋଲି ଆଶା କରାଯାଉଛି। କମ୍ପାନୀ ଏହା ବି କହିଛି ଯେ ବୋଇଂ ମ୍ୟାକ୍ସ-୮ ବିମାନଙ୍କ ଡେଲିଭରୀ ନିର୍ଦ୍ଧାରିତ ସମୟରେ ହେବ। ତେବେ ମ୍ୟାକ୍ସ ୧୦ ବିମାନଙ୍କ ଡେଲିଭରୀ ସାର୍ଟିଫିକେସନ ପ୍ରକ୍ରିୟା ପୁରା ହେବା ପରେ ଆରମ୍ଭ ହେବ।

ପଶ୍ଚିମ ଏସିୟା ଉତ୍ତେଜନା ଓ ବିମାନ ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁ ଏୟାର ଇଣ୍ଡିଆ କିଛି ଉଡାଣ ସାମୟିକ ବନ୍ଦ କରିଥିଲା। ଏବେ କମ୍ପାନୀ ଚଳିତବର୍ଷ ଦ୍ୱିତୀୟାର୍ଦ୍ଧରେ ନିଜ ନେଟୱାର୍କକୁ ପୁଣି ମଜଭୁତ କରିବାକୁ ଯାଉଥିବା କହିଛି। ପରବର୍ତ୍ତି ମାସ ମାନଙ୍କରେ ଯୁଦ୍ଧ ପୂର୍ବ ସ୍ତରକୁ ସେବା ଫେରାଇ ଆଣିବାକୁ ଲକ୍ଷ୍ୟ ରଖିଛି। ଏହାଛଡା ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତାକୁ ସ୍ମରଣୀୟ କରିବା ପାଇଁ ଚାଳକ ଦଳ ଓ ଏୟାରପୋର୍ଟ କର୍ମଚାରୀଙ୍କ ପ୍ରଶିକ୍ଷଣ, ନୂଆ ସେବା ପ୍ରକ୍ରିୟା ଓ ଆଧୁନିକ ଟେକ୍ନୋଲଜିରେ ମଧ୍ୟ ଲଗାତାର ନିବେଶ କରାଯାଉଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୨,୫୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୬୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୨,୫୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୦,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୨,୫୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୦,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୨,୬୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୦,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୨,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୨,୫୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୦,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଛି । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ସୋନମ ୱାଙ୍ଗଚୁକ ଓ ଛାତ୍ରଛାତ୍ରୀଙ୍କ ଅନଶନକୁ ସମର୍ଥନ କରି ଢେଙ୍କାନାଳରେ ଗଣଧାରଣା



ଢେଙ୍କାନାଳ,୨୦୧୭ (ସଂଚାର ବ୍ୟୁରୋ): ପରିବେଶବିତ୍ ତଥା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ ଓ ଲଦାଖର ଛାତ୍ରଛାତ୍ରୀମାନଙ୍କ ଅନଶନ ଆନ୍ଦୋଳନକୁ ସମର୍ଥନ ଜଣାଇ ଆଜି ଢେଙ୍କାନାଳର ନାଗରିକ ସମାଜ ପକ୍ଷରୁ ସହରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଦୁଇ ଘଣ୍ଟିଆ ଗଣଧାରଣା ଅନୁଷ୍ଠିତ ହୋଇଛି।

ଏହି ଗଣଧାରଣାରେ ସହରର ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ଯୁବକ, ଛାତ୍ରଛାତ୍ରୀ ଓ ପରିବେଶପ୍ରେମୀମାନେ ଯୋଗଦେଇ ସୋନମ ୱାଙ୍ଗଚୁକ ଓ ଲଦାଖର ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ପ୍ରତି ଏକାତ୍ମତା ପ୍ରକାଶ କରିଥିଲେ। ଅଂଶଗ୍ରହଣକାରୀମାନେ ହାତରେ ପ୍ଲାକାର୍ଡ ଧରି ପରିବେଶ ସୁରକ୍ଷା, ହିମାଳୟ ଅଞ୍ଚଳର ସଂରକ୍ଷଣ ଓ ଲଦାଖର ଲୋକଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ଦିଗରେ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ।

ବକ୍ତାମାନେ କହିଥିଲେ ଯେ, ଲଦାଖର ପରିବେଶ, ଜଳସମ୍ପଦ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ସହ ସ୍ଥାନୀୟ ଲୋକଙ୍କ ଅଧିକାର ରକ୍ଷା ପାଇଁ ଚାଲିଥିବା ଏହି ଅହିଂସା ଆନ୍ଦୋଳନକୁ ଦେଶବ୍ୟାପୀ ସମର୍ଥନ ମିଳିବା ଆବଶ୍ୟକ। ମହାତ୍ମା ଗାନ୍ଧୀଙ୍କ ଅହିଂସା ଓ ସତ୍ୟାଗ୍ରହର ଆଦର୍ଶକୁ ସାମ୍ନାରେ ରଖି ଏହି ଗଣଧାରଣା ଆୟୋଜନ କରାଯାଇଥିବା ସେମାନେ କହିଥିଲେ।

ଗଣଧାରଣା ଶେଷରେ ଆନ୍ଦୋଳନକାରୀମାନେ ସୋନମ ୱାଙ୍ଗଚୁକ ଓ ଛାତ୍ରଛାତ୍ରୀଙ୍କ ଦାବି ପ୍ରତି ସରକାର ସକାରାତ୍ମକ ମନୋଭାବ ଗ୍ରହଣ କରି ଆଲୋଚନା ମାଧ୍ୟମରେ ସମାଧାନର ବାଟ ଖୋଜିବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମଟି ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଥିଲା।

# ଅଣ୍ଡା ଦର ବଢ଼ିଲା, ଚିନ୍ତାରେ ସ୍କୁଲ ଓ ଅଙ୍ଗନବାଡ଼ି

## ମଧ୍ୟାହ୍ନ ଭୋଜନ ଓ ଫାଷ୍ଟଫୁଡର ଚାହିଦା ଯୋଗୁଁ ଅସ୍ତରଙ୍ଗରେ ଅଣ୍ଡାର ଅଭାବ



କାକଟପୁର/ଅସ୍ତରଙ୍ଗ,୨୦୧୭ (ସଂଚାର ବ୍ୟୁରୋ): ପୂର୍ବରୁ ଲୋକମୁହଁରେ ଥିଲା "ଷଣ୍ଡେ ହୁଏ ମଣ୍ଡେ, ରୋଜ ଖାଅ ଅଣ୍ଡେ"। କିନ୍ତୁ ଏବେ ସେହି ଅଣ୍ଡା ହିଁ ମହଙ୍ଗା ହୋଇଗଲା। ମଧ୍ୟାହ୍ନ ଭୋଜନରେ ଅଣ୍ଡା ଯୋଜନା ସହ ଫାଷ୍ଟଫୁଡ ଦୋକାନର ଚାହିଦା ବଢ଼ିବା ଫଳରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଅଣ୍ଡାର ଦର ଆକାଶ ଛୁଇଁଛି। ଫଳରେ ସ୍କୁଲ ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ ଓ ସାଧାରଣ ଗ୍ରାହକ ସମସ୍ତେ ଚିନ୍ତାରେ ପଡିଛନ୍ତି।

ପ୍ରତି ସପ୍ତାହରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାଙ୍କୁ ଅଣ୍ଡା ଦିଆଯାଉଛି। ସେହିପରି ଛାତ୍ର-ଛାତ୍ରୀଙ୍କ ପସନ୍ଦର ଫାଷ୍ଟଫୁଡ ଯେମିତି ଅଣ୍ଡା ରୋଲ, ଅଣ୍ଡା ଚପ୍, ଅଣ୍ଡା ଭୁଜିଆର ଚାହିଦା ମଧ୍ୟ ବହୁ ଗୁଣରେ ବଢ଼ିଛି। ଏହା ସହ ଛୋଟ ଅଣ୍ଡା ସିଝା ଦୋକାନ ଗୁଡିକରେ ବ୍ୟବସାୟ ବଢ଼ିଥିବା ବେଳେ ଯୋଗାଣ କମିଯାଇଛି। ଫଳରେ ବଜାରରେ ଅଣ୍ଡାର ଅଭାବ ଦେଖାଦେଇଛି।

ଅସ୍ତରଙ୍ଗ ମୁଖ୍ୟ ବଜାର ଅଣ୍ଡା ବ୍ୟବସାୟୀ ବାବାଜୀ କାଣ୍ଡି କହିଛନ୍ତି "ପୂର୍ବରୁ ଆମେ ଗୋଟେ ଅଣ୍ଡା ୫ ଟଙ୍କାରେ ବିକୁଥିଲୁ। ଏବେ ୭ ଟଙ୍କାରୁ ବଢ଼ି ୯ଟଙ୍କାରେ ବିକୁଛୁ। ହୋଲସେଲରେ ହିଁ ଦର ବହୁତ ବଢ଼ିଗଲାଣି। କାରଣ ହେଲା ମଧ୍ୟାହ୍ନ ଭୋଜନ ପାଇଁ ବଲ୍କ ଅର୍ଡର ଓ ଫାଷ୍ଟଫୁଡ ଦୋକାନର ଡିମାଣ୍ଡ। ଆମେ ଯୋଗାଣକାରୀଙ୍କୁ ଫୋନ କଲେ ସେମାନେ କହୁଛନ୍ତି ମାଲ ନାହିଁ। ଯେତେ ଆସୁଛି ସବୁ ବିକି ସରୁଛି। ଗରିବ ଲୋକ କିଣି ପାରୁନାହାନ୍ତି। ପୂର୍ବରୁ ଯେଉଁ ମାଆମାନେ ସପ୍ତାହରେ ୨ ଥର ଅଣ୍ଡା କିଣୁଥିଲେ ଏବେ ସେମାନେ ମାସକୁ ଥରେ କିଣୁଛନ୍ତି"।

ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ଓ ଅଙ୍ଗନବାଡ଼ି କର୍ମୀମାନେ କହିଛନ୍ତି, ସରକାର ନିର୍ଦ୍ଧାରିତ ଟଙ୍କାରେ ଏବେ ଅଣ୍ଡା କିଣିବା କଷ୍ଟ ହେଉଛି। ବଜାର ଦର ବଢ଼ିଯାଇଥିବା ଯୋଗୁଁ ଗୁଣାତ୍ମକ ଅଣ୍ଡା ମିଳିବା ମଧ୍ୟ କଷ୍ଟ ହେଉଛି। କେତେକ ସ୍ଥାନରେ ସପ୍ତାହରେ ଦୁଇ ଦିନ ଅଣ୍ଡା ଦେବା ବନ୍ଦ କରିବାକୁ ପଡୁଛି।

ଅସ୍ତରଙ୍ଗ ବ୍ଲକ ଅଧୀନ ବିଭିନ୍ନ ଫାଷ୍ଟଫୁଡ ଦୋକାନ ଓ ଛୋଟ ଅଣ୍ଡା ସିଝା ବିକ୍ରି ଦୋକାନରେ ମଧ୍ୟ ଏହାର ପ୍ରଭାବ ପଡିଛି। ଦର ବଢ଼ିଯିବା ଯୋଗୁଁ ସେମାନେ ବାଧ୍ୟ ହୋଇ ରୋଲ ଓ ଚପର ଦାମ୍ ୫ ଟଙ୍କା ବଢ଼ାଇଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ କମିଛି।ଅଣ୍ଡା ଦୋକାନରେ ଥିବା ଜଣେ ଗ୍ରାହକ କହିଛନ୍ତି "ପୁଷ୍ଟିକର ଖାଦ୍ୟ ଭାବି ପିଲାଙ୍କୁ ରୋଜ ଅଣ୍ଡା ଦେଉଥିଲୁ। ଏବେ ଦର ଏତେ ବଢ଼ିଲା ଯେ ସପ୍ତାହରେ ଥରେ ଦେବା କଷ୍ଟ"।

ସରକାର ଯଦି ତୁରନ୍ତ ଯୋଗାଣ ବ୍ୟବସ୍ଥା ଠିକ୍ ନ କରନ୍ତି ଏବଂ ଦର ନିୟନ୍ତ୍ରଣ ନ କରନ୍ତି, ତେବେ ପିଲାଙ୍କ ପୁଷ୍ଟିକର ଖାଦ୍ୟ ଉପରେ ପ୍ରଭାବ ପଡିବ ବୋଲି ଅଭିଭାବକମାନେ ଆଶଙ୍କା କରିଛନ୍ତି।

# ନିଟ୍-ୟୁଜିରେ ସଫଳତା: ବାଲିକୁଦାର ଗର୍ବ ସାଜିଲେ ସେକ୍ ମୁସରତ୍ ଉଲ୍ଲା



ବାଲିକୁଦା,୨୦୧୭ (ସଂଚାର ବ୍ୟୁରୋ): ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ନିଟ୍-ୟୁଜି ୨୦୨୬ ପରୀକ୍ଷାରେ ବାଲିକୁଦା ଅଞ୍ଚଳର ମେଧାବୀ ଛାତ୍ର ସେକ୍ ମୁସରତ୍ ଉଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତାଙ୍କ ଏହି କୃତିତ୍ୱକୁ ନେଇ ପରିବାର, ଶିକ୍ଷକ, ସହପାଠୀ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।ସେକ୍ ମୁସରତ୍ ଉଲ୍ଲା ହେଲେ, ବାଲିକୁଦା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ସେକ୍ ମସିଉଲ୍ଲା ଓ ମାଜେଦା ବେଗମଙ୍କ ସୁପୁତ୍ର। ସେ ବାଲିକୁଦାର ବିଶିଷ୍ଟ ବୁଦ୍ଧିଜୀବୀ ସେକ୍ ତଜିଦ୍ ଉଲ୍ଲାଙ୍କ ନାତି ମଧ୍ୟ। ପିଲାଦିନରୁ ସେ ପାଠପଢ଼ା ପ୍ରତି ଗଭୀର ଆଗ୍ରହୀ ଓ ମେଧାବୀ ଛାତ୍ର ଭାବେ ପରିଚିତ ଥିଲେ। ବିଦ୍ୟାଳୟ ଜୀବନରେ ସେ ବିଭିନ୍ନ ପରୀକ୍ଷାରେ କୃତିତ୍ୱ ଦେଖାଇଥିଲେ। ବୃତ୍ତି ପରୀକ୍ଷା ଓ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିବା ସହ ଦଶମ ଶ୍ରେଣୀ ପରୀକ୍ଷାରେ ବାଲିକୁଦା ବ୍ଲକର ଟପ୍ପର ହୋଇ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଏହାପରେ ଉଚ୍ଚଶିକ୍ଷା ସହ ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ନିୟମିତ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମବିଶ୍ୱାସର ସହିତ ପ୍ରସ୍ତୁତି ଜାରି ରଖିଥିଲେ। ଶେଷରେ ନିଟ୍-ୟୁଜି ୨୦୨୬ରେ ସଫଳତା ହାସଲ କରି ସେ ନିଜ ପରିବାର ସହ ସମଗ୍ର ବାଲିକୁଦା ଅଞ୍ଚଳର ନାମକୁ ଉଜ୍ଜ୍ୱଳ କରିଛନ୍ତି। ନିଜ ସଫଳତାର ଶ୍ରେୟ ସେ ପିତାମାତାଙ୍କ ଆଶୀର୍ବାଦ, ଶିକ୍ଷକମାନଙ୍କ ନିରନ୍ତର ମାର୍ଗଦର୍ଶନ, ବଡ଼ ଭଉଣୀଙ୍କ ପ୍ରେରଣା ଏବଂ ପରିବାରର ସହଯୋଗକୁ ଦେଇଛନ୍ତି। ଭବିଷ୍ୟତରେ ଜଣେ ଦକ୍ଷ ଚିକିତ୍ସକ ହୋଇ ସମାଜସେବା କରିବା ତାଙ୍କର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କ ଏହି ସଫଳତା ଅବସରରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି।

# ମା' ଆଦିଶକ୍ତି ଉଦ୍ୟୋଗ ପରିସର ଉଦ୍‌ଘାଟିତ



ବାରିପଦା,୨୦୧୭ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳିଠାରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କରକମଳରେ 'ମା' ଆଦିଶକ୍ତି ଉଦ୍ୟୋଗ ପରିସର'ର ଶୁଭ ଉଦ୍‌ଘାଟନ କରାଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ସହଯୋଗିତାରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ଏହି ଉଦ୍ୟୋଗ ପରିସର ମାଧ୍ୟମରେ ୫୦୦ରୁ ଅଧିକ ମହିଳା ଉପକୃତ ହେବେ ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଥିଲେ ଯେ, ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଏବଂ ସ୍ୱାବଲମ୍ବନ ରାଜ୍ୟ ସରକାରଙ୍କ ପ୍ରାଥମିକତା । ଦକ୍ଷତା ବିକାଶ ଓ ସ୍ୱରୋଜଗାରର ସୁଯୋଗ ସୃଷ୍ଟି ମାଧ୍ୟମରେ ଗ୍ରାମାଞ୍ଚଳର ମହିଳାମାନଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆସିପାରିବ ବୋଲି ସେ କହିଥିଲେ ।

ଉଦ୍ୟୋଗ ପରିସରରେ ସିଲାଇ, ଛତୁ ଚାଷ, ଶାଳପତ୍ର ଥାଳି ପ୍ରସ୍ତୁତି, ଅଗରବତୀ, ମହମବତୀ ଏବଂ ଛତୁଆ ପ୍ରସ୍ତୁତି ଭଳି ବିଭିନ୍ନ ଜୀବିକାମୂଳକ ପ୍ରଶିକ୍ଷଣ ଓ ଉତ୍ପାଦନ କାର୍ଯ୍ୟକ୍ରମର ସୁବିଧା ଉପଲବ୍ଧ ହେବ । ଏହା ମାଧ୍ୟମରେ ମହିଳାମାନେ ନିଜ କୌଶଳର ବିକାଶ କରି ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ସହ ସ୍ୱରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ । ଏହି ଉଦ୍ୟୋଗ ପରିସର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ବାରିପଦା ଦ୍ୱାରା ପରିଚାଳିତ ହେବ ।

ସମ୍ମାନିତ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଓ ଜୀବିକା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ସହ ମହିଳାମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରି ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) ଅଧ୍ୟକ୍ଷ ଡ. ବୁଡ଼ାନ ମୁର୍ମୁ, ଏସ୍‌ଡିସି ଉପାଧ୍ୟକ୍ଷ କୌଶଲ୍ୟା ସିଂ, ଜିଲ୍ଲାପାଳ ହେମକାନ୍ତ ସାଏ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରାଙ୍କ ସମେତ ବହୁ ଜନପ୍ରତିନିଧି, ବରିଷ୍ଠ ଅଧିକାରୀ, ମିଶନ ଶକ୍ତିର ସଦସ୍ୟା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

# ହେରାପଞ୍ଚମୀରେ ଲକ୍ଷ୍ମୀନାରାୟଣ ଅବତାର, ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼



ନୀଳଗିରି,୨୦୧୭ (ସଂଚାର ବ୍ୟୁରୋ): ସୋମବାର ହେରାପଞ୍ଚମୀରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ଅବତାର ରେ ଭକ୍ତ ଙ୍କୁ ଦର୍ଶନ ଦେଇଛନ୍ତି। ପ୍ରଭୁଙ୍କ ଏହି ରୂପ ଦର୍ଶନ ପାଇଁ ମାଉସୀ ମା ମନ୍ଦିର ରେ ଗହଳି ଦେଖାଦେଇଛି। ମହାଲକ୍ଷ୍ମୀ ଙ୍କୁ ଜଗନ୍ନାଥ ମନ୍ଦିରରୁ ସୁସଜିତ ବେଶରେ ରାଜପୁରୋହିତ ଓ ସେବାୟତ ଙ୍କ ଗହଣରେ ତୁରୀ,ଭେରୀ,ମୃଦଙ୍ଗ, ଘଣ୍ଟୁଆ, କୀର୍ତ୍ତନ କରି ଆଣି ମାଉସୀମା ଙ୍କ ଠାରେ ଥିବା ନନ୍ଦିଘୋଷ ରଥ କୁ ପରିକ୍ରମା କରିବା ପରେ ରଥ କାଠ କୁ ଭାଙ୍ଗି ଅଭିମାନ ଶାନ୍ତକରି ମନ୍ଦିର କୁ ପ୍ରତ୍ୟାବର୍ତ୍ତନ କରନ୍ତି। ପରେ ଚତୁର୍ଦ୍ଧା ମୁରତି ଲକ୍ଷ୍ମୀନାରାୟଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ପୂଜକ ହରି ବନ୍ଧୁ କର ମହାପ୍ରଭୁଙ୍କ ର ତୃତୀୟ ଶ୍ରୀକ୍ଷେତ୍ର ର ପରମ୍ପରା ଅନୁଯାୟୀ ରୀତିନୀତି କରାଇଥିବା ସୂଚନା ଦେଇଛନ୍ତି।

# ୧୦ ବର୍ଷ ଝିଅକୁ ରକ୍ତଦେଇ ବଞ୍ଚାଇଲେ ଯାମି




ଫୁଲବାଣୀ,୨୦୧୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଅନ୍ୟ ର ଦୁଃଖ ଦେଖି ପାରିଲେନି,ରକ୍ତ ଭଣ୍ଡାର ଖାଲି, ଦରଦୀ ମନ ରଖିଥିବା ମାମି କୁମାରୀ ବିନ୍ଧାଣୀ ଆଜି ସ୍ୱେଚ୍ଛାକୃତ ଭାବରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଳୟ ଠାରେ ନିଜର O+Ve ରକ୍ତଦାନ କରିଛନ୍ତି, ବାଲିଗୁଡା ମହାସିଂ ଅଂଚଳ ର ଜଣେ ୧୦ ବର୍ଷୀୟା ଝିଅ ପାଇଁ ନିଜର ରକ୍ତଦାନ କରି ଜୀବନ ଦାନ କରିଛନ୍ତି ମାମି, ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ମହିଳା ସ୍ୱାସ୍ଥ୍ୟ କର୍ମୀ ରୂପେ ନିୟୋଜିତ ମାମି ପୂର୍ବରୁ ମଧ୍ୟ ବହୁତ ଥର ନିଜର ଅମୁଲ୍ୟ ରକ୍ତଦାନ କରି ଅନେକଙ୍କ ର ଜୀବନ ବଞ୍ଚେଇବାରେ ସାହାଯ୍ୟ କରିଛନ୍ତି। ଏହା ଅନେକଙ୍କ ପାଇଁ ଉଦାହରଣ ହେଉ ବୋଲି ସମାଜ ସେବୀ ଗଣ ମତ ପ୍ରକାଶ କରିଛନ୍ତି, ଆଜିର ରକ୍ତଦାନ ସମୟରେ ମଧୁ ସ୍ମିତା ପ୍ରିୟଦର୍ଶିନୀ ଓ ବେଣୁ ପାଣି ଦିଗାଲ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

# ସୋନମ ୱାଙ୍ଗଚୁକଙ୍କ ଆନ୍ଦୋଳନକୁ ସମର୍ଥନ କରି ଏଆଇଡିଏସଓ ପକ୍ଷରୁ ପ୍ରତିବାଦ ସଭା




ଯାଜପୁର ରୋଡ଼,୨୦୧୭ (ସଂଚାର ବ୍ୟୁରୋ): ଦିଲ୍ଲୀ ଠାରେ ନିଟ ପରୀକ୍ଷାକୁ ନେଇ ଅନସନରେ ବସିଥିବା ସୋନମ ୱାଙ୍ଗଚୁକଙ୍କୁ ପୋଲିସ ଉଠାଇ ନେବା ପରେ ସାରା ଦେଶର କୋଣ ଅନୁକୋଣରେ ଛାତ୍ର ଛାତ୍ରୀ ଓ ବିଭିନ୍ନ ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ଏହାର ପ୍ରଭାବ ବ୍ୟାସନଗର ପୌରାଅଂଚଳ ସହରରେ ଥିବା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଫାଟକ ଗେଟ ସମ୍ମୁଖରେ ଦେଖିବାକୁ ମିଳିଛି। ନିଟ ପରୀକ୍ଷା ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଦୃଷ୍ଟାନ୍ତ ମୂଳକ ଶାସ୍ତି , ଏନଟିଏକୁ ରଦ୍ଦ କରିବା ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ବିଶିଷ୍ଟ ବୈଜ୍ଞାନିକ ତଥା ପରିବେଶବିତ ସୋନମ ୱାଙ୍ଗଚୁକଙ୍କ ୧୯ ଦିନ ଅନଶନ ଚାଲିଥିବା ସମୟରେ ବଳପୂର୍ବକ ପୋଲିସ ଉଠାଇନେବା ପ୍ରତିବାଦରେ ବିପ୍ଳବୀ ଛାତ୍ର ସଂଗଠନ ଏଆଇଡିଏସଓ ପକ୍ଷରୁ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଛାତ୍ରନେତା ବିଶ୍ୱଜିତ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପବିତ୍ର ଜେନା,ଅନିଲ ଘଡ଼ାଇ, ତନ୍ମୟ ମଲ୍ଲିକ,ଅମିତାଭ ଜେନା ଓ ମନୋଜ ପାଢେର ଆଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ସରକାର ଯଦି ସୋନମ ୱାଙ୍ଗଚୁକଙ୍କ ଦାବି ପୂରଣ ନକରନ୍ତି ତେବେ ଆଗାମୀ ଦିନରେ ଦୁର୍ବାର ଛାତ୍ର ଆନ୍ଦୋଳନ ସଂଗଠିତ ହେବବୋଲି ଛାତ୍ରନେତାମାନେ ସରକାରଙ୍କୁ ଚେତାଇ ଦେଇ ଥିଲେ ।

# ଟ୍ରକରୁ ବେଆଇନ ଚାନ୍ଦା ସଂଗ୍ରହ ନେଇ ଥାନାରେ ମାମଲା

ସୁନ୍ଦରଗଡ଼,୨୦୧୭ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ର ଦର୍ଲିପାଲି ଠାରେ ଏନଟିପିସି ରେ ନିୟୋଜିତ କିଛି ଟ୍ରକରୁ ବେଆଇନ ଭାବେ ୟୁଏଫଟିଓଏ ସଙ୍ଘ ଚାନ୍ଦା ଅସୁଲ କରୁଥିବା ନେଇ ଭସ୍ମା ଥାନାରେ ଏକ ଅଭିଯୋଗ ହୋଇଛି, ସୂଚନାଯୋଗ୍ୟ ଯେ ପୂର୍ବରୁ ଏହି ବେଆଇନ ଚାନ୍ଦା ସଂଗ୍ରହକୁ ନେଇ ସୁନ୍ଦରଗଡ଼ ଆଦିବାସୀ ଓ ଦଳିତ ଠିକା ପରିବହନ ସଂସ୍ଥା ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିଥିଲା, ଏହି ବେଆଇନ ଚାନ୍ଦା ସଂଗ୍ରହକୁ ନେଇ ଅନେକ ବିବାଦ ସୃଷ୍ଟି ହୋଇଥିବା ବେଳେ ପ୍ରଶାସନ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ, କ୍ରମଶଃ ଏହି ବିବାଦ ବଢ଼ିବାରେ ଲାଗିଛି, ଆଜି ରଞ୍ଜିତ କୁମାର ବୁଡ଼ା ନାମକ ଜଣେ ଯୁବକ ଭସ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ତାଙ୍କ ଅଧୀନରେ କିଛି ଗାଡି ଦର୍ଲିପାଲି ଏନଟିପିସି ଠାରୁ ଟିଟିଲାଗଡ଼ ପର୍ଯ୍ୟନ୍ତ କିଛି ବର୍ଜ୍ୟବସ୍ତୁ ପରିବହନରେ ନିୟୋଜିତ କରିଛନ୍ତି, ଆଜି ଏହି ଗାଡି ଗୁଡିକ କାରଖାନାରୁ ବାହାରିବା ସମୟରେ ୟୁଏଫଟିଓଏ ସଙ୍ଘର କିଛି କାର୍ଯ୍ୟକର୍ତ୍ତା ପ୍ରତିଗାଡି ରୁ ଚାନ୍ଦା ଆଦାୟ ପାଇଁ ଗାଡି ଗୁଡିକ ଅଟକେଇ ରଖିଛନ୍ତି ଏ ନେଇ ସେ ଭସ୍ମା ଥାନାରେ ଅଭଯୋଗ କରିଥିବା ଜଣାପଡିଛି।

# ବଜ୍ରାଘାତରେ ଗୋଟିଏ ପରିବାରର ୪ ଗୁରୁତର



ନୀଳଗିରି,୨୦୧୭ (ସଂଚାର ବ୍ୟୁରୋ): ବଜ୍ରାଘାତରେ ଗୋଟିଏ ପରିବାରର ୪ ସଦସ୍ୟ ଗୁରୁତର ହୋଇଥିବା ଅନ୍ୟ ୪ଜଣଆହତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ କେସିପୁର ପଞ୍ଚାୟତର ୫ନମ୍ବର ୱାର୍ଡ ବାକ୍ସନାଳ ଗ୍ରାମରେ ଏଭଳି ଘଟଣା ଘଟିଛି। ରବିବାର ମଧ୍ୟରାତ୍ରୀରେ ବଜ୍ରାଘାତ ହେବା ଯୋଗୁଁ ଗୋଟିଏ ପରିବାରର ୪ଜଣ ଗୁରୁତର ହୋଇଥିବା ବେଳେ ୪ ଆହତ ହୋଇଛନ୍ତି। ଗୁରୁତରଙ୍କ ଭିତରେ ୩ଜଣ ଶିଶୁ ପୁତ୍ର ଓ କନ୍ୟା ଅଛନ୍ତି। ଏପରିକି ୩ଟି ଛେଳି ଓ୪ଟି କୁକୁଡ଼ା ମରି ଯାଇଥିବା ଜଣାପଡିଛି।ସମସ୍ତ ଗୁରୁତର ଓ ଆହତଙ୍କୁ ପ୍ରଥମେ ବରମଗୋଷ୍ଠୀ ସ୍ୱାସ୍ଥ୍ୟ ନେଇ ପ୍ରାଥମିକ ଚିକିତ୍ସା ପରେ ରାତି୧.୨୦ମିନିଟ ରେ ନୀଳଗିରିଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।ସେମାନଙ୍କ ମଧ୍ୟରୁ ୭ମାସର ଛୁଆ ଭୂମିକା ସିଂ,ନିନି ସିଂ(୩) ମରିଅ ସିଂ(୫)ଓ ଗୁରୁବାରୀ ସିଂ(୧୯) ୪ ଜଣ ଗୁରୁତର ଥିବା ରୁ ସେମାନଙ୍କୁ ଫକୀର ମୋହନ ମେଡିକାଲ କଲେଜ,ରେମୁଣା ସ୍ଥାନାନ୍ତର କରାଯାଇଥିଲା।ଗୁରୁବାରୀ ସିଂ ର ଅବସ୍ଥା ସଂକଟା ପନ୍ନ ହେବାରୁ ଆଜି କଟକ ବଡ଼ ହସ୍ପିଟାଲ କୁ ସ୍ଥାନାନ୍ତ ରିତ କରାଯାଇଛି।

ସୂଚନାନୁଯୋଗ୍ୟ ଗତକାଲି ରାତିପ୍ରାୟ ୧୨.୨୫ମିନିଟ ସମୟରେ ରଘୁ ସିଂଙ୍କ ପରିବାର ଲୋକେ ଖାଇପିଇ ଶୋଇଥିବା ବେଳେ ହଠାତ ଘର ଉପରକୁ ବଜ୍ରାଘାତ ହୋଇଥିଲା। ଫଳରେ ରଘୁ ସିଂ(୪୫), ସ୍ତ୍ରୀ ରଇବାରି ସିଂ(୩୫) ଝିଆରୀ ଗୁରୁବାରୀ ସିଂ(୧୯)ଭଉଣୀମିଞ୍ଜି ସିଂ(୪୦) , ଭାଣିଜା ସୁମନ ଓରଫସଂଜିତ (୩)ଭାଣିଜୀ ରଂଜିତା (୫), ରବିଶି ସିଂଙ୍କ ଝିଅ ଭୂମିକାସିଂ(୭)ମାସ , ପୁଅ ବୁଦ୍ଧିଆ ସିଂ ମଧ୍ୟ ଗୁରୁତର ଆହତ ହୋଇଥିଲେ । ତେବେ ବଜ୍ରାଘାତରେ ୩ଟି ଛେଳି ଓ ୪ଟି କୁକୁଡ଼ାମରି ଯାଇଛନ୍ତି। ରଘୁ ସିଂଙ୍କ ପରିବାର ଆଂଶିକ ପୋଡି ଯାଇଥିବା ବେଳେ ଝାଟି ମାଟି କାନ୍ଥ ଫାଟି ଆଁ କରିଛି।

# ବୌଦ୍ଧ ଆଇଆଇସି ନିଲମ୍ବିତ

ଭୁବନେଶ୍ୱର,୨୦୧୭ (ସଂଚାର ବ୍ୟୁରୋ): ମନମୁଣ୍ଡାର ପୂର୍ବତନ ତଥା ବୌଦ୍ଧ ଆଇଆଇସି ସୁସ୍ମିତା ମଗର୍‌ଙ୍କୁ କର୍ତ୍ତବ୍ୟରେ ଅବହେଳା ଓ ଆପତ୍ତିଜନକ ବ୍ୟବହାର ପାଇଁ ନିଲମ୍ବିତ କରାଯାଇଛି। ଏହି ନିଲମ୍ବନ ଆଦେଶ ତ୍ୱରିତ କାର୍ଯ୍ୟକାରୀ ହେବ ବୋଲି ଡିଆଇଜି କହିଛନ୍ତି। ସୂଚନାଯୋଗ୍ୟ ଯେ ଆଇନର ରକ୍ଷକ ହୋଇ ଶ୍ରୀମତୀ ମଗର ଭକ୍ଷକ ସାଜିଥିଲେ। ଗଞ୍ଜେଇ ବେପାରୀ ଓ ନିଶା ମାଫିଆଙ୍କୁ ଗିରଫଦାରୀରୁ ବର୍ତ୍ତିବା ପାଇଁ ସେ ସିଧାସଳଖ ସହଯୋଗ କରୁଥିବା ଅଭିଯୋଗରେ ଶ୍ରୀମତୀ ମଗରଙ୍କୁ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ପୁଲିସ ବିଭାଗରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ହ୍ୱାଟ୍ସଆପ୍ ଚାଟ୍‌ରୁ ଗଞ୍ଜେଇ ବେପାରୀ ଓ ନିଶା ମାଫିଆଙ୍କୁ ସହଯୋଗ କରୁଥିବା ସ୍ପଷ୍ଟ ହୋଇଥିଲା। ଗତ ଜାନୁଆରୀ ୧୮ରେ ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନାରେ ଏକ ବଡ଼ ଧରଣର ଗଞ୍ଜେଇ ଚୋରା ଚାଲାଣ ମାମଲା ରୁଜୁ ହୋଇଥିଲା। ସେହି ସମୟରେ ଏକ କଣ୍ଟେନର ଗାଡ଼ିରୁ ପ୍ରାୟ ୫.୯୩ କ୍ୱିଣ୍ଟାଲ ବେଆଇନ ଗଞ୍ଜେଇ ଜବତ କରାଯିବା ସହ ଦୁଇ ଜଣ ଆନ୍ତଃରାଜ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ଏହି ଗଞ୍ଜେଇର ମୁଖ୍ୟ ସପ୍ଲାୟର ଥିଲେ ମନମୁଣ୍ଡା ଅଞ୍ଚଳର ପରେଶ ସାହୁ ଓ ସତ୍ୟ ସାହୁ। ଗିରଫ ହୋଇଥିବା ଜଣେ ଅଭିଯୁକ୍ତର ମୋବାଇଲ ଯାଞ୍ଚ ସମୟରେ ଶ୍ରୀମତୀ ମଗରଙ୍କ ମୋବାଇଲ୍ ନମ୍ବର ସହ ନିୟମିତ ଚାଟ୍ ମିଳିଥିଲା।

## ଡ୍ରେନେଜ୍ ଡ଼ିଭିଜନ ପକ୍ଷରୁ ସଫେଇ ନହେବାରୁ ଜଳ ନିଷ୍କାସନରେ ବାଧା

# ହେକ୍ଟର ହେକ୍ଟର ଜମି ଜଳମଗ୍ନ; ଚିନ୍ତାରେ ଚାଷୀ



ନିଶ୍ଚିନ୍ତକୋଇଲି,୨୦୧୭ (ସଂଚାର ବ୍ୟୁରୋ): କଟକ ଡ୍ରେନେଜ ଡ଼ିଭିଜନ୍ ଅଧିନ ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ପାଣି ପଞ୍ଚାୟତରେ ଥିବା ଜଗନ୍ନାଥପୁର-ନରାଜପୁର ଡ୍ରେନେଜ ଶାଖା ଆଜକୁ ଦୀର୍ଘ ୫ବର୍ଷ ହେବ ବିଭାଗ ପକ୍ଷରୁ ସଫେଇ କରାଯାଉନଥିବାରୁ ଦାଉଦପୁର ପଞ୍ଚାୟତର ଚାନ୍ଦପୁର, ବଗୁଲିପଡ଼ା, ବୋଧଙ୍ଗ, ଦାଉଦପୁର, କୃଷ୍ଣଦାସପୁର ସମେତ ନରେନ୍ଦ୍ରପୁର, ଓରତି, ଜମରା, ଝାଡ଼େଶ୍ୱରପୁର ପଞ୍ଚାୟତର ଚାଷୀମାନଙ୍କର ହେକ୍ଟର ହେକ୍ଟର ଚାଷ ଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇନପାରି ଗହୀରରେ ଜମି ରହୁଥିବାରୁ ବ୍ୟାପକ ଫସଲ ହାନି ଘଟୁଛି।

ଏ ବାବଦରେ ବିଭାଗୀୟ ଯନ୍ତ୍ରୀ, ଉପଖଣ୍ଡ ଅଧିକାରୀଙ୍କୁ ଚାଷୀମାନେ ଅବଗତ କରାଇଥିଲେ ମଧ୍ୟ ଏଯାବତ୍ କୌଣସି ସୁଫଳ ମିଳିପାରିଲା ନାହିଁ। ତୁରନ୍ତ ଏହି ଡ୍ରେନେଜକୁ ସଫେଇ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଏହି ଶାଖା ଡ୍ରେନେଜ ଜଗନ୍ନାଥପୁରରୁ ବାହାରି ନରାଜପୁର ଦେଇ କୃଷ୍ଣଦାସପୁର-ନରୁଆ ନଡ଼ିଆବରେଇ ମୁଖ୍ୟ ଡ୍ରେନେଜ ସହିତ ସଂଯୋଗ ହୋଇଛି। ଦୀର୍ଘ ବର୍ଷ ହେଲା ଡ୍ରେନେଜ ସଫେଇ ନହେବା କାରଣରୁ ଡ୍ରେନେଜରେ ବିଭିନ୍ନ ଛୋଟବଡ଼ ଗଛ ମାନ ଉଠି ଡ୍ରେନେଜକୁ ସମ୍ପୂର୍ଣ୍ଣ ଜଳ ନିଷ୍କାସନ ହେବାରେ ବାଧକ ସାଜୁଛି। ଯଦି ଚଳିତ ଖରିଫ ଧାନ ଚାଷ ସମୟରେ ଉକ୍ତ ଡ୍ରେନେଜ୍ ଗୁଡ଼ିକୁ ସଠିକ୍ ସଫେଇ କରାନଯାଏ ତାହେଲେ ହେକ୍ଟର ହେକ୍ଟର ଚାଷ ଜମିରେ ଫସଲ ନଷ୍ଟ ହେବା ସହ ଅନେକ ଚାଷ ଜମିରେ ଧାନ ତଳି ରୁଆ ପୋତା କାର୍ଯ୍ୟ ହୋଇପାରିବ ନାହିଁ। ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ କଟକ ଡ୍ରେନେଜ ଡ଼ିଭିଜନ ପକ୍ଷରୁ ତୁରନ୍ତ ଏହି ଡ୍ରେନେଜ ଶାଖାଗୁଡ଼ିକୁ ସଫେଇ କରାଯାଇ ସଠିକ୍ ଜଳ ନିଷ୍କାସନର ବ୍ୟବସ୍ଥା କରାଗଲେ ବହୁ ଚାଷୀ ଉପକୃତ ହୋଇପାରିବେ।

## ଶୁଣିଲାନି ପ୍ରଶାସନ

# ଧାନ ବିକି ଗାଁକୁ ରାସ୍ତା ନିର୍ମାଣ କଲେ ଚାଷୀ



ଫୁଲବାଣୀ,୨୦୧୭ (ସଂଚାର ବ୍ୟୁରୋ): ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାରେ ଏବେବି ଅନେକ ଗାଁ ରହିଛି ଯେଉ ଗାଁଙ୍କୁ ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତାଟିଏ ହୋଇପାରିନି । ରାସ୍ତା ନଥିବାରୁ ଏହି ଉପାନ୍ତ ଅଞ୍ଚଳ ମାନଙ୍କରେ ବସବାସ କରୁଥିବା ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧା ଭୋଗୁଥିବା ବେଳେ ରାସ୍ତା ପାଇଁ ସମସ୍ତ ପ୍ରକାର ଜରୁରୀ ସେବା ଠପ ହୋଇଯାଉଛି । ବିଶେଷ କରି ରାସ୍ତା ପାଇଁ ଛାତ୍ରଛାତ୍ରୀ ମାନଙ୍କ ପାଠପଢା ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

ରାସ୍ତା ଖଣ୍ଡିଏ ପାଇଁ ଏହି ଗ୍ରାମାଞ୍ଚଳର ଲୋକମାନେ ସ୍ଥାନୀୟ ପଞ୍ଚାୟତ, ବ୍ଲକ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଯାଏ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ଏହି ଗାଁ ଗୁଡିକୁ ରାସ୍ତାଟିଏ ନିର୍ମାଣ ହୋଇପାରୁନାହିଁ। ଶେଷରେ ଅନେକ ଗାଁର ଗ୍ରାମବାସୀ ବାଧ୍ୟହୋଇ ଚାନ୍ଦା କରି ନିଜ ଖର୍ଚ୍ଚରେ ରାସ୍ତା ନିର୍ମାଣ କରୁଥିବା ଦେଖିବାକୁ ମିଳିଛି ।

ଏଭଳି ଏକ ଗାଁ ଯେଉ ଗାଁକୁ ରାସ୍ତା ନଥିବାରୁ ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ସେହି ଗାଁର ଜଣେ ଚାଷୀ ନିଜର କାଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରି ନିଜ ଗାଁକୁ ରାସ୍ତା ନିର୍ମାଣ କରିଛନ୍ତି । ଯାହାକି ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଅଧୀନରେ ଥିବା ଗଣ୍ଡ୍ରିଙ୍ଗିଆ ପଞ୍ଚାୟତର ଡାମିକିଆ ଗାଁରେ ।

ଏହି ପଞ୍ଚାୟତର ତିନି ନମ୍ବର ୱାର୍ଡରେ ଥିବା ଏହି ଡାମିକିଆ ଗାଁଠାରୁ ମାଜୁକାରି ସାହିକୁ ଯିବା ଆସିବା ପାଇଁ କୌଣସି ରାସ୍ତା ନଥିଲା। ଗାଁ ମଝିରେ ଏକ ଛୋଟ ନାଳ ଗ୍ରାମବାସୀଙ୍କ ପାଇଁ ବାଧକ ସାଜିଥିଲା । ଗାଁରେ ବର୍ତ୍ତମାନ ସାତରୁ ଆଠଟି ପରିବାର ବସବାସ କରି ଆସୁଥିବା ବେଳେ ରାସ୍ତା ପାଇଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ବାଧ୍ୟହୋଇ ଚାଷୀଜଣକ ନିଜ ଖର୍ଚ୍ଚରେ ରାସ୍ତା ନିର୍ମାଣ କରିଛନ୍ତି। ତେବେ ଏହି ରାସ୍ତା ନିର୍ମାଣ କାର୍ଯ୍ୟରେ ପ୍ରାୟ ଲକ୍ଷେ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ସାତ ଦିନ ଧରି ଏକ ଜେସିବି ମେସିନ ସାହାଯ୍ୟରେ ସେ ରାସ୍ତା ନିର୍ମାଣ କରିଛନ୍ତି ।

ସେପଟେ ଲସେନାୟୁ ଗାଁ ଠାରୁ ମାୟୁକାରୀ ଗାଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରି ଚାଷୀ ପବିତ୍ର ପ୍ରଧାନ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା ବେଳେ ପ୍ରଶାସନକୁ ଦେଖେଇ ଦେଇଛନ୍ତି ଆନ୍ତରିକତା ଥିଲେ ବିନା କୌଣସି ସରକାରି ସହାୟତାରେ ମଧ୍ୟ ଅସାଧ୍ୟ କାମ ସାଧ୍ୟ କରି ହୁଏ । ପବିତ୍ରଙ୍କ ରାସ୍ତା ନିର୍ମାଣ କାମ ସାରା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ତାଙ୍କର ଏହି କାମ ପାଇଁ ତାଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିର ସିଙ୍ଗାର ମୁଣ୍ଡା ପକ୍ଷରୁ ବନ ମହୋତ୍ସବ ପାଳିତ



ସୁନ୍ଦରଗଡ,୨୦୧୭ (ସଂଚାର ବ୍ୟୁରୋ): ବଡଗାଁ ବ୍ଲକ ରୁନଗାଁ ପଞ୍ଚାୟତ ଅନ୍ତର୍ଗତ ସିଂହାରମୁଣ୍ଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଗ୍ରୀନ ମେମୋରୀ କ୍ୟାମ୍ପେନ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମିଳିତ ଆନୁକୂଲ୍ୟରେ ପରିବେଶ ସଚେତନତା ସଭା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବଡଗାଁ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ପଟେଲ, ସମ୍ମାନିତ ଅତିଥି ଭାବେ ଶିଶୁ ବିଦ୍ୟା ମନ୍ଦିର ର ଯୁଗ୍ମ ସମ୍ପାଦକ ଗଣେଷ ବାରିକ, ସାମାଜିକ କର୍ମୀ ମନୋଜ କୁମାର ଦାନୀ, ପରିବେଶ ପ୍ରେମୀ ସନାତନ ନାଏକ, ଶିକ୍ଷା ଏସଏସଭିଏମର ପରିଚାଳନା ସମିତି ସଭାପତି ଗୀତାଞ୍ଜଳି ନାଏକ,ଅବସର ପ୍ରାପ୍ତ ଏମ ଆଇ ପି ଇଂଜିନିୟର ମନ ମୋହନ ନାଏକ, ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା କମଳା ଆପଟ, ସମ୍ପାଦକ ସୁରେନ୍ଦ୍ର ଦାନୀ ଯୋଗ ଦେଇଥିଲେ।

SANCHAR
ସଂଚାର ମଙ୍ଗଳବାର ୨୧ ଜୁଲାଇ ୨୦୨୬




# ସ୍ୱାସ୍ଥ୍ୟ



## ଖାଇବା ପରେ ତୁରନ୍ତ ଗ୍ୟାସ୍ ହୋଇଯାଉଛି କି ?

ଆଜିକାଲି ଅନେକ ଲୋକଙ୍କର ଏକ ସାଧାରଣ ସମସ୍ୟା ହେଉଛି ଖାଇବା ପରେ ଗ୍ୟାସ୍ ହେବା। କେହି କେହି ଖାଦ୍ୟ ଖାଇବାର କିଛି ସମୟ ପରେ ପେଟ ଫୁଲିଯାଏ, ଢ଼କାର ଆସେ, ପେଟରେ ଅସୁବିଧା ହୁଏ କିମ୍ବା ଗ୍ୟାସ୍ ବାହାରିବା ଆରମ୍ଭ ହୁଏ। ଏହା ସବୁବେଳେ ବଡ଼ ରୋଗର ଲକ୍ଷଣ ନୁହେଁ। ଅନେକ ସମୟରେ ଆମର ଖାଦ୍ୟ ଅଭ୍ୟାସ ଓ ଜୀବନଶୈଳୀ ଯୋଗୁଁ ଏହି ସମସ୍ୟା ଦେଖାଯାଏ। ବାରମ୍ବାର ଗ୍ୟାସ୍ ହେଉଥିଲେ ଏହାକୁ ଅଣଦେଖା କରିବା ଉଚିତ ନୁହେଁ। ତେବେ ଆସନ୍ତୁ ଜାଣିବା କାହିଁକି ହୁଏ ଗ୍ୟାସ୍?

ଖାଦ୍ୟ ଠିକ୍ ଭାବରେ ହଜମ ନ ହେଲେ ପେଟରେ ଗ୍ୟାସ୍ ସୃଷ୍ଟି ହୁଏ। ଖାଦ୍ୟ ଅନ୍ତନଳୀରେ ପହଞ୍ଚିବା ପରେ ବ୍ୟାକ୍ଟେରିଆ ତାହାକୁ ଭାଙ୍ଗିବା ସମୟରେ କିଛି ଗ୍ୟାସ୍ ତିଆରି କରନ୍ତି। ଏହା ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଗ୍ୟାସ୍ ଅଧିକ ହେଲେ ଅସୁବିଧା ହୁଏ। ଅନେକ ଲୋକ ତରବରିଆ ଭାବରେ ଖାଦ୍ୟ ଖାଇଥାନ୍ତି। ଏପରି କଲେ ଖାଦ୍ୟ ସହ ବାୟୁ ମଧ୍ୟ ପେଟକୁ ଯାଏ। ଏହା ଗ୍ୟାସର ଏକ ସାଧାରଣ କାରଣ। ସେଥିପାଇଁ ଧୀରେ ଧୀରେ ଏବଂ ଭଲ ଭାବରେ ଚୋବାଇ ଖାଇବା ଉଚିତ। ଏଥିସହ, ଅଧିକ ତେଲ ଓ ମସଲା ଯୁକ୍ତ ଖାଦ୍ୟ ଖାଇଲେ ପେଟ ଖରାପ ହୋଇଥାଏ। ତେଲିଆ, ମସଲାଯୁକ୍ତ, ଫାଷ୍ଟଫୁଡ୍ ଏବଂ ଜଙ୍କ ଫୁଡ୍ ହଜମ ହେବାକୁ ଅଧିକ ସମୟ ଲାଗେ। ଏହା ଫଳରେ ପେଟରେ ଗ୍ୟାସ୍ ଓ ଜଳାପୋଡ଼ା ହୋଇପାରେ। ଆବଶ୍ୟକତାଠାରୁ ଅଧିକ ଖାଇଲେ ପାଚନତନ୍ତ୍ର ଉପରେ ଚାପ ପଡ଼େ। ଏଥିରୁ ହଜମ ଧୀର ହୋଇଯାଏ ଏବଂ ଗ୍ୟାସ୍ ସମସ୍ୟା ଦେଖାଯାଏ।

ରାଜମା, ବୁଟ, ମଟର, ବନ୍ଧାକୋବି, ଫୁଲକୋବି, କୋଲ୍ଡ ଡ୍ରିଙ୍କ୍, ସୋଡା ଏବଂ ଅଧିକ ମିଠା ଖାଦ୍ୟ କେତେକ ଲୋକଙ୍କର ଗ୍ୟାସ୍ ବଢ଼ାଇଥାଏ। ଯଦି କୌଣସି ଖାଦ୍ୟ ଖାଇବା ପରେ ବାରମ୍ବାର ଗ୍ୟାସ୍ ହେଉଛି, ତେବେ ସେହି ଖାଦ୍ୟ କମ୍ ଖାଇବା ଭଲ। ଶରୀରରେ ପାଣିର ଅଭାବ ଥିଲେ ହଜମ ପ୍ରକ୍ରିୟା ଠିକ୍ ଭାବରେ ହୁଏ ନାହିଁ। ଏହା ଫଳରେ କୋଷ୍ଠକାଠିନ୍ୟ ଓ ଗ୍ୟାସ୍ ସମସ୍ୟା ହୋଇପାରେ। ମାନସିକ ଚାପ ମଧ୍ୟ ପାଚନତନ୍ତ୍ରକୁ ପ୍ରଭାବିତ କରେ। ଅଧିକ ଚିନ୍ତା କିମ୍ବା ଟେନ୍ସନ୍ ଥିଲେ ପେଟ ଭଲ ଭାବରେ କାମ କରିନଥାଏ ଏବଂ ଗ୍ୟାସ୍ ବଢ଼ିପାରେ। କିନ୍ତୁ ଆଜି ଜାଣିବା କେଉଁ ଉପାୟ ମାନିଲେ ଏହି ସମସ୍ୟା ଦୂର ହୋଇପାରିବ। ତେବେ ଆସନ୍ତୁ ଜାଣିବା କିଛି ଘରୋଇ ଉପଚାର ବିଷୟରେ...

ଉଷୁମ ପାଣି ପିଅନ୍ତୁ: ଖାଇବା ପରେ କିଛି ସମୟ ପରେ ଉଷୁମ ପାଣି ପିଇଲେ ହଜମରେ ସାହାଯ୍ୟ ମିଳେ।

ଜୁଆଣି: ଅଳ୍ପ ଜୁଆଣି ଚୋବାଇ ଖାଇଲେ କିମ୍ବା ପାଣିରେ ଫୁଟାଇ ପିଇଲେ ଆରାମ ମିଳିପାରେ।

ଅଦା: ଛୋଟ ଖଣ୍ଡ ଅଦା କିମ୍ବା ଅଦା ଚା' ହଜମରେ ସାହାଯ୍ୟ କରିଥାଏ।

ଜିରା ପାଣି: ଜିରାକୁ ପାଣିରେ ଫୁଟାଇ ସେହି ପାଣି ପିଇଲେ ପେଟ ହାଲୁକା ଲାଗିପାରେ।

ପାନମହୁରୀ: ଖାଇବା ପରେ ଅଳ୍ପ ପାନମହୁରୀ ଖାଇଲେ ହଜମ ଭଲ ହୁଏ ଏବଂ ଗ୍ୟାସ୍ କମିପାରେ।

ଖାଇବା ପରେ ଗ୍ୟାସ୍ ହେବା ଏକ ସାଧାରଣ ସମସ୍ୟା, କିନ୍ତୁ ଠିକ୍ ଖାଦ୍ୟ ଅଭ୍ୟାସ ଓ ସୁସ୍ଥ ଜୀବନଶୈଳୀ ଅନୁସରଣ କଲେ ଏହାକୁ ଅନେକ ସମୟରେ ନିୟନ୍ତ୍ରଣ କରିହେବ। ଠିକ୍ ସମୟରେ ଖାଦ୍ୟ ଖାଇବା, ଧୀରେ ଧୀରେ ଖାଇବା, ଅଧିକ ତେଲ ଓ ମସଲା ଖାଦ୍ୟ କମ୍ ଖାଇବା, ପର୍ଯ୍ୟାପ୍ତ ପାଣି ପିଇବା, ନିୟମିତ ବ୍ୟାୟାମ କରିବା ଏବଂ ଅଧିକ ତେଲ-ମସଲା ଖାଦ୍ୟକୁ ଏଡ଼ାଇବା ଦ୍ୱାରା ପାଚନତନ୍ତ୍ର ସୁସ୍ଥ ରହିଥାଏ। ଯଦି ସମସ୍ୟା ବାରମ୍ବାର ହୁଏ କିମ୍ବା ବଢ଼ିଯାଏ, ତେବେ ନିଜେ ଔଷଧ ଖାଇବା ପରିବର୍ତ୍ତେ ଡାକ୍ତରଙ୍କ ପରାମର୍ଶ ନେବା ସବୁଠାରୁ ଭଲ।



## ଗର୍ଭାବସ୍ଥାରେ ସକାଳେ କ'ଣ ଖାଇବା ଉଚିତ

ଗର୍ଭାବସ୍ଥା ପ୍ରତ୍ୟେକ ମହିଳାଙ୍କ ଜୀବନର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ମା'ଙ୍କ ସ୍ୱାସ୍ଥ୍ୟ ସହ ଗର୍ଭସ୍ଥ ଶିଶୁର ବିକାଶ ମଧ୍ୟ ସଠିକ୍ ପୋଷଣ ଉପରେ ନିର୍ଭର କରେ। ତେଣୁ ପ୍ରତିଦିନର ଖାଦ୍ୟରେ ପୋଷକତତ୍ତ୍ୱରେ ଭରପୂର ଖାଦ୍ୟ ସାମିଲ କରିବା ଅତ୍ୟନ୍ତ ଜରୁରୀ।

ଗର୍ଭାବସ୍ଥା ସମୟରେ ମହିଳାଙ୍କ ଖାଦ୍ୟରେ ପ୍ରଚୁର ପରିମାଣର ପ୍ରୋଟିନ୍,କ୍ୟାଲସିୟମ୍, ଆଇରନ୍ ଯୁକ୍ତ ଖାଦ୍ୟ ଖାଇବା ଜରୁରୀ। ଆପଣ ସକାଳେ ଯାହା ଖାଆନ୍ତି ତାହା ସାରା ଦିନ ପାଇଁ ଶକ୍ତିର ଉତ୍ସ ହୋଇଥାଏ। ତେଣୁ, ସକାଳର ପ୍ରଥମ ଖାଦ୍ୟ ଭାବିଚିନ୍ତି ଖାଇବା ଉଚିତ। ତେବେ ସକାଳେ ଗର୍ଭବତୀ ମହିଳା କଣ ଖାଇବା ଉଚିତ ସେ ସମ୍ପର୍କରେ ଆସନ୍ତୁ ଜାଣିବା।

ପାନମହୁରି ପାଣି ପିଅନ୍ତୁ: ଗର୍ଭବତୀ ମହିଳାମାନେ ସକାଳେ ଉଠିବା ପରେ ଉଷୁମ ପାଣିରେ ଲେମ୍ବୁ, ପାନମହୁରି କିମ୍ବା ଜିରା ମିଶାଇ ପିଇବା ଲାଭଦାୟକ ହୋଇପାରେ। ଏହା ପାଚନ କ୍ରିୟାକୁ ଭଲ ରଖେ ଏବଂ ଶରୀରରେ ଶକ୍ତି ବଜାୟ ରଖେ। ଏହା ଆପଣଙ୍କ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ମଧ୍ୟ ସାହାଯ୍ୟ କରେ।

**ଭିଜା ବାଦାମ ଖାଆନ୍ତୁ:** ରାତିସାରା ପାଣିରେ ୫ଟି ବାଦାମ ଭିଜାଇ ରଖନ୍ତୁ ଏବଂ ସକାଳେ ପ୍ରଥମେ ଖାଆନ୍ତୁ। ଏହା କରିବା ଦ୍ୱାରା, ଆପଣ ସାରା ଦିନ ଶକ୍ତିର ଅଭାବ ଅନୁଭବ କରିବେ ନାହିଁ ଏବଂ ପର୍ଯ୍ୟାପ୍ତ ପରିମାଣରେ ଭିଟାମିନ୍ 'ଇ' ଏବଂ ଫ୍ୟାଟି ଏସିଡ୍ ପାଇପାରିବେ। ଏହା ଗର୍ଭରେ ଥିବା ଶିଶୁର ମସ୍ତିଷ୍କର ସଠିକ୍ ବିକାଶରେ ସାହାଯ୍ୟ କରେ ଏବଂ ଚର୍ମକୁ ମଧ୍ୟ ସୁସ୍ଥ ରଖେ।

ହଳଦୀ କିମ୍ବା କେସର କ୍ଷୀର : ସକାଳେ ଉଠିବା ମାତ୍ରେ ଉଷୁମ କ୍ଷୀରରେ ଟିକେ କେସର କିମ୍ବା ହଳଦୀ ମିଶାଇ ନିୟମିତ ସେବନ କରନ୍ତୁ। ଆୟୁର୍ବେଦ ଅନୁସାରେ, କ୍ଷୀର ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ବୋଲି ବିବେଚନା କରାଯାଏ। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଏବଂ ପିଲାର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରେ।

**ତାଜା ଫଳ ଖାଆନ୍ତୁ:** ଗର୍ଭାବସ୍ଥାରେ ମହିଳାମାନେ ତାଜା ଫଳ ଏବଂ ପନିପରିବା ଖାଇବା ଉଚିତ। ବିଶେଷକରି କଦଳୀ ଏବଂ ସେଓ, ଏଥିରେ ପର୍ଯ୍ୟାପ୍ତ ପରିମାଣର ଲୌହ ଏବଂ ଫାଇବର ଥାଏ ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ। ଏହା କରିବା ଦ୍ୱାରା ଗର୍ଭରେ ବଢୁଥିବା ଶିଶୁର କୋଷଗୁଡ଼ିକର ବିକାଶରେ ସାହାଯ୍ୟ ହୁଏ। ଏଥି ସହ ଆପଣମାନେ ଯଦି ଏହି ଟପ୍ସକୁ ଫଲୋ କରନ୍ତି, ତେବେ ଆପଣଙ୍କର ଅନେକ ସମସ୍ୟା ସମାଧାନ ହେବାକୁ ଲାଗିବ। ବିଶେଷ କରି ଗର୍ଭବତୀ ମହିଳାମାନେ ଏହି ଖାଦ୍ୟ ଉପରେ ଅଧିକ ଫୋକସ କରନ୍ତୁ, ଯାହା ଆପଣ ଏବଂ ଆପଣଙ୍କ ପିଲା ପାଇଁ ବେସ୍ ଲାଭଦାୟକ ହୋଇପାରିବ।

## ପାଚନ ପ୍ରକ୍ରିୟା ପାଇଁ ଲାଭକାରୀ ହେଙ୍ଗୁ ପାଣି



ଆମ ରୋଷେଇ ଘରେ ବ୍ୟବହାର ହେଉଥିବା ଅନେକ ମସଲା କେବଳ ଖାଦ୍ୟର ସ୍ୱାଦ ଓ ବାସ୍ନା ବଢ଼ାଏ ନାହିଁ, ବରଂ ଏହାର କିଛି ସ୍ୱାସ୍ଥ୍ୟଗତ ଗୁଣ ମଧ୍ୟ ରହିଛି। ସେହିଭଳି ଏକ ମସଲା ହେଉଛି ହେଙ୍ଗୁ। ହେଙ୍ଗୁକୁ ଓଡ଼ିଆ ଘରର ରୋଷେଇରେ ବିଶେଷ କରି ଡାଲି, ତରକାରୀ ଓ ବିଭିନ୍ନ ଖାଦ୍ୟରେ ଅଳ୍ପ ପରିମାଣରେ ବ୍ୟବହାର କରାଯାଏ। ଏହା ଖାଦ୍ୟର ସ୍ୱାଦ ସହିତ ଏକ ଭିନ୍ନ ପ୍ରକାରର ସୁଗନ୍ଧ ମଧ୍ୟ ଦେଇଥାଏ।

ହେଙ୍ଗୁର ସବୁଠାରୁ ଚର୍ଚ୍ଚିତ ଉପକାରିତା ହେଉଛି ହଜମ ପ୍ରକ୍ରିୟା ସହ ଏହାର ସମ୍ପର୍କ। ଅନେକ ଲୋକଙ୍କର ଡାଲି କିମ୍ବା କିଛି ଖାଦ୍ୟ ଖାଇବା ପରେ ପେଟ ଫୁଲିବା, ଗ୍ୟାସ୍ ହେବା କିମ୍ବା ପେଟରେ ଅସୁବିଧା ହୋଇଥାଏ। ଏଭଳି ସମସ୍ୟାରେ ହେଙ୍ଗୁକୁ ଉପକାରୀ ବୋଲି ମନାଯାଏ। ତେବେ ଏହାକୁ କୌଣସି ରୋଗର ଔଷଧ ଭାବେ ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଜରୁରୀ।ହେଙ୍ଗୁରେ ଆଣ୍ଟିଅକ୍ସିଡାଣ୍ଟ ଓ ଜୀବାଣୁବିରୋଧୀ ଗୁଣ ରହିଛି। ଯାହା ପ୍ରାକୃତିକ ଉପାୟରେ ଲୋକଙ୍କ ଗ୍ୟାସ୍ ଭଳି ସମସ୍ୟାକୁ ଚୁଟକିରେ ଗାଏବ କରିଥାଏ। କିନ୍ତୁ ଅଧିକ ପରିମାଣରେ ହେଙ୍ଗୁ ଖାଇବା ଠିକ୍ ନୁହେଁ। ସାଧାରଣତଃ ରୋଷେଇରେ ଅଳ୍ପ ପରିମାଣରେ ହେଙ୍ଗୁ ବ୍ୟବହାର କରିବା ଯଥେଷ୍ଟ। ବେଶି ପରିମାଣରେ ଖାଇଲେ କେତେକ ଲୋକଙ୍କର ପେଟ ଖରାପ କିମ୍ବା ଅନ୍ୟ ଅସୁବିଧା ହୋଇପାରେ। ବିଶେଷକରି ଛୋଟ ଶିଶୁ, ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ ଏବଂ ନିୟମିତ ଔଷଧ ଖାଉଥିବା ବ୍ୟକ୍ତିମାନେ ହେଙ୍ଗୁକୁ ଔଷଧ ଭଳି ଅଧିକ ପରିମାଣରେ ନେବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍। ତେଣୁ, ହେଙ୍ଗୁକୁ ଏକ ସୁଗନ୍ଧିତ ମସଲା ଭାବେ ଅଳ୍ପ ପରିମାଣରେ ଖାଦ୍ୟରେ ବ୍ୟବହାର କରିପାରିବେ। ଏହା ଖାଦ୍ୟର ସ୍ୱାଦ ବଢ଼ାଇବା ସହ ହଜମ ପ୍ରକ୍ରିୟାରେ କିଛି ଲୋକଙ୍କୁ ଆରାମ ଦେଇପାରେ। କିନ୍ତୁ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇଁ କେବଳ ହେଙ୍ଗୁ ଉପରେ ନିର୍ଭର ନକରି ଆବଶ୍ୟକ ସମୟରେ ଡାକ୍ତରଙ୍କ ପରାମର୍ଶ ନେବା ସବୁଠାରୁ ଭଲ। କେବଳ ହେଙ୍ଗୁ ନୁହେଁ ବରଂ ଏହାର ପାଣି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ହୋଇଥାଏ। ତେବେ ଆସନ୍ତୁ ଏହାର ଲାଭକାରୀ ଗୁଣ ବିଷୟରେ ଜାଣିବା।

ପାଚନ ପ୍ରକ୍ରିୟା ପାଇଁ ଲାଭକାରୀ:ଆଜିକାଲି ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଯୋଗୁଁ ଗ୍ୟାସ୍, ଏସିଡିଟି ଏବଂ ପେଟ ଫୁଲିବା ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ହେଙ୍ଗୁରେ ଜୀବାଣୁବିରୋଧୀ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି। ଯାହା ପାଚନ ଏନଜାଇମକୁ ସକ୍ରିୟ କରିଥାଏ। ସକାଳେ ଖାଲି ପେଟରେ ଏହାକୁ ଖାଇବା ଦ୍ୱାରା ପେଟ ଭାରୀ ହେବା ହ୍ରାସ ପାଇଥାଏ ଏବଂ ପାଚନ ପ୍ରକ୍ରିୟାରେ ଉନ୍ନତି ଆସିଥାଏ।

ଓଜନ ହ୍ରାସ କରେ:ଯଦି ଓଜନ କମାଇବାକୁ ଚାହାଁନ୍ତି ତେବେ ଏହାକୁ ଆପଣଙ୍କ ଡାଏଟରେ ସାମିଲ କରିପାରିବେ। ଏହା ଶରୀରର ମେଟାବୋଲିଜିମ୍ ହାରକୁ ବୃଦ୍ଧି କରେ, ଯାହା କ୍ୟାଲୋରିକୁ ଶୀଘ୍ର ନଷ୍ଟ କରିବାରେ ସାହାଯ୍ୟ କରେ। ଏହା ଶରୀରରୁ କ୍ଷତିକାରକ ବିଷାକ୍ତ ପଦାର୍ଥକୁ ମଧ୍ୟ ବାହାର କରିଦିଏ। ଯାହା ଦ୍ୱାରା ସହଜରେ ଓଜନକୁ ହ୍ରାସ କରାଯାଇପାରିବ।

ରକ୍ତ ଶର୍କରା ଓ ରକ୍ତଚାପ ନିୟନ୍ତ୍ରଣ କରେ:ହେଙ୍ଗୁରେ ଇନସୁଲିନ୍-ଡିସଚାର୍ଜ ବଢାଇବା ଭଳି ଗୁଣ ରହିଛି। ଯାହା ରକ୍ତ ଶର୍କରା ସ୍ତରକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ଏହା ବ୍ୟତୀତ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ।

## ବେଲପତ୍ରର ରହିଛି ଅନେକ ଫାଇଦା



ବେଲପତ୍ର କେବଳ ପୂଜାରେ ବ୍ୟବହାର ହୁଏ ନାହିଁ ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ ବୋଲି ମନେ କରାଯାଏ। ବେଲପତ୍ରରେ ଅନେକ ପୋଷକ ତତ୍ତ୍ୱ ଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇପାରେ। ତେବେ ଏହାକୁ ଔଷଧ ଭାବେ ନୁହେଁ, ସନ୍ତୁଳିତ ଖାଦ୍ୟର ଏକ ଅଂଶ ଭାବେ ଖାଇବା ଭଲ।

ପେଟକୁ ସୁସ୍ଥ ରଖେ:ବେଲପତ୍ର ଖାଇଲେ ହଜମ ଭଲ ହେବାରେ ସହାୟକ ହୋଇପାରେ। ଗ୍ୟାସ, ଅମ୍ଳତା ଓ କୋଷ୍ଠକାଠିନ୍ୟ ଭଳି ସମସ୍ୟାରେ କିଛି ଲୋକ ଏହାକୁ ଉପକାରୀ ବୋଲି ମନେ କରନ୍ତି। ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ସହାୟତା କରେ:ବେଲପତ୍ରରେ ଥିବା କିଛି ପ୍ରାକୃତିକ ତତ୍ତ୍ୱ ଶରୀରର ସାଧାରଣ ରୋଗ ପ୍ରତିରୋଧକ କ୍ଷମତାକୁ ସମର୍ଥନ କରିପାରେ। ରକ୍ତରେ ସର୍କରା ନିୟନ୍ତ୍ରଣରେ ସହାୟକ ହୋଇପାରେ:କିଛି ଅଧ୍ୟୟନରେ ବେଲପତ୍ର ରକ୍ତରେ ସର୍କରା ନିୟନ୍ତ୍ରଣରେ ସହାୟକ ହୋଇପାରେ ବୋଲି ସୂଚନା ମିଳିଛି। ତଥାପି ମଧୁମେହ ଥିଲେ ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ବଦଳାନ୍ତୁ ନାହିଁ। ଶରୀରକୁ ସତେଜ ରଖେ:ସକାଳେ ସୀମିତ ପରିମାଣରେ ବେଲପତ୍ର ଖାଇଲେ ଶରୀର ସତେଜ ଅନୁଭବ ହୋଇପାରେ ଓ କ୍ଳାନ୍ତି କମିବାରେ ସହାୟକ ହୋଇପାରେ। ମୁଖର ଦୁର୍ଗନ୍ଧ କମାଇବାରେ ସହାୟକ:କିଛି ଲୋକ ବେଲପତ୍ର ଚୋବାଇ ଖାଇଥାନ୍ତି, ଯାହା ମୁଖକୁ ସତେଜ ରଖିବାରେ ସହାୟକ ହୋଇପାରେ। ଶରୀରର ସୁଜନ କମାଇବାରେ ସହାୟକ ହୋଇପାରେ:ବେଲପତ୍ରରେ ଥିବା କିଛି ପ୍ରାକୃତିକ ଉପାଦାନ ଶରୀରର ସାଧାରଣ ସୁଜନ କମାଇବାରେ ଭୂମିକା ରଖିପାରେ। ସକାଳେ ୨ରୁ ୩ଟି ସଫା ଓ କୋମଳ ବେଲପତ୍ର ଭଲଭାବେ ଧୋଇ ଚୋବାଇ ଖାଇପାରିବେ। ଅଧିକ ପରିମାଣରେ ଖାଇବା ଠିକ୍ ନୁହେଁ। ଗର୍ଭବତୀ ମହିଳା, ଗୁରୁତର ରୋଗୀ କିମ୍ବା ନିୟମିତ ଔଷଧ ଖାଉଥିବା ବ୍ୟକ୍ତି ବେଲପତ୍ର ନିୟମିତ ଖାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଭଲ। ବେଲପତ୍ର ଏକ ପ୍ରାକୃତିକ ଉଦ୍ଭିଦ ହେଲେ ମଧ୍ୟ ଏହାକୁ ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ଜୀବନଶୈଳୀ ସହିତ ଗ୍ରହଣ କଲେ ଅଧିକ ଉପକାର ମିଳିପାରେ।

## ବ୍ଲାକ୍ କଫି ସ୍ୱାସ୍ଥ୍ୟ ପାଇଁ ହିତକର



ଅଧିକାଂଶ ଲୋକେ ସକାଳର ଆରମ୍ଭ ଚା ଏବଂ କଫିରୁ କରି ଥାଆନ୍ତି। ଦୈନନ୍ଦିନ ଜୀବନରେ ଚା ଓ କଫି ଦୁଇଟି ଲୋକପ୍ରିୟ ପାନୀୟ। ଅନେକ ଅଧ୍ୟୟନ ଅନୁଯାୟୀ, ସୀମିତ ପରିମାଣରେ ବ୍ଲାକ୍ କଫି ପିଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ବିଶେଷକରି ଲିଭର ପାଇଁ ଅଧିକ ଉପକାରୀ ହୋଇଥାଏ। କଫିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଶରୀରର କୋଷଗୁଡ଼ିକୁ ସୁରକ୍ଷା ଦେବା ସହ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଅନେକ ଗବେଷଣାରେ ଦେଖାଯାଇଛି ଯେ, ନିୟମିତ ଭାବେ କଫି ପିଉଥିବା ଲୋକଙ୍କ ମଧ୍ୟରେ ଲିଭର ସିରୋସିସ୍ ହେବାର ଆଶଙ୍କା କମ୍ ହୋଇପାରେ। କଫିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଏବଂ ଅନ୍ୟାନ୍ୟ ଉପକାରୀ ଗୁଣ ଶରୀରର କୋଷଗୁଡ଼ିକୁ କ୍ଷତିରୁ ସୁରକ୍ଷା ଦେବା ସହ ଲିଭରକୁ ସୁସ୍ଥ ରଖିବାରେ ସହାୟକ କରେ ବୋଲି ବିବେଚନା କରାଯାଏ। ଏହା ସହିତ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ଭଳି ସମସ୍ୟାକୁ ମଧ୍ୟ ହ୍ରାସ କରିପାରେ। ବିଶେଷଜ୍ଞମାନଙ୍କ ମତ ଅନୁଯାୟୀ, ଚିନି ବିନା ପିଆଯାଇଥିବା ବ୍ଲାକ୍ କଫି ଅଧିକ ଉପକାରୀ ହୋଇପାରେ। ଯଦି ଆପଣ ସକାଳର ଆରମ୍ଭ କଫିରୁ କରିବାକୁ ଚାହୁଁଛନ୍ତି, ତେବେ ଚିନି ଓ ଅଧିକ କ୍ରିମ୍ ବ୍ୟବହାର ନକରିବା ଭଲ। ଏହା ଅନାବଶ୍ୟକ କ୍ୟାଲୋରି କମାଇବା ସହ ଶରୀରକୁ ସତେଜ ଅନୁଭବ କରାଇଥାଏ। କଫିରେ ଥିବା କାଫେଇନ୍ ଶରୀରର ଶକ୍ତି ବଢ଼ାଇବା, ଏକାଗ୍ରତା ବୃଦ୍ଧି କରିବା ଏବଂ କାର୍ଯ୍ୟକ୍ଷମତାକୁ ଉନ୍ନତ କରିବାରେ ଏବଂ କ୍ଳାନ୍ତି ଦୂର କରିବାରେ ମଧ୍ୟ ସାହାଯ୍ୟ କରିପାରେ।

ଏଥିସହିତ ସୀମିତ ପରିମାଣରେ କଫି ପିଇବା ଟାଇପ୍–୨ ମଧୁମେହ, ହୃଦ୍ରୋଗ ଏବଂ କେତେକ ସ୍ନାୟୁ ସମ୍ବନ୍ଧୀୟ ସମସ୍ୟା କମାଇବାରେ ସହାୟକ ହୋଇପାରେ। କେତେକ ଗବେଷଣାରେ କଫିକୁ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ ବୋଲି କୁହାଯାଇଛି। ଏଥିରେ କ୍ୟାଲୋରି କମ୍ ଥିବାରୁ ଓଜନ କମାଇବାକୁ ଚାହୁଁଥିବା ଲୋକଙ୍କ ପାଇଁ ମଧ୍ୟ ଏକ ଭଲ ବିକଳ୍ପ ହୋଇପାରେ। କୌଣସି ଭଲ ଜିନିଷର ଅତ୍ୟଧିକ ବ୍ୟବହାର କ୍ଷତିକାରକ ହୋଇପାରେ। ଅଧିକ କଫି ପିଇଲେ ରକ୍ତଚାପ ବଢ଼ିବା, ନିଦ୍ରାହୀନତା, ହୃଦ୍ସ୍ପନ୍ଦନ ବୃଦ୍ଧି କିମ୍ବା ଅସ୍ଥିରତା ଭଳି ସମସ୍ୟା ଦେଖାଦେଇପାରେ। ସେଥିପାଇଁ ବିଶେଷଜ୍ଞମାନେ ସାଧାରଣତଃ ଦିନକୁ ୨ରୁ ୩ କପ୍ କଫିରୁ ଅଧିକ ନ ପିଇବାକୁ ପରାମର୍ଶ ଦେଇଥାନ୍ତି। ଯଦି ଆପଣଙ୍କର ଉଚ୍ଚ ରକ୍ତଚାପ, ଗର୍ଭାବସ୍ଥା କିମ୍ବା ଅନ୍ୟ କୌଣସି ବିଶେଷ ସ୍ୱାସ୍ଥ୍ୟ ସମସ୍ୟା ରହିଛି, ତେବେ କଫି ପିଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ସଠିକ୍ ପରିମାଣରେ ଏବଂ ସୁସ୍ଥ ଜୀବନଶୈଳୀ ସହ କଫିର ସେବନ କଲେ ଏହା ଲିଭର ସମେତ ଶରୀରର ବିଭିନ୍ନ ଅଙ୍ଗର ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇପାରେ। ତେଣୁ ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ସୀମିତ ପରିମାଣରେ କଫି ପାନ କରି ସୁସ୍ଥ ଓ ସକ୍ରିୟ ଜୀବନଶୈଳୀକୁ ଆପଣାନ୍ତୁ।

### ଖେଳ ଶିକ୍ଷକଙ୍କ ଭରସାରେ ଚାଲିଛି ପୂରା ସ୍କୁଲ୍

# ଅନ୍ଧକାର ଆଡ଼କୁ ଯୁବପିଢ଼ିଙ୍କ ଭବିଷ୍ୟତ



**ଗଞ୍ଜାମ,୨୦।୭(ସଂଚାର ବ୍ୟୁରୋ):** ରାଜ୍ୟର ସରକାରୀ ସ୍କୁଲଗୁଡ଼ିକରେ ଭିତ୍ତିଭୂମିର ବିକାଶ କରାଯାଉଥିଲେ ସୁଦ୍ଧା ଶିକ୍ଷକ ଅଭାବ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଆଧୁନିକ ସୁବିଧା ଅଛି, ହେଲେ ପଢ଼ାଇବାକୁ ଶିକ୍ଷକ ନାହାନ୍ତି । କେଉଁଠି ଜଣେ ଶିକ୍ଷକରେ ପୂରା ବିଦ୍ୟାଳୟ ଚାଲିଛି ତ ଆଉ କେଉଁଠି ଖେଳ ଶିକ୍ଷକ ପ୍ରଶାସନିକ କାମ ତୁଲାଉଛନ୍ତି । ଏଭଳି ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକରୁ, ଯାହା ଶିକ୍ଷା ବ୍ୟବସ୍ଥାର ବାସ୍ତବ ସ୍ଥିତିକୁ ପଦାରେ ପକାଇଛି । ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ଶାସନ ଆମ୍ବ ଗାଁରେ ଥିବା 'ବୃନ୍ଦାବନ ନାୟକ ସ୍ମୃତି ବିଦ୍ୟାପୀଠ'ରେ ଏବେ ଶିକ୍ଷକ ମରୁଡ଼ି ଦେଖାଦେଇଛି । ୧୯୮୬ ମସିହାରେ ସ୍ଥାପିତ ହୋଇଥିବା ଏହି ବ୍ଲକଗ୍ରାଣ୍ଟ ହାଇସ୍କୁଲରେ ବର୍ତ୍ତମାନ ନବମ ଶ୍ରେଣୀରେ ୧୧୩ ଜଣ ଏବଂ ଦଶମ ଶ୍ରେଣୀରେ ୮୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପୂର୍ବରୁ ଏଠାରେ ୧୦ ଜଣ ଶିକ୍ଷକ କାର୍ଯ୍ୟରତ ଥିଲେ, କିନ୍ତୁ ସେମାନେ ଅବସର ନେବା ପରେ ଆଉ ନୂଆ ନିଯୁକ୍ତି ଦିଆଯାଇନାହିଁ। ଫଳରେ ସ୍କୁଲରେ ଥିବା ଇ-ଲାଇବ୍ରେରୀ, ପରୀକ୍ଷାଗାର ଏବଂ ସ୍ମାର୍ଟ କ୍ଲାସ ଭଳି ଉନ୍ନତ ଆଧୁନିକ ସୁବିଧାଗୁଡ଼ିକ ପିଲାଙ୍କର କୌଣସି କାମରେ ଆସିପାରୁନାହିଁ । ବର୍ତ୍ତମାନ ସମ୍ପୂର୍ଣ୍ଣ ସ୍କୁଲର ଭାର କେବଳ ଜଣେ ମାତ୍ର ଖେଳ ଶିକ୍ଷକଙ୍କ କାନ୍ଧରେ ପଡ଼ିଛି । ଖେଳ ଶିକ୍ଷକଙ୍କୁ ଅଫିସ କାମ, ପିଲାଙ୍କ ସାର୍ଟିଫିକେଟ ବଣ୍ଟନ ସହ ବିଦ୍ୟାଳୟର ସମସ୍ତ ପ୍ରଶାସନିକ ଦାୟିତ୍ୱ ତୁଲାଇବାକୁ ପଡୁଛି । ଏସବୁ ଭିତରେ ସମୟ ମିଳିଲେ ସେ ପିଲାଙ୍କୁ ଇତିହାସ କିମ୍ବା ଭୂଗୋଳ ପଢ଼ାଇ ଦିଅନ୍ତି । ମାତ୍ର ଇଂରାଜୀ, ଗଣିତ, ବିଜ୍ଞାନ, ହିନ୍ଦୀ ଏବଂ ସଂସ୍କୃତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ପଢ଼ା ହୋଇନପାରିବାରୁ ପିଲାମାନେ ସ୍କୁଲ ଆସି ଖାଲି ବସି ରହୁଛନ୍ତି, ଯାହା ସେମାନଙ୍କ ଶିକ୍ଷାଦାନକୁ ଗୁରୁତର ଭାବେ ପ୍ରଭାବିତ କରୁଛି । ଏହି ଗମ୍ଭୀର ସମସ୍ୟାର ସମାଧାନ ଏବଂ ତୁରନ୍ତ ଶିକ୍ଷକ ନିଯୁକ୍ତି ନେଇ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ସରକାର ତଥା ଶିକ୍ଷା ବିଭାଗ ନିକଟରେ ବାରମ୍ବାର ଦାବି କରିଛନ୍ତି, ହେଲେ ଏଯାଏଁ କୌଣସି ସୁଫଳ ମିଳିନାହିଁ । ଏପରିକି ଏ ସମ୍ପର୍କରେ ହିଞ୍ଜିଳି ବ୍ଲକ ଶିକ୍ଷା ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମଧ୍ୟ ମିଳିପାରିନାହିଁ । ଏଭଳି ପରିସ୍ଥିତିରେ ପ୍ରଶାସନର ନିରବତା କୋମଳମତି ପିଲାଙ୍କ ସୁନେଲି ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଉନାହିଁ ତ, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ସୋନମ ୱାଙ୍ଗଚୁକଙ୍କୁ ଚାରିଆଡୁ ସମର୍ଥନ




**କେନ୍ଦୁଝର,୨୦।୭(ସଂଚାର ବ୍ୟୁରୋ):** ଦେଶର ଶିକ୍ଷା ବ୍ୟବସ୍ଥାକୁ ବଞ୍ଚାଇବା ଏବଂ ଯୁବପିଢ଼ିର ଭବିଷ୍ୟତକୁ ସୁରକ୍ଷିତ କରିବା ଦାବିରେ ସଂଘର୍ଷ କରୁଥିବା ସୋନମ ୱାଙ୍ଗଚୁକଙ୍କ ସମର୍ଥନରେ ଆଜି କେନ୍ଦୁଝରରେ ଆମ ଆଦମୀ ପାର୍ଟି ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବାରମ୍ବାର ପ୍ରଶ୍ନପତ୍ର ଲିକ, ଶିକ୍ଷା କ୍ଷେତ୍ରରେ ଅନିୟମିତତା ଏବଂ ଛାତ୍ରଛାତ୍ରୀଙ୍କ ସମସ୍ୟା ପ୍ରତି ସରକାରଙ୍କ ଆଭିମୁଖ୍ୟ ଦେଶର ଯୁବପିଢ଼ିର ଭବିଷ୍ୟତକୁ ବିପଦରେ ପକାଉଛି। ବିଜ୍ଞାପନ ଓ ପ୍ରଚାରରେ ନୁହେଁ, ବରଂ ସ୍ୱଚ୍ଛ ଏବଂ ଜବାବଦେହୀ ଶିକ୍ଷା ବ୍ୟବସ୍ଥା ଗଢ଼ିବାରେ ସରକାରର ସଫଳତା ମପାଯିବା ଉଚିତ। ସେ ଆହୁରି କହିଥିଲେ ଯେ, ଯଦି ଶିକ୍ଷା ନୀତିରେ ସୁଧାର ଅଣାଯିବ ନାହିଁ, ପ୍ରଶ୍ନପତ୍ର ଲିକ ଘଟଣାରେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ନାହିଁ ଏବଂ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଅବହେଳା କରାଯିବ, ତେବେ ଆମ ଆଦମୀ ପାର୍ଟି ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରି ଏକ ବ୍ୟାପକ ଗଣଆନ୍ଦୋଳନ ଆରମ୍ଭ କରିବ। ଉକ୍ତ ପ୍ରତିବାଦ ସଭାରେ କେନ୍ଦୁଝର ଆମ ଆଦମୀ ପାର୍ଟିର ଅରୁଣ କୁମାର ନାଏକ, ଲୁଲୁ ମହାକୁଡ଼, ସନ୍ତୋଷ ବାରିକ, ଜୈନୁଲ ଅବେଦିନ, ଦାଶରଥି ମହାନ୍ତ, ଭବାନୀ ମହାନ୍ତ, କମଳ ଲୋଚନ, ଗୋପବନ୍ଧୁ ମହାନ୍ତ, ପ୍ରଫୁଲ୍ଲ ସର୍ଦାର, ଦେବାଶିଷ ଚାନ୍ଦ, ଲିପୁ ବାରିକ, ଜିତୁ ନାଏକ, ଲୋହିତ ମହାନ୍ତଙ୍କ ସହ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି ମେଘନାଦ ମାଝୀ ଉପସ୍ଥିତ ଥିଲେ।

## ତରଭା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି: ୭୬ଟି ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୨୦।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ କଲ୍ୟାଣୀ ବେହେରା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୭୬ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥିମଧ୍ୟରୁ ୬୨ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଦରଖାସ୍ତ ଥିଲା। ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ତରଭା ତହସିଲଦାର ସୁଶ୍ରୀ ଶ୍ୱେତାଲିନା ମାହାନା। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା ଶିବାନନ୍ଦ କର୍ମୀଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ଉଷାରାଣୀ ଦାସ, ସହକାରୀ କଲେକ୍ଟର (ଜନ ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର

**ସୁବର୍ଣ୍ଣପୁର,୨୦।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଅନ୍ତର୍ଗତ ସିଂଘିଯୁବା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଜିଲ୍ଲା ଆର୍ଥିକ ସେବା ଏବଂ ସଞ୍ଚୟ ଅଧିକାରୀ ଶ୍ରୀ ମଙ୍ଗଳ ପଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ସଞ୍ଚୟ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହନ ଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଶିବିରରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଶ୍ରୀ ମଙ୍ଗଳ ପଧାନ, ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ମେନେଜର, ସୋନପୁର ଶ୍ରୀ ସତ୍ୟବ୍ରତ ପ୍ରଧାନ ଏବଂ ସିଂଘିଯୁବା ପୋଷ୍ଟମାଷ୍ଟର ଶ୍ରୀ ଉଦୟକର ସାହୁ ମଞ୍ଚାସୀନ ଥିଲେ। ସେମାନଙ୍କ ସହ ବିନିକାର ଏଜେଣ୍ଟ ଶ୍ରୀ ସତ୍ୟବାନ ପୁରୋହିତ ମଧ ଉପସ୍ଥିତ ରହି ବିଭିନ୍ନ ଡାକଘର ସଞ୍ଚୟ ଯୋଜନା ଓ ସେବା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ।

କାର୍ଯ୍ୟକ୍ରମରେ ଶ୍ରୀ ମଙ୍ଗଳ ପଧାନ କନ୍ୟା ସନ୍ତାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ପରିଚାଳିତ ସୁକନ୍ୟା ସମୃଦ୍ଧି ଯୋଜନାର ବିଭିନ୍ନ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟ ବକ୍ତାମାନେ ମଧ ଡାକଘରର ବିଭିନ୍ନ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇ ସୁରକ୍ଷିତ ଓ ବିଶ୍ୱସନୀୟ ସଞ୍ଚୟ ପ୍ରଣାଳୀ ଗ୍ରହଣ କରିବାକୁ ଲୋକଙ୍କୁ ପ୍ରେରିତ କରିଥିଲେ।

ଏହି ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି.)ର ମହିଳା ସଦସ୍ୟ, ବ୍ୟାଙ୍କ ମିତ୍ର ଏବଂ ସିଂଘିଯୁବା ପଞ୍ଚାୟତର ବହୁ ସଂଖ୍ୟକ ଜନସାଧାରଣ ଯୋଗଦେଇଥିଲେ। ଏଥିସହ ପାଞ୍ଚଜଣ ଡାକଘର ଏଜେଣ୍ଟ ଉପସ୍ଥିତ ରହି ବିଭିନ୍ନ ଯୋଜନା ଓ ସେବା ସମ୍ପର୍କରେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପ୍ରୟାସକୁ ସୁଦୃଢ଼ କରିବା ସହ ଲୋକଙ୍କୁ ବିଭିନ୍ନ ଠକ ସଞ୍ଚୟ ସଂସ୍ଥା (ଚିଟ୍‌ଫଣ୍ଡ)ର ପ୍ରତାରଣାରୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ଥିଲା। ସମଗ୍ର କାର୍ଯ୍ୟକ୍ରମକୁ ସଞ୍ଚୟ ଓ ଆର୍ଥିକ ସେବା କାର୍ଯ୍ୟାଳୟ, ସୁବର୍ଣ୍ଣପୁର ର କିରାଣୀ ଶ୍ରୀ ସଞ୍ଜୟ ବାରିକ ସୁଚାରୁରୂପେ ପରିଚାଳନା କରିଥିଲେ ଏବଂ ଗ୍ରାମୀଣ ରୋଜଗାର ସେବକ ଶ୍ରୀ ସୁଶୀଲ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



## କେନ୍ଦୁଆ ପଞ୍ଚାୟତ ପାଇଁ ଚାଲିଥିବା ଅହୋରାତ୍ର ଧାରଣା ଚତୁର୍ଥ ଦିନରେ

**ବୈଶିଙ୍ଗା,୨୦।୭(ସଂଚାର ବ୍ୟୁରୋ):** ସାଧାରଣ ଖଟିଖିଆ ମହିଳା ଓ ପୁରୁଷ ମାନେ ନିଜ ହକ୍ ପାଇଁ ଚତୁର୍ଥ ଦିନରେ ଅହୋରାତ୍ର ଧାରଣାରେ ବସିଥିଲେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁନି। ପ୍ରଥମ ଦିନ ବେତନଟୀ ବିଡିଓ ଙ୍କ ତରଫରୁ ଏ ବିଡିଓ ଶ୍ରୀଯୁକ୍ତ ଗଗନ ବେହେରା ଧାରଣା ସ୍ଥଳରେ ପହଞ୍ଚି କାହିଁକି ବସିଛ ବୋଲି ପଚାରିବା ସହିତ ୨୪ ତାରିଖ ଗ୍ରାମସଭା ଅଛି ସେହିଦିନ ନୂତନ ଗୃହ ପାଇଁ ସିଦ୍ଧାନ୍ତ ନିଆଯିବ। ଧାରଣାକାରୀ ମାନେ କହିଲେ ଗ୍ରାମସଭା ନ କରି ସରପଞ୍ଚ, ବିଡିଓ ଏବଂ ବିଧାୟକ କିପରି ନୂତନ ଗୃହ ପାଇଁ ତା ୨୨.୧୧.୨୪ ରିଖରେ ଭୂମିପୂଜା କରିଥିଲେ। ଏଥିପାଇଁ ଜିଲ୍ଲାପାଳ ସଂପୂର୍ଣ୍ଣ ଅବଗତ ଥାଇ ମଧ୍ୟ କିପରି ଏହାର ସମାଧାନ କରିପାରୁନାହାନ୍ତି ତାହା ଅତ୍ୟନ୍ତ ପରିତାପର ବିଷୟ ପାଲଟିଛି। ସ୍ଥିତି ପରଖିବା ପାଇଁ ଧାରଣାର ତୃତୀୟ ସନ୍ଧ୍ୟାରେ



ଜିଲ୍ଲାର ପ୍ରମୁଖ ନଡ଼ିଆ ପହଞ୍ଚି ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଅବଗତ ହେବା ସହ ପ୍ରଶାସନ ଙ୍କ ଦୃଷ୍ଟିଗୋଚର ପାଇଁ ଚେଷ୍ଟା କରିବେ ବୋଲି ପ୍ରକାଶ କରିଥିଲେ. ନିଜ କାମ ଧନ୍ଦା ଛାଡି ଏହି ଗରୀବ ଖଟିଖିଆ ଲୋକମାନେ ନିଜ ହକ୍ ପାଇଁ ଏମିତି କେତେ ଦିନ ଧାରଣାରେ ବସିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଛାତ୍ରୀଛାତ୍ରଙ୍କୁ ସଫଳତାର ମନ୍ତ୍ର ଦେଲେ ଜିଲ୍ଲାପାଳ



**କନ୍ଧମାଳ,୨୦।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ନେତାଜୀ ସୁବାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଟିସ୍ପ ଫର୍ମ ଆଇଏଏସ୍ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷ ଓ ସମ୍ମାନିତ ଅତିଥି ଭାବେ ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା, ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ କୃପାସିନ୍ଧୁ ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ. ସୁନୀଲ କୁମାର ପାତ୍ର ପରିଚାଳନା କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ନିୟମିତ ଅଧ୍ୟୟନ, ଶୃଙ୍ଖଳା, କଠିନ ପରିଶ୍ରମ ଓ ସକାରାତ୍ମକ ମନୋଭାବ ମାଧ୍ୟମରେ ଜୀବନରେ ସଫଳତା ହାସଲ କରିବା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ନିଜ ଜୀବନର ଅନୁଭୂତି, ସଂଘର୍ଷମୟ ପଥ ଏବଂ ସଫଳତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସେମାନଙ୍କୁ ଉଚ୍ଚ ଲକ୍ଷ୍ୟ ନିର୍ଦ୍ଧାରଣ କରି ଆଗକୁ ବଢ଼ିବା ପାଇଁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଓ ସମ୍ମାନିତ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଜିଲ୍ଲାପାଳ ବେଦ ଭୂଷଣ ନେତାଜୀ ସୁବାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ ଦିଗର ସମୀକ୍ଷା କରିଥିଲେ। ଗସ୍ତ ସମୟରେ ସେ ବିଦ୍ୟାଳୟ ପରିସରରେ ଅବସ୍ଥିତ କୁଟିଆ କନ୍ଧ ସଂଗ୍ରାହଳୟ ପରିଦର୍ଶନ କରି ସେଠାରେ ସଂରକ୍ଷିତ କୁଟିଆ ଆଦିମ ଜନଜାତିର ପରମ୍ପରା, ସଂସ୍କୃତି ଓ ଐତିହ୍ୟ ସଂଗ୍ରହ କରାଯାଇଥିବା ବିଭିନ୍ନ ସାମଗ୍ରୀ ଗୁଡିକୁ ସମ୍ପର୍କରେ ଅବଗତ ହୋଇଥିଲେ।

## ସଙ୍କଟରେ ବାଉଁଶ କାରିଗରଙ୍କ ବେଉସା

**ଜୟପୁର,୨୦।୭(ସଂଚାର ବ୍ୟୁରୋ):** କୋରାପୁଟ ଜିଲାରେ ସଙ୍କଟରେ ବାଉଁଶ କାରିଗରଙ୍କ ବେଉସା। ଏକଦା ଗ୍ରାହକଙ୍କ ଚାହିଦା ଅନୁସାରେ ସାମଗ୍ରୀ ପ୍ରସ୍ତୁତ କରିବାକୁ ବେଳ ମିଳୁ ନଥିବାବେଳେ ଏବେ, ଚୁଲି ଜଳିବ କି ନାହିଁ ତାହା ସୁନିଶ୍ଚିତ ହୋଇପାରୁନି। ପ୍ଲାଷ୍ଟିକର ଚାହିଦା ଏହି ବେଉସାକୁ ଧିରେ ଧିରେ ବୁଡ଼ାଇ ଦେବାକୁ ବସିଛି। ତା' ସାଙ୍ଗକୁ ଦରଦାମ ବୃଦ୍ଧି ଏହି ବେଉସାକୁ ଦାଉ ସାଧିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କୋରାପୁଟ ଜିଲାର ଜୟପୁର ଏମଜି ରୋଡରେ ପ୍ରତିପୋଷଣ କରୁଥିବା ମେଦେରି ପରିବାର ଏବେ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଛି। କୋରାପୁଟ ଜିଲ୍ଲାର ଜୟପୁର ପୌରାଚଂଳରେ ପ୍ରାୟ ୨୦ରୁ ୨୫ ମେଦରି ପରିବାର ବସବାସ କରୁଛନ୍ତି। ପିଢ଼ି ପରେ ପିଢ଼ି ବାଉଁଶରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ପେଟ ପୋଷନ୍ତି। ହେଲେ କ୍ରମାଗତ ଭାବରେ ଏହି ବେପାରରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଆଧୁନିକତା ଓ ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ବାଉଁଶ ଶିଳ୍ପକୁ ବୁଡ଼ାଇ ଦେବାକୁ ବସିଛି। ଜୟପୁର ସହରର ବାଉଁଶ କାରିଗରଙ୍କ କୌଳିକ ବୃତିର ଅସ୍ତିତ୍ୱ ସଙ୍କଟ ଆଡ଼କୁ ଠେଲି ହୋଇଯାଇଛି। ପୂର୍ବରୁ ଏହି କାରିଗରମାନେ ବାଉଁଶରୁ ଝୁଲା, ବାଉଁଶିଆ, ଝୁଡ଼ି, ବେତା, ଟୋକେଇ, ମାଛ ପାଇଁ ସ୍ୱତନ୍ତ୍ର ବାଉଁଶ ଟୋକେଇ ଓ ରିକ୍ସାରେ ଲାଗୁଥିବା ପାଡିଆ ତିଆରି କରି ସମ୍ମାନର ସହ ପରିବାର ପ୍ରତିପୋଷଣ କରୁଥିଲେ। ପରିବାରର ଛୋଟରୁ ବଡ଼ ଯାଏ ସମସ୍ତେ ଏହି କାମରେ ହାତ ବଢ଼ାଉଥିଲେ।

## ବ୍ଲକ ଛକରେ ବିଶ୍ରାମାଗାର ନଥିବାରୁ ଯାତ୍ରୀ ହଟହଟା

**ସୁବର୍ଣ୍ଣପୁର,୨୦।୭(ସଂଚାର ବ୍ୟୁରୋ):** ସହରର ବ୍ଲକ ଛକ ଠାରେ ରାଜ୍ୟ ରାଜପଥ ଓ ସଂପ୍ରସାରଣ ଯୋଗୁଁ ଏକ ଯାତ୍ରୀ ବିଶ୍ରାମାଗାରକୁ ଭାଙ୍ଗି ଦିଆଯାଇଥିଲା। ଦୀର୍ଘ ବର୍ଷ ପରେ ମଧ୍ୟ ଯାଇ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରା ନ ଯାଇଥିବାରୁ ଖରାର ତାତି ସହ୍ୟ କରି ସାରିବା ପରେ ଏବେ ଅସହନୀୟ ବର୍ଷା ସମ୍ମୁଖୀନ ହେବାକୁ ଶହଶହ ଲୋକଙ୍କ ଭିଡ଼ ରେ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିହ୍ୟ ଏହି ଛକରେ ଦିନ ହେଉକି ରାତି, ଶହଶହ ସମାଗମ ହୋଇଥାଏ। ବିଶେଷ କରି ଦୂର ଦୁରାନ୍ତରକୁ ଯିବା ନିମନ୍ତେ ବସକୁ ଅପେକ୍ଷା କରି ଯାତ୍ରୀମାନେ ବଲାଙ୍ଗୀର, ସମ୍ବଲପୁର, ବରଗଡ଼ ଏହି ସ୍ଥାନ ସ୍ଥାନକୁ ଯିବାକୁ ଅପେକ୍ଷା କରିଥାନ୍ତି। ଏହି ଛକ ଦେଇ ଦୈନିକ ବହୁ ଯାତ୍ରୀ ଯାତାୟତ କରୁଥିବାରୁ ବର୍ଷାହେଲେ ଭରସା ଦୋକାନ ବାରଣ୍ଡା। ବିଶେଷ କରି ଛାତ୍ର ଛାତ୍ରୀମାନେ ବସକୁ ବର୍ଷାରେ ଭିଜି ଯାତାୟତ ଘରୋଇ ଓ ସରକାରୀ ବସ ଯାତାୟତ ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ବାରଣ୍ଡା ପ୍ରତ୍ୟେକ ଦିନ ମହାବିଦ୍ୟାଳୟକୁ ଯାଉଥିବା ଅପେକ୍ଷା କରି ରାସ୍ତାପାର୍ଶ୍ୱରେ ଛିଡା ହୋଇଥାନ୍ତି।

## ପିଡିତା ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ, ଅଭିଯୁକ୍ତ ଫେରାର

**ବୈଶିଙ୍ଗା,୨୦।୭(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ସିଂହଡିହ ଗ୍ରାମର ମନମୋହନ ମହାନ୍ତଙ୍କ ପତ୍ନୀ କମଳାଙ୍କୁ ଏକୁଟିଆ ପାଇ ଗ୍ରାମର ଯୁବକ ମୋହନ ମହାନ୍ତ ଦୁଷ୍କର୍ମ କରିବାକୁ ପ୍ରୟାସ କରୁଥିବା ସମୟରେ ଚିତ୍କାର କରିବାରୁ ଧମକ ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଛି। କମଳାଙ୍କ ସ୍ୱାମୀ କାମକୁ ଯାଇଥିବା ଏବଂ ଶାଶୁ ପକ୍ଷାଘାତ ରୋଗରେ ବିଛଣାରେ ପଡ଼ିରହିଥିବା ସୁଯୋଗରେ ୧୫ତାରିଖ ଦିନ ଅପରାହ୍ନରେ ମୋହନ ଏହି ଦୁଷ୍କର୍ମ ପ୍ରୟାସ କରିଥିଲା। ଖବର ପାଇ ସ୍ୱାମୀ ମନମୋହନ ଆସି ଘରେ ପହଞ୍ଚି ଘଟଣା ବାବଦରେ ଜାଣିଥିଲେ, ହେଲେ ଘରୁ ନବାହାରିବାକୁ ମୋହନ ପିଡିତାଙ୍କୁ ଧମକ ଦେଇ ଯାଇଥିଲା। ଫଳରେ ମନମୋହନ ଭୟଭୀତ ହୋଇ ପଡ଼ିଥିଲେ। ରବିବାର ରାତିରେ ସ୍ଥାନୀୟ ୱାର୍ଡମେମ୍ବରଙ୍କ ସହାୟତାରେ ଘରୁ ବାହାରି ଥାନାରେ ଅଭିଯୋଗ କରିଛନ୍ତି।

## ସମୟର ପ୍ରାଚୀଧାରାର ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ

**ବାଲିପାଟଣା,୨୦।୭(ସଂଚାର ବ୍ୟୁରୋ):** ବାଲିପାଟଣା ସ୍ଥିତ ଦୁର୍ଗାମାଧବ କଲ୍ୟାଣ ମଣ୍ଡପଠାରେ ସାହିତ୍ୟ ପତ୍ରିକା ସମୟର 'ପ୍ରାଚୀଧାରା'ର ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରାଜ୍ୟ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବିଶିଷ୍ଟ ସାହିତ୍ୟିକ ଯୋଗଦେଇଥିଲେ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିବାବେଳେ, ଦ୍ୱିତୀୟ ଅଧିବେଶନରେ 'ସାମାଜିକ ଅବକ୍ଷୟରେ ଗ୍ରାମୀଣ ସାହିତ୍ୟର ସ୍ଥିତି' ସମ୍ପର୍କରେ ଆଲୋଚନାଚକ୍ର ହୋଇଥିଲା। ଅଧ୍ୟକ୍ଷ କ୍ଷୀରୋଦ କୁମାର ରାୟ



ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାରେ ମୁଖ୍ୟ ଅତିଥି ଭାବେ ଗୋପାଳ କୃଷ୍ଣ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ବାବାଜୀ ଚରଣ ପଟ୍ଟନାୟକ ଓ ସାହିତ୍ୟିକା ସୁଷମା ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ ଯେ, ଆଧୁନିକତାର ପ୍ରଭାବରେ ଆଜି ଗ୍ରାମୀଣ ସାହିତ୍ୟର ମୌଳିକତା ହଜିବାକୁ ବସିଛି। ଏହି ଅବସରରେ ବିଭିନ୍ନ ବର୍ଗରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ 'ପ୍ରାଚୀଧାରା ସାହିତ୍ୟ ସମ୍ମାନ' ସମେତ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ୱେତା ରାଉତ, ବିପିନ ଦଳାଇ ଓ ଦେବୀ ଲତା ଶତପଥୀ ପ୍ରମୁଖ ସମ୍ମାନିତ ହୋଇଥିଲେ । କାର୍ଯ୍ୟକ୍ରମକୁ ସମ୍ପାଦକ କବି ଭଗବାନ ସାହୁଙ୍କ ପରିଚାଳନାରେ ସମ୍ପନ୍ନ ହୋଇଥିବାବେଳେ ବହୁ ସାହିତ୍ୟିକ ଓ ସାହିତ୍ୟ ଅନୁରାଗୀ ଉପସ୍ଥିତ ଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାହିଁ ନାଁ: ଗର୍ଜିଲେ ମହିଳା



**କେସିଙ୍ଗା,୨୦।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଗୋକୁଳେଶ୍ୱର ଗ୍ରାମ ପଞ୍ଚାୟତ ଅଧିନସ୍ଥ କାଦୋପଡାର ୧୩ ମହିଳା ଜିଲାପାଳଙ୍କ ଜନଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାଁ ନ ଥିବାରୁ ସୋମବାର କେସିଙ୍ଗା ପଞ୍ଚାୟତ ସମିତିରେ ଅନୁଷ୍ଠିତ ଏହି ଶିବିରରେ ଅଭିଯୋଗ କରିଛନ୍ତି। ଏହି ୧୩ ଜଣ ପରିବାରର ସମସ୍ତଙ୍କ ଖପର ଓ ଝାଟିମାଟି ଘର ଅଛି। ଦୀର୍ଘ ଦିନ ଧରି ଏହି ଝାଟିମାଟି ଘରେ ଜୀବନଯାପନ କରି ଆସୁଛନ୍ତି। ବହୁବାର ଗ୍ରାମ ପଞ୍ଚାୟତ, ବ୍ଲକ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କିଛି ବି କାମ ଦେଉ ନାହିଁ। ଯେଉଁମାନଙ୍କ ବିଲ୍ଡିଂ,ଚାରି ଚକିଆ, ଜମିବାଡ଼ି ଅଛି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଅବାସ ଯୋଜନା ମିଳୁଛି। ପ୍ରକୃତରେ ଯେଉଁ ଗରିବ ଶ୍ରେଣୀର ଲୋକଙ୍କୁ ଏହି ଯୋଜନାରୁ ବାଦ ପଡୁଛନ୍ତି। ଏହି ପ୍ରଧାନମନ୍ତ୍ରୀ ଅବାସ ଯୋଜନାରେ ସର୍ଭେ କରିଥିବା ପିଇଓମାନଙ୍କୁ ଯେଉଁମାନେ ମୋଟାଅଙ୍କରେ ଉତ୍କୋଚ ଦେଇଛନ୍ତି। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳିଥିବା ମହିଳାମାନେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ତଦ୍ରୂପ ହୋଇଛି। ପ୍ରକୃତ ଗରିବ ହିତାଧିକାରୀଙ୍କୁ ଏହି ଯୋଜନାରୁ ବାଦ ଦିଆଯାଇଛି।

## ସର୍ଦ୍ଦି ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବର

**ଗଞ୍ଜାମ,୨୦।୭(ସଂଚାର ବ୍ୟୁରୋ):** ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବର୍ଷା ଦିନେ ହେଉଥିବା ସର୍ଦ୍ଦି ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ କହିଲେ ବର୍ଷାରେ ଥଣ୍ଡାରେ ବୁଲିଲେ, ଥଣ୍ଡା ଖାଦ୍ୟ ପାନୀୟ, ଖଟା ଖାଇଲେ, ଦୂଷିତ ଧୂଳିକଣା ନାସାରେ ପଶିଲେ, କଫ ବଢ଼ି ନାସା ପଥ, ଆଖି ନାକରୁ ପାଣି ବାହାରେ, କର୍ଣ୍ଣ କଣ୍ଠୁ ଓ ସ୍ରାବ ହୁଏ ସାଧାରଣ ଜ୍ୱର ରହେ, ସ୍ୱାଦ, ଗନ୍ଧ ଜଣାଯାଏ ନାହିଁ, ଅଗ୍ନିମାନ୍ଦ୍ୟ, ଅରୁଚି ରହେ। କାରଣକୁ ଛାଡି ଆବଦ୍ଧ ଗୃହରେ ବିଶ୍ରାମ ନେବେ, ଧାରଉଷ୍ଣ ଜଳପାନ ସହ ତୁଳସୀ ପତ୍ର, ଅଦା ରସ ପାନକଲେ ଭଲ ହୋଇଯାଏ।ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା।

## କାଲିମେଳାରୁ ଅଜଣା ବ୍ୟକ୍ତି ଉଦ୍ଧାର

**ମାଲକାନଗିରି,୨୦।୭(ସଂଚାର ବ୍ୟୁରୋ):** କାଲିମେଳା ପୋଲିସ ଦ୍ୱାରା ଆଜି କାଲିମେଳାରୁ ଜଣେ ଅଜଣା ପାଗଳ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ପ୍ରଥମେ ତାଙ୍କୁ କାଲିମେଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ପାଖରେ କୌଣସି ସମ୍ପର୍କୀୟ ନଥିବାରୁ ଉପଯୁକ୍ତ ପରାମର୍ଶ ପରେ ଖାଦ୍ୟ ଏବଂ ପୋଷାକ ଓ ଟଙ୍କା ଯୋଗାଇ ଦିଆଯାଇଥିଲା। ତାଙ୍କ ପୁନର୍ବାସ ପାଇଁ ପୋଲିସ କର୍ମଚାରୀ ଏବଂ ଗାଡ଼ି ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାଲକାନଗିରିକୁ ପଠାଯାଇଥିଲା। କିନ୍ତୁ ସେଠାରେ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଓ ଡାକ୍ତରଙ୍କ ପରାମର୍ଶ ପରେ ଏବେ ତାଙ୍କୁ ପୁନର୍ବାସ ଏବଂ ଚିକିତ୍ସା ପାଇଁ ପୋଲିସ କର୍ମଚାରୀଙ୍କ ସହ କୋରାପୁଟ ପଠାଯାଇଥିବା କାଲିମେଳା ଥାନା ଅଧିକାରୀ ପ୍ରଭୁଦତ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଆଡ଼ପ ମଣ୍ଡପରେ ପ୍ରଭୁଙ୍କ ରାମ-ଲକ୍ଷ୍ମଣ ଅବତାର ବେଶ

**ସୁବର୍ଣ୍ଣପୁର,୨୦।୭(ସଂଚାର ବ୍ୟୁରୋ):** ପବିତ୍ର ଦେବଭୂମି ତଥା ଦ୍ୱିତୀୟ ବାରାଣସୀ ଭାବେ ପରିଚିତ ସୁବର୍ଣ୍ଣପୁରର ଶ୍ରୀ ଶ୍ରୀ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ହେରା ପଞ୍ଚମୀ ଅବସରରେ ଚତୁର୍ଦ୍ଧାମୂର୍ତ୍ତି ରାମ-ଲକ୍ଷ୍ମଣ ଅବତାର ବେଶ ଧାରଣ କରି ଭକ୍ତବୃନ୍ଦଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରିଥିଲେ। ଗୁଣ୍ଡିଚା ମନ୍ଦିର ଠାରେ ପାତାଳୀ ଶ୍ରୀକ୍ଷେତ୍ର ଭଜନ ସଂଧ୍ୟା ର କାର୍ଯ୍ୟକ୍ରମ ରେ ଭକ୍ତ ଙ୍କ ବହୁ ସଂଖ୍ୟାରେ ଭିଡ଼ ଦେଖିବାକୁ ମିଳିଥିଲା।ପ୍ରଭୁଙ୍କ ଏହି ମନୋରମ ଓ ଆକର୍ଷଣୀୟ ବେଶ ଦର୍ଶନ କରିବା ପାଇଁ ସକାଳୁ ରାତି ପର୍ଯ୍ୟନ୍ତ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନଙ୍କର ଅପାର ଭିଡ଼ ଲାଗି ରହିଥିଲା। ରାମାୟଣର ଆଦର୍ଶ, ଧର୍ମନିଷ୍ଠା, ଭ୍ରାତୃପ୍ରେମ ଓ ତ୍ୟାଗର ବାର୍ତ୍ତା ବହନ କରୁଥିବା ଏହି ରାମ-ଲକ୍ଷ୍ମଣ ଅବତାର ବେଶ ଭକ୍ତମାନଙ୍କ ମନରେ ଭକ୍ତି ଓ ଆଧ୍ୟାତ୍ମିକ ଚେତନା ସଞ୍ଚାର କରିଥିଲା। ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସେବାୟତମାନେ ପ୍ରଭୁଙ୍କ ବିଶେଷ ବେଶ ଓ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ଆଡ଼ପ ମଣ୍ଡପରେ ଚାଲିଥିବା ଏହି ଅବତାର ବେଶ



ପରମ୍ପରା ସୁବର୍ଣ୍ଣପୁରର ଜଗନ୍ନାଥ ସଂସ୍କୃତିର ଏକ ଅନନ୍ୟ ବୈଶିଷ୍ଟ୍ୟ ଭାବେ ପରିଗଣିତ। କେବଳ ଗୁଣ୍ଡିଚା ମନ୍ଦିର ନୁହେଁ, ସହରର ଶ୍ରୀଶ୍ରୀ ବୃନ୍ଦାବନ ବିହାରୀ ମନ୍ଦିର, ମଝିପଡ଼ାସ୍ଥିତ ରାମଧୁନ ଆଡ଼ପ ମଣ୍ଡପ ଏବଂ ଥନାପତିପଡ଼ା ଆଡ଼ପ ମଣ୍ଡପରେ ମଧ୍ୟ ପ୍ରଭୁଙ୍କ ବିଭିନ୍ନ ଅବତାର ବେଶ ଦର୍ଶନ ପାଇଁ ବ୍ୟାପକ ଜନସମାଗମ ହେଉଛି। ରଥଯାତ୍ରା ଅବସରରେ ସମଗ୍ର ସୁବର୍ଣ୍ଣପୁର ଏବେ ଭକ୍ତି, ଆଧ୍ୟାତ୍ମିକତା ଓ ଜଗନ୍ନାଥ ସଂସ୍କୃତିର ମହିମାରେ ଉତ୍ସବମୁଖର ହୋଇଉଠିଛି।

### ଅଚଳ ସୌରଚାଳିତ ପାଣି ଟାଙ୍କି ଓ ନଳକୂପ

# ଚୁଆ ପାଣି ଭରସାରେ ବେଲଭଟା ଗ୍ରାମବାସୀ

**ଲାଞ୍ଜିଗଡ଼,୨୦।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେଡ଼ାଗାଁ ପଞ୍ଚାୟତ ଅଧୀନସ୍ତ ଦେହେଡ଼ାର ପଡ଼ାଗାଁ ବେଲଭଟା ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଛି।ଗାଁରେ ୬ଟି ଆଦିବାସୀ ପରିବାର ବସବାସ କରୁଥିବାବେଳେ ସରକାରଙ୍କ ପକ୍ଷରୁ ସ୍ଥାପିତ ସୌରଚାଳିତ ପାଣି ଟାଙ୍କି ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିଛି। ସେହିପରି ଗାଁର ଏକମାତ୍ର ନଳକୂପ ମଧ୍ୟ ଦୀର୍ଘ ସମୟ ହେଲା ଅଚଳ ଅବସ୍ଥାରେ ରହିଛି। ଫଳରେ ଗ୍ରାମବାସୀମାନେ ବାଧ୍ୟ ହୋଇ ନିକଟସ୍ଥ ପୋଳ ତଳେ ଥିବା ଏକ ଆମ୍ବଗଛ ମୂଳରେ ରହିଥିବା ଚୁଆରୁ ପାଣି ସଂଗ୍ରହ କରି ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ବର୍ଷା ଋତୁରେ ଏହି ପାଣି ଦୂଷିତ ହେବାର ଆଶଙ୍କା ଥିବାରୁ ଜଳବାହିତ ରୋଗ ବ୍ୟାପିବାର ଭୟ ମଧ୍ୟ ଦେଖାଦେଇଛି। ତେଣୁ ଅଚଳ ସୌରଚାଳିତ ପାଣି ଟାଙ୍କି ଓ ନଳକୂପର ଶୀଘ୍ର ମରାମତି କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଗ୍ରାମବାସୀ ପ୍ରଶାସନଙ୍କୁ ଗୁହାରି କରିଛନ୍ତି। ତେବେ ଏହି ଖବର ପ୍ରସାରଣ ପରେ କେବେ ବେଲଭଟା ବାସିନ୍ଦାଙ୍କ ପାନୀୟଜଳ ଦୁଃଖ ଦୂର ହେଉଛି ତାହା ଦେଖିବାକୁ ବାକି ରହିଲା।

